


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 260 | ଭାଗ ୩୨ | ସଂଖ୍ୟା ୨୬୦ Bhubaneswar | Saturday 14 December 2024 | Page 8 Rs. 4.00 ଭୁବନେଶ୍ୱର ଶନିବାର ୧୪ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ଇତିହାସର ହେବ ପୁନରାବୃତ୍ତି !

> ରାଜ୍ୟ ବିଜେଡିରେ ଇତିହାସର ହେବ ପୁନରାବୃତ୍ତି। ପୁଣି ଥରେ ବିଜେଡି ବିଭାଜନ ମୁହାଁ ହୋଇଛି। ୨୦୦୨ରେ ୭ଜଣ ସାଂସଦ ନବୀନ ପଟ୍ଟନାୟକଙ୍କ ଏକଛତ୍ରବାଦ ନେତୃତ୍ୱକୁ ଚ୍ୟାଲେଞ୍ଜ କରି ସଂସଦୀୟ ଦଳକୁ ଏକ ପ୍ରକାର ଭାଗ କରିଦେଇଥିଲେ। ଯଦିଓ ସେ ସମୟରେ ଶେଷ ମୁହୂର୍ତ୍ତରେ ଦଳ ବିଭାଜନରୁ ବର୍ତ୍ତି ଯାଇଥିଲା, ଏବେ କିନ୍ତୁ ସ୍ଥିତି ଭିନ୍ନ। ଏଥର ବି ସେଇ ନବୀନ ଓ ସନ୍ୟାସୀଙ୍କ ପାଇଁ ବିଜେଡି-ବି ଗଠନ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇସାରିଛି। ଅପେକ୍ଷା କେବଳ ଉପଯୁକ୍ତ ସମୟକୁ।



- ଗଠନ ହେବ ବିଜେଡି-ବି
- ବ୍ଲୁପ୍ରିଣ୍ଟ ରେଡି, ସମୟକୁ ରହିଲା ଅପେକ୍ଷା

**ଭୁବନେଶ୍ୱର, ୧୩।୧୨ (ସଂଚାର ବ୍ୟୁରୋ):** ବିଜେଡିରେ ଏବେ ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ଗତ ତିନି ଚାରି ଦିନ ହେଲା ନବୀନ ବିଧାୟକ, ପୂର୍ବତନ ବିଧାୟକ ଓ ବରିଷ୍ଠ ନେତାଙ୍କୁ ନେଇ ନବୀନ ନିବାସରେ ବୈଠକ କରୁଛନ୍ତି। କିନ୍ତୁ ଏହି ବୈଠକରେ ବିଜେଡିର ତୃତୀୟ କ୍ଷମତା କେନ୍ଦ୍ର ପ୍ରବଣ ପ୍ରକାଶ ଦାସ ଓରଫ କ୍ରୀତଦାସ ଯୋଗ ଦେଉନାହାଁନ୍ତି। ବିଜେଡି ବୈଠକରେ କ୍ରୀତଦାସ ଯୋଗ ନଦେଇ ନବୀନଙ୍କ କଟ୍ଟର ବିରୋଧୀ ବିଜୟ ମହାପାତ୍ରଙ୍କ ସହ ସଭାମଞ୍ଚରେ ଠିଆ ହେବା ନେଇ ନୂଆ ରାଜନୈତିକ ଗଣିତର କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ୨୦୦୨ରେ ମଧ୍ୟ ବିଜେଡିରେ ସମାନ ସ୍ଥିତି ସୃଷ୍ଟି ହୋଇଥିଲା। ନବୀନ ପଟ୍ଟନାୟକଙ୍କ ଏକଛତ୍ରବାଦ ବିରୋଧରେ ସ୍ୱର ଉଠାଇଥିଲେ ବିଜେଡିର ୭ଜଣ ଲୋକସଭା ଓ ଜଣେ ରାଜ୍ୟସଭା ସାଂସଦ। ପ୍ରସନ୍ନ ଆଚାର୍ଯ୍ୟ, ପ୍ରସନ୍ନ ପାଟ୍ଟଶାଣୀ, ଭର୍ତ୍ତୃହରି ମହତାବ, ଜଗନ୍ନାଥ ମଲ୍ଲିକ, ପ୍ରଭାତ ସାମନ୍ତରାୟ, କୁମୁଦିନି ପଟ୍ଟନାୟକ ବିଜେଡି ସଂସଦୀୟ ଦଳକୁ ସ୍ୱତନ୍ତ୍ର ମାନ୍ୟତା ଦେବାକୁ ଲୋକସଭା ବାଚସ୍ପତିଙ୍କୁ ଲେଖି ଜଣାଇଥିଲେ। ସଂସଦୀୟ ଦଳର ବିଭାଜନ ➪ ପୃଷ୍ଠା-୬

# ମୋହନଙ୍କ ତାଗିଦ୍: ଦୁର୍ନୀତିକୁ ପ୍ରଶ୍ରୟ ଦିଅନି

**୮୫ ହୋମିଓପାଥିକ ଡାକ୍ତର, ୨୩୯ ରେଡିଓଗ୍ରାଫର ଓ ୫୨ ଅଧ୍ୟାପକଙ୍କୁ ନିଯୁକ୍ତି**

**ଖୁବଶୀଘ୍ର ନିଯୁକ୍ତ ହେବେ ଫାର୍ମାସୀ ଅଫିସର**

**ଛଅ ମାସରେ ୬ ଥର ନିଯୁକ୍ତି ମେଳା, ୨୦ ହଜାରରୁ ଉର୍ଦ୍ଧ୍ୱଙ୍କୁ ନିଯୁକ୍ତି**

**ଆସନ୍ତା ପାଞ୍ଚବର୍ଷରେ ସବୁ ଜିଲ୍ଲାରେ ହେବ ମେଡିକାଲ କଲେଜ**

**ଭୁବନେଶ୍ୱର,୧୩।୧୨ (ସଂଚାର ବ୍ୟୁରୋ):** ସରକାରୀ ଚାକିରିକୁ ଅର୍ଥ ଉପାର୍ଜନ ସର୍ବସ୍ୱ ନ କରି ନିଜ ନିଜର କର୍ତ୍ତବ୍ୟ ପ୍ରତି ଅନୁରକ୍ତ ରହିବା ସହିତ ଦୁର୍ନୀତିକୁ ପ୍ରଶ୍ରୟ ନ ଦେବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବ ନିଯୁକ୍ତ ଡାକ୍ତର, ରେଡିଓଗ୍ରାଫର ଓ ଅଧ୍ୟାପକମାନଙ୍କୁ ପରାମର୍ଶ ଦେଇଛନ୍ତି।

ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ନିଯୁକ୍ତି ମେଳାରେ ୩୭୬ ଜଣ ନିଯୁକ୍ତି ପାଇଛନ୍ତି। ଏଥିରେ ସ୍ୱାସ୍ଥ୍ୟ ବିଭାଗର ୮୫ ଜଣ ହୋମିଓପାଥିକ ଚିକିତ୍ସକ, ୨୩୯ ରେଡିଓଗ୍ରାଫର ଓ ଉଚ୍ଚଶିକ୍ଷା ବିଭାଗର ୫୨ ଜଣ ଅଧ୍ୟାପକ ଅଛନ୍ତି।

ଲୋକସେବା ଭବନ ସ୍ଥିତ କନ୍‌ଭେନ୍‌ସନ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନବ ନିଯୁକ୍ତ ଡାକ୍ତର, ଅଧ୍ୟାପକ ଓ ରେଡିଓଗ୍ରାଫର ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ବୃତ୍ତିଗତ ଦକ୍ଷତା ଓ ସେବା ମନୋବୃତ୍ତି ନେଇ କାମ କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଯେତେ ପାରଦର୍ଶିତା ହାସଲ କରିବା କଥା, କରିପାରି ନାହିଁ।

ନୀତି ଆୟୋଗ ଦ୍ୱାରା ସଦ୍ୟ ପ୍ରକାଶିତ ସ୍ୱାସ୍ଥ୍ୟ ରାଙ୍କିଂରେ ଓଡ଼ିଶା ୨୮ ରାଜ୍ୟ ମଧ୍ୟରେ ତଳଆଡୁ ତୃତୀୟ। ଶହେ ନମ୍ବରରୁ ଓଡ଼ିଶା ପାଇଛି ମାତ୍ର



ମୁଖ୍ୟମନ୍ତ୍ରୀ କହିଥିଲେ, ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇଁ ଭିତ୍ତିଭୂମି ଓ ପ୍ରଶିକ୍ଷିତ ମାନବ ସମ୍ବଳର ଆବଶ୍ୟକତା ରହିଛି। ଏ ଉଭୟ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ଯୋଜନାବଦ୍ଧ ଭାବେ କାମ କରୁଛନ୍ତି। ଏହା ସରକାରଙ୍କ ଭିଜନର ଏକ ଅଂଶ। ଚଳିତ ବର୍ଷ ସ୍ୱାସ୍ଥ୍ୟ ବଜେଟ୍‌ରେ ପୂର୍ବ ବର୍ଷ ତୁଳନାରେ ୩୨ ପ୍ରତିଶତ ଅଧିକ ବ୍ୟୟ ବରାଦ କରାଯାଇଛି ଓ ଏହାର ସିଂହଭାଗ ଭିତ୍ତିଭୂମି ନିର୍ମାଣରେ ଖର୍ଚ୍ଚ ହେବ। ଆଗାମୀ ପାଞ୍ଚବର୍ଷରେ ରାଜ୍ୟର ସମସ୍ତ ଜିଲ୍ଲାରେ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା କରାଯିବ। ଭାରତ ସରକାରଙ୍କ ଆୟୁଷ୍ମାନ ଯୋଜନା ସହିତ ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ




୪୦.୧୯। କିନ୍ତୁ ପୂର୍ବରୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା ନାମରେ ବ୍ୟାପକ ପ୍ରଚାର କରାଯାଉଥିଲା। ବର୍ତ୍ତମାନ ଏ ପରିସ୍ଥିତିକୁ ପରିବର୍ତ୍ତନ କରିବାକୁ ପଡ଼ିବ। ସ୍ୱାସ୍ଥ୍ୟ ରାଙ୍କିଂରେ ଅତି କମ୍‌ରେ ୬୦ ନମ୍ବର ରଖିବାକୁ ପଡ଼ିବ। ଦେଶର ପ୍ରଥମ ୧୦ ଶ୍ରେଷ୍ଠ ସେବା ପ୍ରଦାନକାରୀ ରାଜ୍ୟ ମଧ୍ୟରେ ରହିବାକୁ ପଡ଼ିବ। ଏ ଦିଗରେ ସହଯୋଗ କରିବା ପାଇଁ ସଂକଳ୍ପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଗତ ଛଅ ମାସ ମଧ୍ୟରେ ଛଅ ଥର ନିଯୁକ୍ତି ମେଳା ହୋଇ ୨୦ ହଜାରରୁ ଅଧିକ ଶିକ୍ଷିତ ଯୁବକ ଯୁବତୀଙ୍କ ନିଯୁକ୍ତି ପ୍ରକ୍ରିୟାକୁ ଆଗେଇ ➪ ପୃଷ୍ଠା-୬

# ଜଷ୍ଟିସ ବେଲା ଏମ୍ ତ୍ରିବେଦୀ ମହାନଦୀ ଟ୍ରିବ୍ୟୁନାଲ ଅଧ୍ୟକ୍ଷ



**ଭୁବନେଶ୍ୱର, ୧୩।୧୨ (ସଂଚାର ବ୍ୟୁରୋ):** ମହାନଦୀ ଜଳବିବାଦର ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲ ପ୍ରାୟ ୮ମାସ ପରେ ପୁଣି କାର୍ଯ୍ୟକ୍ଷମ ହେବାକୁ ଯାଉଛି। ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ବେଲା ଏମ୍ ତ୍ରିବେଦୀଙ୍କୁ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ମାର୍ଚ୍ଚ ୧୨ରେ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଜଷ୍ଟିସ ଏଏମ ଖାନଓ୍ୱାଲିକର ଇସ୍ତଫା ଦେବାପରେ ଟ୍ରିବ୍ୟୁନାଲ କାମ ସଂପୂର୍ଣ୍ଣ ଅଚଳ ହୋଇ ପଡ଼ିଥିଲା। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସରକାରୀସ୍ତରରେ ତତ୍ପରତା ବଢ଼ିଥିଲା। କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅଯାୟୀ, ଜଷ୍ଟିସ ତ୍ରିବେଦୀଙ୍କୁ ଓଡ଼ିଶା-ଛତିଶଗଡ଼ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ଟ୍ରିବ୍ୟୁନାଲର ଅନ୍ୟ ଦୁଇ ସଦସ୍ୟ ଦୁଇ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରବିରଞ୍ଜନ ଓ ଜଷ୍ଟିସ ➪ ପୃଷ୍ଠା-୬

# ସିବିଆଇ ସ୍କାନରରେ ଆଇଏଏସ୍ ବିଷ୍ଣୁପଦଙ୍କ ଡ୍ରାଇଭର


Sir,
For the purpose of investigation of CBI case RC2172024A0017, the details such as name, address, contact no. including mobile nos..of all the drivers who are associated with vehicles of Sh. Bishnupada Sethi, IAS from all the departments headed by him are urgently required. It is therefore, requested that the details may be provided at the earliest today itself.and the drivers may be directed to join the CBI investigation at CBI ACB, office, Bhubaneswar. For any clarification, IO of the case i.e. undersigned may be contacted over mobile no. 9711993518.

Regards

**ଭୁବନେଶ୍ୱର, ୧୩।୧୨ (ସଂଚାର ବ୍ୟୁରୋ):** ବ୍ରିଜ ଆଣ୍ଡ ରୁଫ କମ୍ପାନୀ ଇଣ୍ଡିଆ ଲିମିଟେଡର ଓଡ଼ିଶା ମୁଖ୍ୟ ଚଞ୍ଚଳ ବାନାର୍ଜୀ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଇ ସିବିଆଇ ହାତରେ ଧରା ପଡ଼ିବା ଘଟଣାରେ ସିବିଆଇ ସ୍କାନରରେ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀ। ଏହି ଘଟଣାରେ ସିବିଆଇ ବିଷ୍ଣୁପଦଙ୍କ ସହ ଜଡିତ ସମସ୍ତ ଡ୍ରାଇଭରଙ୍କୁ ଜେରା ପାଇଁ ସମନ କରିଛି। ବିଷ୍ଣୁପଦ ସେଠୀ ଯେଉଁସବୁ ବିଭାଗ ଦାୟିତ୍ୱରେ ଅଛନ୍ତି ସେହି ସବୁ ବିଭାଗରେ ତାଙ୍କ ସହ ସମ୍ପୃକ୍ତ ଡ୍ରାଇଭରଙ୍କୁ ସିବିଆଇ ଜେରା କରିବ। ରାଜ୍ୟ ସରକାରଙ୍କୁ ଏ ନେଇ ଜଣାଇଲେ ସିବିଆଇ ତଦନ୍ତକାରୀ ଅଫିସର। ତେବେ ଏହି ମାମଲରେ ବିଷ୍ଣୁଙ୍କ ଡ୍ରାଇଭରଙ୍କ କେଉଁ ପ୍ରକାର ସମ୍ପୃକ୍ତି ଅଛି ତାହା ସ୍ପଷ୍ଟ ହୋଇନଥିବା ବେଳେ ବିଷ୍ଣୁପଦଙ୍କର ଏ ନେଇ ପ୍ରତିକ୍ରିୟା ମିଳିପାରିନାହିଁ। ଲାଞ୍ଚ କାରବାରରେ ମାମଲରେ ଚଞ୍ଚଳ ମୁଖାର୍ଜୀ ସହ ଠିକାଦାର ସନ୍ତୋଷ ମହାରଣା ଓ ସୁପର କ୍ଲାସ କଣ୍ଟ୍ରାକ୍ଟର ଦେବଦତ୍ତ ମହାପାତ୍ରଙ୍କୁ ରିମାଣ୍ଡରେ ଆଣି ଜେରା କରୁଛି ସିବିଆଇ। ଯେଉଁଦିନ ଡିଲ ହୋଇଥିଲା ସେହିଦିନ ଚଞ୍ଚଳ ମୁଖାର୍ଜୀଙ୍କ ସହ କିଛି ବେସରକାରୀ ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ। ତେଣୁ ଚଞ୍ଚଳ, ବିଷ୍ଣୁପଦ ଓ ବ୍ରିଜ ଆଣ୍ଡ ରୁଫ କମ୍ପାନୀର ସମ୍ପର୍କ କଣ ➪ ପୃଷ୍ଠା-୬



# ୨୦୨୭ରେ ୱାନ ନେସନ, ୱାନ ଇଲେକ୍ସନ



**ଭୁବନେଶ୍ୱର,୧୩।୧୨ (ସଂଚାର ବ୍ୟୁରୋ):** ୨୦୨୭ରେ ସାରା ଦେଶରେ ଏକା ସାଙ୍ଗେ ହେବ ନିର୍ବାଚନ। ଏକାସାଙ୍ଗେ ହେବ ଉଭୟ ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନ। ଗତକାଲି କେନ୍ଦ୍ରୀୟ କ୍ୟାବିନେଟ ୱାନ ନେସନ ୱାନ ଇଲେକ୍ସନକୁ ଅନୁମୋଦନ କରିଥିବା ବେଳେ ଖୁବଶୀଘ୍ର ସଂସଦରେ ଏସମ୍ପର୍କିତ ବିଲ ଉପସ୍ଥାପିତ ହେବ। ସଂସଦର ଉଭୟ ଗୃହରେ ଏହି ବିଲ ଗୃହିତ ହେବା ପରେ କେନ୍ଦ୍ର ସରକାର ୨୦୨୭ରେ ଏକାସାଙ୍ଗେ ସବୁ ନିର୍ବାଚନ କରିବାକୁ ଯୋଜନା କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ନିର୍ବାଚନ ଖର୍ଚ୍ଚ କମାଇବାକୁ କେନ୍ଦ୍ର ସରକାର ୱାନ ନେସନ ୱାନ ଇଲେକ୍ସନକୁ ଗୁରୁତ୍ୱ ଦେଉଛନ୍ତି। ଏନେଇ ଗତ ବର୍ଷେ ହେଲା ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଗତକାଲି କ୍ୟାବିନେଟର ମଂଜୁରି ମିଳିଛି। ଏଥିସହିତ ୨୦୨୭ରେ ସାରା ଦେଶରେ ଏକାସାଙ୍ଗେ ନିର୍ବାଚନ ପୂର୍ବରୁ ବର୍ଦ୍ଧିତ ଲୋକସଭା ଓ ବିଧାନସଭା ଆସନ ପାଇଁ ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ମଧ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏମିତିବି ଜାତୀୟ ସ୍ତରରେ ଚର୍ଚ୍ଚା ହେଉଛି, ବିଜେପି ଦେଶରେ ଲୋକସଭା ଆସନ ➪ ପୃଷ୍ଠା-୬

# ଓଡ଼ିଶା ଛାଡ଼ିଲେ ସିଂଘମ ଆଶିଷ




**ଭୁବନେଶ୍ୱର, ୧୩।୧୨ (ସଂଚାର ବ୍ୟୁରୋ):** ଓଡ଼ିଶା ପୁଲିସ୍‌ର ସିଂଘମ ଅଫିସର ୨୦୦୪ ବ୍ୟାଚ ଆଇପିଏସ୍ ଆଶିଷ ସିଂହ ଆଜି ଓଡ଼ିଶା ଛାଡିଛନ୍ତି। କେନ୍ଦ୍ର ଆଇଟିବିପି ଆଇଜି ଭାବେ ତାଙ୍କ ନୂତନ ଇନିସ୍ ଆରମ୍ଭ କରିଥିବାବେଳେ ଓଡ଼ିଶା ଏବେ ତାଙ୍କର ସଫଳତାକୁ ମନେ ପକାଉଛି । ଆଇପିଏସ୍ ଅଫିସର ଭାବେ ଆଶିଷ ସିଧା ଆସି ଯୋଗ ଦେଇଥିଲେ ମାଲକାନଗିରି ଜିଲ୍ଲାରେ ଜଣେ ତାଲିମପ୍ରାପ୍ତ ଅଧିକାରୀ ଭାବେ। ସେତେବେଳ ମାଲକାନଗିରି ନକ୍ସଲ କାର୍ଯ୍ୟକଳାପ ବେଶ୍ ପ୍ରସିଦ୍ଧ ଥିଲା । ଆଶିଷ ସେହିଠାରୁ ଆରମ୍ଭ କରିଥିଲେ ତାଙ୍କର ସିଂଘମ ଅବତାର । ନକ୍ସଲଙ୍କ ପାଇଁ ସାଜିଥିଲେ ଯମ । ଚାଲି ଚାଲି ବୁଲିଥିଲେ ଘଂଚ ଜଙ୍ଗଲ । କୁହାଯାଉଥିଲା ଯେଉଁ ଗାଁରେ ଆଶିଷ ପହଞ୍ଚୁଥିଲେ ସେଠାରେ ନକ୍ସଲଙ୍କର ପୂର୍ଣ୍ଣଛେଦ ପଡୁଥିଲା । ମାଲକାନଗିରି ତାଲିମ ପରେ ଆଶିଷ ଆଉ ପଛକୁ ଚାହିଁ ନଥିଲେ। ପରେ ନିଯୁକ୍ତି ପାଇଥିଲେ ଗୁଣୁପୁର ଏସଡିପିଓ ଭାବେ। ଏହାପରେ ➪ ପୃଷ୍ଠା-୬

**ନାରୀ ନେତ୍ରୀଙ୍କ ପାଇଁ ଦିନିକିଆ କର୍ମଶାଳା ଉଦ୍‌ଘାଟିତ**

# ନାରୀ ହେଉଛି ଶକ୍ତି, ନମ୍ରତା ଏବଂ ଆଶାର ପ୍ରତୀକ

- ମହିଳାଙ୍କ ସମାନତା ଓ ସଶକ୍ତୀକରଣ ହିଁ ଆମ ସମାଜ ଓ ରାଷ୍ଟ୍ରକୁ ସଶକ୍ତ କରିବ
- ମହିଳା ସଶକ୍ତୀକରଣର ଭାରତୀୟ ମଡେଲ ସୃଷ୍ଟି କରାଯାଉ

**ଭୁବନେଶ୍ୱର, ୧୩।୧୨ (ସଂଚାର ବ୍ୟୁରୋ):** ନାରୀଶକ୍ତି ହେଉଛି ଶକ୍ତି, ନମ୍ରତା ଏବଂ ଆଶାର ପ୍ରତୀକ। ଭାରତୀୟ ସଭ୍ୟତାରେ ମହିଳାମାନଙ୍କୁ ସମ୍ମାନ ଦେବା ଓ ସେମାନଙ୍କ ସହ ଉତ୍ତମ ବ୍ୟବହାର କରିବାର ଅନ୍ତର୍ନିହିତ ମୂଲ୍ୟବୋଧ ରହିଛି ବୋଲି ଶୁକ୍ରବାର ନୂଆଦିଲ୍ଲୀରେ ୟୁଜିସି ଦ୍ୱାରା ଆୟୋଜିତ ମହିଳା ନେତ୍ରୀମାନଙ୍କ ପାଇଁ ଦିନିକିଆ କର୍ମଶାଳାକୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଏହି କର୍ମଶାଳାର ବିଷୟବସ୍ତୁ ରହିଥିଲା 'ମହିଳା ନେତୃତ୍ୱ: ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବା ପାଇଁ ଏକାଡେମିକ ଉତ୍କର୍ଷତା'। ଏହି ଅବସରରେ ଶ୍ରୀ ପ୍ରଧାନ ଜାତୀୟ ଶିକ୍ଷା ନୀତିର ପରିକଳ୍ପନା, ଶିକ୍ଷାର ପ୍ରତ୍ୟେକ ସ୍ତରରେ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱରୋପ କରିଥିଲେ । ମହିଳାମାନେ କିପରି ଉଚ୍ଚଶିକ୍ଷାରେ ଆଗକୁ ବଢୁଛନ୍ତି ଏବଂ ସେମାନଙ୍କ ନେତୃତ୍ୱକୁ ଆଗକୁ ନେବା ପାଇଁ ପ୍ରେରିତ କରିବା ଦିଗରେ ଏହି କର୍ମଶାଳା ଏକ ମାଧ୍ୟମ ହେବ ବୋଲି ସେ କହିଛନ୍ତି। ବର୍ତ୍ତମାନ ସମୟରେ ମହିଳାମାନେ ଅନେକ ବାଧାବିଘ୍ନକୁ ସାମ୍ନା କରି ଆଗକୁ ବଢୁଛନ୍ତି। ସବୁ କ୍ଷେତ୍ରରେ ମହିଳାଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରିବା ଜରୁରୀ । ଗତ ୧୦ ବର୍ଷ ମଧ୍ୟରେ ମୋଦୀ ସରକାର ମହିଳାଙ୍କ ବିକାଶରୁ ମହିଳାଙ୍କ ନେତୃତ୍ୱାଧୀନ ବିକାଶରେ ପରିବର୍ତ୍ତନ ଆଣିବା ଦିଗରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ଦିଗରେ ନାରୀ ଶକ୍ତି ଅଧିକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ମହିଳାଙ୍କ ସମାନତା ଓ ସଶକ୍ତୀକରଣ ହିଁ ଆମ ସମାଜ ଓ ରାଷ୍ଟ୍ରକୁ ସଶକ୍ତ କରିପାରିବ।

ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ମହିଳା ସଶକ୍ତୀକରଣର ଏକ ଭାରତୀୟ ମଡେଲ ସୃଷ୍ଟି କରିବା ଉପରେ ଗୁରୁତ୍ୱରୋପ କରି ସେ କହିଥିଲେ ଆମକୁ ମହିଳାଙ୍କ ପାଇଁ ଏପରି ଏକ ମଡେଲ ସୃଷ୍ଟି କରିବାକୁ ହେବ, ଯଦ୍ୱାରା ମହିଳାମାନେ ସ୍ୱେଚ୍ଛାରେ ସବୁ ନିଷ୍ପତ୍ତି ନେଇପାରିବେ। ଏହି କର୍ମଶାଳାରେ ହୋଇଥିବା ଆଲୋଚନା ଏବଂ ଅନେକ ବ୍ୟକ୍ତିବିଶେଷଙ୍କ ଅଭିଜ୍ଞତା ଆଦାନ ପ୍ରଦାନରେ ଏକ ରୋଡ୍ ମ୍ୟାପ୍ ପ୍ରଦାନ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ଅବସରରେ ଉତ୍ତର-ପୂର୍ବାଞ୍ଚଳ ଶିକ୍ଷା ଓ ବିକାଶ ରାଷ୍ଟ୍ରମନ୍ତ୍ରୀ ଡ. ସୁକାନ୍ତ ମଜୁମଦାର ଉପସ୍ଥିତ ଥିଲେ।



# ନିର୍ଦ୍ୱନ୍ଦ୍ୱରେ ଜିତିଲେ ସୁଜିତ



**ଭୁବନେଶ୍ୱର,୧୩।୧୨ (ସଂଚାର ବ୍ୟୁରୋ):** ରାଜ୍ୟ ସଭା ଉପନିର୍ବାଚନରେ ସୁଜିତ କୁମାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏକମାତ୍ର ପ୍ରାର୍ଥୀ ଭାବେ ବିଜେପିରୁ ନାମାଙ୍କନପତ୍ର ଦାଖଲ କରିଥିଲେ ସୁଜିତ୍। ରିଟର୍ଣ୍ଣିଂ ଅଫିସର ତାଙ୍କୁ ବିଜୟ ସାର୍ଟିଫିକେଟ ଦେବା ପରେ ସୁଜିତ୍ ପ୍ରତିକ୍ରିୟାରେ କହିଛନ୍ତି, ବିଜେଡିରୁ ନେତା ମୁହଁ ଫେରାଇବା ଆରମ୍ଭ କଲେଣି। ଏପରିକି କେବଳ କଳାହାଣ୍ଡିର ୮୦% ପଞ୍ଚାୟତ ପ୍ରତିନିଧି ବିଜେପିରେ ମିଶି ସାରିଲେଣି। ଆଗାମୀ ଦିନରେ ଆହୁରି ଅନେକ ନେତା ମିଶିବେ। କେଉଁ ବିଜେଡି ରାଜ୍ୟସଭା ଏମ୍‌ପି ଯୋଗାଯୋଗରେ ଅଛନ୍ତି ଜାଣିନି ବୋଲି ସୁଜିତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସେମାନେ ପାର୍ଟି ସହ ଯୋଗାଯୋଗରେ ଥାଇପାରନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ପାର୍ଲାମେଣ୍ଟରେ କଳାହାଣ୍ଡି ତଥା ଓଡ଼ିଶା ପ୍ରସଙ୍ଗ ଉଠାଇବେ।

## ଟ୍ରେଣ୍ଡିଂ ନ୍ୟୁଜ୍

- ସଂଖ୍ୟାଗରିଷ୍ଠଙ୍କ ଇଚ୍ଛାରେ ଦେଶ ଚାଲିବା ଉଚିତ୍ ବୋଲି ବିବାଦୀୟ ମନ୍ତବ୍ୟ ଦେଇଥିବା ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ଶେଖର କୁମାର ଯାଦବଙ୍କ ବିରୋଧରେ ରାଜ୍ୟସଭାରେ ବିରୋଧୀ ଦଳ ସାଂସଦମାନେ ଆଣିଲେ ମହାଭିଯୋଗ ପ୍ରସ୍ତାବ।
- ତାମିଲନାଡୁର ଡିଣ୍ଡିଗୁଲ ଜିଲ୍ଲାର ଥିବା ଏକ ଘରୋଇ ହସ୍ପିଟାଲରେ ଗତ ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ଜଣେ ଶିଶୁ ସମେତ ୬ ରୋଗୀ ଦଗ୍ଧ।
- ହାଇପ୍ରୋଫାଇଲ୍ ରେଣୁକାସ୍ୱାମୀ ହତ୍ୟା ମାମଲାରେ କର୍ଣ୍ଣାଟକ ହାଇକୋର୍ଟ କନ୍ନଡ ସିନେମା ସୁପରଷ୍ଟାର ଦର୍ଶନ ତୁଗୁଦୀପ ଓ ତାଙ୍କ ବାନ୍ଧବୀ ପବିତ୍ରା ଗୌଡାଙ୍କୁ ଜାମିନ ପ୍ରଦାନ କରିଛନ୍ତି।
- ଡାକ୍ତରାଣୀଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଆରଜି କର ହସ୍ପିଟାଲର ପୂର୍ବତନ ପ୍ରିନ୍ସିପାଲ୍ ସନ୍ଦୀପ ଘୋଷ ଓ ତାଲା ଥାନାର ପୂର୍ବତନ ଆଇଆଇସି ଅଭିଜିତ ମଣ୍ଡଳଙ୍କୁ ଜାମିନ ଦେଲେ ସିୟାଲଦା କୋର୍ଟ।
- ଶୁକ୍ରବାର ସେନସେକ୍ସ ୧,୨୦୦ ପେଣ୍ଟରୁ ଅଧିକ ହ୍ରାସ ପାଇଛି। ଗୁରୁବାର ରେକର୍ଡ ହୋଇଥିବା ୪୫୮.୧୫ ଲକ୍ଷ କୋଟି ଟଙ୍କା ତୁଳନାରେ ଆଜି ନିବେଶକଙ୍କ ସମ୍ପତ୍ତି ୬.୯୩ ଲକ୍ଷ କୋଟି ହ୍ରାସ ପାଇ ୪୫୧.୨୨ ଲକ୍ଷ କୋଟିରେ ପହଞ୍ଚିଛି।
- ବିହାର ପବ୍ଲିକ ସର୍ଭିସ କମିଶନ ଅଫିସ ଆଗରେ ବିକ୍ଷୋଭ କରୁଥିବା ଚାକିରି ଆଶୟୀଙ୍କୁ ପାଟନା ଜିଲ୍ଲାପାଳ ଡ. ଚନ୍ଦ୍ରଶେଖର ସିଂହ ମାଡ଼ ମାରୁଥିବା ଭିଡିଓ ଭାଇରାଲ ପରେ ଉତ୍ତେଜନା।



## କାନ ଡେରିଆ

ଶୀତ ଦିନେ ଏବେ ଗେଣ୍ଡୁ
କାରବାର
ଗେଣ୍ଡା ବା କାହୁଁ ବୁଝିବେ
ତତଲା ଲୁହାକୁ ଚୋବେଇ ଚୋବେଇ
ବତିଶି ଦାନ୍ତ ଝାଡ଼ିବେ
ନିଶାକୁ ଉତୁରାଇବେ....
କଳା କର୍ମ ଫଳ ଭୋଗୀଭୋଗୀ
ଶେଷେ
ଅଭିଶାପେ ଘାଣ୍ଟି ହେବେ ।

# ଏବେ ବି ରାଜ୍ କରୁଛନ୍ତି ପାଣ୍ଡିଆନ ମାର୍କା ବାବୁ





> ବିଭିନ୍ନ ସଂସ୍ଥାରୁ ଆସି କ୍ୟାଡର ପଦବୀ ଦଖଲ କରିଛନ୍ତି
> ସରକାରୀ ସୁବିଧାର ଭରପୂର ଫାଇଦା ଉଠାଉଛନ୍ତି

**ଭୁବନେଶ୍ୱର,୧୩।୧୨ (ସଂଚାର ବ୍ୟୁରୋ):** ଏବେ ବି ଗାଦି ମାଡ଼ି ବସିଛନ୍ତି ପାଣ୍ଡିଆନ ମାର୍କା ବାବୁ। ହାତେଇଛନ୍ତି ମୋଟା ଦରମା ସାଙ୍ଗକୁ ବିଭିନ୍ନ ସରକାରୀ ସୁବିଧା ସୁଯୋଗ। ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ସଂସ୍ଥାରୁ ଆସି ପୂର୍ବ ବିଜେଡି ସରକାରରେ କ୍ଷମତାକେନ୍ଦ୍ରଙ୍କୁ ହାତ କରି କିଏ ସ୍ପେଶାଲ ସେକ୍ରେଟାରୀ ତ ଆଉ କିଏ ପ୍ରିନସିପାଲ ସେକ୍ରେଟେରୀ। କାହାକୁ ୨ ବର୍ଷ ତ କାହାକୁ ୪ ବର୍ଷ ତ ଆଉ କାହାକୁ ୭ ବର୍ଷ ପାଇଁ ନିଯୁକ୍ତି ଦେଇଥିଲେ ପୂର୍ବ ବିଜେଡି ସରକାର।

ଭାରତ ସରକାରଙ୍କ ଅଧୀନରେ ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଅଧିକାରୀଙ୍କ ସହ ବିଭିନ୍ନ ସରକାରୀ ପିଏସୟୁ ଓ ଅନ୍ୟାନ୍ୟ ସଂସ୍ଥାରେ କାର୍ଯ୍ୟ କରୁଥିବା କିଛି ଅଧିକାରୀମାନେ ଧରା ଧରି କରି ବିଭିନ୍ନ ପଦ ପଦବୀରେ ସେମାନଙ୍କର ରାଙ୍କ ନଥିଲେ ସୁଦ୍ଧା ବେଆଇନ୍ ଭାବେ ନିଯୁକ୍ତି ପାଇଥିବା ନେଇ ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ ନିଜ ହିସାବରେ ଅର୍ଥ ବିଭାଗର ବିନା ଅନୁମତିରେ ଅନେକ ସରକାରୀ ସୁବିଧା ସୁଯୋଗ ହାତେଇଥିବା ମଧ୍ୟ ଅଭିଯୋଗ ହୋଇଛି। ହେଲେ କାହିଁକି ଓ କେମିତି ନିଯୁକ୍ତି ସମ୍ଭବ ହେବା ପ୍ରସଙ୍ଗରେ ପୂର୍ବତନ ଶାସନ ସଚିବ ସହଦେବ ସାହୁ କହିଛନ୍ତି ପୂର୍ବରୁ କ୍ଷମତା କେନ୍ଦ୍ରରେ ଥିବା କିଛି ଲୋକଙ୍କୁ ଧରା ଧରି କରି ଏହି ଅଧିକାରୀ ମାନେ କ୍ଷମତା ହାତେଇଛନ୍ତି। କେବଳ ସେତିକି ନୁହେଁ ପୂର୍ବ ବିଜେଡି ସରକାରରେ କ୍ଷମତା କେନ୍ଦ୍ରରେ ଥିବା ଲୋକଙ୍କୁ ଖୁସ୍ କରି ଅନେକ ଏଯାଏଁ ଗାଡି ମାଡି ବସିଛନ୍ତି ବୋଲି କହିଛନ୍ତି ଶ୍ରୀ ସାହୁ। ବର୍ତ୍ତମାନର ମୋହନ ସରକାର ଗାଦି ମାଡ଼ିବସିଥିବା ଭଡାଟିଆ ବାବୁଙ୍କର କାର୍ଯ୍ୟ ଦକ୍ଷତା ଯାଞ୍ଚ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ସାହୁ କହିଛନ୍ତି। ଗାଡିମାଡି ବସିଥିବା ଏହି ବାବୁଙ୍କ ତାଲିକାରେ ରହିଛନ୍ତି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସ୍ୱତନ୍ତ୍ର ସଚିବ ହିମାଂଶୁ ସାହୁ। ଭାରତୀୟ ➪ ପୃଷ୍ଠା-୬

# ମେଳି କରୁଥିବା ଶିକ୍ଷକଙ୍କୁ ବଦଳି ପାଇଁ ଗ୍ରାମବାସୀଙ୍କ ଦାବି

**କେନ୍ଦ୍ରାପଡା, ୧୩।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ କୋରୁଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଇଛି। ୪/୫ ଦିନ ହେବ ବଦଳି ହୋଇଥିବା ଶିକ୍ଷକଙ୍କ ସମର୍ଥନରେ କିଛି ଛାତ୍ରଛାତ୍ରୀ ଓ ତାଙ୍କର ଅନୁଗତ ସମର୍ଥକ ମାନଙ୍କ ହଙ୍ଗାମାରେ ଏକ ପ୍ରକାର ପାଠପଢା ଠପ୍ ହୋଇ ଯାଇଥିବା ଜଣାପଡିଛି । ଏହି ସ୍କୁଲରେ ଦୀର୍ଘ ୨୦ ବର୍ଷ ହେବ ଚାକିରୀ କରୁଥିବା ଶିକ୍ଷକ ସୌମେନ୍ଦ୍ର ସେଠୀଙ୍କ ବିରୋଧରେ ମାନ୍ୟବର ଗଣ ଶିକ୍ଷା ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହେବାପରେ ଏହାର ତଦନ୍ତ କରା ଯାଇଥିଲା ।



ତଦନ୍ତ ରିପୋର୍ଟ ଅନୁଯାୟୀ ସଂପୃକ୍ତ ଶିକ୍ଷକଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ଅନ୍ୟତ୍ର ଡେପୁଟେସନରେ ପଠାଇ ଦେଇଥିଲେ । ତେବେ ଏହାକୁ ନେଇ ତାଙ୍କର ସମର୍ଥକ ଛାତ୍ରଛାତ୍ରୀ ଓ କିଛି ଅଭିଭାବକ ମେଳି କରି ସ୍କୁଲରେ ପାଠ ପଢା ବନ୍ଦ କରେଇବା ସହ ଶିକ୍ଷକଙ୍କୁ ଆମେ ଛାଡିବୁ ନାହିଁ ବୋଲି ଜିଦ୍ ଧରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ସଂପୃକ୍ତ ଶିକ୍ଷକଙ୍କର ଡେପୁଟେସନ ନିର୍ଦ୍ଦେଶକୁ ବାତିଲ କରିବା ପାଇଁ ଉଦ୍ୟମ କରୁଥିବା ଖବର ପାଇ ଗ୍ରାମର ଶତାଧିକ ବ୍ୟକ୍ତି ଜିଲ୍ଲାପାଳଙ୍କୁ ଭେଟି ତାଙ୍କ ଡେପୁଟେସନ ଆଦେଶକୁ ବାତିଲ ନକରିବା ପାଇଁ ଦାବି ଜଣାଇଛନ୍ତି । ଏଥି ସହ ପ୍ରାୟ ୨୦ ବର୍ଷ ଧରି ଗୋଟିଏ ସ୍କୁଲରେ ରହିଥିବା ଶିକ୍ଷକଙ୍କୁ ବଦଳି କରା ନଯାଏ ତେବେ ସ୍ଥାନୀୟ ଜନ ସାଧାରଣ ଅନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରିବାକୁ ଚେତାବନୀ ଦେଇଛନ୍ତି । ଦାବିପତ୍ର ପ୍ରଦାନ ସମୟରେ କମଳାକାନ୍ତ ଦାସ, ରବୀନ୍ଦ୍ରନାଥ ମହାନ୍ତି, ହୃଷିକେଶ ନାୟକ, ବିଷ୍ଣୁ ଚରଣ ଦାସ, ଉର୍ମିଳା ନାୟକ, ପ୍ରଭାକର ସାହୁ, ରତ୍ନାକର ସାହୁ, ଅଜୟ କୁମାର ନାୟକ, ରାଜକିଶୋର ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି ।

# ବାରଡାଙ୍ଗ କୃଷି ସମବାୟ ସମିତିରେ ବିଚିତ୍ର ଖେଳ

## ନିୟମକୁ ବେଖାତିର କରୁଥିବା ସଦସ୍ୟଙ୍କୁ ସୁରକ୍ଷା ଦେଉଛି କିଏ ? ଏଆର୍‌ସିଏସ୍‌ଙ୍କ ଉପରେ ପଡୁଛି କି ଚାପ ?

**ମହାକାଳପଡ଼ା, ୧୩।୧୨ (ସଂଚାର ବ୍ୟୁରୋ) :** ପ୍ରାଥମିକ କୃଷି ସମବାୟ ସମିତିରେରେ ଚାଲିଛି ବିଚିତ୍ର ବ୍ୟବସ୍ଥା। ସରକାରଙ୍କ ସମସ୍ତ ନିୟମକାନୁନକୁ ଜଳାଞ୍ଜଳି ଦେଇ ମନମାନି ଚଳାଇଛନ୍ତି ଖୋଦ୍ ସେଠାରେ କାର୍ଯ୍ୟରତ ଜଣେ କର୍ମଚାରୀ। ଯାହାଙ୍କୁ ନେଇ ଆରମ୍ଭ ହୋଇଛି ହଟଚମଟ। ଆମେ କହୁଛୁ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ବାରଡାଙ୍ଗ ପ୍ରାଥମିକ କୃଷି ସମବାୟ ସମିତି ଲିଃ. କଥା। ଏହି ସମବାୟ ସମିତିରେ ମୋଟ ୧୨ ଜଣ ଡାଇରେକ୍ଟର ଥିଲେ ସେଥିରୁ ଜଣଙ୍କ ଦେହାନ୍ତ ପରେ ଏବେ ସର୍ବମୋଟ ୧୧ ଜଣ ଡାଇରେକ୍ଟର ରହିଛନ୍ତି। ହେଲେ ଏବେ ଜଣେ ଡାଇରେକ୍ଟରଙ୍କ ପାଇଁ ସମସ୍ତେ ସନ୍ତୁଳିତ ହେଉଥିବା ଖବର ଆସିଛି। ସମ୍ବିତ ମହାନ୍ତି ନାମକ ଜଣେ ଡାଇରେକ୍ଟର ବୈଠକରେ ସାମିଲ ହେବାକୁ ନୋଟିସ ଗ୍ରହଣ କରୁଛନ୍ତି। ହେଲେ ବୈଠକରେ ସାମିଲ ତ ହେଉଛନ୍ତି ବରଂ ଅଧିବେଶନ ଖାତାରେ ଦସ୍ତଖତ କରୁ ନାହାଁନ୍ତି। ଗୋଟିଏ ନୁହେଁ କି ଦୁଇଟି ନୁହେଁ ଏମିତି ଲଗାତାର ୩ଟି ବୈଠକରେ ସେ ଦସ୍ତଖତ ନକରି ମନମାନି ଚଳାଇଛନ୍ତି।

ସରକାରଙ୍କ ନିୟମ ଅନୁଯାୟୀ ଯଦି କୌଣସି ଡାଇରେକ୍ଟର ଲଗାତାର ୩ଟି ବୈଠକର ଅଧିବେଶନ ଖାତାରେ ଦସ୍ତଖତ ନକରନ୍ତି ତେବେ ତାଙ୍କୁ ତାଙ୍କ ପଦରୁ ବାହାର କରି ଦିଆଯାଇପାରିବ। ଯାହା ଓଡ଼ିଶା ସମବାୟ ସମିତି ମାନୁଆଲ ପୃଷ୍ଠା ୫୦୬ ରେ





ସଂଚାର ହାତରେ ଲାଗିଲା ଅନୁସନ୍ଧାନମୂଳକ ତଥ୍ୟ

ଲିପିବଦ୍ଧ ଅଛି। ଏନେଇ ୮ ଜଣ ଡାଇରେକ୍ଟର ଆସିଷ୍ଟାଣ୍ଟ ରେଜିଷ୍ଟ୍ରର ଅଫ୍ କୋଅପରେଟିଭ ସୋସାଇଟି(ଏଆରସିଏସ) ଯୋଗେନ୍ଦ୍ର ବିଶ୍ୱାଳ, ମହାକାଳପଡ଼ା କ୍ରେଡିଟ କୋ ଅପରେଟିଭ ବ୍ୟାଙ୍କ୍ ପରିଚାଳକ, ମୁଖ୍ୟ କେନ୍ଦ୍ରୀୟ ରେଜିଷ୍ଟ୍ରର କାର୍ଯ୍ୟାଳୟ,କଟକଙ୍କୁ ତା ୨୭ ଅଗଷ୍ଟ ୨୦୨୪ ରେ ପ୍ରସ୍ତାବ ନମ୍ବର ୬ରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ତାଙ୍କ ଉପରେ କୋଣସି ପଦକ୍ଷେପ ଗ୍ରହଣ କରୁନାହାଁନ୍ତି ଅଧିକାରୀ।

ଅନ୍ୟପକ୍ଷରେ ସମ୍ବିତ ମହାନ୍ତି ବ୍ୟକ୍ତିଗତ ଭାବେ ଏକ ଦରଖାସ୍ତ ଏଆରସିଏସଙ୍କୁ ପ୍ରଦାନ କରିଛନ୍ତି। ଯେଉଁଥିରେ ସେ ଲେଖିଛନ୍ତି ମୋତେ କୌଣସି ବୈଠକରେ ସାମିଲ ନକରାଯାଇ ଖାଲି ପେପରରେ ଦସ୍ତଖତ କରାଇବାକୁ ବାଧ୍ୟ କରୁଛନ୍ତି ଏବଂ ମୋ ପଦରୁ କାଢ଼ିବାକୁ ଷଡ଼ଯନ୍ତ୍ର କରୁଛନ୍ତି। ଯାହାଙ୍କ ଦରଖାସ୍ତକୁ ଆଧାର କରି ଏଆରସିଏସ ତା ୩ ସେପ୍ଟେମ୍ବର ୨୦୨୪ ଚିଠି ନମ୍ବର ୨୯୯୮ ରେ ତଦନ୍ତ ପାଇଁ ଚିଠି କରିଥିଲେ। ୨୬ ସେପ୍ଟେମ୍ବରରେ ତଦନ୍ତ କରି ସମ୍ପୃକ୍ତ ସଦସ୍ୟଙ୍କୁ ପୁନଃ ସାମିଲ କରାଇବାକୁ ୧୨ ଡିସେମ୍ବର କରିଥିବା ଚିଠି ନମ୍ବର ୩୮୯୬ରେ ନିର୍ଦ୍ଦେଶ ମଧ୍ୟ ହୋଇଛି।

ଏଠି ପ୍ରଶ୍ନ ଉଠୁଛି ଯେ ଜଣେ ନୋଟିସ୍ ଗ୍ରହଣ କରି ଅଧିବେଶନରେ ଦସ୍ତଖତ କରି ନାହାଁନ୍ତି, ଯିଏ ସରକାରଙ୍କ ନିୟମ କାନୁନର ଧଜିଆ ଉଡାଇଛନ୍ତି, ଯାହାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନ୍ୟ ୮ ଜଣ ଡାଇରେକ୍ଟର ବ୍ୟବସ୍ଥିତ ଢଙ୍ଗରେ ସୁପାରିସ କରିଛନ୍ତି ସେମାନଙ୍କ ଅଭିଯୋଗର କୌଣସି ତଦନ୍ତ ନକରି ସମ୍ପୃକ୍ତ କର୍ମଚାରୀଙ୍କ ସୁରକ୍ଷା ପାଇଁ ଏଆରସିଏସ ଏତେ ତତ୍ପରତା ଦେଖାଉଛନ୍ତି କାହିଁକି? ସମ୍ପୃକ୍ତ କର୍ମଚାରୀଙ୍କୁ ଅନୁକମ୍ପା ଦେଖାଇବାରେ କେଉଁ ବାହୁବଳୀଙ୍କ ଚାପ ରହିଛି କି? ଯଦି ନା ତେବେ ସରକାରଙ୍କ ନିୟମ ଅନୁଯାୟୀ ନିୟମ ବିରୋଧୀ କାର୍ଯ୍ୟ କରିଥିବା ଡାଇରେକ୍ଟରଙ୍କୁ ତାଙ୍କ ପଦରୁ ବାହାର କରିବାକୁ କାହିଁକି ବିଳମ୍ବ ? ଓଡିଶା ସମବାୟ ସମିତି ମାନୁଆଲର ପୃଷ୍ଠା ନମ୍ବର ୫୦୬ ରେ ଥିବା ୫(ଗ) ଓ ଏଆରସିଏସ କେନ୍ଦ୍ରାପଡ଼ା ଦେଇଥିବା ମାନୁଆଲ ପୃଷ୍ଠା ୨୦ର ୧୧(ଏଫ) ଅନୁଯାୟୀ ନିୟମ ବିରୋଧୀ କାର୍ଯ୍ୟ କରିଥିବା ଡାଇରେକ୍ଟରଙ୍କୁ କେବେ ତାଙ୍କ ପଦ ରଦ୍ଧ କରୁଛନ୍ତି ତାହା ଦେଖିବାକୁ ବାକି ।

## ଜେଇଙ୍କ ଢିଲା ପାଇଁ ରାସ୍ତାରେ ପଡୁନି ପାଣି

# ଧୂଳିରେ ଅସ୍ତବ୍ୟସ୍ତ ଲୋକେ



**ମହାକାଳପଡ଼ା, ୧୩।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଦ୍ୱାରା କାର୍ଯ୍ୟରତ ଆଶ୍ରମ ବାଲିକୁଦା ଠାରୁ କରଞ୍ଜ ପଞ୍ଚାୟତ ପିଚୁ ସଡକ ପାଇଁ ସାଧାରଣ ଜନତା ଏବେ ହିନସ୍ଥା ଭୋଗୁଛନ୍ତି। ରାସ୍ତାରେ ପାଣି ନପଡିବାରୁ ବ୍ୟବହାର ହୋଇଥିବା ବଜୁରି ଗୁଣ୍ଡ ଉଡି ଲୋକଙ୍କୁ ଅସ୍ତବ୍ୟସ୍ତ କରୁଛି।

ବଡକୂଳ ଓ କରଞ୍ଜ ପଞ୍ଚାୟତବାସୀଙ୍କ ସମେତ ଆଖପାଖ ଗ୍ରାମର ଲୋକେ ଏହି ରାସ୍ତାରେ ଯିବା ଆସିବା କରୁଛନ୍ତି। ଧୂଳି ଏତେ ମାତ୍ରାରେ ଉଡୁଛି ଯେ, ସାଧାରଣ ଲୋକେ ଅଣନିଃଶ୍ୱାସୀ ହେଉଛନ୍ତି। ଯାହାକୁ ନେଇ ଜନସାଧାରଣ ପ୍ରବଳ ଅସନ୍ତୋଷ ଛାଡିଛନ୍ତି। କେତେବେଳେ ଯେ ଦୁର୍ଘଟଣା ଘଟିବ ତାହା କିଏ କହିବ ?

ଠିକାଦାର ପକେଟରେ ଟଙ୍କା, ଲୋକଙ୍କୁ ମିଳୁଛି ଧୂଳି

ନିୟମ କହୁଛି ଲୋକଙ୍କୁ ସମସ୍ୟା ସୃଷ୍ଟି ନହେବା ପାଇଁ ଟ୍ୟାଙ୍କରରେ ପାଣି ଛିଞ୍ଚନ ହେବା କଥା, ହେଲେ ରାସ୍ତାରେ ପାଣି ସିଞ୍ଚନ କରାଯାଉନି କ'ଣ ପାଇଁ? ଲୋକମାନେ ଧୂଳି ସମସ୍ୟାରେ ଅସ୍ତବ୍ୟସ୍ତ ହେଉଛନ୍ତି ହେଲେ ଜେଇ ମହାଶୟ ଏ ସମସ୍ତ ଦିଗରେ ଅବଗତ ଅଛନ୍ତି ତ? ଯଦି ରାସ୍ତାରେ ପାଣି ସିଞ୍ଚନ ହୁଅନ୍ତା ତେବେ ଜନସାଧାରଣ ଧୂଳି ସମସ୍ୟାରୁ ମୁକ୍ତି ପାଆନ୍ତେ। ପାଣି ସିଞ୍ଚନ କରିବା ଅର୍ଥ ବାଟମାରଣା ହେଉନି ତ? ଯଦି ରାସ୍ତାରେ ପାଣି ପଡୁଛି ତେବେ ଧୂଳି ଉଡୁଛି କାହିଁକି? ଠିକାଦାର ଟଙ୍କା ପାଇବ ହେଲେ ସାଧାରଣ ଲୋକଟିଏ ଧୂଳି ଖାଇ ନିଜର ଦେହ ଖରାପ କରିବ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତାରେ ନିୟମିତ ପାଣି ପକାଇବାକୁ ନିର୍ଦ୍ଦେଶ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବଳାତ୍କାର ମାମଲାରେ ଆସାମୀକୁ ୭ ବର୍ଷ କାରାଦଣ୍ଡ

**ବାରିପଦା, ୧୩।୧୨ (ସଂଚାର ବ୍ୟୁରୋ) :** ମୟୁରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅଂଚଳରେ ଜନୈକ ବିବାହିତା ମହିଳାଙ୍କୁ ବଳାତ୍କାର ମାମଲାର ବିଚାର କରି ଆଜି ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ କୋର୍ଟରେ ଅଭିଯୁକ୍ତଙ୍କୁ ଏଡିଜେ ଡଃ ଭି ସୁଜାତା ୭ ବର୍ଷ କାରାଦଣ୍ଡ ଏବଂ ୫୦୦୦ ଟଙ୍କା ଜୋରିମାନା ଏବଂ ଅନାଦେୟ ୧ ବର୍ଷ କାରାଦଣ୍ଡ ଶୁଣାଣି କରିଛନ୍ତି। ସୂଚନାଯୋଗ୍ୟ ବିଶୋଇ ଥାନା ଅଂଚଳରେ ୧୧/୦୬/୨୦ ତାରିଖ ଦିନ ସଂଧ୍ୟା ସମୟରେ ଜନୈକ ବିବାହିତା ମହିଳା ହାଟରୁ ପରିବା ପତ୍ର ନେଇ ଘରକୁ ଏକୁଟିଆ ଚାଲି ଚାଲି ଫେରୁଥିଲେ । ସେହି ସମୟରେ ବିଶୋଇ ଥାନା ଅନ୍ତର୍ଗତ ବାଢୁଣିଆ ଗ୍ରାମର ନରେନ୍ଦ୍ର ବେହେରା (୪୦) ମଟର ସାଇକେଲରେ ଆସୁଥିବା ସମୟରେ ମହିଳାଙ୍କୁ ଦେଖି ଅଟକାଇଥିଲେ । ମୁଁ ଯାଉଛି ତୁମକୁ ଘର ପାଖରେ ଛାଡି ଦେବି କହି ମଟର ସାଇକେଲରେ ବସାଇ ଆସୁଥିବା ସମୟରେ ନିଛାଟିଆ ଜାଗାରେ ମହିଳାଙ୍କୁ ଜଙ୍ଗଲ ବୁଦା ଭିତରକୁ ଟାଣି ନେଇ ବଳାତ୍କାର କରିଥିଲେ । ଏହାକୁ ନେଇ ମହିଳା ଜଣକ ୧୩/୦୬/୨୦ ତାରିଖ ଦିନ ବିଶୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

## ରାଜସ୍ୱ ସମୀକ୍ଷା ବୈଠକ

# ଲକ୍ଷ୍ୟ ପୁରଣ ପାଇଁ ନିର୍ଦ୍ଦେଶ



**କେନ୍ଦ୍ରାପଡା, ୧୩।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜସ୍ୱ ସମୀକ୍ଷା ବୈଠକ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନିଳୁ ମହାପାତ୍ର, ଉପ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, କେନ୍ଦ୍ରାପଡା ତହସିଲଦାର ତାପସ ରଞ୍ଜନ ଦେହୁରିଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ସୁପର ଭାଇଜର ଓ ରାଜସ୍ୱ ନିରୀକ୍ଷକଙ୍କ ସମେତ ସମସ୍ତ ଲାଇନ ଡିପାଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ରହି ସମୀକ୍ଷା ବୈଠକରେ ଅଂଶ ଗ୍ରହଣ କରିଥିଲେ । ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ରାଜସ୍ୱ ଆଦାୟ ପାଇଁ ଦିଆ ଯାଇଥିବା ଲକ୍ଷ୍ୟ ପୁରଣ କରିବା ଦିଗରେ ସମସ୍ତ ଅଧିକାରୀ ମାନେ ଅଗ୍ରାଧିକାର ଭିତିରେ କାର୍ଯ୍ୟ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ରାଜସ୍ୱ ମାମଲା ଗୁଡିକୁ ତୁରନ୍ତ ଫଏସଲା କରି ରାଜସ୍ୱ ଆଦାୟ କରିବା ଓ ବକେୟା ମାମଲା ଗୁଡିକୁ ସମାଧାନ କରି ରାଜସ୍ୱ ଆଦାୟ ପାଇଁ ଉଦ୍ୟମ କରିବାକୁ ଅଗ୍ରାଧିକାର ଦିଆଯାଇଛି । ଏହା ସହ ଲଘୁ ଖଣିଜ ପଦାର୍ଥର ଚୋରା ପରିବହନ ଘଟଣାରେ ଚଢାଉ କରି ରାଜସ୍ୱ ଆଦାୟ ଓ ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି ବୈଠକରେ ଡିଏଫ୍‌ଓ, ମାଇନିଂ ଅଫିସର, ପୂର୍ତ୍ତ ବିଭାଗ ଡିଭିଜନ ୧ ଓ ୨, ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳ ସମ୍ପଦ ବିଭାଗ ଗୁଡିକର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଆନ୍ତଃ କ୍ଲବ ଜିଲ୍ଲାସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ସୁପର ଲିଗ୍ ମ୍ୟାଚରେ ନେତାଜୀ ୟୁଥ୍ ବିଜୟୀ

**କେନ୍ଦ୍ରାପଡ଼ା, ୧୩।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ ତରଫରୁ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଓସିଏ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃ କ୍ଲବ ସୁପର ଲିଗ୍ ମ୍ୟାଚ୍‌ରେ ନେତାଜୀ ୟୁଥ କ୍ଲବ ଓ ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ନେତାଜୀ ୟୁଥ କ୍ଲବ ଟସ୍ ଜିତି ବ୍ୟାଟିଂ କରି ୩୨.୩ ଓଭରରେ ୧୭୮ରନ କରି ଅଲଆଉଟ ହୋଇଥିଲା। ସେହିପରି ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବ ୨୪.୧ ଓଭରରେ ୧୧୧ରନ କରି ଅଲଆଉଟ ହୋଇଥିଲା । ଏହି ମ୍ୟାଚରେ ନେତାଜୀ ୟୁଥ କ୍ଲବ ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବକୁ ୬୭ରନରେ ପରାସ୍ତ କରିଥିଲା। ଏହି ମ୍ୟାଚରେ ନେତାଜୀ ୟୁଥ କ୍ଲବର ଇସାନ କିରନ ପାତ୍ର ୬ଟି ବାଉଣ୍ଡରି ଓ ଗୋଟିଏ ଛକାମାରି ୬୨ବଲରେ ୫୧ରନ କରି ମ୍ୟାନ ଅଫ ମ୍ୟାଚ ହୋଇଥିଲେ । ବିଶ୍ୱଜିତ ଅଧିକାରୀ ଓ ଲଳିତେନ୍ଦୁ ପଣ୍ଡା ଅମ୍ପାୟର ଭାବେ ମ୍ୟାଚ ପରିଚାଳନା କରିଥିଲେ । ଚିରଞ୍ଜିବି ବଳ ଓ ଏସକେ ମିନାଜୁଦ୍ଦିନ୍ ସ୍କୋରର ଭାବେ ପରିଚାଳନା କରିଥିଲେ । କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ତତ୍ତ୍ୱାବଧାନରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା ।





# କେନ୍ଦ୍ରାପଡ଼ାରେ ଯୁବ ସାଂସ୍କୃତିକ ମହୋତ୍ସବ

**କେନ୍ଦ୍ରାପଡା, ୧୩।୧୨ (ସଂଚାର ବ୍ୟୁରୋ) :** ବିବିଧ କଳାର ସମାବେଶୀ ମଞ୍ଚ "ସିମ୍ଫୋନି" ପକ୍ଷରୁ ଚଳିତ ମାସ ୨୭ ଡିସେମ୍ବରରେ ପ୍ରଥମ ଜିଲ୍ଲା ଯୁବ ସାଂସ୍କୃତିକ ମହୋତ୍ସବ "ଯୁବ ତରଙ୍ଗ"ର ଆୟୋଜନ କରିବାକୁ ଯାଉଛି । ଏଥି ନିମନ୍ତେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ହେବାକୁ ଥିବା ଏହି ଏକଦିବାସୀୟ ଜିଲ୍ଲାସ୍ତରୀୟ ଉତ୍ସବରେ ଯୁବ ବର୍ଗ ସେମାନଙ୍କ ବିବିଧ କଳା ଓ ସୃଜନାତ୍ମକ କଳା ନୈପୁଣ୍ୟ ପ୍ରଦର୍ଶନର ସୁଯୋଗ ଲାଭ କରିବେ । ୧୫ ବର୍ଷରୁ ୨୯ ବର୍ଷ ମଧ୍ୟରେ ଥିବା ଯୁବ ପ୍ରତିଭାଧାରୀମାନେ ଏହି ଅବସରରେ କବିତା, ଗଳ୍ପ, ହାସ୍ୟ ଅଭିନୟ, ଚିତ୍ରକଳା, ନୃତ୍ୟ, ଏକକ ଅଭିନୟ, ସଙ୍ଗୀତ କଳା ପରିବେଷଣ କରିବେ ।

ଏହି ବୟସ ବର୍ଗ ମଧ୍ୟରେ ଆସୁଥିବା ଯୁବ ସୃଜନାଶିଳ୍ପୀମାନେ ସେମାନଙ୍କ କଳା ସଙ୍ଗୀତ ଅନୁଷ୍ଠାନ କିମ୍ବା ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷଙ୍କ ସୁପାରିଶ ପତ୍ର ମାଧ୍ୟମରେ ଯୋଗଦାନ କରି ପାରିବେ । ବିଶେଷକରି ଦଳଗତ ଇଭେଣ୍ଟକୁ ଅଗ୍ରାଧିକାର ଦିଆଯିବ ବୋଲି ସିମ୍ଫୋନିର ମୁଖ୍ୟ କାର୍ଯ୍ୟନିରବାହୀ ଡ଼ ହିମାଂଶୁ ପରିଡା ଜଣାଇଛନ୍ତି । ଅଂଶଗ୍ରହଣକାରୀ ସମସ୍ତଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯିବ । ଏତଦ ବ୍ୟତୀତ ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ ଜିଲ୍ଲାରୁ କୃତିତ୍ୱ ହାସଲ କରି ଥିବା ସମସ୍ତ ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ପ୍ରସ୍ତୁତି ବୈଠକରେ ପ୍ରଥମେ ସଂଯୋଜକ ସ୍ୱପ୍ନାଂଶୁ କୁମାର ଦାସ ସ୍ୱାଗତ୍ ଭାଷଣ, ସମ୍ପାଦକ ଡ. ବିନାୟକ ପ୍ରସାଦ ପ୍ରଧାନ ପ୍ରାରମ୍ଭିକ ସୂଚନା ଓ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସଭାପତି ନବ ଜ୍ୟୋତି ରାୟ ପରାମର୍ଶ କ୍ରମେ ଏହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପର୍ଣ୍ଣ କରିବା ପାଇଁ ଚାରିଜଣ କାର୍ଯ୍ୟକ୍ରମ ସଂଯୋଜକ ସର୍ବଶୀ ଡ. ଗିରିଜା କାନ୍ତ ଦାସ, ଡ, ଆଶୁତୋଷ ରାଉତ, ଜୟଶ୍ରୀ ଦାସ , ଦିବ୍ୟ ରଞ୍ଜନ ବେହେରା ଏବଂ ସେମାନଙ୍କୁ ସହାୟତା ନିମନ୍ତେ ସହ ସଂଯୋଜ ଭାବେ ଗୋଲାପ ରାଉତ, ଲିଜକ୍ଷ ପଣ୍ଡା,ସିନୁଲତା ଦାସଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଉପସ୍ଥିତ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ଼ ସୁକାନ୍ତ କୁମାର ପ୍ରଧାନ, ଭଗବାନ ଜେନା,ଦିଲ୍ଲୀପ କୁମାର ସ୍ୱାଇଁ, ଗୌତମ ଚନ୍ଦ୍ର ଜେନା, ପବିତ୍ର କୁମାର ସାହୁ, କେମ୍ ସମ୍ପାଦକ ମହମ୍ମଦ ଜାହିଦ ଖାଁ, କବି ଶୁଭ୍ରାଂଶୁ କୁମାର ଦାସ, ନୃସିଂହ ତ୍ରିପାଠୀ, କୈଳାସ ଚନ୍ଦ୍ର ମହାନ୍ତି, ସୂର୍ଯ୍ୟକାନ୍ତ ମହାନ୍ତି, ଶାନ୍ତନୁ ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସର୍ବଶେଷରେ କୋଷାଧ୍ୟକ୍ଷ ବଂଶୀଧର ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଅଷ୍ଟଶମ୍ଭୁ ସଂସ୍କୃତ ବିଦ୍ୟାପୀଠରେ ଗୀତା ଜୟନ୍ତୀ



**ରାଜନଗର, ୧୩।୧୨ (ସଂଚାର ବ୍ୟୁରୋ) :** ରାଜନଗର ବ୍ଲକ କୁରୁଂଟି ପଞ୍ଚାୟତ ଚନ୍ଦ୍ରଶୀଖରସ୍ଥିତ ଅଷ୍ଟଶମ୍ଭୁ ସଂସ୍କୃତ ବିଦ୍ୟାପୀଠରେ ପବିତ୍ର ଗୀତାଜୟନ୍ତୀ ଅବସରରେ ଗୀତାଜ୍ଞାନ ଯଜ୍ଞ ଓ ପାରାୟଣ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ପଣ୍ଡିତ କୃଷ୍ଣଚନ୍ଦ୍ର ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପଣ୍ଡିତ ଗୋପିନାଥ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରାଧ୍ୟାପକ ରାଜକିଶୋର ପାଣି ବେଦମନ୍ତ୍ର ପାଠ କରିଥିଲେ। ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଷ୍ଟଶମ୍ଭୁ ସଂସ୍କୃତ ବିଦ୍ୟାପୀଠ, ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟ, ଲକ୍ଷ୍ମୀ ନାରାୟଣ ସଂସ୍କୃତ ବିଦ୍ୟାଳୟ ଓ ସତ୍ୟ ଶିବ ସୁନ୍ଦର ସଂସ୍କୃତ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଶ୍ରୀମଦ୍ ଭାଗବତ ଗୀତାର ପ୍ରଥମ ରୁ ଅଷ୍ଟାଦଶ ଅଧ୍ୟାୟ ପର୍ଯ୍ୟନ୍ତ ପାରାୟଣ କରିଥିଲେ। ପଣ୍ଡିତ ରତ୍ନାକର ଦାଶ, ପଣ୍ଡିତ ଶରତ ଚନ୍ଦ୍ର ରାଉତ, ପଣ୍ଡିତ ନାରାୟଣ ପ୍ରଧାନ, ପଣ୍ଡିତ ବରଦାକାନ୍ତ ଜେନା, ପଣ୍ଡିତ ବଳରାମ ବାଗ, ଶିକ୍ଷକ ଘନଶ୍ୟାମ ପରିଡ଼ା, ନଳିନୀକାନ୍ତ କର, ଅନିରୁଦ୍ଧ ପ୍ରଧାନ, ପ୍ରାଧ୍ୟାପକ ପ୍ରଦୀପ କୁମାର ପାଲ, ବିଶ୍ୱମ୍ଭର ତ୍ରିପାଠୀ ପ୍ରମୁଖ ଯୋଗଦେଇ ପାରାୟଣ କରିବା ସହ ଗୀତାଜ୍ଞାନ ଯଜ୍ଞ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଶ୍ୱନାଥ ରାଉତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜିବୀ ଏବଂ ସାଧାରଣ ଲୋକମାନେ ଅଂଶଗ୍ରହଣ କରିଥିଲେ।

# ଜିଲ୍ଲାରେ ଆଳୁଚାଷ ପ୍ରତି ଆଗ୍ରହ କମୁଛି

**କେନ୍ଦ୍ରାପଡ଼ା, ୧୩।୧୨ (ସଂଚାର ବ୍ୟୁରୋ) :** ଆଳୁ ଚାଷର ହବ୍ କହିଲେ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର, ମାର୍ଶାଘାଇ, ଡେରାବିଶ, ମହାକାଳପଡା ବ୍ଲକ୍‌କୁ ବୁଝାଏ। ଏହି ବ୍ଲକ ଅଞ୍ଚଳ ଥିବା ପଦ୍ମପୁର, ବେଢ଼ାରୀ, ପାଟକୁରା, ବଟିରା, ଆଖୁଆ, ରାମଚନ୍ଦ୍ରପୁର, ମେହେନ୍ଦ୍ରିନଗର, କରିଲୋପାଟଣା, ତିଖିରୀ ପଞ୍ଚାୟତ ସହ ଅନ୍ୟ ପଞ୍ଚାୟତରେ ମଧ୍ୟ ଆଳୁ ଚାଷ କରାଯାଏ। ଏହି ଅଞ୍ଚଳରେ ପ୍ରତିବର୍ଷ ବନ୍ୟାଜଳ ପ୍ରବେଶ କରି ମାଟିରେ ପଟୁ ପଡ଼େ ଶୀତ ଦିନେ ଆଳୁଚାଷ ପାଇଁ ଚାଷୀମାନେ ଆଗ୍ରହ ପ୍ରକାଶ କରୁଥିଲେ । ହେଲେ ବିଭିନ୍ନ କାରଣରୁ ଚଳିତବର୍ଷ ଚାଷୀମାନଙ୍କ ମଧ୍ୟରେ ସେହି ଆଗ୍ରହ ପରିଲକ୍ଷିତ ହେଉ ନାହିଁ।

ଏହି ସବୁ ବ୍ଲକ୍‌ର ଉଦ୍ୟାନ ବିଭାଗ କାର୍ଯ୍ୟାଳୟକୁ ଏକ ମାସ ପୂର୍ବରୁ ଆସିଥିବା ଆଳୁ ବିହନର ସିଂହ ଭାଗ ବାତ୍ୟା 'ଦାନା' ସମୟରେ ବିକ୍ରି ହୋଇଥିଲା। ଏବେ କିଛି ଦିନ ତଳେ ଆସିଥିବା ବିହନ କାର୍ଯ୍ୟାଳୟରେ ଗଦା ହୋଇ ରହିଛି । ହେଲେ ଆଳୁ ରଖିବାକୁ ଏଠାରେ ଶୀତଳଭଣ୍ଡାର ନଥିବା, ଜଳସେଚନ, ବିଦ୍ୟୁତ୍ ଆଦି ସମସ୍ୟା ନେଇ ଅଞ୍ଚଳର ଚାଷୀମାନଙ୍କ ମଧ୍ୟରେ ସେତେଟା ଆଗ୍ରହ ପ୍ରକାଶ ପାଉ ନାହିଁ। କାରଣ ଜିଲ୍ଲାରେ ଶୀତଳଭଣ୍ଡାର ନାହିଁ ଯାହା ଫଳରେ ଚାଷ କରୁଥିବା ଚାଷୀ ଅମଳ ଆଳୁକୁ ଗଚ୍ଛିତ ରଖିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହା ପାଇଁ ଅମଳ କରୁଥିବା ଆଳୁକୁ ଶେଷରେ ଶାଗମାଛ ଦରରେ



ରଖିବାକୁ ନାହିଁ ଶୀତଳ ଭଣ୍ଡାର

ବିକ୍ରି ହୋଇଯାଇଛି। କିଛିବର୍ଷ ପୂର୍ବେ ଜିଲ୍ଲାର ଥିବା ଶ୍ୟାମସୁନ୍ଦରପୁରରେ ଥିବା କୋଲ୍ଡଷ୍ଟୋରରେ ଚାଷୀ ଆଳୁ ରଖୁଥିଲେ କିନ୍ତୁ ଖର୍ଚ୍ଚ ଅଧିକ ହେବାରୁ ତାହା ମଧ୍ୟ ବନ୍ଦ ହୋଇଗଲା । କୌଣସି ସୁବିଧା ନଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲାର ଆଳୁ ଚାଷୀ ଏବେ ବିଲ ମୁଣ୍ଡରେ ଦଲାଲଙ୍କୁ ବାଧ୍ୟ ହୋଇ ପ୍ରତିବର୍ଷ କମ୍ ଟଙ୍କାରେ ବିକ୍ରି କରୁଛନ୍ତି । ଏନେଇ ଜିଲ୍ଲାର କିଛି ଚାଷୀ କହିଛନ୍ତି, ସରକାରୀ ବିହନ ଆଣି ହଇରାଣ ବି ହେଉଛୁ ଆଗରୁ ଲିଫ୍ଟ ପଏଣ୍ଟ ଥିଲା ସେଗୁଡ଼ିକ ଭାଙ୍ଗିଯିବା ସେଥିରେ ବିଦ୍ୟୁତ୍ ସଂଯୋଗ ନରହିବା କାରଣରୁ ପାଣି ଚାଷ ଜମିରେ ମିଳିପାରୁନାହିଁ। ବ୍ୟକ୍ତିଗତ ଭାବେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ବୋରିଂ ଖୋଳି ପାଣି ବାହାର କରୁଥିଲେ ମଧ୍ୟ ଚାଷ ଜମି ପାଇଁ ଉପଯୋଗୀ ହୋଇପାରୁନାହିଁ କାରଣ ଅଧିକାଂଶ ଲୁଣି ପାଣି ଦେଖା ଦେଉଛି। ଅନ୍ୟପଟେ ବିଦ୍ୟୁତ୍ ବିଲ୍ ମଧ୍ୟ ଦେବା ସମ୍ଭବ ହେଉ ନାହିଁ । ଷଣ୍ଢଙ୍କ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଉଥିବା ଦେଖା ଦେଉଛି । ସମସ୍ତ ଅସୁବିଧା ଯୋଗୁଁ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ନାହିଁ ତଥାପି ଚାଷୀ କେବଳ ନିଜର ଘର ପାଇଁ କେବଳ ଏକ ଗୁଣ୍ଠ କି ଦୁଇ ଗୁଣ୍ଠ ରେ ସୀମିତ ରହୁଛନ୍ତି ।

ଗରଦପୁର ଅଞ୍ଚଳର ଚାଷୀ ଲକ୍ଷ୍ମୀଧର ପରିଡ଼ା କହିଛନ୍ତି, ବାପାଙ୍କ ଅମଳରୁ ଏହି ବିଲାତି ଆଳୁଚାଷ ହେଉଥିଲା। ୩୦ ବର୍ଷ ହେଲା ମୁଁ ଆଳୁ ଚାଷ କରିଆସୁଛି ଅମଳ ଆଳୁକୁ ପୂର୍ବରୁ କେନ୍ଦ୍ରାପଡ଼ା ଶ୍ୟାମସୁନ୍ଦରପୁର ଶୀତଳ ଭଣ୍ଡାରରେ ଆଳୁ ରଖୁଥିଲେ। ଶସ୍ତାରେ ଆଳୁ ପାଉଥିଲୁ। ଏହାର କିଛି ବର୍ଷ ପରେ ଶୀତଳଭଣ୍ଡାର ସମ୍ପୂର୍ଣ୍ଣ ବନ୍ଦ୍ ହୋଇଗଲା ଏବେ ଅଧିକ ଆଳୁ ଚାଷ ଓ ତାହାର ଅମଳ ଖୋଜିଲେ କେମିତି ହେବ ବୋଲି ସେ ଦୁଃଖର ସହ କହିଛନ୍ତି।

ଏ ସଂପର୍କରେ ଉଦ୍ୟାନ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ, ଆଳୁଚାଷ ପ୍ରତି ଲୋକଙ୍କ ଆଗ୍ରହ ସୃଷ୍ଟି ନିମନ୍ତେ ଗାଁ ଗାଁରେ ବୈଠକ ଅନୁଷ୍ଠିତ ହୋଇଛି ଜଣେ ଚାଷୀଙ୍କୁ ସର୍ବନିମ୍ନ ୧.୫ କୁଇଣ୍ଟାଲ୍ ବିହନ କେଜି ପ୍ରତି ୨୦ ଟଙ୍କା ଦରରେ ଯୋଗାଇ ଦେଉଛୁ। ପରେ ଆଳୁ କିଆରିରେ ଫଟୋ ଅପଲୋଡ୍ କଲେ ୧୦ ଟଙ୍କା ହିସାବରେ ଅନ୍‌ଲାଇନ୍‌ରେ ଫେରସ୍ତ ହେବ। ଚଳିତବର୍ଷ ୭୦ ହେକ୍ଟର ଜମିରେ ଆଳୁଚାଷ ପାଇଁ ଯୋଜନା ରହିଛି। ପ୍ରଥମ ପର୍ଯ୍ୟାୟରେ ୩୦ ହେକ୍ଟର ପାଇଁ ବିହନ ଯୋଗାଇ ଦିଆଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ବିହନ କିଛି ଦିନ ଦିନ ହେଲା ଆସିଛି। ଏହାକୁ ଚାଷୀ ନେଉଛନ୍ତି ବୋଲି ସେ କହିଛନ୍ତି ।

# ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କକୁ ନେଇ ରାଜନୀତି

**ଭୁବନେଶ୍ୱର,୧୩।୧୨(ସଂଚାର ବ୍ୟୁରୋ):** ସାଧାରଣ ନିର୍ବାଚନ ପୂର୍ବରୁ ରାସ୍ତା ତିଆରି ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା। ହେଲେ ଆଜି ଯାଏଁ କାମ ନାଁରେ କେବଳ ବଡ଼ ବଡ଼ ଫଳକ ଦେଖାଯାଉଛି । ଗୋଟିଏ ବି ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇନାହିଁ। ରାସ୍ତା ସାରା ଯୁଆଡ଼େ ଦେଖିଲେ ବଡ଼ ବଡ଼ ପଥର ଦେଖାଯାଉଛି । ଫଳରେ ଯିବା ଆସିବାରେ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା କାମରେ କାହିଁକି ଏପରି ଅନିୟମିତତା ଦେଖାଯାଉଛି ତାର ଉତ୍ତର ଗ୍ରାମ୍ୟ ଉନ୍ନୟନ ବିଭାଗ ପାଖରେ ବି ନାହିଁ ।

ରାସ୍ତା ସାରା ପଥର ପଡ଼ିଛି। ଧୂଳି କଥା ନକହିବା ଭଲ। ଗାଡ଼ିମଟର ତ ଦୂରର କଥା ପାଦରେ ଚାଲିକି ଯିବାକୁ ଭୟ ଲାଗୁଛି । ଗଞ୍ଜାମ ଆସିକା ବ୍ଲକର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ଲାଗି ନିର୍ବାଚନ ପୂର୍ବରୁ ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା । ନଡ଼ା ଠାରୁ ବାବନପୁର ୫ କି.ମି ରାସ୍ତା ପାଇଁ ୩ କୋଟି ୨୦ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି । ଚଳିତ ବର୍ଷ ଅଗଷ୍ଟ ଓ ସେପ୍ଟେମ୍ବର ଶେଷ ସୁଦ୍ଧା କାମ ସାରିବାକୁ କୁହାଯାଇଥିଲା । କିନ୍ତୁ କେଉଁଠି ଆଜି ଯାଏଁ କାମ ଆରମ୍ଭ ହୋଇନି ତ ଆଉ କେଉଁଠି କାମ ଅଧପନ୍ତରିଆ ହୋଇ ପଡ଼ିରହିଛି । ଫଳରେ ଯାତାୟତ କରିବା ଅସମ୍ଭବ ହୋଇପଡ଼ିଛି ।

ସେହିଭଳି ବାଲିସରା ଠାରୁ ଖଣ୍ଡରାବଳୀ ପର୍ଯ୍ୟନ୍ତ ୬କିମି ରାସ୍ତା ପାଇଁ ୪ କୋଟି ୧୯ ଲକ୍ଷ ବ୍ୟୟ ବରାଦ କରାଯାଇଛି। ଏଠି ବି ଅଧାରେ ଅଟକିଛି କାମ। ଅଶୁରାଇପଲ୍ଲୀ ଠାରୁ ହନୁମନ୍ତପଲ୍ଲୀ ପର୍ଯ୍ୟନ୍ତ ୫କିମି ରାସ୍ତା ପାଇଁ ୩କୋଟି ୬୮ଲକ୍ଷ ୨୦ହଜାର ବ୍ୟୟ ଅଟକଳ କରାଯାଇଛି। ହେଲେ ରାସ୍ତାର ୩୦ଭାଗ କାମ ବି ଶେଷ ହୋଇନାହିଁ। ଗୁଣ୍ଠପୋଡ଼ା-ଝରପାରି ରାସ୍ତାର ବି ସମାନ ଅବସ୍ଥା । ପ୍ରତିଦିନ ଏହି ରାସ୍ତାରେ ଯାତାୟତ କରୁଥିବା ହଜାର ହଜାର ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। କିନ୍ତୁ କାମ ଅଧାରେ ପକାଇଥିବା ଠିକା ସଂସ୍ଥା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ସେପଟେ ନିର୍ବାଚନ ପାଇଁ ପୂର୍ବ ସରକାରଙ୍କ ତରବରିଆ ଭିତ୍ତିପ୍ରସ୍ତର ସ୍ଥାପନ ଯୋଗୁଁ ସମସ୍ୟା ଦେଖାଦେଇଥିବା କହିଛନ୍ତି ଆସିକା ବିଧାୟକ। ତୁରନ୍ତ ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ ଦାବି କରାଯାଇଛି ।



## ୧୪ରୁ ମୁଖ୍ୟ ସଚିବମାନଙ୍କ ଜାତୀୟ ସମ୍ମିଳନୀରେ ଅଧ୍ୟକ୍ଷତା କରିବେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ୧୩।୧୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡିସେମ୍ବର ୧୪ ଓ ୧୫ ତାରିଖରେ ନୂଆଦିଲ୍ଲୀରେ ଦେଶର ମୁଖ୍ୟ ସଚିବମାନଙ୍କ ଚତୁର୍ଥ ଜାତୀୟ ସମ୍ମିଳନୀରେ ଅଧ୍ୟକ୍ଷତା କରିବେ । ଉଭୟ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସୁସମ୍ପର୍କ ସ୍ଥାପନ ଲାଗି ଏହି ସମ୍ମିଳନୀ କାମ ଦେବ ବୋଲି କୁହାଯାଉଛି । ସଂଘୀୟ ବ୍ୟବସ୍ଥାକୁ ମଜଭୁତ କରିବା ଲାଗି ଏହା ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ବୋଲି ବିବେଚନା କରାଯାଏ । ଗତ ତିନି ବର୍ଷ ଧରି ଏହି ବାର୍ଷିକ ସମ୍ମିଳନୀ ଆୟୋଜିତ ହୋଇଆସୁଛି। ଧର୍ମଶାଳାରେ ଜୁନ ୨୦୨୨ରେ ପ୍ରଥମକରି ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା । ପରେ ଜାନୁୟାରୀ ୨୦୨୩ ଓ ଡିସେମ୍ବର ୨୦୨୩ରେ ନୂଆଦିଲ୍ଲୀରେ ଏହା ଅନୁଷ୍ଠିତ ହୋଇଥିଲା । ୧୩ ଡିସେମ୍ବରରୁ ୧୫ ଡିସେମ୍ବର ଯାଏ ଆୟୋଜିତ ହେଉଥିବା ଏହି ତିନି ଦିନିଆ ସମ୍ମିଳନୀ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଏକକ ବିକାଶ ଏଜେଣ୍ଡା ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି କୁହାଯାଉଛି । ଉଭୟ ଗ୍ରାମାଂଚଳ ଓ ସହରାଂଚଳରେ ଉଦ୍ୟୋଗିତା ବିକାଶ, ଦକ୍ଷତା ବୃଦ୍ଧି ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା କ୍ଷେତ୍ରରେ ଏହା ସହାୟକ ହେବ ବୋଲି ମତପ୍ରକାଶ ପାଇଛି ।

## ଟ୍ୱିନ୍ ସିଟି କ୍ରାଇମ୍

## 'କଟୁରି ଗ୍ୟାଙ୍ଗର' ତିନି ଆସାମୀଙ୍କୁ ଜେଲ



**ଭୁବନେଶ୍ୱର,୧୩।୧୨(ସଂଚାର ବ୍ୟୁରୋ):** ଆଜି ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୫ ର ବିଚାରପତି ଶ୍ରୀମତୀ ଇତିଶ୍ରୀ ମହାପାତ୍ର ଚଳିତବର୍ଷ ଜୁଲାଇ ମାସରେ ଏୟାରପୋର୍ଟ ଥାନା ଅଞ୍ଚଳରେ ଘଟିଥିବା ଏକ ଛିନତାଇ ମାମଲାର ବିଚାର କରି ଆସାମୀ ଗଣେଶ ପୃର୍ତି, ଶଙ୍କର ଦାସଙ୍କ ଓ ଏସ୍ କେ ନିୟାମତଙ୍କୁ ସଜା ଶୁଣାଇଛନ୍ତି । ଚଳିତ ବର୍ଷ ତା.୦୧.୦୭.୨୦୨୪ ରିଖରୁ ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହୋଇଥିଲା ଓ ଉକ୍ତ ମାମଲାଟି ତା.୦୮.୦୭.୨୦୨୪ ରିଖରେ ଭାରତୀୟ ନ୍ୟାୟ ସଂହିତା ଧାରାରେ ପଞ୍ଜୀକୃତ ହୋଇଥିଲା। ମାମଲା ପଞ୍ଜୀକୃତର ପ୍ରାୟ ୫ ମାସ ମଧ୍ୟରେ ଦଣ୍ଡାଧାନ ପ୍ରକାଶ ପାଇଛି । ସୂଚନା ଅନୁଯାୟୀ ଅଭିଯୋଗକାରୀ ପୁଷ୍ପଲତା ନାୟକ ନିଜ ନଣନ୍ଦଙ୍କ ସହିତ ଗତ ତା.୦୮.୦୭.୨୦୨୪ ରିଖ ସକାଳ ୫.୦୦ ସମୟରେ ଭୁବନେଶ୍ୱର ପଳାସପଲ୍ଲୀ ସ୍ଥିତ ବିଡିଏ ପାର୍କରେ ପ୍ରାତଃଭ୍ରମଣ କରୁଥିଲେ। ଏହି ସମୟରେ ୩ଜଣ ଅଜଣା ଯୁବକ ବାଇକ ଯୋଗେ ସେମାନଙ୍କ ନିକଟକୁ ଆସି କଟୁରୀ ଦେଖାଇ ହତ୍ୟା ଧମକ ଦେଇ ସେମାନଙ୍କ ପାଖରୁ ସୁନାର ଚେନ, ଛଡାଇ ନେଇଥିଲେ। ଏନେଇ ଅଭିଯୋଗକାରୀ ଏୟାରପୋର୍ଟ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ଏୟାରପୋର୍ଟ ଥାନା କେସ ନଂ-୧୮୯/୨୦୨୪, ଦଫା- ୩୦୯(୪)/୩(୫) ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ, ମାମଲାର ତଦନ୍ତ ଦାୟିତ୍ୱ ତତ୍କାଳିନ ଏସଆଇ ଶ୍ରୀ ସତ୍ୟନାରାୟଣ ବାରିକଙ୍କୁ ହସ୍ତାନ୍ତର କରାଯାଇଥିଲା । ତଦନ୍ତକାରୀ ଅଫିସର ଶ୍ରୀ ବାରିକ ଉପରୋକ୍ତ ମାମଲାକୁ ସଠିକ ଭାବେ ତଦନ୍ତ କରିବା ସହିତ ଆସାମୀ ମାନଙ୍କୁ ଖୁବଶୀଘ୍ର ଗିରଫ କରିବାରେ ସକ୍ଷମ ହୋଇଥିଲେ । ଚୋରି ଜିନିଷକୁ ଉଦ୍ଧାର କରି ଅଭିଯୋଗକାରୀଙ୍କ ଜିମାରେ ଦେଇଥିଲେ ଓ ନିର୍ଦ୍ଧାରିତ ସମୟ ପୂର୍ବରୁ ଆସାମୀମାନଙ୍କ ବିରୁଦ୍ଧରେ ଅଦାଲତରେ ଚାର୍ଜ ସିଟ୍ ଦାଖଲ କରିଥିଲେ । ଉପରୋକ୍ତ ମାମଲାର ବିଚାର କରି ମାନ୍ୟବର ଅଦାଲତ ସାକ୍ଷୀ ଓ ପ୍ରମାଣ ଦସ୍ତାବିଜ ଗୁଡିକୁ ଆଧାର କରି ଆସାମୀ ଗଣେଶ ପୃର୍ତି, ଶଙ୍କର ଦାସଙ୍କ ଓ ଏସ୍ କେ ନିୟାମତଙ୍କୁ ୧୮ ମାସର କାରାଦଣ୍ଡାଦେଶ ଓ ୧୦୦୦ ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି ଓ ଜୋରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୪ ମାସ କାରାଦଣ୍ଡାଦେଶ ଭୋଗିବା ଲାଗି ଆଦେଶ ଶୁଣାଇଛନ୍ତି । ଏହି ମାମଲାକୁ ସରକାରଙ୍କ ତରଫରୁ ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ଶ୍ରୀ ନିରଞ୍ଜନ ବେହେରା ପରିଚାଳନା କରିଥିଲେ । ପେଶାଦାର ଅପରାଧୀ ଆସାମୀ ଗଣେଶ ପୃର୍ତି ନାମରେ ୫୦ ରୁ ଉର୍ଦ୍ଧ୍ୱ ମାମଲା ଥିବା ବେଳେ , ଶଙ୍କର ଦାସଙ୍କ ନାମରେ ୩୦ ରୁ ଉର୍ଦ୍ଧ୍ୱ ଓ ଏସ୍ କେ ନିୟାମତ ନାମରେ ୨୦ ରୁ ଉର୍ଦ୍ଧ୍ୱ ମାମଲା ରହିଛି । ଏମାନେ କଟୁରି ଗ୍ୟାଙ୍ଗ ନାମରେ କୁଖ୍ୟାତ ଅପରାଧୀ ଓ ସାଧାରଣତଃ ଶଖାଳ ସମୟରେ ମହିଳା ମାନଙ୍କୁ କଟୁରି ଦେଖାଇ ସୁନା ଚେନ ଲୁଟ କରିଥାନ୍ତି ଏଠାରେ ଉଲ୍ଲେଖଯୋଗ୍ୟ ଯେ ଚଳିତ ବର୍ଷ ଜୁଲାଇ ମାସରୁ ସର୍ବ ଭାରତରେ ଲାଗୁ ହୋଇଥିବା ଭାରତୀୟ ନ୍ୟାୟ ସଂହିତା ଧାରାରେ ଏହି ମାମଲାଟି ଭୁବନେଶ୍ୱର ସହରାଞ୍ଚଳ ପୁଲିସର ପ୍ରଥମ ଦଣ୍ଡାଦେଶ। ସୂଚନାଯୋଗ୍ୟ ଯେ, ଗତବର୍ଷ ସମୁଦାୟ ୮୨ଟି ମାମଲାରେ ଦୋଷୀ ମାନଙ୍କୁ ସଜା ଦିଆଯାଇ ସାରିଥିବା ବେଳେ ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ତରଫରୁ ଚଳିତ ବର୍ଷ ଏଯାବତ ୯୦ ଟି ମାମଲାରେ ଦୋଷୀଙ୍କୁ ସଜା ହୋଇସାରିଛି ।

## ରାସ୍ତାରୁ ମୋବାଇଲ ଝାମ୍ପି ନେଇ ବନ୍ଧାହେଲେ



**ଭୁବନେଶ୍ୱର,୧୩।୧୨(ସଂଚାର ବ୍ୟୁରୋ):** ଅଭିଯୋଗକାରୀ ଜୀବନାଥ ପ୍ରଧାନଙ୍କର ଏତଲା ଆଧାରରେ ନୟାପଲ୍ଲୀଥାନା ପୁଲିସ Nayapalli P.S Case No. 736, Dtd. 12.12.2024, U/s- 303(2) BNS. ମାମଲା ରୁଜୁ କରିବା ସହ ଏହାର ତଦନ୍ତ କରି ସମ୍ପୃକ୍ତ ଥିବା ଅଭିଯୋଗରେ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ କାଲି ତା ୧୨.୧୨.୨୦୨୪ ରିଖ ସକାଳ ୯.୪୫ ସମୟରେ ଅଭିଯୋଗକାରୀ ନିଜ ବନ୍ଧୁଙ୍କ ସହିତ ଜୟଦେବ ବିହାର ବସ ଷ୍ଟାଣ୍ଡ ନିକଟରେ ବସକୁ ଅପେକ୍ଷା କରୁଥିଲେ । ସେହି ସମୟରେ ନିମ୍ନୋକ୍ତ ଅଭିଯୁକ୍ତ ସୁଯୋଗ ଦେଖି ଜୀବନାଥ ଙ୍କ ମୋବାଇଲ ଫୋନଟିକୁ ଚୋରୀ କରି ନେଇଯାଇଥିଲେ । ଚୋରୀ ବିଷୟରେ ଜାଣିବା ପରେ ଅଭିଯୋଗକାରୀ ଏନେଇ ନୟାପଲ୍ଲୀ ଥାନା ରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ କରିବା ସହିତ ନିମ୍ନୋକ୍ତ ଅଭିଯୁକ୍ତ କୁ କାବୁ କରିବାରେ ସକ୍ଷମ ହୋଇଥିଲେ ଓ ତାଙ୍କ ହେପାଜତରୁ ଚୋରି ମୋବାଇଲ ଫୋନ ଜବତ କରିଥିଲେ। ପଚରା ଉଚରା ବେଳେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲେ ।

## ପେଷାଦାର ମୋବାଇଲ ଚୋର ଗିରଫ



**ଭୁବନେଶ୍ୱର,୧୩।୧୨(ସଂଚାର ବ୍ୟୁରୋ):** ଅଭିଯୋଗକାରୀ ମୁନେଶ ଜେନାଙ୍କ ର ଏତଲା ଆଧାରରେ ନୟାପଲ୍ଲୀ ଥାନା ପୁଲିସ Nayapalli P.S Case No.737, Dtd.12.12.2024, U/s-305(a) BNS ମାମଲା ରୁଜୁ କରିବା ସହ ଏହାର ତଦନ୍ତ କରି ସମ୍ପୃକ୍ତ ଥିବା ଅଭିଯୋଗରେ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ,ଗତ କାଲି ତା ୧୨.୧୨.୨୦୨୪ ରିଖ ଅପରାହ୍ନ ରେ ନିମ୍ନୋକ୍ତ ଅଭିଯୁକ୍ତ ଜଣକ ସୁଯୋଗ ଦେଖି ଏକାମ୍ର କାନନ ପାର୍କ ନିକଟରେ ଥିବା ଅଭିଯୋଗକାରୀ ଙ୍କ ଘରେ ପଶିଥିଲେ ଓ ସେଠାରୁ ଏକ ମୋବାଇଲ ଫୋନ ଚୋରି କରି ନେଇ ଯାଇଥିଲେ। ଅଭିଯୋଗକାରୀ ତାଙ୍କର ଫୋନ ଟିକୁ ପାଇନଥିବାରୁ ତାଙ୍କ ନଂ କୁ ରିଂଗ କରିଥିଲେ ଓ କେହି ଉତ୍ତର ଦେଇନଥିବାରୁ ଶେଷରେ ସେ ଚୋରି ହୋଇଥିବା ଜାଣି ପାରି ଏନେଇ ନୟାପଲ୍ଲୀ ଥାନା ରେ ଲିଖି ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ କରିବା ସହିତ ଅଭିଯୁକ୍ତ କୁ କାବୁ କରିବାରେ ସକ୍ଷମ ହୋଇଥିଲେ ଓ ତାଙ୍କ ହେପାଜତରୁ ଚୋରି ମୋବାଇଲ ଫୋନ ଜବତ ମଧ୍ୟ କରିଥିଲେ। ପଚରା ଉଚରା ବେଳେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତ ର ପୂର୍ବଚରିତ ଅପରାଧୂକ ଯାଞ୍ଚ ବେଳେ ସେ ଜଣେ ପେଷାଦାର ଅପରାଧୀ ଓ ତାଙ୍କ ନାମରେ ପୂର୍ବରୁ ନୟାପଲ୍ଲୀ ଥାନା ରେ ୬ ଟି ଅପରାଧୂକ ମାମଲା ରହିଛି।

## ତୃତୀୟ ଭାରତ-ବ୍ରିଟେନ ଆର୍ଥିକ ବଜାର ଆଲୋଚନା

**ନୂଆଦିଲ୍ଲୀ୧୩।୧୨:** ତୃତୀୟ ଭାରତ- ବ୍ରିଟେନ ଫାଇନାନ୍ସିଆଲ ମାର୍କେଟସ ଡାଏଲଗ (ଏଫଏମଡି) ୧୨ ତାରିଖରେ ଅନୁଷ୍ଠିତ ହୋଇଥିଲା ଭାରତୀୟ ଅର୍ଥ ମନ୍ତ୍ରଣାଳୟ ଏବଂ ଏଚ୍ ଏମ୍ ଟ୍ରେଜେରିର ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍ ବିଆଇ), ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ (ସେବି), ଅନ୍ତର୍ଜାତୀୟ ଆର୍ଥିକ ସେବା କେନ୍ଦ୍ର କର୍ତ୍ତୃପକ୍ଷ (ଆଇଏଫ୍ଏସସିଏ), ଭାରତୀୟ ବୀମା ନିୟାମକ ଓ ବିକାଶ ପ୍ରାଧିକରଣ (ଆଇଆରଡିଏଆଇ), ପେନସନ୍ ପାଣ୍ଠି ନିୟାମକ ଓ ବିକାଶ ପ୍ରାଧିକରଣ (ପିଏଫଆରଡିଏ) ବ୍ୟାଙ୍କ ଅଫ୍ ଇଂଲଣ୍ଡ (ବିଓଇ) ଏବଂ ଆର୍ଥିକ ଆଚରଣ ପ୍ରାଧିକରଣ (ଏଫସିଏ) ସମେତ ଭାରତୀୟ ଏବଂ ବ୍ରିଟେନ୍ ନିୟାମକ ଏଜେନ୍ସିମାନେ ଅଂଶଗ୍ରହଣ କରିଥିଲେ। ଏପ୍ରିଲ ୨୦୨୩ରେ ଶେଷ ବୈଠକ ପରଠାରୁ ହୋଇଥିବା ବିକାଶ ଉପରେ ପ୍ରତିଫଳନ ସହିତ ଏହି ଆଲୋଚନା ଆରମ୍ଭ ହୋଇଥିଲା, ଯେଉଁଥିରେ ଆର୍ଥିକ କ୍ଷେତ୍ରର ଦୃଷ୍ଟିକୋଣ ଏବଂ ରଣନୀତି ଜାରି କରିବା ପାଇଁ ଭାରତର ଉଦ୍ଦେଶ୍ୟ ଦ୍ୱାରା ଉପସ୍ଥାପିତ ସୁଯୋଗ ଏବଂ ଆର୍ଥିକ ସେବା ଅଭିବୃଦ୍ଧି ଏବଂ ପ୍ରତିଦ୍ୱନ୍ଦ୍ୱିତା ରଣନୀତି ପ୍ରକାଶ କରିବା ପାଇଁ ବ୍ରିଟେନର ପ୍ରତିବଦ୍ଧତା ଅନ୍ତର୍ଭୁକ୍ତ ଥିଲା। ଉଭୟ ପକ୍ଷ ସମନ୍ୱୟ ରକ୍ଷା ପାଇଁ କାର୍ଯ୍ୟ କରିବାକୁ ରାଜି ହୋଇଥିଲେ।



## ଚାକିରିରୁ କାଢ଼ି ଦେବାରୁ ବିଷ ପିଇଲେ ୧୦୮ ଡ୍ରାଇଭର



**କଟକ,୧୩।୧୨ (ସଂଚାର ବ୍ୟୁରୋ):** ଚାକିରିରୁ କାଢ଼ିଦେଲେ ବୋଲି ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଆତ୍ମହତ୍ୟା ଉଦ୍ୟମ । ସାମ୍ନାକୁ ଆସିଲା ଆମ୍ବୁଲାନ୍ସ କର୍ମଚାରୀଙ୍କ ଆତ୍ମହତ୍ୟା ବେଳର ଲାଇଭ ଭିଡ଼ିଓ । ୧୦୮ କର୍ମଚାରୀ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଚାକିରିରୁ କାଢ଼ି ଦେଇଥିଲେ ବୋଲି ଆତ୍ମହତ୍ୟା ଉଦ୍ୟମ କରୁଥିବା ଭିଡିଓରେ କହିଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ କଟକ ଏସିବିରେ ଭର୍ତ୍ତି ହୋଇଛନ୍ତି। ଏବେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ଆତ୍ମହତ୍ୟା ଉଦ୍ୟମ କରିଥିବା ଡ୍ରାଇଭର ଜଣଙ୍କ ହେଉଛନ୍ତି ବିଜୟ କୁମାର ପ୍ରଧାନ। ସେ ଆଠଗଡ଼ ଅଞ୍ଚଳରେ ଥିବା ୧୦୮ ଆମ୍ବୁଲାନ୍ସରେ ଡ୍ୟୁଟି କରୁଥିଲେ ।

## ସୋଆ ଆଇଏଏସ୍ ପକ୍ଷରୁ ମାର୍ଗଶିରର ମହକ କାର୍ଯ୍ୟକ୍ରମ ଉଦ୍ଯାପିତ



**ଭୁବନେଶ୍ୱର,୧୩।୧୨ (ସଂଚାର ବ୍ୟୁରୋ):** ସୋଆ ପରିଚାଳିତ ଫ୍ୟାକଲ୍ଟି ଅଫ ଏଗ୍ରିକଲଚରାଲ ସାଇନସେସ୍ (ଆଇଏଏସ୍) ସାମାଜିକ ଓ ସାଂସ୍କୃତିକ ଶାଖା 'କ୍ରିଏଟିଭୋ' ପକ୍ଷରୁ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ବାସ୍ନା ସମ୍ମିଳିତ ଅଭିନବ କାର୍ଯ୍ୟକ୍ରମ 'ମାର୍ଗଶିରର ମହକ'ର ଦ୍ୱିତୀୟ ଭାଗ ଗୁରୁବାର ଉଦ୍ଯାପିତ ହୋଇଯାଇଛି। ଏକ ସପ୍ତାହ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍ଯାପନୀ ଉତ୍ସବରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ରୀମତି ଗୀତା ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଆ ସଂସ୍କୃତି, ପରମ୍ପରାକୁ ବଜାଇ ରଖିବା ନେଇ କ୍ରିଏଟିଭୋର ଏହା ଏକ ଅନନ୍ୟ ପ୍ରୟାସ ବୋଲି ସେ କହିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ସୋଆ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ସୋଆ ପ୍ରାଣୀବିଜ୍ଞାନ ମହାବିଦ୍ୟାଳୟର ସହଯୋଗୀ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାଶ ଓ ସୋଆ ଆଇନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପ୍ରବୀର କୁମାର ପଟ୍ଟନାୟକ ଯୋଗ ଦେଇ କ୍ରିଏଟିଭୋର ଏଭଳି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ଓଡ଼ିଶାର ସଂସ୍କୃତି, ପରମ୍ପରାକୁ ରକ୍ଷା ଦିଗରେ କ୍ରିଏଟିଭୋର ଏଭଳି ଅବଦାନ ନିଶ୍ଚୟ ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ଏହି ଅବସରରେ ଶ୍ରୀମତି ଦାଶଙ୍କୁ ମାର୍ଗଶିରର ମହକ-୨୦୨୪ରେ ଚଳିତ ବର୍ଷର "ମାର୍ଗଶିରର ମହକ ସମ୍ମାନ"ରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଶ୍ରୀମତି ଗୀତା ଦାଶଙ୍କ କଣ୍ଠ ନିସୃତ ଲକ୍ଷ୍ମୀପୁରାଣ ଓ ଜଗନ୍ନାଥ ଜଣାଣରେ ଉତ୍ସବ ମୁଖରିତ ହୋଇଥିଲା।

## ସ୍ମାର୍ଟ ଇଣ୍ଡିଆ ହାକାଥନ୍‌ର ଗ୍ରାଣ୍ଡ୍ ଫାଇନାଲ୍ ଉଦ୍ଯାପିତ




**ଭୁବନେଶ୍ୱର,୧୩।୧୨(ସଂଚାର ବ୍ୟୁରୋ):** ସ୍ମାର୍ଟ ଇଣ୍ଡିଆ ହାକାଥନର ସପ୍ତମ ସଂସ୍କରଣର ଗ୍ରାଣ୍ଡ ଫାଇନାଲ୍ ଶେଷ ହୋଇଛି। ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର ଏହି କାର୍ଯ୍ୟକ୍ରମ ପାଇଁ ନୋଡାଲ୍ ଏଜେନ୍ସି ଥିଲା ଏବଂ ଆଇଆଇଟି ଭୁବନେଶ୍ୱର ଅନୁସନ୍ଧାନ ଏବଂ ଉଦ୍ୟୋଗୀ ପାର୍କ (ଆଇଆଇଟିବିବିଏସ ଆରଇପି) ଏହି ୨ ଦିନିଆ ହାକାଥନ୍ (ସଫ୍ଟୱେର୍ ସଂସ୍କରଣ) ଆୟୋଜନ କରିଥିଲା, ଯାହା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳ ମାନସିକତା ଏବଂ ସମସ୍ୟା ସମାଧାନ କ୍ଷମତାର ବିକାଶ ପାଇଁ ଉଦ୍ଦିଷ୍ଟ ଥିଲା। ୧୨ ଡିସେମ୍ବର ୨୦୨୪ ରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ବିଭିନ୍ନ ସମସ୍ୟା କ୍ଷେତ୍ରର ଶ୍ରେଷ୍ଠ ପ୍ରଦର୍ଶନକାରୀ ଦଳଙ୍କୁ ପ୍ରତ୍ୟେକ ୧ ଲକ୍ଷ ଟାଙ୍କର ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ସରକାରୀ ଯୁଗ୍ମ ସଚିବ ଶ୍ରୀ କମଲଜିତ୍ ଦାସ, ସିଏଓ, ଷ୍ଟାର୍ଟଅପ୍ ଓଡିଶା ବିଜେତାମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ, ଶିକ୍ଷା ମନ୍ତ୍ରାଳୟର ଇନୋଭେସନ୍ ସେଲ୍ ଶ୍ରୀ ଦୀପନ ସାହୁ; ଶିକ୍ଷା ମନ୍ତ୍ରାଳୟର ଇନୋଭେସନ୍ ସେଲର ଆଞ୍ଚଳିକ ସଂଯୋଜକ ଶ୍ରୀ ଶିବେନ୍ଦ୍ର ମଣି ତ୍ରିପାଠୀ ଏବଂ ଆଇଆଇଟି ଭୁବନେଶ୍ୱର ଅନୁସନ୍ଧାନ ଏବଂ ଉଦ୍ୟୋଗୀ ଉଦ୍ୟାନର ସିଇଓ ଡକ୍ଟର ଶୁଭଙ୍କର ପତି ପ୍ରମୁଖ ଉପସ୍ଥିତ ଥିଲେ।

## କିଟରେ ୫ମ କଳିଙ୍ଗ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଘାଟିତ




**ଭୁବନେଶ୍ୱର,୧୩।୧୨(ସଂଚାର ବ୍ୟୁରୋ):** କିଟ୍ ବିଶ୍ୱବିଦ୍ୟାଳୟରେ ୫ମ କଳିଙ୍ଗ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ୧୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ ଏହି ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଓଡ଼ିଶାର ସିନେ ଜଗତ ଓ କଳାକାର ଜଗତକୁ ପ୍ରେରଣା ଯୋଗାଇବ । ଆମ ସମାଜ ଉପରେ ସିନେମାର ବିଶେଷ ପ୍ରଭାବ ରହିଛି । ଏହି ମହୋତ୍ସବ ଓଡ଼ିଶା ସିନେ ଜଗତକୁ ଏକ ସମ୍ଭାବନା ଆଣି ଦେବାର ଆଶା ଓ ବିଶ୍ୱାସ ଅଛି ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ । ବିଶିଷ୍ଟ ପ୍ରଯୋଜକ ବିପୁଲ ଅମୃତଲାଲ୍ ଶାହ ଅତିଥି ଭାବେ ଯୋଗଦେଇ କହିଲେ, ଆମ ଦେଶରେ ବହୁ ପ୍ରତିଭା ଲୁକ୍‌କାୟିତ ହୋଇ ରହିଛନ୍ତି । ବିଶେଷ କରି ଓଡ଼ିଶାରେ ବହୁ ପ୍ରତିଭା ରହିଥିବା ମୁଁ ଏଠାରେ ଦେଖିବାକୁ ପାଇଲି । ସେମାନେ ମୁଖ୍ୟସ୍ରୋତକୁ ଆସି ପାରିନାହାନ୍ତି । ଏହି ଲୁକକାୟିତ କଳାକାରମାନଙ୍କୁ ସିନେ ଜଗତର ମୁଖ୍ୟସ୍ରୋତକୁ ଆଣିବା ପାଇଁ ପ୍ରୟାସ କରିବେ ବୋଲି ସେ କହିଥିଲେ । ବିଶିଷ୍ଟ ନିର୍ଦ୍ଦେଶକ ଯଦୁମଣି ଦତ୍ତା କହିଲେ, ଭଲ ଚଳଚ୍ଚିତ୍ର ଭଲ ଭାବନା ତିଆରି କରିଥାଏ । ଭଲ ସିନେମା ତିଆରି କରିବା ଏବଂ ଏ ସମ୍ପର୍କିତ ଜ୍ଞାନ ଆହରଣ କ୍ଷେତ୍ରରେ ଏଭଳି ଚଳଚ୍ଚିତ୍ର ମହୋତ୍ସବ ଏକ ଉତ୍ତମ ମଞ୍ଚ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଦୀର୍ଘ ୫ ବର୍ଷ ଧରି କିଟ୍ ପକ୍ଷରୁ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଅନୁଷ୍ଠିତ ହୋଇଆସୁଛି। ଏହି ଚଳଚ୍ଚିତ୍ର ମହୋତ୍ସବରେ ବିଭିନ୍ନ ଭାଷାଭାଷୀ ଚଳଚ୍ଚିତ୍ର ସମ୍ପର୍କରେ ସମସ୍ତେ ଜାଣିବାର ସୁଯୋଗ ମିଳିଥାଏ। ସେଥିମଧ୍ୟରେ ରହିଛି ୧୨ଟି ଫିଚର ଫିଲ୍ମ, ୧୦ଟି କ୍ଷୁଦ୍ର ଚଳଚ୍ଚିତ୍ର, ୫ଟି ପ୍ରାମାଣିକ ଚଳଚ୍ଚିତ୍ର ଓ ୧୦ଟି ଷ୍ଟୁଡେଣ୍ଟ ଫିଲ୍ମ। ଆଜି ପ୍ରଥମ ଦିନରେ ଗୁଗୁଲ୍ ମାଟ୍ରିମନି, ମୋ ବୋଉ ମୋ ଗାଁ, ବାହି ଟ୍ରେସିଂ ମାଇଁ ଆନସେଷ୍ଟରସ, ଅଣ୍ଡର ଦି ବେଡ୍, ରଚାମ୍ପା, ଶ୍ରୀକାନ୍ତ, ବାଲାଡ୍ ଅଫ୍ ଦି ମାଉଣ୍ଟେନ୍, ମଇଁ ନିଦ, ରୋଟି କୁଁ ବନାସୀ, ଅମର ଆଜ ମରେଗା, ଅସ୍ତୋରାଗ, ମୋନିହାରା, ଆତାତୁର, କାଇଟ୍ ଆଣ୍ଡ ଆଇ ଏବଂ ସାମ ବାହାଦୂର ଆଦି ୧୭ଟି ବିଭିନ୍ନ ଭାଷା ଓ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।

## ପୁଲିସ ବାହିନୀର ୬୯ତମ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଘାଟିତ



**କଟକ,୧୩।୧୨ (ସଂଚାର ବ୍ୟୁରୋ):** ରାଜ୍ୟ ପୁଲିସ ବାହିନୀର ୬୯ତମ ବୃତ୍ତିଗତ ପ୍ରତିଯୋଗିତା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଚାରି ଦିନ ଧରି ହେବାକୁ ଥିବା ଏହି ବୃତ୍ତିଗତ ପ୍ରତିଯୋଗିତା କଟକରେ ଆୟୋଜିତ ହେଉଛି। ଡିଜିପି ୱାଇବି ଖୁରାନିଆ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ତେବେ ଏହି ବୃତ୍ତିଗତ ପ୍ରତିଯୋଗିତାରେ ରାଜ୍ୟ ପୁଲିସ ବାହିନୀର ୩୭ଟି ଟିମ୍ ଭାଗ ନେଇଛନ୍ତି। ଜିଲା ପୁଲିସ, କ୍ରାଇମ୍‌ବ୍ରାଞ୍ଚ, ଜିଆର୍‌ପି, ଏସ୍‌ଟିଏଫ୍ ବିଭିନ୍ନ ସଂସ୍ଥାର ଅଧିକାରୀମାନେ ଭାଗ ନେଇଛନ୍ତି। ଅପରାଧ ତଦନ୍ତ, ସାଇଣ୍ଟିଫିକ୍ ତଦନ୍ତ, ସାଇବର ଅପରାଧ, ଆଙ୍ଗୁଳି ଛାପ, ସ୍ୱାନ୍, ଲିଫ୍‌ଟିଙ୍ଗ, ପ୍ୟାକିଂ ଆଦି ବୃତ୍ତିଗତ ସ୍ତରରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। କ୍ରାଇମ୍‌ବ୍ରାଞ୍ଚର ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତା ପରିଚାଳନା ପାଇଁ ଅଭିଜ୍ଞ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି। ଏହି ପ୍ରତିଯୋଗିତାରୁ ଗୋଟିଏ ଟିମ୍ ଚୟନ ହେବ, ଯିଏ କି ଆଗାମୀ ଦିନରେ ହେବାକୁ ଥିବା ସର୍ବଭାରତୀୟ ପୁଲିସ ଡ୍ୟୁଟି ମିଟ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। ପୁଲିସ ଡିଜି ଓ୍ୱାଇବି ଖୁରାନିଆ କହିଛନ୍ତି ଯେ, ଓଡ଼ିଶା ପୁଲିସର ମୂଳ ଲକ୍ଷ୍ୟ ହେଉଛି ଅପରାଧ ଦମନ। ବର୍ତ୍ତମାନ ସମୟରେ ପୁଲିସ କର୍ମଚାରୀଙ୍କୁ ସବୁ ଦିଗରେ ଦକ୍ଷ କରାଇବା ଓ ସେମାନଙ୍କ ମଧ୍ୟରେ ବୈଜ୍ଞାନିକ ପଦ୍ଧତିରେ ତଦନ୍ତ କରିବାର ଇଚ୍ଛାକୁ ଜାଗ୍ରତ କରିବା ପରେ ଅପରାଧ ଓ ଅପରାଧୀଙ୍କୁ ଦମନ କରିବାରେ ସଫଳ ହୋଇଛି ଓଡ଼ିଶା ପୁଲିସ। ଏହାସହ ମାଓ ଦମନ, ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଓ ଡିଜିଟାଲ ଏଭିଡେନ୍ସ ପ୍ରକ୍ରିୟାରେ ପୁଲିସ ସଫଳତା ହାସଲ କରିଛି। ଏଭଳି ପ୍ରତିଯୋଗିତା ଦ୍ୱାରା ତଦନ୍ତ କୌଶଳ ଶାଣିତ ହୋଇଥାଏ ବୋଲି ପୁଲିସ ଡିଜି କହିଛନ୍ତି। ଏବେ ଅପରାଧର ଉପାୟ ବଦଳି ଥିବାରୁ ତଦନ୍ତ ପ୍ରକ୍ରିୟା ବଦଳିବାର ଆବଶ୍ୟକତା ରହିଛି। ଅତ୍ୟାଧୁନିକ ଓ ବୈଜ୍ଞାନିକ ତଦନ୍ତ କୌଶଳକୁ ଆପଣଉଛି ଓଡ଼ିଶା ପୁଲିସ ବୋଲି କହିଛନ୍ତି ଡିଜି। ଉଦ୍‌ଯାପନୀ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ପୁଲିସ ଅଧିକାରୀମାନଙ୍କୁ ପୁରସ୍କୃତ ଓ ଟ୍ରଫି ପ୍ରଦାନ କରିବେ। ଏଥିଲାଗି ରାଜ୍ୟ ପୁଲିସ୍ ବାହିନୀ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହାସହ ଗତ ଡିଜିପି ସମ୍ମିଳନୀରେ ଆତଙ୍କବାଦୀ ପନ୍ନୁନର ଭିଡିଓ ଧମକ ଘଟଣାରେ ପୁଲିସ ଡିଜି ଓ୍ୱାଇ.ବି ଖୁରାନିଆ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଏହି ଘଟଣାର ତଦନ୍ତ ଚାଲିଛି, ଅନ୍ୟ ତଦନ୍ତକାରୀ ଏଜେନ୍ସୀର ସହଯୋଗ ନିଆଯାଉଛି। ସେହିପରି ଭୁବନେଶ୍ୱରରେ କଲ୍ ସେଣ୍ଟର ନାଁରେ ସାଇବର ଠକେଇ ଘଟଣାରେ ଜନସାଧାରଣ ଅଧିକ ସଚେତନ ହେବାର ଆବଶ୍ୟକତା ରହିଛି। ଏଭଳି ଠକେଇରୁ ଲୋକେ ଦୂରେଇ ରୁହନ୍ତୁ। ଏହି ଘଟଣାରେ ପୁଲିସ୍ ତଦନ୍ତ ଆରମ୍ଭ କରିଥିବା କହିଛନ୍ତି ଡିଜିପି ୱାଇବି ଖୁରାନିଆ।

## ଭିଡିଓ ଭାଇରାଲ୍ କରି ପ୍ରେମିକ ଗିରଫ

**ଭୁବନେଶ୍ୱର,୧୩।୧୨ (ସଂଚାର ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱରରୁ ଶୁକ୍ରବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ପ୍ରେମିକାର ଭିଡିଓ ଭାଇରାଲ କରିଥିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ପ୍ରେମିକଙ୍କୁ ଗିରଫ କରିଛି। ପୋଲିସ ସୂଚନା ମୁତାବକ, ଜଣେ ଯୁବତୀ ଏବଂ ଯୁବକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ପରେ ପ୍ରେମିକ ବିଭିନ୍ନ ପ୍ରତିଶ୍ରୁତି ଦେଇ ପ୍ରେମିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ଏହାର ଭିଡିଓ ମଧ୍ୟ ଉତ୍ତୋଳନ କରିଥିଲେ। ପରବର୍ତ୍ତୀ ସମୟରେ ସୋସିଆଲ ମିଡିଆରେ ପ୍ରେମିକାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରି ବ୍ଲାକମେଲ କରୁଥିଲେ। ଏନେଇ ପ୍ରେମିକା ଥାନାରେ ଏକ ଏତଲା ଦେଇଥିଲେ। ଅଭଯୋଗକୁ ଭିତ୍ତି କରି ପୋଲିସ ପ୍ରେମିକଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି।

## ଶିମିଳିପାଳରେ ପ୍ରବଳ ଶୀତ



**ବାରିପଦା,୧୩।୧୨ (ସଂଚାର ବ୍ୟୁରୋ):** ରାଜ୍ୟରେ ଶୀତଲହରୀ ପୁଣି ଆରମ୍ଭ ହୋଇଯାଇଛି। ଗତ ୧୦ ତାରିଖ ଠାରୁ ଏହା ଅଧିକ ଅନୁଭୂତ ହେଉଛି। ମୟୂରଭଂଜ, କୋରାପୁଟ ଓ କନ୍ଧମାଳ ଜିଲ୍ଲାର ଲୋକଙ୍କୁ ଶୀତ ଅଧିକ କଲବଲ କରୁଛି। ବଣପାହାଡ଼ ଘେରା ଅଞ୍ଚଳରେ ସ୍ଥିତି ଆହୁରି ଉଦ୍‌ବେଗଜନକ ରହିଛି। ଶିମିଳିପାଳ ଜାତୀୟ ଉଦ୍ୟାନରେ ପାରଦ ସର୍ବନିମ୍ନ ୩ ଡିଗ୍ରି ରେକର୍ଡ କରାଯାଇଛି। ଅଭୟାରଣ୍ୟର ଉପର ବାର୍‌ହାକାମୁଡ଼ାରେ ଆଜି ତାପମାତ୍ରା ୩ ଡିଗ୍ରି ରେକର୍ଡ କରାଯାଇଥିବା ଜଣାପଡ଼ିଛି। ଚହଲାରେ ତାପମାତ୍ରା ୪ ଡିଗ୍ରି, ବରେହିପାଣିରେ ୭ ଡିଗ୍ରି, ରାମତୀର୍ଥରେ ୧୦ ଡିଗ୍ରୀ, ଗୁରଗୁରିଆରେ ୭ ଡିଗ୍ରି ଓ କିଆଝରିରେ ୧୨ ଡିଗ୍ରି ରେକର୍ଡ ହୋଇଛି।

## ପିକ୍‌ନିକ୍ ଋତୁ
## ଦୃଷ୍ଟି ଦେଉ ପରିବହନ ବିଭାଗ




**ଭୁବନେଶ୍ୱର,୧୩।୧୨:** ଦୁର୍ଘଟଣା ରୋକିବାପାଇଁ ରାଜ୍ୟ ପରିବହନ ବିଭାଗ ରାଜପଥ ପାର୍ଶ୍ୱରେ ରାତିରେ ଗାଡିଚାଳକଙ୍କୁ ମାଗଣା ଚା' ବାଣ୍ଟୁଥିବାବେଳେ ଏବେ ପିକ୍‌ନିକ୍ ଋତୁରେ ବ୍ୟବସାୟିକ ଯାନ ଚଳାଚଳ ଉପରେ ନଜର ରଖିବାକୁ ମତପ୍ରକାଶ ପାଉଛି। ବିଶେଷକରି ଏହି ବ୍ୟବସାୟିକ ଯାନର ଚାଳକମାନେ କେତେ ସମୟ ଗାଡି ଚଳାଉଛନ୍ତି ତାହା ଉପରେ ନଜର ରଖାଗଲେ ଅନେକ ଦୁର୍ଘଟଣାକୁ ରୋକାଯାଇ ପାରିବ। ବର୍ତ୍ତମାନ ରାଜ୍ୟରେ ପିକ୍‌ନିକ୍ ଋତୁ ଆରମ୍ଭ ହୋଇଯାଇଥିବାରୁ ଛୋଟ ଓ ବଡ଼ ଚାରିଚକିଆନ ଯାନସବୁ ଆଗୁଆ ବୁକିଂହେବାରେ ଲାଗିଛି। ଏହି ବ୍ୟବସାୟିକ ଯାନଗୁଡିକୁ ପ୍ରାୟତଃ ଫୁରସତ୍ ନାହିଁ। ଚାଳକମାନେ କେତେ ସମୟ ଚଳାଇବେ ଓ କେତେ ସମୟ ବିଶ୍ରାମ ନେବେ ତାହାକୁ ବ୍ୟବସାୟିକ ସଂସ୍ଥା ଓ ଗାଡିମାଲିକମାନେ ଆଦୌ ଗୁରୁତ୍ୱ ଦେଉନାହାନ୍ତି। ଅର୍ଥ ଲୋଭରେ ପ୍ରାୟତଃ ସବୁଦିନେ ଗାଡି ବୁକିଂ ରଖୁଛନ୍ତି। ଏହା ଫଳରେ ଗାଡିଚାଳକମାନେ ସାମାନ୍ୟତମ ବିଶ୍ରାମ ନେବାକୁ ସମୟଟିକେ ପାଉନାହାନ୍ତି। ଗୋଟିଏ ସ୍ଥାନରୁ ଫେରିଲା ବେଳକୁ ଆଉ ଗୋଟିଏ ସ୍ଥାନକୁ ଯିବାକୁ ପଡୁଛି। ଗାଡି ମାଲିକମାନେ ଏଭଳି ଭାବେ ଭଡା ପାଇଁ ବୁକିଂ ରଖୁଛନ୍ତି ଯେ କେତେକ ଗାଡିଚାଳକ ଗାଧୋଇବା କିମ୍ବା ପୋଷାକ ବଦଳାଇବାପାଇଁ ବେଳ ପାଉନାହାନ୍ତି। କେତେକ ସ୍ଥାନରେ ଗାଡିରେ ଦେଖାଦେଉଥିବା ଛୋଟ ମୋଟ ଯାନ୍ତ୍ରିକ ସମସ୍ୟାକୁ ବି ସମୟ ଅଭାବରୁ ଅଣଦେଖା କରାଯାଉଛି। ବର୍ତ୍ତମାନେ ଅଧିକାଂଶ ସ୍ଥାନରେ ସ୍କୁଲ, କୋଚିଂସେଣ୍ଟର ଆଦିର ଛାତ୍ରଛାତ୍ରୀମାନେ ବସ୍ ଭଡାରେ ନେଇ ଦୂର ସ୍ଥାନକୁ ପିକ୍‌ନିକ୍ କରିବାକୁ ଯାଉଛନ୍ତି। ତେଣୁ ଏହିସବୁ ଯାନର ଚାଳକମାନେ କେତେ ସମୟରେ ଗାଡି ଚାଳନା କରୁଛନ୍ତି ଓ କେତେ ସମୟ ବିଶ୍ରାମ ନେଉଛନ୍ତି ପରିବହନ ବିଭାଗ ତାହା ଉପରେ ଦୃଷ୍ଟି ଦେଲେ ଅଧିକାଂଶ ଦୁର୍ଘଟଣାକୁ ରୋକାଯାଇ ପାରନ୍ତା ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଏଥି ସହିତ ଭାରିଯାନ ଚାଳକମାନେ ନିଶା ସେବନ କରୁଛନ୍ତି କି ନାହିଁ ଏବଂ ସେମାନଙ୍କର ସ୍ୱାସ୍ଥ୍ୟ କିଭଳି ରହିଛି ତାହା ମଧ୍ୟ ଯାଞ୍ଚ କରିବାକୁ ମତପ୍ରକାଶ ପାଉଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଯେଉଁ ଧନରେ ଆମେ ନିଜର ଦୈନନ୍ଦିନ ଆବଶ୍ୟକତା ପୂରଣ କରୁଛୁ ତାହା ହେଉଛି ପାର୍ଥିକ ଧନ। କିନ୍ତୁ ଯେଉଁ ଧନ ନେଇ ଆମେ ଈଶ୍ୱରଙ୍କ ନିକଟକୁ ଯିବା ତାହା ହେଉଛି ପ୍ରକୃତ ଧନ। ଈଶ୍ୱରଙ୍କୁ ପ୍ରାର୍ଥନା ଦ୍ୱାରା ଏହା ଅର୍ଜନ କରାଯାଇପାରିବ।

SANCHAR
ସଂଚାର

୪ ଶନିବାର ୧୪ ଡିସେମ୍ବର ୨୦୨୪, ଭୁବନେଶ୍ୱର
Saturday 14 December 2024 Bhubaneswar


# କୃଷକ ଆନ୍ଦୋଳନ ଅନ୍ତରାଳେ

ଭାରତରେ କୃଷକ ଆନ୍ଦୋଳନ ଏକ ନିୟମିତ ପ୍ରକ୍ରିୟାରେ ପରିଣତ ହୋଇଗଲାଣି। ପ୍ରତିବର୍ଷ ରାଜଧାନୀ ଦିଲ୍ଲୀର ପ୍ରାବେଶ ପଥକୁ କୃଷକମାନେ ଅବରୋଧ କରୁଛନ୍ତି। ଏଥିରେ ପଞ୍ଜାବ ଓ ହରିୟାନାର କଅଷକମାନେ ବେଶୀ ମାତ୍ରାରେ ସାମିଲ ହେଉଛନ୍ତି। ଏହି ଦୁଇ ରାଜ୍ୟ ଦିଲ୍ଲୀ ସୀମାକୁ ଲାଗିଛି। ତେଣୁ ସେମାନେ ଟ୍ରାକ୍ଟର ଧରି ଦିଲ୍ଲୀ ସୀମାରେ ଆସି ହାଜର ହୋଇଯାଉଛନ୍ତି। ଅନେକ ସମୟରେ ସେମାନେ ଚାଲିଚାଲି ମଧ୍ୟ ଦିଲ୍ଲୀ ସୀମାରେ ଆସି ପହଞ୍ଚି ଯାଉଛନ୍ତି। କହିବା ବାହୁଲ୍ୟ ଯେ, ଉଭୟ ପଞ୍ଜାବ ଏବଂ ହରିୟାନା ହେଉଛି କୃଷି ପ୍ରଧାନ ରାଜ୍ୟ। କେବଳ ଏହି ଦୁଇ ରାଜ୍ୟ ନୁହେଁ, ରାଜସ୍ଥାନ ଏବଂ ପଶ୍ଚିମ ୟୁପିରୁ ମଧ୍ୟ ଅନେକ ଚାଷୀ ଏହି ଆନ୍ଦୋଳନରେ ସାମିଲ ହେଉଛନ୍ତି। ସେମାନଙ୍କର ମୁଖ୍ୟଦାବି ହେଲା ଏମଏସପି ବୃଦ୍ଧି ଏବଂ ଏହାକୁ ସାମ୍ବିଧାନିକ ସ୍ୱୀକୃତି। ଦିଲ୍ଲୀ ସୀମାରେ ପୋଲିସ ସେମାନଙ୍କୁ ଅଟକାଉଛନ୍ତି। ଫଳରେ ସେମାନେ ସେହିଠାରେ ରାସ୍ତା ଉପରେ ଧାରଣାରେ ବସି ରହୁଛନ୍ତି। ୪ ବର୍ଷ ତଳେ କୃଷକମାନେ ସାଧରଣତନ୍ତ୍ର ଦିବସରେ ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହି ସମୟରେ ଦିଲ୍ଲୀରେ ଯେଉଁ ଅରାଜକତା ସୃଷ୍ଟି ହୋଇଥିଲା ତାହା ସାରା ଦେଶବାସୀଙ୍କୁ ଚକିତ କରିଥିଲା। ତେଣୁ ଏହା ପରେ କୃଷକମାନଙ୍କୁ ଆଉ ଦିଲ୍ଲୀରେ ପ୍ରବେଶ କରିବାକୁ ଅନୁମତି ଦିଆଯାଉନି। କାରଣ ଗଣତାନ୍ତ୍ରିକ ଅଧିକାର ନାମରେ ଅରାଜକତା ଗ୍ରହଣୀୟ ନୁହେଁ। ଏବେ ପୁନର୍ବାର ଦିଲ୍ଲୀରେ କୃଷକ ଆନ୍ଦୋଳନ ମୁଣ୍ଡ ଟେକିଛି। ଆନ୍ଦୋଳନ ନାମରେ ଦିଲ୍ଲୀରେ ଅନେକ ସମୟରେ ଅରାଜକତା ସୃଷ୍ଟି ହୋଇଛି। ସରକାର ଧୈର୍ଯ୍ୟର ସହ ଏହାକୁ ବରଦାସ୍ତ କରିଛନ୍ତି। ଆନ୍ଦୋଳନକାରୀ କୃଷକଙ୍କ ବିରୋଧରେ ସର୍ବନିମ୍ନ ବଳ ପ୍ରୟୋଗ କରାଯାଇଛି। କିନ୍ତୁ କୃଷକ ଆନ୍ଦୋଳନରୁ ରାଜନୈତିକ ଫାଇଦା ହାସଲ ନିମନ୍ତେ ବିରୋଧୀ ଦଳ ବରାବର ଉଦ୍ୟମ କରି ଆସୁଛନ୍ତି। ଅନେକ କୃଷକ ସଂଗଠନ ଭିନ୍ନ ଭିନ୍ନ ରାଜନୈତିକ ଦଳ ସହ ସମ୍ପୃକ୍ତ। ଅନେକ କୃଷକ ନେତା ପ୍ରତ୍ୟକ୍ଷ ବା ପରୋକ୍ଷରେ ବିଭିନ୍ନ ରାଜନୈତିକ ଦଳ ସହ ଜଡ଼ିତ। ତେଣୁ ଅନେକ ସମୟରେ କୃଷକ ଆନ୍ଦୋଳନ ଏକ ରାଜନୈତିକ ଆନ୍ଦୋଳନ ଭଳି ମନେ ହେଉଛି। ଆଉ ଯେଉଁମାନେ ରାଜଧାନୀ ଦିଲ୍ଲୀକୁ ଆସି ଧାରଣା ଦେଉଛନ୍ତି, ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଧନୀ କୃଷକ। ନିଜକୁ କୃଷକ ନେତା ଭାବେ ଦାବି କରୁଥିବା ଅନେକ ବାସ୍ତବରେ କୃଷକ ନୁହଁନ୍ତି ବା କୃଷି କାର୍ଯ୍ୟ ସହ ସେମାନଙ୍କର ସମ୍ପର୍କ ନାହିଁ। ଉଦାହରଣ ସ୍ୱରୂପ ଅତୀତରେ ଉତ୍ତର ଭାରତର ଜଣେ ଟାଣୁଆ କୃଷକ ନେତାଭାବେ ପରିଚତତ ହେଉଥିବା ମହେନ୍ଦ୍ର ସିଂହ ଟିକାୟତଙ୍କ ପୁଅ ରାକେଶ ଟିକାୟତ ଏବେ ନିଜକୁ ବଡ଼ କୃଷକ ନେତା ବୋଲି ଦାବି କରୁଛନ୍ତି। ସେ କେବେ ଚାଷ କରି ନାହାଁନ୍ତି ବା ଚାଷ କାମ ସମ୍ପର୍କରେ ତାଙ୍କର ଧାରଣା ନାହିଁ। ପୈତୃକ ସମ୍ପତ୍ତିର ଉତ୍ତରାଧିକାରୀ ଭାବେ ସେ କୃଷକ ସଂଗଠନର ନେତା ହୋଇଛନ୍ତି। ଯାହା ବି ହେଉ କୃଷକମାନଙ୍କ ଦାବି ଅନେକାଂଶରେ ଯଥାର୍ଥ ଏବଂ ଏହାକୁ ସହୃଦୟତାର ସହିତ ସରକାର ବିଚାର କରିବା ଉଚିତ। ସବୁ ଦାବି ଏକକାଳୀନ ପୂରଣ ହେବା ଅସମ୍ଭବ। କିନ୍ତୁ କୃଷକଙ୍କ ମୌଳିକ ଦାବି ପୂରଣ ଏବଂ ସମସ୍ୟା ଦୂର ପାଇଁ ସବୁ ବେଳେ ଉଦ୍ୟମ ହେବା ଉଚିତ। ପ୍ରତିବର୍ଷ କୃଷକମାନେ ନୂଆ ନୂଆ ସମସ୍ୟା ଏବଂ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ତେଣୁ କୃଷକଙ୍କ ସମସ୍ୟା ସମ୍ପର୍କରେ ସରକାର ନିୟମିତ ସମୀକ୍ଷା କରିବା ଉଚିତ। କାରଣ ଭାରତ ଏକ କୃଷି ପ୍ରଧାନ ରାଜ୍ୟ ଏବଂ ଭାରତର ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ସର୍ବାଧିକ ସଂଖ୍ୟକ ବ୍ୟକ୍ତି କୃଷି ଉପରେ ନିର୍ଭର କରି ଚଳନ୍ତି। ତେଣୁ କୃଷିକୁ ଉପେକ୍ଷା କରାଯାଇପାରିବନି। ସ୍ୱାଧୀନତା ପରେ ଭାରତର ଜନସଂଖ୍ୟା ୪ଗୁଣ ହୋଇଛି। କିନ୍ତୁ ଖାଦ୍ୟ ଉତ୍ପାଦନ ସେହି ଅନୁପାତରେ ବୃଦ୍ଧି ପାଇନି। ତା ଛଡ଼ା ଭାରତ ଅନେକ ପ୍ରକାର କୃଷିଜାତ ସାମଗ୍ରୀ ବିଦେଶକୁ ରପ୍ତାନୀ କରାଯାଉଛି। ବଳକା ସାମଗ୍ରୀ ରପ୍ତାନୀ କଲେ ନିଅଣ୍ଟିଆ ସାମଗ୍ରୀକୁ ଆମଦାନୀ କରାଯାଇପାରିବ। କୃଷିଜାତ ସାମଗ୍ରୀର ରପ୍ତାନୀ ଦ୍ୱାରା କୃଷକମାନେ ଉପକୃତ ହେଉଛନ୍ତି। କିନ୍ତୁ ଏହା ଦ୍ୱାରା ଅନେକ ସମୟରେ ପିଆଜ, ଟମାଟୋ, ଗହମ, ଚାଉଳ ଆଦି ବିଦେଶକୁ ରପ୍ତାନୀ ହେବା ଦ୍ୱାରା ଏହାର ଦର ବୃଦ୍ଧି ପାଉଛି। ଖାଉଟୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି, କିନ୍ତୁ କୃଷକମାନେ ବିଶେଷ ଲାଭବାନ ହେଉ ନାହାଁନ୍ତି। ଏହାର ସମାଧାନ ନିମନ୍ତେ କେନ୍ଦ୍ର ସରକାର କିଛି ବର୍ଷ ତଳେ ନୂଆ କୃଷି ଆଇନ ପ୍ରଣୟନ କଲେ। କିନ୍ତୁ ପଞ୍ଜାବ ଓ ହରିୟାନାର କିଛି କୃଷକ ଏହା ବିରୋଧରେ ଆନ୍ଦୋଳନ କଲେ। ଦେଶର ୮୦ ପ୍ରତିଶତ କୃଷକ ନୂଆ କୃଷି ଆଇନକୁ ସମର୍ଥନ କରୁଥିଲେ। କିଛି ମୁଷ୍ଟିମେୟ କୃଷକ ନେତା ନିଜକୁ ଦେଶର କୃଷକମାନଙ୍କ ପ୍ରତିନିଧି ବୋଲି ଦାବି କରି ଏହା ବିରୋଧରେ ଅରାଜକତା ସୃଷ୍ଟି କଲେ। ନୂଆ କୃଷି ଆଇନ ଦ୍ୱାରା ସାଧାରଣ କୃଷକ ଫାଇଦାରେ ରହିବେ, କୃଷିକୁ ଶିଳ୍ପ ମାନ୍ୟତା ମିଳିବ ଏବଂ ଉତ୍ପାଦନ ୪ଗୁଣ ହେବ, ଏକଥା ସରକାର ଯେତେ ବୁଝାଇଲେ ମଧ୍ୟ କେହି ସେ କଥା ବୁଝିଲେ ନାହିଁ। କୃଷକ ଆନ୍ଦୋଳନ ଏଭଳି ଅରାଜକତା ସୃଷ୍ଟି କଲା ଯେ, ସରକାର ବାଧ୍ୟ ହୋଇ ଏହାକୁ ପ୍ରତ୍ୟାହାର କଲେ। ଏକ ଉନ୍ନତ ଚିନ୍ତାଧାରା ନଷ୍ଟ ହୋଇଗଲା। ପଞ୍ଜାବର କୃଷକଙ୍କ ପାଇଁ ସାରା ଦେଶର କୃଷକ କ୍ଷତିଗ୍ରସ୍ତ ହେଲେ। ଯାହା ବି ହେଉ ସରକାର କୃଷକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। କୃଷିଜାତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ବୃଦ୍ଧି କରାଯାଇଛି। କିନ୍ତୁ କୃଷକମାନେ ସେଥିରେ ସନ୍ତୁଷ୍ଟ ନୁହଁନ୍ତି। ସେମାନେ ଏମଏସପିକୁ ଆଇନଗତ ସ୍ୱିକୃତି ଦାବି କରି ପୁଣି ରାସ୍ତାକୁ ଓହ୍ଲାଇଛନ୍ତି। ତେବେ ସରକାର ସେମାନଙ୍କର ଦାବିକୁ କାହିଁକି ମାନୁ ନାହାଁନ୍ତି ? କାହିଁକି ବାରମ୍ବାର କୃଷକଙ୍କ ରୋଷର ଶିକାର ହେଉଛନ୍ତି ? ଏହାର କାରଣ ହେଲା ବିଭିନ୍ନ କୃଷିଜାତ ସାମଗ୍ରୀର ଏମଏସପିକୁ ଆଇନଗତ ମାନ୍ୟତା ପ୍ରଦାନ କରାଗଲେ ଏହା ଦ୍ୱାରା ସରକାରଙ୍କ ଉପରେ ଆର୍ôଥକ ବୋଝ ବଢ଼ିଚାଲିବ। ଏହାର ପରୋକ୍ଷ ପ୍ରଭାବରେ ଟିକସ ବୋଝ ବଢ଼ିବ ଏବଂ କୃଷକମାନେ ମଧ୍ୟ ଏହାର ଶିକାର ହେବେ। ଏମଏସପି ବଢ଼ିଲେ ସେମାନଙ୍କର ଆୟ ବଢ଼ିବ, କିନ୍ତୁ ବ୍ୟୟ ମଧ୍ୟ ଚାରିଗୁଣ ହୋଇଯାଇପାରେ। ତେଣୁ ଏମଏସପି ବୃଦ୍ଧି ଯେତିକି ଜରୁରୀ ତାଠାରୁ ଅଧିକ ଜରୁରୀ କୃଷି ଉତ୍ପାଦନ ବୃଦ୍ଧି ଏବଂ କୃଷି ଉତ୍ପାଦନ ଲାଗି ଖର୍ଚ୍ଚ ହ୍ରାସ ଅଧିକ ଜରୁରୀ। ସରକାର ବିଭିନ୍ନ ପ୍ରକାର କୃଷି ଉପକରଣ, ସାର, କୀଟନାଶକ, ବିହନ ଉପରେ ଟିକସ ହ୍ରାସ କଲେ, ଜଳ ଏବଂ ବିଜୁଳି ଟିକସ ହ୍ରାସ କଲେ କୃଷି ଉତ୍ପାଦନ ଖର୍ଚ୍ଚ କମିବ ଏବଂ କୃଷକଙ୍କ ସହ ସାଧାରଣ ଖାଉଟୀ ମଧ୍ୟ ଆଶ୍ୱସ୍ତ ହେବେ। ଏଥିଲାଗି୍ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ମିଳିତ ଭାବେ ଏହାର ଅନୁଧ୍ୟାନ କରି ଉଚିତ ନିଷ୍ପତ୍ତି ନେବା ଉଚିତ। ଆନ୍ଦୋଳନ କରିବାର ଗଣତାନ୍ତ୍ରିକ ଅଧିକାର କୃଷକମାନଙ୍କର ରହିଛି। କିନ୍ତୁ ଚାଷକାମ ଛାଡ଼ି କୃଷକ ମାନେ ସବୁ ବେଳେ ଆନ୍ଦୋଳନ କରିବା, ଦିଲ୍ଲୀରେ ରାସ୍ତା ଅବରୋଧ କରିବା ସ୍ପୃହଣୀୟ ଲାଗୁନାହିଁ। ଏଥିଲାଗି ସେମାନଙ୍କୁ ସମ୍ପୂର୍ଣ୍ଣ ଦାୟୀ କରାଯିବାର ଯଥାର୍ଥତା ନାହିଁ। ଏଥିପାଇଁ ସରକାର ଏବଂ ସବୁ ରାଜନୈତିକ ଦଳ ଦାୟୀ। ସେମାନେ କୃଷକଙ୍କ ଦାବି ବା ସମସ୍ୟା ଦୂର କରିବାଲାଗି ଯେତିକି ତତ୍ପର ନୁହଁନ୍ତି, କୃଷକ ଆନ୍ଦୋଳନରୁ ରାଜନୈତିକ ପାଇଦା ହାସଲ ଲାଗି ସେତିକି ତତ୍ପର। ନିକଟରେ ନାବାର୍ଡ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଭାରତରେ କୃଷକଙ୍କ ମାସିକ ହାରାହାରି ଆୟ ୪୫୦୦ ଟଙ୍କା। ସବୁ ରାଜ୍ୟରେ ବା ସବୁ କୃଷକଙ୍କ ଆୟ ସମାନ ନୁହେଁ। ଅନେକ ଧନୀ ବା ସ୍ୱଚ୍ଛଳ କୃଷକମଧ୍ୟ ଅଛନ୍ତି। କିନ୍ତୁ ସାମଗ୍ରୀକଭାବେ ଦେଶର କୃଷକଙ୍କ ଆର୍ôଥକ ଏବଂ ସାମାଜିକ ସ୍ଥିତିକୁ ଏହା ପ୍ରତିଫଳିତ କରୁଛି। କୃଷକଙ୍କ ଆୟ ଦ୍ୱିଗୁଣିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ଏହା ସମ୍ଭବ ହେଉନି। କାରଣ କୃଷକଙ୍କ ଉତ୍ପାଦନ ବୃଦ୍ଧି ହେଉନି କିମ୍ବା ସେମାନଙ୍କୁ ଉପଯୁକ୍ତ ମୂଲ୍ୟ ମିଳୁନି। ଅନେକ କୃଷକଙ୍କ ନିକଟରେ ଖୁବ କମ ଜମି ଅଛି। ଜଣେ ଚାଷୀ ସ୍ୱଚ୍ଛଳ ଜୀବନ ବିତାଇବାକୁ ହେଲେ ତାଙ୍କ ନିକଟରେ ଅତି କମରେ ୧୦ ଏକର ଜଳସେଚିତ ଜମି ରହିବା ଉଚିତ। କିନ୍ତୁ ଭାରତର ୭୦ ପ୍ରତିଶତ ଜମିକୁ ଜଳସେଚନ ସୁବିଧା ନାହିଁ। ଅନେକ ଜମି ମାଲିକ ଚାଷ ନକରି ଜମି ପଡ଼ିଆ ପକାଉଛନ୍ତି। ସେମାନେ ଜମିର ମାଲିକାନା ନହେଲେ ନାହିଁ ଲିଜ ସୂତ୍ରରେ ପ୍ରକୃତ ଚାଷୀଙ୍କୁ ଜମି କିଛି ବର୍ଷ ପାଇଁ ଦେଲେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା। ତେବେ ସେମାନଙ୍କ ଜମିର ମାଲିକାନା ପ୍ରତି ବିପଦ ସୃଷ୍ଟି ହେବା ଅନୁଚିତ। ଯେଉଁଦିନ ଭାରତର ଶିକ୍ଷିତ ଏବଂ ଉଦ୍ୟମୀ ଯୁବକ ଚାଷକୁ ନିଜର ମୁଖ୍ୟ ପେଷାଭାବେ ଗ୍ରହଣ କରିବ ସେହିଦିନ ଭାରତର ସମସ୍ୟା ଦୂର ହୋଇଯିବ। ଏଥିଲାଗି ସରକାର ଉପଯୁକ୍ତ ପ୍ରୋତ୍ସାହନ ଏବଂ ସୁବିଧା ସୁଯୋଗ ସୃଷ୍ଟି କରିବା ଉଚିତ।

# ପୁସ୍ତକ ଉନ୍ମୋଚନ ଓ ସମୀକ୍ଷା

**ମନୋରଞ୍ଜନ ମହାନ୍ତି**



ଜଣେ ସାହିତ୍ୟିକ ବନ୍ଧୁ କହୁଥିଲେ - "ଆଜ୍ଞା, ମୁଁ ଷାଠିଏ ଖଣ୍ଡ ବହି ଲେଖି ପ୍ରକାଶ କରିସାରିଛି। ସେଥିମଧ୍ୟରେ ଅଛି ଶିଶୁ କବିତା, ଆଧୁନିକ କବିତା, ଗଳ୍ପ, ପ୍ରବନ୍ଧ, ରମ୍ୟରଚନା, ଅନୁବାଦ ଇତ୍ୟାଦି। ଏବେ ମୋ ଲିଖିତ ଗୋଟିଏ ରମ୍ୟରଚନା ସଂକଳନ ପ୍ରକାଶ ପାଇଲା, ଗୋଟିଏ ଅଡିଟୋରିୟମ୍‌ରେ ବହୁ ସାହିତ୍ୟିକଙ୍କ ସମାରୋହରେ ଉନ୍ମୋଚନ ହେଲା, ଜଣେ ଅଧ୍ୟାପକ ସେହି ସଂକଳନର ସମୀକ୍ଷା କଲେ, ସାହିତ୍ୟିକ ଓ ଅନ୍ୟ ବର୍ଗର ବ୍ୟକ୍ତିମାନେ ଶୁଣିଲେ, ଅଡିଟୋରିୟମ୍ ବାହାରେ ଶହେ ଖଣ୍ଡ ବହି ବିକ୍ରି ପାଇଁ ରଖାଯାଇଥିଲା, କେହି ହେଲେ ଖଣ୍ଡିଏ ବହି କିଣିଲେ ନାହିଁ। ସଭା ଶେଷରେ ମଧ୍ୟାହ୍ନ ଭୋଜନ ସାରି ସମସ୍ତେ ଘରକୁ ଚାଲିଗଲେ। ଗଲାବେଳେ କହିଲେ, ସଭାଟି ଭଲ ହେଲା, ଖାଇବା ଆହୁରି ଭଲ ହେଲା।"

ବନ୍ଧୁଙ୍କର କଥା ଶୁଣିଲା ପରେ ଆମ ମନକୁ କେତେଗୁଡ଼ିଏ ପ୍ରସଙ୍ଗ ଆସୁଛି। ଆମ ସମାଜରେ ଏପରି କେତେକ ଅଛନ୍ତି ଯେଉଁମାନେ ପଚାଶ କି ଷାଠିଏ ଖଣ୍ଡ ବହି ଲେଖି ପ୍ରକାଶ କରିଥିବାରୁ ଉତ୍ଫୁଲ୍ଲ ହୁଅନ୍ତି, ନିଜେ ଅର୍ଥ ବ୍ୟୟ କରି ସଭା ଆୟୋଜନ କରି ବହିର ଉନ୍ମୋଚନ କରାନ୍ତି, ସମୀକ୍ଷକଙ୍କୁ ବହୁ ଅନୁରୋଧ କରି ଉନ୍ମୋଚନ-ସଭାରେ ସମୀକ୍ଷା କରାନ୍ତି, ସାହିତ୍ୟ-ସମାଲୋଚକଙ୍କୁ କହି, ଅର୍ଥ ଦେଇ ବହିର ସମାଲୋଚନା ସାହିତ୍ୟ-ପତ୍ରିକାରେ ପ୍ରକାଶ କରାନ୍ତି, ଏପରିକି ବହୁ ଯୋଗାଡ଼ କରି ସ୍ଥଳବିଶେଷରେ କିଛି ଅର୍ଥ ଖର୍ଚ୍ଚ କରି ଖବରକାଗଜରେ ବହିର ପ୍ରଚ୍ଛଦପଟ ଫଟୋ ସହିତ ଏକ ସଂକ୍ଷିପ୍ତ ପାରାଗ୍ରାଫ୍ ସମ୍ବଳିତ ସମୀକ୍ଷା ପ୍ରକାଶ କରାନ୍ତି।

ଥରେ ଜଣେ ବନ୍ଧୁ କହିବାର ଶୁଣିଛି, "ଗୋଟିଏ ଶିକ୍ଷାନୁଷ୍ଠାନର ମୁଖ୍ୟ ସାହିତ୍ୟରେ ପି.ଏଚ୍.ଡି କରିଛନ୍ତି ; କୃତୀ ଶିକ୍ଷକ ଭାବରେ ପ୍ରାଦେଶିକ ପୁରସ୍କାର ପାଇଛନ୍ତି, ଶିଶୁମାନଙ୍କ ପାଇଁ କବିତା ଲେଖି ଏକାଡେମୀ ପୁରସ୍କାର ମଧ୍ୟ ପାଇଛନ୍ତି, ପ୍ରତିବର୍ଷ ଖଣ୍ଡିଏ ବହି ଲେଖି ପ୍ରକାଶ କରୁଛନ୍ତି, ଏପର୍ଯ୍ୟନ୍ତ ପାଖାପାଖି ପଚାଶ ଖଣ୍ଡ ବହି ଲେଖି ପ୍ରକାଶ କରିସାରିଲେଣି, ଚାକିରିକାଳ ମଧ୍ୟରେ ପରୀକ୍ଷା ପରିଚାଳନାରେ ତ୍ରୁଟି ସହିତ ଯାବତୀୟ ଯୌନ କେଲେଙ୍କାରୀରେ ରତ ଥିଲେ, ଏବେ ଅଶୀବର୍ଷ ବୟସରେ ମଧ୍ୟ ନାରୀମାନଙ୍କ ପ୍ରତି ଲୋଲୁପ ଦୃଷ୍ଟି ରହିଛି।" ଏହି ପ୍ରସଙ୍ଗରେ ମନକୁ ଆସୁଛି, ଜଣେ ଶିକ୍ଷକ ସାହିତ୍ୟିକଙ୍କ ଜୀବନରେ ଯଦି ନୀତି ଆଦର୍ଶର ଉନ୍ମୋଚନ ନହୁଏ, ତେବେ ସିଏ ଯେତେ ବହି ଲେଖି ସଭାମଞ୍ଚରେ ଉନ୍ମୋଚନ, ସମୀକ୍ଷା ସହିତ ସମ୍ବାଦପତ୍ର ଓ ସାହିତ୍ୟ-ପତ୍ରିକାରେ ସମୀକ୍ଷା କରାଇଲେ ମଧ୍ୟ ତାଙ୍କର ବ୍ୟକ୍ତିତ୍ୱ ସମାଜରେ ଗ୍ରହଣୀୟ ହେବ ନାହିଁ।

ପୁସ୍ତକ ଉନ୍ମୋଚନ ଓ ସମୀକ୍ଷା ଏବେ ତିନିଶହ ପଞ୍ଚଷଠି ଦିନିଆ ପର୍ବରେ ପରିଣତ ହେଲାଣି। ବେଳେବେଳେ କିଛି କ୍ଷମତାଶାଳୀ ରାଜନେତା, ପ୍ରଶାସକଙ୍କ ଅଫିସ୍‌ରେ ବା ଆବାସିକ କାର୍ଯ୍ୟାଳୟରେ ସେମାନଙ୍କ ଦ୍ୱାରା କେତେକ ଲେଖକ ଓ ସମ୍ପାଦକ ପୁସ୍ତକ, ପତ୍ରପତ୍ରିକା ଉନ୍ମୋଚନ କରାଉଛନ୍ତି। ଖବରକାଗଜରେ ସେହିସବୁ ଉନ୍ମୋଚନ ସମ୍ବନ୍ଧୀୟ ସୁଦୃଶ୍ୟ ଫଟୋ ସହିତ ସୁଦୀର୍ଘ ସମ୍ବାଦ ପ୍ରକାଶ ପାଉଛି। ଗୋଟିଏ ସମାଜରେ କିଛି ଲେଖକ, ସମ୍ପାଦକ ଯେତେବେଳେ ପ୍ରଚାରସର୍ବସ୍ୱ ହୁଅନ୍ତି ସେତେବେଳେ ଶସ୍ତା ଲୋକପ୍ରିୟତା ପାଇଁ ଏହିଭଳି ଆୟୋଜନ ଚାଲେ, ତାମସିକ ଆତ୍ମବିଜ୍ଞାପନର ତାମସା ଚାଲେ।

ପୁସ୍ତକ ଓ ପତ୍ରପତ୍ରିକା ସମୀକ୍ଷାର ଆଉ ଏକ ହାସ୍ୟକର ଦିଗ ହେଉଛି, କେତେକ ଖବରକାଗଜ-ଅଫିସ୍‌କୁ ବହିଟିଏ ସମୀକ୍ଷା ପାଇଁ ପଠାଇଲେ ପାଞ୍ଚ ସାତ ବର୍ଷ ପରେ ଖବରକାଗଜରେ କେବଳ ବହି, ଲେଖକ, ପ୍ରକାଶକଙ୍କ ନାଁ ସହିତ ପ୍ରକାଶନ ବର୍ଷ ଓ ବହିର ମୂଲ୍ୟ ପ୍ରକାଶିତ ହେଉଛି, ଧାଡ଼ିଏ ସମୀକ୍ଷା ନାହିଁ। ଶୁଣିବାକୁ ମିଳୁଛି କଭରପେଜ୍ ଫଟୋ ସହିତ ଗୋଟିଏ ସଂକ୍ଷିପ୍ତ ପାରାଗ୍ରାଫ୍‌ର ସମୀକ୍ଷା ପ୍ରକାଶ ପାଇଁ କେତେକ ଖବରକାଗଜ-ଅଫିସ୍‌ରେ ଲେଖକ ବା ପ୍ରକାଶକ କିଛି ଅର୍ଥ ଖର୍ଚ୍ଚ କରୁଛନ୍ତି ବା ଖୋସାମତ କରୁଛନ୍ତି ବା କୌଣସି ପରିଚିତ ଲୋକଙ୍କ ଜରିଆରେ ପ୍ରଭାବ ବିସ୍ତାର କରୁଛନ୍ତି। ବହୁ ଉଚ୍ଚ ମାନର ବହିର ସମୀକ୍ଷା ପ୍ରକାଶ ପାଉନଥିବା ସ୍ଥଳେ ନିମ୍ନ ମାନର ବହିର ସମୀକ୍ଷା ପ୍ରକାଶିତ ହେଉଛି। ପୁସ୍ତକ ପତ୍ରପତ୍ରିକାର ଉନ୍ମୋଚନ ସମୀକ୍ଷା ନାମରେ ଦଳେ ପ୍ରଚାରସର୍ବସ୍ୱଙ୍କର ଏଭଳି ଅଜସ୍ର ଲୋକଦେଖାଣିଆ ଆୟୋଜନ ଚାଲିଛି। ସତ କହିବାକୁ ଗଲେ ଆମ ସାହିତ୍ୟ-ଜଗତରେ କିଛି ଲେଖକ ବହି ଲେଖି ପ୍ରକାଶ କରି ବହିର ଉନ୍ମୋଚନ ସମୀକ୍ଷା ପାଇଁ ଅତ୍ୟନ୍ତ ବ୍ୟାକୁଳ ହେଉଥିଲାବେଳେ କିଛି ଉଚ୍ଚଶିକ୍ଷିତ ଲୋକ ବହିଟିଏ କିଣିବା ପାଇଁ, ପଢ଼ିବା ପାଇଁ ଓ ତା'ର ଯଥାର୍ଥ ସମୀକ୍ଷା ଅର୍ଥାତ୍ ଆମୂଳଚୂଳ ଆଲୋଚନା-ସମାଲୋଚନା ପାଇଁ ଅତିଶୟ କୁଣ୍ଠିତ ହେଉଛନ୍ତି।

ପ୍ରଖ୍ୟାତ ଇଂଜିନିୟର୍ ବିଶ୍ୱେଶ୍ୱରାୟା କହିଛନ୍ତି, ଉତ୍ତମ ପୁସ୍ତକ




ହେଉଛି ମନୁଷ୍ୟର ସର୍ବୋତ୍ତମ କର୍ଣ୍ଣଧାର। ତେଣୁ ପୃଥିବୀର ଯେଉଁ ଦେଶରେ ଯେଉଁ ଭାଷାରେ ଉପାଦେୟ ପୁସ୍ତକ ପ୍ରକାଶିତ ହେଉଛି ସେଗୁଡ଼ିକର ସମୀକ୍ଷା ଆବଶ୍ୟକ। ଏଡ୍‌ୱିନ୍ ଆର୍‌ନଲ୍ଡ଼ଙ୍କ ରଚିତ 'ଲାଇଟ୍ ଅଫ୍ ଏସିଆ' ପୁସ୍ତକ ୧୮୭୯ ମସିହାରେ ପ୍ରକାଶିତ ହେବା ପରେ ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଅଧିବାସୀମାନେ ତଥାଗତ ବୁଦ୍ଧଙ୍କର ପୂର୍ଣ୍ଣ ପରିଚୟ ଲାଭର ସୁଯୋଗ ପାଇଲେ। ଆମ୍ବେଦ୍‌କର, ସଭରକର୍, ନେହରୁଙ୍କ ଭଳି ସ୍ୱନାମଧନ୍ୟ ବ୍ୟକ୍ତି ଏହି ପୁସ୍ତକ ଦ୍ୱାରା ଖୁବ୍ ପ୍ରଭାବିତ ହୋଇଥିବାର ଜଣାଯାଏ। ପ୍ରକାଶନ ବର୍ଷରୁ ଏପର୍ଯ୍ୟନ୍ତ ସେହି ପୁସ୍ତକର ବିଭିନ୍ନ ଦିଗ ଦିଗନ୍ତ ସମ୍ବନ୍ଧୀୟ ଆଲୋଚନା ସ୍ୱାଭାବିକ ଭାବରେ ପୃଥିବୀର ବିଭିନ୍ନ ଦେଶର ସମୀକ୍ଷକମାନଙ୍କ ଦ୍ୱାରା ହେଉଛି।

୨୦୨୦ ବର୍ଷର ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପତ୍ରପତ୍ରିକାରେ ଯେଉଁ ଦୁଇଜଣ ଲେଖକଙ୍କ ପୁସ୍ତକ ସମ୍ପର୍କରେ ବିଶେଷ ଆଲୋଚନା ହେଉଛି ସେମାନେ ହେଲେ ମାଟ୍ ରିଡ୍‌ଲେ ଓ ଷ୍ଟିଭେନ୍ ପିଙ୍କର୍। ବିଶେଷକରି ମାଟ୍ ରିଡ୍‌ଲେଙ୍କ ରଚିତ 'ଦି ରେସନାଲ୍ ଅପ୍‌ଟିମିଷ୍ଟ' ପୁସ୍ତକ ପାଠକମାନଙ୍କ ମନରୁ ନିରାଶାର ଭାବ ଦୂର କରିପାରିଛି। ରିଡ୍‌ଲେ ଏକଦା ଜଣେ ପ୍ରତିଭାଦୀପ୍ତ ବିଜ୍ଞାନ-ଲେଖକ ଥିଲେ, କିନ୍ତୁ ଏବେ ସିଏ ସମଗ୍ର ବିଶ୍ୱର ଅର୍ଥନୀତି ସମ୍ବନ୍ଧରେ ଗବେଷଣା କରି ଗୁରୁତ୍ୱପୂର୍ଣ୍ଣ ପୁସ୍ତକ ରଚନା କରୁଛନ୍ତି। ତାଙ୍କ ମତରେ ବିଶ୍ୱର ସମସ୍ତ ରାଷ୍ଟ୍ରରେ ଅର୍ଥନୀତି କ୍ରମଶଃ ଦୃଢ଼ ହେଉଛି, ମାନବଜାତି କ୍ରମେ କ୍ରମେ ଏକ ସମୃଦ୍ଧ ଭବିଷ୍ୟତ ଆଡ଼କୁ ଗତି କରୁଛି। ତାଙ୍କ ମତକୁ ସମର୍ଥନ ଜଣାଇଛନ୍ତି ଅନ୍ୟ ଜଣେ ଲୋକପ୍ରିୟ ବିଜ୍ଞାନ-ଲେଖକ ଷ୍ଟିଭେନ୍ ପିଙ୍କର୍। ସୁପରିଚିତ ବିଜ୍ଞାନ-ଜର୍ଣ୍ଣାଲ୍ 'ନେଚର୍' ମଧ୍ୟ କେତେଗୁଡ଼ିଏ ନିବନ୍ଧ ପ୍ରକାଶ କରି ଆମ ମନରେ କର୍କଟ ରୋଗ ବିରୋଧରେ ସଂଗ୍ରାମ କରି ଜୀବନ ବଞ୍ôଚବାର ବିଶ୍ୱାସ ଭରି ଦେଇଛି। ଇଂଲଣ୍ଡର 'ସ୍ପେକ୍‌ଟାଟର୍' ପତ୍ରିକାରେ ମାଟ୍ ରିଡ୍‌ଲେଙ୍କ ରଚିତ ନିବନ୍ଧଗୁଡ଼ିକ ପ୍ରକାଶିତ ହୋଇ ବିଶ୍ୱର ଅର୍ଥନୀତିଜ୍ଞ, ପରିବେଶବିତ୍, ବୈଜ୍ଞାନିକ, ଚିକିତ୍ସକ ଓ ଯନ୍ତ୍ରୀମାନଙ୍କୁ ଆମର ଭବିଷ୍ୟତ ସମ୍ବନ୍ଧରେ ଗଭୀର ଆଶାବାଦୀ କରିପାରିଛି। ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ପଦ୍ମଶ୍ରୀ ଅମିତାଭ ଘୋଷ୍ ଆମ ସମୟର ଜଣେ ପ୍ରଖ୍ୟାତ ଔପନ୍ୟାସିକ ଓ ନୃତତ୍ତ୍ୱବିତ୍, ଯିଏ ସାରସ୍ୱତ ସାଧନା ସହିତ ଅଶୀ ଦଶକରୁ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ଗବେଷଣା କରି ପୁସ୍ତକ ରଚନା କରୁଛନ୍ତି। ୨୦୨୦ବର୍ଷ ଜାନୁଆରୀ ମାସରେ ଏକ ସାକ୍ଷାତକାରରେ କହିଛନ୍ତି ଯେ ଦୀର୍ଘ ଦୁଇ ଦଶନ୍ଧି ତଳେ ସେ ଲକ୍ଷ୍ୟ କଲେ ସୁନ୍ଦରବଣର ବହୁଳାଂଶ ଜଳପ୍ଲାବିତ ହୋଇ ରହୁଛି। ଏଥିପାଇଁ କେବଳ ଜଳବାୟୁ ପରିବର୍ତ୍ତନ ନୁହେଁ, ଭୂଖଣ୍ଡ ଉପରେ ମନୁଷ୍ୟର ଅତ୍ୟାଚାର ମଧ୍ୟ ଦାୟୀ। ବଙ୍ଗୋପସାଗର ହେତୁ ସୁନ୍ଦରବଣ ଅଞ୍ଚଳରେ ବାତ୍ୟା ବା ସାଇକ୍ଲୋନ୍‌ର ପ୍ରକୋପ ଅନୁଭୂତ ହୁଏ। ହେନରୀ ପିଡିଙ୍ଗଟନ୍ ନାମକ ଜଣେ ଇଂରେଜ୍ ପାଣିପାଗ-ବିଶେଷଜ୍ଞ କଲିକତାରେ ୧୮୪୦ ମସିହାରେ 'ସାଇକ୍ଲୋନ୍' ଶବ୍ଦଟିକୁ ସୃଷ୍ଟି କରିଥିଲେ। ଇତିହାସ ଅଧ୍ୟୟନ କଲେ ଜାଣିହେଉଛି, ପଶ୍ଚିମବଙ୍ଗ ଓ ସୁନ୍ଦରବଣ ଅଞ୍ଚଳରେ ପୃଥିବୀର ଅଧିକାଂଶ ପ୍ରଳୟଙ୍କର ବାତ୍ୟା ସଂଘଟିତ ହୋଇଛି। ୧୭୩୭ ମସିହାର 'ନର୍ଗିସ୍' ବାତ୍ୟା ଓ ତତ୍ ସହିତ ଭୂମିକମ୍ପ କଲିକତା ନଗରରେ ପ୍ରଳୟ ରଚନା କରିଥିଲା। ୧୮୭୬ର ବ୍ୟାକରଗଂଜ୍ ବାତ୍ୟାରେ ଲକ୍ଷାଧିକ ଲୋକ ପ୍ରାଣ ହରାଇଥିଲେ। ବିଂଶ ଶତାବ୍ଦୀର ସବୁଠାରୁ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଥିଲା 'ଭୋଲା' ବାତ୍ୟା, ଯେଉଁଥିରେ ଅର୍ଦ୍ଧ ନିୟୁତ ଲୋକଙ୍କର ଜୀବନ ହାନି ହୋଇଥିଲା। ୨୦୦୯ ମସିହାର 'ଆଇଲା', ୨୦୧୯ର 'ବୁଲ୍‌ବୁଲ୍' ବାତ୍ୟାଗୁଡ଼ିକ ମଧ୍ୟ ଅକଳନ ଧନଜୀବନ ନଷ୍ଟ କରିଥିଲା। ଅମିତାଭ ଘୋଷ୍‌ଙ୍କ ମତରେ ବାତ୍ୟା, ବନ୍ୟା, ବନାଗ୍ନି ବା ଅନ୍ୟ ଯେକୌଣସି ପ୍ରାକୃତିକ ବିପତ୍ତି ସମୟରେ ଉଭୟ ଦରିଦ୍ର ଓ ଧନୀମାନେ କ୍ଷତିଗ୍ରସ୍ତ ହୁଅନ୍ତି। ୨୦୧୭ ମସିହାରେ ହଷ୍ଟନ୍ ନଗରରେ ସଂଘଟିତ ହୋଇଥିବା ହରିକେନ୍ 'ହାର୍ଭେ', ୨୦୧୯ରେ କାଲିଫର୍ଣ୍ଣିଆର ବନାଗ୍ନି, ମୁମ୍ବାଇ ଓ ଚେନ୍ନାଇରେ ଅତ୍ୟଧିକ ବୃଷ୍ଟିପାତ ଫଳରେ ମଧ୍ୟବିତ୍ତ ଓ ଧନୀକ ଶ୍ରେଣୀର ଲୋକମାନଙ୍କୁ ପ୍ରଚୁର କ୍ଷତି ସହିବାକୁ ପଡ଼ିଛି। ପ୍ରତ୍ୟେକ ବର୍ଷ ଘଟିଯାଉଥିବା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଧନୀ ଦରିଦ୍ର ନିର୍ବିଶେଷରେ ସମସ୍ତଙ୍କର ଦୁଃଖ ଦୁର୍ଦ୍ଦଶାକୁ ଲକ୍ଷ୍ୟ କରି ; ବିଭିନ୍ନ ସ୍ଥାନ ପରିଦର୍ଶନ ଓ ସେଗୁଡ଼ିକର ଭୌଗୋଳିକ ପରିସ୍ଥିତି ଅନୁଧ୍ୟାନ ସହିତ କ୍ଷତିଗ୍ରସ୍ତମାନଙ୍କ ମୁହଁରୁ ଅନୁଭୂତି, ଅନୁଭବର କଥା ଶୁଣି ବାସ୍ତବତା ଆଧାରରେ ଅମିତାଭ ଘୋଷ୍ ରଚନା କରିଥିବା ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ପୁସ୍ତକଗୁଡ଼ିକର ସମୀକ୍ଷା ସାରା ପୃଥିବୀରେ ହେଉଛି। ତାଙ୍କ ରଚିତ ଉପନ୍ୟାସଗୁଡ଼ିକ କଳ୍ପନା ଓ ବାସ୍ତବତାର ସମନ୍ୱୟ ହୋଇପାରେ, କିନ୍ତୁ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ପୁସ୍ତକଗୁଡ଼ିକ ସମ୍ପୂର୍ଣ୍ଣ ବାସ୍ତବ।

ଉପରୋକ୍ତ ଅଳ୍ପ କେତୋଟି ଦୃଷ୍ଟାନ୍ତ ଦେବାର କାରଣ ହେଉଛି, ଏଡ୍‌ୱିନ୍ ଆର୍‌ନଲ୍ଡ଼ଙ୍କ 'ଲାଇଟ୍ ଅଫ୍ ଏସିଆ', ମାଟ୍ ରିଡ୍‌ଲେଙ୍କ 'ଦି ରେସନାଲ୍ ଅପ୍‌ଟିମିଷ୍ଟ', ଅମିତାଭ ଘୋଷ୍‌ଙ୍କ 'ଆଇଲାଣ୍ଡ' ପୁସ୍ତକଗୁଡ଼ିକ ଏବଂ 'ନେଚର୍', 'ସ୍ପେକ୍‌ଟାଟର୍' ପତ୍ରିକାଗୁଡ଼ିକ ଏତେ ଉଚ୍ଚମାନସମ୍ପନ୍ନ ଯେ ସବୁ ସ୍ଥଳରେ, ସବୁ ସମୟରେ ପାଠକ, ସମୀକ୍ଷକମାନେ ସ୍ୱେଚ୍ଛାକୃତ ଭାବରେ ସେଗୁଡ଼ିକର ଆଲୋଚନା, ସମୀକ୍ଷା କରୁଛନ୍ତି। ପୁସ୍ତକଟିଏ, ପତ୍ରିକାଟିଏ ଗୁଣାତ୍ମକ ଦୃଷ୍ଟିରୁ ଉତ୍ତମ ହେଲେ ପାଠକର ହୃଦୟରେ ସ୍ୱାଭାବିକ ଓ ସ୍ୱତଃସ୍ଫୁର୍ତ୍ତ ଭାବରେ ଉନ୍ମୋଚିତ ହୋଇଯିବ, ସମୀକ୍ଷକମାନେ ସେଥିରେ ମଧୁ ସନ୍ଧାନ ଓ ସଂଗ୍ରହ କରିବାକୁ ଆଗ୍ରହୀ ହେବେ। ଯେଉଁ କେତେକ ପ୍ରଚାରସର୍ବସ୍ୱ ବ୍ୟକ୍ତି ନିମ୍ନମାନର ବହି ଲେଖି, ପ୍ରକାଶ କରି, ନିଜ ଅର୍ଥ ବ୍ୟୟରେ ଉତ୍ସବର ଆୟୋଜନ କରି ମଞ୍ଚରେ ଉନ୍ମୋଚନ କରାଉଛନ୍ତି, ସମୀକ୍ଷକଙ୍କୁ ନମ୍ର ନିବେଦନ କରି ବହିର ସମୀକ୍ଷା କରାଉଛନ୍ତି, ପତ୍ରପତ୍ରିକା-ଅଫିସ୍‌ରେ ଯୋଗାଡ଼ କରି ସମୀକ୍ଷା ପ୍ରକାଶ କରାଉଛନ୍ତି, ଉନ୍ମୋଚନ ଓ ସମୀକ୍ଷାର ସଚିତ୍ର ବିବରଣୀ ହ୍ୱାଟ୍‌ସଅପ୍, ଫେସ୍‌ବୁକ୍ ମାଧ୍ୟମରେ ପ୍ରଚାର କରୁଛନ୍ତି, ସେମାନେ କିଛି ଉଚ୍ଚ ମାନର ବହି ପଢ଼ିବା ଓ ଉଚ୍ଚମାନସମ୍ପନ୍ନ ଲେଖକଙ୍କ କାର୍ଯ୍ୟଧାରା ସମ୍ପର୍କରେ ଜାଣିବା ଆବଶ୍ୟକ।


ଇଂରାଜୀ ପ୍ରାଧ୍ୟାପକ (ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋବାଇଲ୍:୯୮୫୩୨୮୨୯୬୨


# ଘୋର ସଂକଟରେ ମଧ୍ୟବିତ୍ତ

**ବ୍ରଜ ରଞ୍ଜନ ଦାଶ**



ସଂସଦରେ ମଧ୍ୟବିତ୍ତଙ୍କ ପ୍ରସଙ୍ଗ ଉଠାଇଥିଲେ ବିରୋଧୀ ଦଳର ନେତା, ରାହୁଲ ଗାନ୍ଧୀ। ଦରଦାମ, ଗମନାଗମନ,ସନ୍ତାନଙ୍କ ଶିକ୍ଷା, ବିବାହ, ରୋଜଗାର ଆଦିକୁ ନେଇ ଏକଦା ସମୃଦ୍ଧ ରହି ଆସିଥିବା ଭାରତର ମଧ୍ୟବିତ୍ତ ବର୍ଗ ଦୁର୍ବଳ ହୋଇଚାଲିଛି। ୨୦୧୪ରୁ ୨୦୨୪ ମଧ୍ୟରେ ଏମାନଙ୍କର ସତେ ଯେପରି ମେରୁଦଣ୍ଡ ଦୋହଲି ଯାଇଛି। ତରବରିଆ ବିମୁଦ୍ରିକରଣ,ଜିଏସଟି ପ୍ରଚଳନ, ଲକଡାଉନ ଭଳି ଅପରିଣାମଦର୍ଶୀ ନିଷ୍ପତ୍ତି,ମଧ୍ୟମ,କ୍ଷୁଦ୍ର ଶିଳ୍ପ ଓ ଉତ୍ପାଦନକାରୀ ସଂସ୍ଥାଗୁଡିକର ସ୍ଥିତି ସୁଧାରିବା ନିମନ୍ତେ ନିର୍ଦ୍ଦିଷ୍ଟ ଯୋଜନାର ଅଭାବରୁ ସେହି ବର୍ଗର ଲୋକମାନେ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ସେମାନଙ୍କୁ ସଶକ୍ତ ଓ ସମୃଦ୍ଧ କରିବା ପାଇଁ ରାଜନୈତିକ ଇଚ୍ଛାଶକ୍ତି ନାହିଁ। ଉପର ସ୍ତରରେ କର୍ପୋରେଟ ହାଉସ ଓ ସର୍ବନିମ୍ନ ସ୍ତରରେ ଗରିବ ଶ୍ରେଣୀର ଲୋକମାନଙ୍କୁ ଖୁସି କରି ରାଜନୀତି ରୋଟି ସେକୁଥିବା କ୍ଷମତାସୀନ ସରକାର ଏବେ ମହିଳା ଭୋଟ ହାତେଇବାକୁ ମହିଳା ସଶକ୍ତିକରଣ ଯୋଜନାର ଡିଣ୍ଡିମ ପିଟୁଛନ୍ତି। ମଧ୍ୟବିତ୍ତଙ୍କୁ ସଦା ସର୍ବଦା ଉପେକ୍ଷା କରାଯାଉଛି। ସେମାନଙ୍କର ଆର୍ଥିକ ସ୍ଥିତି କ୍ରମାଗତ ଭାବରେ ବିଗିଡ଼ିବାରେ ଲାଗିଛି। ଏହା ସେମାନଙ୍କର ଖର୍ଚ୍ଚ ପାର୍ଟନକୁ ପ୍ରଭାବିତ କରିଥିବା ଏକ ନୂଆ ରିପୋର୍ଟରୁ ଜଣାପଡିଛି। ମାରସେଲେସ ଇନଭେଷ୍ଟମେଣ୍ଟ ମ୍ୟାନେଜେର୍ସ ପକ୍ଷରୁ ପ୍ରସ୍ତୁତ ରିପୋର୍ଟ ଅନୁସାରେ, ତିନୋଟି ପ୍ରମୁଖ କାରଣ ଯୋଗୁଁ ଦେଶର ମଧ୍ୟବିତ୍ତ ବର୍ଗଙ୍କ ସ୍ଥିତି ବିଗୁଡୁଛି। ଅନେକ ଅର୍ଥନୈତିକ ସମସ୍ୟା ମଧ୍ୟରେ ଛନ୍ଦି ହୋଇଯାଉଛି ମଧ୍ୟବିତ୍ତ। ପ୍ରଯୁକ୍ତିଗତ ବାଧା,ଚକ୍ରବର୍ତ୍ତୀ ଅର୍ଥନୈତିକ ଅବନ୍ନତି ଏବଂ ନିମ୍ନମୁଖୀ ପାରିବାରିକ ବାଲାନ୍ସ ସିଟ। ରୁଟିନ ନିଯୁକ୍ତି, ଯାହାକି ଏକଦା ମଧ୍ୟବିତ୍ତଙ୍କ ନିଯୁକ୍ତି କ୍ଷେତ୍ରରେ ମେରୁଦଣ୍ଡ ପାଲଟିଥିଲା, ତାହାର ସ୍ଥାନ ନେଇଛି ଅଟୋମେଶନ ଏବଂ ଟେକ୍ନୋଲୋଜି। ରିପୋର୍ଟ ଅନୁସାରେ,ଅଟୋମେଶନ ଓ ଟେକ୍ନୋଲୋଜି ଯୋଗୁଁ ଅଫିସ ଓ କାରଖାନାଗୁଡିକରେ କ୍ଲରିକାଲ ଓ ସୁପରଭାଇଜରି ଜବ ସଂଖ୍ୟାରେ ବୃହତ ହ୍ରାସ ଦେଖିବାକୁ ମିଳିଛି। ଜାତୀୟ ପରିସଂଖ୍ୟାନ ଆୟୋଗର ପୂର୍ବତନ କାର୍ଯ୍ୟକାରୀ ଅଧ୍ୟକ୍ଷ ପି. ସି. ମୋହନ କୁହନ୍ତି, ଆଉଟସୋର୍ସିଙ୍ଗ ଏବଂ ଅଟୋମେଶନ ଭଳି କେତେକ ଖର୍ଚ୍ଚକାଟ ଅଭିଯାନ ଫଳରେ କର୍ମସ୍ଥଳରେ ଅନେକ ପରିଚାଳନାଗତ ପଦବି ଉଭାନ ହୋଇଗଲାଣି। ଏହାକୁ ସମର୍ଥନ କରି ଉଇପ୍ରୋ ଅଧ୍ୟକ୍ଷ, ରିଷବ ପ୍ରେମଜୀଙ୍କ କହିବା ଅନୁସାରେ, ଆର୍ଟିଫିସିଆଲ ଇଣ୍ଟେଲ୍ଲୀଜେନ୍ସ (ଏଆଇ)ଯୋଗୁଁ ଆଗକୁ ଆହୁରି କିଛି ନିଯୁକ୍ତି ଉଭାନ ହୋଇଯିବାର ଆଶଙ୍କା ରହିଛି। ହ୍ୱାଇଟ କୋଲାର ଜବ ପ୍ରତି ବିପଦ ସୃଷ୍ଟି ହେବ। ରିପୋର୍ଟ ଅନୁସାରେ, ଭାରତର କୋଭିଡ-ପରବର୍ତ୍ତୀ ଅଭିବୃଦ୍ଧି ମନ୍ଥର ହୋଇଛି। ଏହା ଅର୍ଥନୀତିକୁ ଚକ୍ରବର୍ତ୍ତୀ ଅର୍ଥନୈତିକ ଅବନତି ଆଡକୁ ଠେଲିଦେଇଛି। ୨୦୨୪-୨୫ ଆର୍ଥିକବର୍ଷର ଦ୍ୱିତୀୟ ତ୍ରୟମାସରେ କମ୍ପାନୀଗୁଡିକର ଆୟ ଦୁଇ ଦଶନ୍ଧିରେ ସବୁଠାରୁ ଅଧିକ ଖସିଛି। ମୁକ୍ତ ବଜାର ଅର୍ଥନୀତିରେ ଏଭଳି ଅବନତି ସାଧାରଣ ହୋଇଥିବାବେଳେ ମଧ୍ୟବିତ୍ତଙ୍କ ଉପରେ ଏହାର ପ୍ରଭାବ ଭୟଙ୍କର ରହିଥାଏ। ସେମାନଙ୍କ ବ୍ୟୟ ସଂକୁଚିତ କରିଥାଏ। ବର୍ଦ୍ଧିତ ପାରିବାରିକ ଋଣ ସ୍ଥିତିକୁ ଆହୁରି ସଂଗୀନ କରିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ଡାଟା ଅନୁସାରେ,ଜିଡିପିରେ ନେଟ ପାରିବାରିକ ସଞ୍ଚୟ ୫୦ ବର୍ଷର ସର୍ବନିମ୍ନ ସ୍ତରରେ ଅଛି। ଅସୁରକ୍ଷିତ ଋଣ ନେଟ ସଞ୍ଚୟକୁ ଖସାଇଛି। ଫଳରେ ପରିବାରଗୁଡିକର ସଞ୍ଚୟ ହ୍ରାସ ପାଇଛି। ସହରାଞ୍ଚଳ ଚାହିଦାକୁ ପ୍ରଦର୍ଶନ କରୁଥିବା ଏଫଏମସିଜି କମ୍ପାନୀଗୁଡିକର ଆୟରେ ହ୍ରାସ ଦେଖାଦେଇଛି। ନେସଲେ ଇଣ୍ଡିଆ ଏମଡିଙ୍କ କହିବା ଅନୁସାରେ କମ୍ପାନୀଗୁଡିକର ଆୟ ଖସିବାର ପ୍ରମୁଖ କାରଣ ହେଉଛି ମଧ୍ୟବିତ୍ତଙ୍କ ଅବନ୍ନତି। ସର୍ବଦା ଦୁଇ ଅଙ୍କ ଅଭିବୃଦ୍ଧି ହାସଲ କରି ଆସିଥିବା ଖାଦ୍ୟ ଓ ପାନୀୟ ଶିଳ୍ପର ଅଭିବୃଦ୍ଧି ୨%କୁ ଖସିଆସିଛି। ସହରାଞ୍ଚଳ ଚାହିଦା ଖସିବା ଯୋଗୁଁ ହିନ୍ଦୁସ୍ତାନ ୟୁନିଲିଭରର ବିକ୍ରି ହ୍ରାସ ପାଇଥିବା କମ୍ପାନୀ ସିଇଓଙ୍କ ସୂତ୍ରରୁ ଜଣାପଡିଛି। ଆମ ଓଡ଼ିଶାରେ ବିଜେଡି ଶାସନର ୨୪ ବର୍ଷ ମଧ୍ୟରେ ଅର୍ଥନୈତିକ ଦୃଷ୍ଟିକୋଣରୁ ରାଜ୍ୟର ସ୍ଥିତି ଅନ୍ୟ ରାଜ୍ୟ ତୁଳନାରେ ଯଥେଷ୍ଟ ଉନ୍ନତ ରହିଛି। ଋଣଭାର କମ ଅଛି। ଗରିବୀ ହ୍ରାସ ପାଇଛି। କିନ୍ତୁ ସରକାର ପରିବର୍ତ୍ତନ ହେବାର ପାଞ୍ଚ ମାସ ମଧ୍ୟରେ ଋଣଭାର ବଢ଼ିଲାଣି। ବଜାର ନିୟନ୍ତ୍ରଣରେ ସରକାର ସମ୍ପୂର୍ଣ୍ଣ ଭାବରେ ଫେଲ ମାରିଛନ୍ତି। ଆଳୁ, ପିଆଜ, ରସୁଣ, ଅଦା ସହିତ ସବୁ ପରିବା ଦର ମହଙ୍ଗା ହେଲାଣି। ସାଧାରଣ ବଣ୍ଟନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ଫଳରେ କାନ୍ଧମାଳରେ ଆମ୍ବ ଟାକୁଆ ଖାଇ 3 ଜଣଙ୍କ ପ୍ରାଣହାନି ଖବର ସମସ୍ତଙ୍କୁ ବିଚଳିତ କରିଛି। ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ରସାତଳକୁ ଗଲାଣି। ସରକାର ସୁଭଦ୍ରା ଯୋଜନା କରି ମହିଳା ସଶକ୍ତିକରଣ ଡିଣ୍ଡିମ ପିଟୁଥିବା ବେଳେ ନାବାଳିକା, ମହିଳା ସୁରକ୍ଷା ନେଇ ବୁଦ୍ଧିଜୀବୀ ମହଲରେ ଚିନ୍ତା ପ୍ରକଟ କରାଯାଉଛି। ସମସ୍ତ ଅଧୋଗତିର କଷାଘାତ ସହୁଛନ୍ତି ମଧ୍ୟବିତ୍ତ। ସେମାନଙ୍କୁ ନିମ୍ନ ଆୟକାରୀ ଗୋଷ୍ଠୀକୁ ଠେଲି ଦିଆଯାଉଛି। ଚାପଗ୍ରସ୍ତ ମଧ୍ୟବିତ୍ତ ଶ୍ରେଣୀର ପ୍ରସଙ୍ଗ ଉଠାଇ ସଂସଦରେ ରାହୁଲ ଗାନ୍ଧୀ ଅପଦସ୍ତ ହୋଇଥିବା ବେଳେ ଆଗାମୀ ଦିନରେ ମଧ୍ୟବିତ୍ତ, ଉତପୀଡ଼ିତ ଦଳିତ, ଗରିବ, ଆଦିବାସୀ ମାନଙ୍କର ପ୍ରସଙ୍ଗ ଉଠାଇବା ସହିତ ଆଡାନୀଙ୍କୁ ଲାଞ୍ଚ ଦେଇଥିବା ଅଭିଯୋଗରେ ଆମେରିକା କୋର୍ଟରୁ ଆସିଥିବା ସମନ ନେଇ ହୁଲସ୍ଥୁଲ ହେଉଛି ସଂସଦ। ହନ୍ତସନ୍ତ ମଧ୍ୟବିତ୍ତଙ୍କ ଯେପରି କେହି ସାହା ଭରସା ନାହିଁ, ସେପରି ଅନୁଭୂତ ହେଉଥିବାବେଳେ ସରକାର ଆଜମେର ଦରଘା ତଳୁ ଶିବ ମନ୍ଦିର ଖୋଦୁଛନ୍ତି କିନ୍ତୁ ଏପଟେ ରତ୍ନଭଣ୍ଡାରରୁ କଣ କଣ ଅଳଙ୍କାର ମିଳିଲା ତାହାର ହିସାବ ଦେଇପାରୁନାହାନ୍ତି। କେଦାରନାଥରୁ 228 କିଲୋ ସୁନା ଗଲା କୁଆଡେ ବୋଲି ଶଙ୍କରାଚାର୍ଯ୍ୟଙ୍କ ପ୍ରଶ୍ନର କୌଣସି ଉତ୍ତର ନାହିଁ। ଭୁବନେଶ୍ୱର ବିମାନବନ୍ଦରରୁ ଜବତ ହୋଇଥିବା ସୁନା କାହାର ତାହାର କୌଣସି ଯାଞ୍ଚ ହେଲାନି। ଯେଉଁ ସରକାରର କିଛି ବି ଉତ୍ତରଦାୟିତ୍ୱ ନାହିଁ, ସେଭଳି ଡବଲ ଇଂଜିନ ସରକାର ମଧ୍ୟବିତ୍ତଙ୍କ ଆର୍ଥିକ ସ୍ଥିତି ମଜବୁତ କରିବା ପାଇଁ କଣ କରିପାରିବେ ବୋଲି ସର୍ବସାଧାରଣରେ ପ୍ରସଙ୍ଗ ସହିତ ପ୍ରଶ୍ନ ଉଠିବା ସ୍ୱାଭାବିକ।


ପ୍ଲଟ ନଂ-୬୭୦, ହାଟସାହି, ଓଲ୍ଡ ଟାଉନ, ଭୁବନେଶ୍ୱର
ମୋବାଇଲ: ୭୭୩୫୦୮୩୩୫୩


# ବିପ୍ରଶାପ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**



ବିପ୍ର ଚିହ୍ନଟ ପାଇଁ ଲୋକାଚାରକୁ ଗଲେ ଜାଣିବାକୁ ମିଳିବ ଯେଉଁମାନେ ଶୁଦ୍ଧ ସଂସ୍କାରିତ ଜୀବନ ବିତାନ୍ତି ଉପନୟନ କାର୍ଯ୍ୟ ତାଙ୍କର ହେଉଥାଏ। ବିଦ୍ୟାର୍ଜନ ପରେ ଗୁରୁଙ୍କ ଦ୍ୱାରା ଶକ୍ତି ପ୍ରାପ୍ତ ହୋଇଥାନ୍ତି। ଅନେକ ପ୍ରକାର ଭୌତିକ ଜିନିଷ ପ୍ରତି ଲୋଭସକ୍ତ ନୁହଁନ୍ତି। ପୁରୁଷ ହୋଇ କାମାତୁର ହୋଇ ଅନ୍ୟର ନାରୀ ପ୍ରତି ଆକୃଷ୍ଟ ହୁଅନ୍ତି ନାହିଁ। ଜୀବନରେ ଏକ ଲକ୍ଷ୍ୟ ଈଶ୍ୱର ପ୍ରାପ୍ତି ବା ସାନ୍ନିଧ୍ୟ ଲାଭ ଯଜନ ଯାଜନ ଅଧ୍ୟୟନ ତାଙ୍କର ବୃତ୍ତି ହୋଇଥାଏ। ତାଙ୍କର ଆଶୀର୍ବାଦ କରିବା କ୍ଷମତା ସହିତ ଅଭିଶାପର କ୍ଷମତା ରହିଛି ଯାହା ଆଶୁ କାର୍ଯ୍ୟକାରୀ ହୋଇଥାଏ। ଏ ଯୁଗରେ ଲୋକେ ଦେଖୁଥିବା ଅପେରା ଡ୍ରାମା ଓ ଫିଲ୍ମ, ଟିଭି, ମୋବାଇଲରେ ସେହି ପୂର୍ବ ଯୁଗର କଳ୍ପିତ ବିପ୍ର ଋଷି ମୁନୀଙ୍କର ରୂପରେଖ ଦେଖିବାକୁ ମିଳୁଛି। ପ୍ରକୃତରେ ବସ୍ତ୍ର ପରିଚ୍ଛଦ ବେଳକୁ ବେଳ ସଂସ୍କାରିତକୁ ରୂପର ସଂଦର୍ଶନ ସଂସ୍କାରିତ ହେବା ସହିତ ପ୍ରାକ ବିଦ୍ୟାଧ୍ୟୟନ ସଂସ୍କାରିତ ହୋଇ ଚାଲିଛି। ଋଷିବା ଗୁଣରୁ ଋଷି, ମାନିନେବା କଥାରୁ ମୁନୀ ଶବ୍ଦର ଉତ୍ପତ୍ତି। ବିଦ୍ୟା ଓ ପନ୍ଥାରେ ବ୍ୟତିକ୍ରମ ଥିବା ଉପଲବ୍ଧି କରି ତାର ସଂସ୍କାର ପନ୍ଥି ମାନେ ହିଁ ଋଷି। ଯେଉଁ ପରମ୍ପରା ଶାସ୍ତ୍ର ବିଧାନ ପେନାଲ କୋର୍ଡ଼ ଶିକ୍ଷା ପଦ୍ଧତି ଧର୍ମ ଧାରା ବଳବତ୍ତର ରହିଛି ତାହା ହେଉଛି ମୁନୀ ମାର୍ଗ। ଏଥିରେ ଯେ ବ୍ରତୀ କାର୍ଯ୍ୟରତ ସେମାନେ ମୁନୀ। ଏହା ଦୁଇ ବିପ୍ରର ମାର୍ଗ କାରଣ ସ୍ଥାନ ସଂସ୍କାର ଉପନୟନ ଶିକ୍ଷା ମନ୍ତ୍ରଗ୍ରହ ଶକ୍ତି ପାତ ଏମାନଙ୍କର ହୋଇଥାଏ। ବିଦ୍ୟାଳୟ କଲେଜ ଇଣ୍ଟରଭ୍ୟୁ ପ୍ରଭୃତି ଦେଇ ଏମାନେ ମୂଳରୁ ଆସିଥାନ୍ତି। ଜଣେ ବିଚାରପତି, ଜଣେ ପୋଲିସ, ଆଇଏଏସ ଅଫିସର, ଋଷିଚର୍ଯ୍ୟାର କର ବ୍ୟତିକ୍ରମ ଦେଖିଲେ ବା ଭାବିଲେ ସାଥି କର୍ମକାର୍ଯ୍ୟ କରୁଛନ୍ତି। ଏମାନେ ଆଦେଶକଲେ ଯେଉଁମାନେ ମାନି ତାକୁ ପାଳନ କରୁଛନ୍ତି ସେମାନେ ମୁନୀ। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଏମାନେ ଋଷି, ଏମପି, ଏମଏଲଏ ଏମାନେ ମୁନୀ ଏପରି ଧାରାରେ ଏ ସଂସାର ପ୍ରକ୍ରିୟା ଏବେ ଚାଲିଛି। ହେଲେ ପୂର୍ବ ରୂପ ପୋଷାକ ପରିବର୍ଜନ ହୋଇଛି। ଋଷି ମୁନୀଙ୍କର ଜଙ୍ଗଲ କାନନ ବାସ ଏବେ ସହରି ବସରେ ପରିଣତ ହୋଇଛି। ଶିକ୍ଷକମାନେ ଋଷି, ଛାତ୍ରଛାତ୍ରୀମାନେ ମୁନୀ ଭାବରେ ଏବେ ବୁଝା ପଡୁଛି।

ଦ୍ୱାରିକାଧୀଶ ଶ୍ରୀକୃଷ୍ଣଙ୍କର ଅନେକ ପତ୍ନୀ ବା ରାଣୀ ମହାରାଣୀ ତାଙ୍କର ସନ୍ତାନମାନେ ଅଭୟରେ ଦ୍ୱାରିକାରେ ବିଚରଣ କରୁଥିଲେ। ଦ୍ୱାରିକା ସହରର ନଗର ଏହାର ରାଜପଥରେ ବନବାସୀ ଋଷିମୁନୀ ଯାତ୍ରା କରୁଥିଲେ ଶ୍ରୀକୃଷ୍ଣ ପୁଅମାନେ ପଢ଼ିଛନ୍ତି ଶୁଣିଛନ୍ତି ଏଇ ବିପ୍ରମାନେ ଭବିଷ୍ୟତ ବାଣୀ କରନ୍ତି ଏହାକୁ ପରିହାସ କରିବା ମାନସରେ ଏକ ନାଟକବାଜୀ ଶ୍ରୀକୃଷ୍ଣ କୁମାରମାନେ ଏକ ମାୟା ଗର୍ଭବତୀ ରୂପର ଯୁବକକୁ ଯୁବତୀ ରୂପେ ସଜାଇ ବିପ୍ର ମାନଙ୍କୁ ପ୍ରଶ୍ନ କଲେ ଏହି ନାରୀର ଗର୍ଭ ବହୁଦିନ ହେଲାଣି ସମୟ ଅତିକ୍ରାନ୍ତ ଏ କେବେ ସନ୍ତାନ କରିବ ? ଏସବୁ ମିଥ୍ୟା ରଚନା ମାୟାବୀ ବା ଯମ ବିପ୍ରମାନେ ବାକସିଦ୍ଧ ସେମାନଙ୍କ ଏଇ ଠକ କଥାରେ ବିରକ୍ତ ହୋଇ ସଜ ହୋଇ ଗର୍ଭବତୀର ପେଟ ବଢ଼ାଇବା ମାର୍ଗଟି ବୁଝିନେଇ କହିଥିଲେ ଏ ଲୌହ ଜନ୍ମ ଦେବ ଓ ଏ ଲୌହରେ ବଂଶ ସମୂଳେ ଧ୍ୱଂସ ହେବ। ପ୍ରକୃତରେ ତାହା ହିଁ ହୋଇଥିଲା। କୌଣସି ପ୍ରତିକାର କାମ କରିନଥିଲା। ଶ୍ରୀକୃଷ୍ଣ ରାଜା ତାଙ୍କର ଔରସ ଜାତ ହୁଅନ୍ତୁ ବା ଭିନ୍ନ ଭାବରେ ପ୍ରଜାଦି ସନ୍ତାନ ହୁଅନ୍ତୁ ବହୁବର୍ଷ ଅଭୟ ପ୍ରଶାସନରେ ରହି ଏତେ ବିଶୃଙ୍ଖଳିତ ହୋଇଥିଲେ ହିତାହତ ଜ୍ଞାନ ଶୂନ୍ୟ କାର୍ଯ୍ୟ କରିବାକୁ ଦ୍ୱିଧା କରୁନଥିଲେ। ଶେଷରେ ଏହି ବିପ୍ରଶାପରେ ସମସ୍ତ ବ୍ୟବସ୍ଥା ଶେଷ ହୋଇଥିଲା। ଏପରି ଏକ ରାଜ, ପ୍ରଶାସନ, ପ୍ରତାପୀ ବୋଲାଉଥିବା ବା ପ୍ରତାପୀ ହୋଇ ରହିଥିବା ଶାସନ ଏମିତି ପରମ୍ପରାରେ ଆସିଯାଏ। ଏଥିରେ ଅନେକ ଅତିଷ୍ଠ ହୁଅନ୍ତି। ଏଇ ବିପ୍ର ମୁନୀ ଋଷି ଜ୍ଞାନୀମାନେ ଆକ୍ରାନ୍ତ ହେଲେ ସମଗ୍ର ବ୍ୟବସ୍ଥା ଇତିହୁଏ। ଏମିତି ମୋଗଲ ବ୍ୟବସ୍ଥା ଯାଇଛି, ବିଟ୍ରିଶ ବ୍ୟବସ୍ଥା ଯାଇଛି, ମରହଟ୍ଟା ମୁସଲିମ ପ୍ରଶାସନର ନବାବ, ନିଜାମ ସୁଲତାନ ଶାସନ ଟଳିଛି। କଂଗ୍ରେସ ଶାସନ ଭଳି ସୁଦୃଢ଼ ଶାସନ ବଦଳିଛି, ପଶ୍ଚିମବଙ୍ଗର କମ୍ୟୁନିଷ୍ଟ ଶାସନ ବଦଳିଛି ଏବେ ବିଜେଡ଼ି ଶାସନରେ ସେହି ଅବସ୍ଥା ଆସିଛି।

ଉପଯୁକ୍ତ ବିଜ୍ଞ ବିଦ୍ୱାନଙ୍କୁ ଅବହେଳା କରିଲେ ବିପ୍ରଶାପ ଆସିବ ହିଁ ଆସିବ। ଏହାର ଜଡ଼ ଖୋଜି କର୍ତ୍ତାମାନେ ଶରଣାପନ୍ନ ହେବା ଦରକାର। ରାଜ ପାରିଷଦ ପରି ଜ୍ଞାନୀ ପରିଷଦ ଏ ସମୟରେ ନିଶ୍ଚେ ଆବଶ୍ୟକ। ହିତାୟତ ବିଚାରପତି ଓକିଲ, ଅର୍ଥନୀତିଜ୍ଞ, ପ୍ରଫେସର, ପୋଲିସ ଅଧିକର୍ତ୍ତା ବୟସ କୃଷକ, ଚିକିତ୍ସକ, ସେନାପତି ପୁରାତନ ସମୟ ଭୋକ୍ତା ରାଜନେତା ଏମାନଙ୍କ ପାଇଁ ଶାସନରେ ଉପଦେଷ୍ଟା ରଖାଯିବା ଦରକାର। ମନ୍ତ୍ରୀ କରାଯିବା, ବିଭାଗୀୟ ସଚିବ କରାଯିବା ମନା ନାହିଁ, ଏମାନେ ଉଦ୍ଦିଷ୍ଟ ବିଭାଗୀୟ ସମସ୍ୟା ପୂର୍ବରୁ କେମିତି ଅବଗତ ହେବେ ତା ପାଇଁ କିଛି ତାଲିକା ହେବା ଦରକାର। ପଦବୀ ଧରିଲେ ବିଦ୍ୟା ମନକୁ ଆସେନାହିଁ। ଏଥିରେ ଅଭିଜ୍ଞ ଓ ବ୍ୟବସ୍ଥାରେ କେଉଁଠି ବ୍ୟତିକ୍ରମ ରୋକ ରହିଛି ଜାଣିବା ଦରକାର। ନହେଲେ ରାଜ୍ୟର ପାପ ରାଜା ମୁଣ୍ଡକୁ ଆସିଯିବ।


ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ
ମୋବାଇଲ୍: ୯୪୩୭୦୩୧୨୫୩

# ପ୍ରୟାଗରାଜରେ ୫,୫୦୦ କୋଟି ଟଙ୍କାର ପ୍ରକଳ୍ପ ଭେଟିଦେଲେ ମୋଦି





**ଲକ୍ଷ୍ନୌ, ୧୩।୧୨:** ଉତ୍ତରପ୍ରଦେଶ ଗସ୍ତରେ ଯାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ମହାକୁମ୍ଭ ମେଳା ପାଇଁ ବିକାଶମୂଳକ କାମର ସମୀକ୍ଷା କରିଛନ୍ତି। ଏଥିସହ ପ୍ରୟାଗରାଜରେ ୫ହଜାର ୫୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଭେଟି ଦେଇଛନ୍ତି। ମଧ୍ୟାହ୍ନରେ ସଙ୍ଗମ ସ୍ଥଳରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ଦର୍ଶନ କରିବେ। ପରେ ଅକ୍ଷୟ ବଟବୃକ୍ଷ ସ୍ଥଳରେ ସ୍ଥଳରେ ପୂଜାର୍ଚ୍ଚନା କରିବେ ପ୍ରଧାନମନ୍ତ୍ରୀ। ପରେ ପରେ ହନୁମାନ ମନ୍ଦିର ଓ ସରସ୍ୱତୀ କୂଅକୁ ଯାଇ ପୂଜା କରିବା କାର୍ଯ୍ୟକ୍ରମ ରହିଛି। ଦିନ ସାଢେ ଗୋଟାଏରେ ମହାକୁମ୍ଭ ପ୍ରଦର୍ଶନୀ ସ୍ଥାନ ପରିଦର୍ଶନ କରିବେ ପ୍ରଧାନମନ୍ତ୍ରୀ। ଏହାପରେ ଅପରାହ୍ନ ପ୍ରାୟ ୨ଟାରେ ପ୍ରଧାନମନ୍ତ୍ରୀ ପ୍ରୟାଗରାଜରେ ୫୫୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଶୁଭାରମ୍ଭ କରିବେ। ଯେଉଁଥିରେ ରହିଛି ବିଭିନ୍ନ ରେଳ, ସଡକ, ବିଦ୍ୟୁତ, ପାନୀୟଜଳ ଏବଂ ସ୍ୱାସ୍ଥ୍ୟସେବା ସମ୍ପର୍କିତ ଏକାଧିକ ପ୍ରକଳ୍ପ। ଏଥିସହିତ ଭରଦ୍ୱାଜ ଆଶ୍ରମ କରିଡର, ଶ୍ରୀଙ୍ଗଭରପୁର ଧାମ କରିଡର, ଅକ୍ଷୟଭଟ୍ଟ କରିଡର, ହନୁମାନ ମନ୍ଦିର କରିଡର ଆଦିର ମଧ୍ୟ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ। ଏହି ଅବସରରେ ପ୍ରଧାନମନ୍ତ୍ରୀ କୁମ୍ଭ 'ସାହାୟକ' ଚାଟବଟ୍ ମଧ୍ୟ ଲଞ୍ଚ କରିବେ। ଯାହାକି ଶ୍ରଦ୍ଧାଳୁଙ୍କୁ ମହାକୁମ୍ଭ ମେଳା ୨୦୨୫ ଓ ଏହାର କାର୍ଯ୍ୟକ୍ରମ ବିଷୟରେ ସର୍ବଶେଷ ସୂଚନା ପ୍ରଦାନ କରିବ।

୨୦୨୫ ଜାନୁଆରୀ ୧୩ ତାରିଖରୁ ଫେବୃଆରୀ ୨୬ ଯାଏ ମହାକୁମ୍ଭ ମେଳା ଚାଲିବ। ଏଥିରେ ପ୍ରାୟ ୪୦ କୋଟି ଲୋକଙ୍କର ସମାଗମ ଆଶା କରାଯାଉଛି। ପ୍ରତି ୧୨ ବର୍ଷରେ ଥରେ ପ୍ରୟାଗରାଜରେ ହୋଇଥାଏ ମହାକୁମ୍ଭ ମେଳା।




## ଟ୍ରମ୍ପ ଟାଇମ ମାଗାଜିନର 'ପର୍ସନ ଅଫ୍ ଦି ଇୟର'

**ୱାଶିଂଟନ, ୧୩।୧୨:** ଟାଇମ ମାଗାଜିନ ପକ୍ଷରୁ ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ୨୦୨୪ ପାଇଁ 'ପର୍ସନ ଅଫ୍ ଦି ଇୟର' ଭାବେ ନାମିତ କରାଯାଇଛି। ଏହି ସମ୍ମାନ ଟ୍ରମ୍ପଙ୍କୁ ଦ୍ୱିତୀୟ ଥର ପାଇଁ ମିଳିଛି। ପୂର୍ବରୁ ୨୦୧୬ରେ ମଧ୍ୟ ଟାଇମ ମାଗାଜିନ ପକ୍ଷରୁ ଟ୍ରମ୍ପଙ୍କୁ 'ପର୍ସନ ଅଫ୍ ଦି ଇୟର' ଭାବେ ନାମିତ ହୋଇଥିଲେ। ଗତ ବର୍ଷ ଏହି ସମ୍ମାନ ଆମେରିକୀୟ ଗାୟିକା ତଥା ପପ୍ ଆଇକନ୍ ଟେଲର ସ୍ୱେଫ୍ଟଙ୍କୁ ମିଳିଥିଲା। ଟାଇମ ମାଗାଜିନର ମୁଖ୍ୟ ସମ୍ପାଦକ ସାମ ଜାକବ୍ସ କହିଛନ୍ତି, ଟ୍ରମ୍ପ ଚଳିତ ବର୍ଷର ଚର୍ଚ୍ଚିତ ବ୍ୟକ୍ତିତ୍ୱ ଥିଲେ। ରାଷ୍ଟ୍ରପତି ନିର୍ବାଚନ ପ୍ରଚାର ସମୟରେ ତାଙ୍କର ହତ୍ୟା ଉଦ୍ୟମ ମଧ୍ୟ ହୋଇଥିଲା। ଟ୍ରମ୍ପଙ୍କ ନିର୍ବାଚନୀ ପ୍ରଚାର ଆମେରିକା ରାଷ୍ଟ୍ରପତି ପଦର ମହତ୍ତ୍ୱକୁ ବଢ଼ାଇଥିବାରୁ ତାଙ୍କୁ ଏହି ସମ୍ମାନ ମିଳିଛି। ତେବେ ଟ୍ରମ୍ପଙ୍କଠାରୁ ପରାସ୍ତ ହୋଇଥିବା ଡେମୋକ୍ରାଟିକ ପାର୍ଟିର ପ୍ରାର୍ଥୀ କମଲା ହ୍ୟାରିସ୍ ଚଳିତ ବର୍ଷର ଏହି ସମ୍ମାନ ପାଇଁ ୫ ଫାଇନାଲିଷ୍ଟଙ୍କ ମଧ୍ୟରେ ସାମିଲ ଥିଲେ।

## ଘରୋଇ ହସ୍ପିଟାଲରେ ନିଆଁଲାଗି ୭ ମୃତ

**ଚେନ୍ନାଇ, ୧୩।୧୨:** ତାମିଲନାଡୁର ଡିଣ୍ଡିଗୁଲ ଜିଲ୍ଲାର ଥିବା ଏକ ଘରୋଇ ହସ୍ପିଟାଲରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗି ୭ ଜଣ ଜୀବନ୍ତ ଦଗ୍ଧ ହୋଯାଇଛନ୍ତି। କିଛି ଆହତ ହୋଇଥିବା ବେଳେ ୨୯ ଜଣ ରୋଗୀଙ୍କୁ ଉଦ୍ଧାର କରି ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ଥିବା ସୂଚନା ମିଳିଛି। ଗତକାଲି ରାତିରେ ଡିଣ୍ଡିଗୁଲ ଜିଲ୍ଲାର ତ୍ରିଚି ରୋଡରେ ଥିବା ଏକ ଘରୋଇ ହସ୍ପିଟାଲରେ ହଠାତ୍ ନିଆଁ ଲାଗି ଯାଇଥିଲା।ତଳ ମହଲା ରିସେପ୍ସନ ଏରିଆରେ ସର୍ଟ ସର୍କିଟରୁ ନିଆଁ ଉପର ମହଲାକୁ ବ୍ୟାପି ଯାଇଥିଲା। ଚାହୁଁ ଚାହୁଁ ନିଆଁ ସହ ଧୂଆଁମୟ ହୋଇଥିଲା ପୂରା ହସ୍ପିଟାଲ। ନିଆଁରେ ୬ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ କିଛି ରୋଗୀ ଆହତ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ୨୯ ରୋଗୀଙ୍କୁ ଉଦ୍ଧାର କରି ଡିଣ୍ଡିଗୁଲ ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଓ ଅଗ୍ନିଶମ ବାହିନୀ ମିଳିତ ଉଦ୍ୟମରେ ୨ ଘଣ୍ଟା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ଅସ୍ପଷ୍ଟ ଥିବା ବେଳେ ସର୍ଟ ସର୍କିଟରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଜିଲ୍ଲା କଲେକ୍ଟର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି।

## ହାଇକୋର୍ଟ ବିଚାରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ

**ଲକ୍ଷ୍ନୌ, ୧୩।୧୨:** ସଂଖ୍ୟାଗରିଷ୍ଠଙ୍କ ଇଚ୍ଛାରେ ଦେଶ ଚାଲିବା ଉଚିତ୍ ବୋଲି ବିବାଦୀୟ ମନ୍ତବ୍ୟ ଦେଇଥିବା ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ଶେଖର କୁମାର ଯାଦବଙ୍କୁ ବହିଷ୍କାର କରିବା ପାଇଁ ଶୁକ୍ରବାର ରାଜ୍ୟସଭାରେ ବିରୋଧୀ ଦଳ ସାଂସଦମାନେ ମହାଭିଯୋଗ ପ୍ରସ୍ତାବ ଆଣିଛନ୍ତି। ସମାଜବାଦୀ ପାର୍ଟି ସାଂସଦ କପିଲ ସିବଲଙ୍କ ନେତୃତ୍ୱରେ ଏହି ମହାଭିଯୋଗ ପ୍ରସ୍ତାବକୁ ରାଜ୍ୟସଭାର ସେକ୍ରେଟେରୀ ଜେନେରାଲଙ୍କ ନିକଟରେ ଦାଖଲ କରାଯାଇଛି। ଏହି ପ୍ରସ୍ତାବରେ ପ୍ରାୟ ୫୫ ଜଣ ରାଜ୍ୟସଭା ସାଂସଦଙ୍କ ଦସ୍ତଖତ ରହିଛି। ସଂସଦ ଶୀତ ଅଧିବେଶନ ଶେଷ ହେବା ପୂର୍ବରୁ ଏହି ମହାଭିଯୋଗ ପ୍ରସ୍ତାବ ଉପରେ ଗୃହରେ ଆଲୋଚନା ହେବ ବୋଲି ଆଶା କରାଯାଉଛି।

ଗତ ରବିବାର ବିଶ୍ୱ ହିନ୍ଦୁ ପରିଷଦର ଲିଗାଲ ସେଲ୍ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜଷ୍ଟିସ ଯାଦବ ଯୋଗ ଦେଇଥିଲେ। ସେଠାରେ ସେ କହିଥିଲେ "ମୁଁ ଏହା କହିବାରେ ଆଦୌ ଦ୍ୱିଧା କରିବି ନାହିଁ ଯେ ଏଇଟା ହେଉଛି ହିନ୍ଦୁସ୍ତାନ। ଏହି ଦେଶ ହିନ୍ଦୁସ୍ତାନରେ ରହୁଥିବା ସଂଖ୍ୟାଗରିଷ୍ଠଙ୍କ ଇଚ୍ଛାରେ କାର୍ଯ୍ୟ କରିବ। ଏହା ଆଇନ। ଜଣେ ହାଇକୋର୍ଟ ବିଚାରପତି ଭାବେ ଏପରି କେମିତି କହୁଛି ବୋଲି ଆପଣ କହିପାରିବେ ନାହିଁ। ଆଇନ ସଂଖ୍ୟାଗରିଷ୍ଠତାଙ୍କ ହିସାବରେ ଚାଲେ। ଏହାକୁ ପରିବାର କିମ୍ବା ସମାଜ ହିସାବରେ ଦେଖନ୍ତୁ। ଏକକ ନାଗରିକ ସଂହିତା (UCC) ଖୁବଶୀଘ୍ର ବାସ୍ତବ ରୂପ ନେବ। ହିନ୍ଦୁତ୍ୱରୁ ସତୀ ଦାହ ଭଳି ପ୍ରଥାକୁ ଉଚ୍ଛେଦ କରାଯାଇ ସାରିଛି। କିନ୍ତୁ ମୁସଲିମ ସଂପ୍ରଦାୟରେ ଏବେ ବହୁ ପତ୍ନୀ ପ୍ରଥା ଜାରି ରହିଛି। ଆପଣ କେବେ ହେଲେ ୪ ପତ୍ନୀର ଅଧିକାର ସପକ୍ଷରେ ଦାବି କରିବେ ନାହିଁ। ହଲାଲା କିମ୍ବା ଟ୍ରିପଲ ତଲାକକୁ ଯଥାର୍ଥ ବୋଲି କହିପାରିବେ ନାହିଁ।' ବିଚାରପତି ଜଷ୍ଟିସ ଶେଖର କୁମାର ଯାଦବଙ୍କ ବିରୋଧରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ମଧ୍ୟ ଗୋଟିଏ ଅଭିଯୋଗ ପାଇଛନ୍ତି। ଏଥିରେ ଜଷ୍ଟିସ ଯାଦବଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଅଭିଯୋଗ ପାଇବା ପରେ ପ୍ରଧାନ ବିଚାରପତି ଜଷ୍ଟିସ ଖାନ୍ନା ଆହ୍ଲାବାଦ ହାଇକୋର୍ଟଙ୍କୁ ଜବାବ ମାଗିଛନ୍ତି।

### ରେଣୁକାସ୍ୱାମୀ ହତ୍ୟା ମାମଲା

## ଅଭିନେତା ଦର୍ଶନ ଓ ବାନ୍ଧବୀଙ୍କୁ ମିଳିଲା ଜାମିନ



**ବେଙ୍ଗାଲୁରୁ, ୧୩।୧୨:** କନ୍ନଡ ସିନେମା ସୁପରଷ୍ଟାର ଦର୍ଶନ ତୁଗୁଦୀପଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ହାଇପ୍ରୋଫାଇଲ୍ ରେଣୁକାସ୍ୱାମୀ ହତ୍ୟା ମାମଲାରେ କର୍ଣ୍ଣାଟକ ହାଇକୋର୍ଟ ଦର୍ଶନ ଓ ତାଙ୍କ ବାନ୍ଧବୀ ପବିତ୍ରା ଗୌଡାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଏହି ମାମଲାରେ ସଂପୃକ୍ତ ଅନ୍ୟ ୫ଜଣ ଅଭିଯୁକ୍ତଙ୍କୁ ବି ବେଲ୍ ମିଳିଥିବାବେଳେ ଡିସେମ୍ବର ୧୬ ତାରିଖରେ ସମସ୍ତେ ଜେଲରୁ ବାହାରିବେ ବୋଲି ଜଣାପଡ଼ିଛି। ପୂର୍ବରୁ ସ୍ୱାସ୍ଥ୍ୟଜନିତ ସମସ୍ୟାରେ ଦର୍ଶନ ବେଲରେ ବାହାରେ ଅଛନ୍ତି। ହାଇକୋର୍ଟ ଦେଇଥିବା ଜାମିନ ସର୍ତ୍ତାବଳୀ ଅନୁଯାୟୀ, ଅଭିଯୁକ୍ତମାନେ କୋର୍ଟରେ ଏହି ମାମଲା ଶୁଣାଣି ତାରିଖଗୁଡ଼ିକରେ ଉପସ୍ଥିତ ରହିବେ ଏବଂ ସାକ୍ଷୀମାନଙ୍କ ସହିତ ଯୋଗାଯୋଗ କରିପାରିବେ ନାହିଁ ବା ସେମାନଙ୍କୁ ଭୟଭୀତ କରିପାରିବେ ନାହିଁ। ପୂର୍ବରୁ ଜେଲରେ ଥିବା ଦର୍ଶନ ସ୍ପାଇନ ଜନିତ ସମସ୍ୟାରେ ପଡ଼ିଥିଲେ। ଏହାର ଅପରେସନ ଜରୁରୀ ବୋଲି ତାଙ୍କ ଓକିଲ କୋର୍ଟଙ୍କୁ ଅବଗତ କରାଇଥିଲେ। ଯାହାକୁ ନେଇ ସମସ୍ତ ମେଡିକାଲ ପରୀକ୍ଷା ନିରୀକ୍ଷା ପରେ ତାଙ୍କୁ ହାଇକୋର୍ଟ ଅକ୍ଟୋବର ୩୦ରେ ଜାମିନ ମଞ୍ଜୁର କରିଥିଲେ। ଦର୍ଶନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯିବ ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ କୋର୍ଟକୁ ନିୟମିତ ଅବଗତ କରାଯିବ ବୋଲି କୋର୍ଟ ସର୍ତ୍ତ ରଖି ଜାମିନ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ୩୩ ବର୍ଷୀୟ ଜଣେ ପ୍ରଶଂସକ ରେଣୁକାସ୍ୱାମୀଙ୍କୁ ଭୟଙ୍କର ଢଙ୍ଗରେ କରାଯାଇଥିବା ହତ୍ୟା ପଛରେ ଅଭିନେତା ଦର୍ଶନଙ୍କ ହାତ ଥିବା ଜଣାପଡ଼ିଥିଲା। ଏହି ମାମଲାରେ ତାଙ୍କୁ ଜୁନ ୧୧ରେ ଗିରଫ କରାଯାଇଥିଲା। ଦର୍ଶନଙ୍କ ଘନିଷ୍ଠ ବାନ୍ଧବୀ ପବିତ୍ରା ଗୌଡାଙ୍କୁ ମୃତ ରେଣୁକାସ୍ୱାମୀ ସୋଶାଲ ମିଡିଆରେ ଆପତ୍ତି ଜନକ ମେସେଜ କରିଥିଲେ। ଯାହାର ପ୍ରତିଶୋଧ ନେବାକୁ ଦର୍ଶନ ସୁପାରି ଦେଇ ରେଣୁକାସ୍ୱାମୀଙ୍କୁ ହତ୍ୟା କରାଇଥିବା ଅଭିଯୋଗ ହୋଇଥିଲା। ଏହି ହତ୍ୟାକାଣ୍ଡରେ ଦର୍ଶନ ଓ ତାଙ୍କ ବାନ୍ଧବୀଙ୍କ ସମେତ ମୋଟ ୧୯ ଜଣଙ୍କୁ ଗିରଫ କରାଯାଇଛି।

## ଅନାସ୍ଥା ନୋଟିସକୁ ନେଇ ରାଜ୍ୟସଭାରେ ହଟଗୋଳ

**ନୂଆଦିଲ୍ଲୀ, ୧୩।୧୨:** ରାଜ୍ୟସଭା ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ବିରୋଧରେ ବିରୋଧୀ ଦଳର ଅନାସ୍ଥା ନୋଟିସକୁ ନେଇ ଶୁକ୍ରବାର ରାଜ୍ୟସଭାରେ ପ୍ରବଳ ହଟ୍ଟଗୋଳ ଏବଂ ଉତ୍ତେଜନାମୂଳକ ବାକ୍ ବିନିମୟ ଦେଖିବାକୁ ମିଳିଛି। ଗୃହର ଅଧ୍ୟକ୍ଷ ଶ୍ରୀ ଧନଖଡ଼ କହିଛନ୍ତି ଯେ, ସେ ବିରୋଧୀଙ୍କ ଦ୍ୱାରା ତାଙ୍କର ଅପମାନକୁ ଅନେକ ଦିନ ସହ୍ୟ କଲେଣି। ଏହାକୁ ଆଉ ବରଦାସ୍ତ କରାଯିବନି। ଗୃହର ମର୍ଯ୍ୟାଦା ରକ୍ଷା ତାଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟ। ବ୍ୟକ୍ତିଗତ ଭାବେ କାହା ପ୍ରତି ତାଙ୍କର ଅଭିଯୋଗ ବା ଆକ୍ଷେପ ନାହିଁ। ଗୃହରେ ସମସ୍ତଙ୍କୁ ନିଜ ବକ୍ତବ୍ୟ ରଖିବାର ସୁଯୋଗ ଦେବାକୁ ସେ ବରାବର ଉଦ୍ୟମ କରିଛନ୍ତି। କାହା ପ୍ରତି ଅନ୍ୟାୟ କରି ନାହାଁନ୍ତି। ବିରୋଧୀ ତାଙ୍କୁ ଅପମାନିତ କରିବାରେ କିଛି ଅସୁବିଧା ନାହିଁ। କିନ୍ତୁ ସେମାନେ ଗୃହର ଗରିମା ହାନି କରୁଛନ୍ତି, ଅନ୍ୟର କହିବାର ଅଧିକାରକୁ ଅପହରଣ କରୁଛନ୍ତି, ଚେୟାରକୁ ଅପମାପନିତ କରୁଛନ୍ତି। ଏହାକୁ ଆଉ ସେ ବରଦାସ୍ତ କରିବେ ନାହିଁ। ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ସେ ସ୍ୱାଗତ କରୁଛନ୍ତି। ଏହା ଉପରେ ଗୃହରେ ବିଧି ଅନୁଯାୟୀ ଆଲୋଚନା ହେବ ବୋଲି ସେ କହିଛନ୍ତି। ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଅଧ୍ୟକ୍ଷଙ୍କ ପ୍ରତି ଆକ୍ଷେପ କରି କହିଥିଲେ ଯେ, ସେ ବିଜେପି ସଦସ୍ୟମାନଙ୍କୁ ଅନ୍ୟ ଦଳର ସଦସ୍ୟଙ୍କୁ ଅପମାନିତ କରିବା ଭଳି କହିବା ପାଇଁ ପ୍ରୋତ୍ସାହିତ କରୁଛନ୍ତି। ଆମେ ଏଠାକୁ ଦେଶ ଏବଂ ଦେଶବାସୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ ଆସିଛୁ। କାହାର ପ୍ରଶସ୍ତି କରିବାକୁ ନୁହେଁ ବୋଲି ଖାର୍ଗେ କହିଥିଲେ। ଏଭଳି ହଟ୍ଟଗୋଳ ମଧ୍ୟରେ ଅଧ୍ୟକ୍ଷ ଧନଖଡ଼ ଗୃହକୁ ଆସନ୍ତା ସୋମବାର ପର୍ଯ୍ୟନ୍ତ ମୁଲତବି ଘୋଷଣା କରିଥିଲେ।

## ଲୋକସଭାରେ ସମ୍ବିଧାନ ଉପରେ ସ୍ୱତନ୍ତ୍ର ବିତର୍କ

# ସମ୍ବିଧାନ ସଂଘ ପରିବାରର ବିଧାନ ନୁହେଁ: ପ୍ରିୟଙ୍କା



**ନୂଆଦିଲ୍ଲୀ,୧୩।୧୨:** ଭାରତୀୟ ସମ୍ବିଧାନ ଦେଶର ନାଗରିକଙ୍କ ପାଇଁ ଏକ ସୁରକ୍ଷା କବଚ, କିନ୍ତୁ ବିଜେପି ଏହି ସୁରକ୍ଷା କବଚକୁ ଭାଙ୍ଗିବା ନିମନ୍ତେ ଉଦ୍ୟମ କରୁଛି। ସମ୍ବିଧାନ ସଂଘ ପରିବାରା ବିଧାନ ନୁହେଁ ବୋଲି କହିଛନ୍ତି କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧି ଭଦ୍ରା।

ଶୁକ୍ରବାର ଲୋକସଭାରେ ସମ୍ବିଧାନ ଗୃହୀତ ହେବାର ୭୫ ବର୍ଷ ପୂର୍ତ୍ତୀ ଅବସରରେ ସ୍ୱତନ୍ତ୍ର ବିତର୍କ ଆରମ୍ଭ ହୋଇଛି। ଏହା ଦୁଇଦିନ ଚାଲିବ। ଶନିବାର ସନ୍ଧ୍ୟାରେ ଆଲୋଚନା ଶେଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଉତ୍ତର ରଖିବେ। ସୋମବାର ରାଜ୍ୟସଭାରେ ଏହା ଉପରେ ଦୁଇଦିନ ଧରି ଆଲୋଚନା ହେବ। ଶୁକ୍ରବାର ଲୋକସଭାରେ ପ୍ରିୟଙ୍କା ସାଂସଦ ଭାବେ ତାଙ୍କ ପ୍ରଥମ ବକ୍ତବ୍ୟ ରଖି କହିଥିଲେ ଯେ, ବିଜେପି ଭାରତୀୟ ସମ୍ବିଧାନକୁ ନିଜ ଇଚ୍ଛାମତେ ପରିବର୍ତ୍ତନ କରିବାକୁ ଉଦ୍ୟମ କରୁଛି। ସମ୍ବିଧାନ ପ୍ରତି ବିଜେପିର ସମ୍ମାନ ବା ଅଙ୍ଗୀକାର ବଦ୍ଧତା ନାହିଁ। ଭାରତୀୟ ସମ୍ବିଧାନକୁ ଯେ କୌଣସି ମୂଲ୍ୟ ଦେଇ ରକ୍ଷା କରିବାକୁପଡ଼ିବ। ଭାରତୀୟ ସମ୍ବିଧାନ ସମସ୍ତଙ୍କୁ ନ୍ୟାୟ, ସମାନ ଅଧିକାର ପ୍ରଦାନ କରୁଛି। ଜାତି, ଧର୍ମ ବା ଲିଙ୍ଗ ଆଧାରରେ ଏହା ପୃଥକ ନିୟମ କରେନି। କିନ୍ତୁ ବିଜେପି ଶାସନ କାଳରେ ସଂଖ୍ୟାଲଘୁ ଗୋଷ୍ଠୀଙ୍କୁ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବେ ବିବେଚନା କରାଯାଉଛି। ଦଳିତଙ୍କୁ ସେମାନଙ୍କ ଅଧିକାରରୁ ବଂଚିତ କରାଯାଉଛି। ଯଦି ଲୋକସଭା ନିର୍ବାଚନରେ ଏନଡିଏକୁ ୪୦୦ ଆସନ ମିଳିଥାଆନ୍ତା ତେବେ ଏତିକି ବେଳୁ ଏହାର ପରିବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହୋଇସାରନ୍ତାଣି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରି ସେ କହିଥିଲେ ଯେ, ସେ ଭାରତୀୟ ସମ୍ବିଧାନ ସମ୍ପର୍କରେ କିଛି ଜାଣନ୍ତି ନାହିଁ। ସେ କେବଳ ସଂଘ ପରିବାରର ନିୟମ ଜାଣନ୍ତି। ଦେଶରେ ଜାତିଗତ ଜନଗଣନା ସପକ୍ଷରେ ମତ ବ୍ୟକ୍ତ କରି ସେ କହିଥିଲେ ଯେ, ସରକାର ଲ୍ୟାଟରାଲ ଏଣ୍ଟ୍ରି ମାଧ୍ୟମରେ ଦଳିତଙ୍କୁ ସଂରକ୍ଷଣ ସୁବିଧାରୁ ବଂଚିତ କରିବରାକୁ ଚାହୁଁଛନ୍ତି। ୧୪୦ କୋଟି ଲୋକଙ୍କ ସ୍ୱାର୍ଥକୁ ବଳି ଦେଇ ମୋଦି ଜଣେ ବ୍ୟକ୍ତିଙ୍କ ନାମରେ ଦେଶର ସବୁ ସମ୍ପତ୍ତି କରିବାକୁ ପ୍ରୟାସ କରୁଛନ୍ତି। ଇଭିଏମ ଟାମ୍ପରିଂ ଅଭିଯୋଗ ଉଠାଇ ସେ କହିଥିଲେ ଯେ, ବାଲଟ ପେପର ମାଧ୍ୟମରେ ପୁନର୍ବାର ଭୋଟ ଗ୍ରହଣ ହେଉ। ସବୁ ସତ ଜଣାପଡ଼ିଯିବ।

ପ୍ରିୟଙ୍କାଙ୍କ ଅଭିଭାଷଣକୁ ପ୍ରଶଂସା କରି ରାହୁଲ ଗାନ୍ଧି କହିଛନ୍ତି ଯେ, ଏହା ଏକ ଚମତ୍କାର ଭାଷଣ ଥିଲା। ପ୍ରିୟଙ୍କା ଯାହା କହିଛନ୍ତି ସବୁ ସତ। କେନ୍ଦ୍ରରେ ମୋଦି ସରକାର ଦେଶର ସମ୍ପତ୍ତିକୁ ଜଣେ ଦୁଇଜଣ ବ୍ୟକ୍ତିଙ୍କ ନାମରେ ଟେକି ଦେଉଛନ୍ତି। ଦଳିତ, ମହିଳା, ସଂଖ୍ୟାଲଘୁ ସମ୍ପ୍ରଦାୟର ଅଧିକାରକୁ ଅପହରଣ କରାଯାଇଛି। ସମ୍ବିଧାନ ସମସ୍ତଙ୍କୁ ସୁରକ୍ଷା ପ୍ରଦାନ ଲାଗି ଉଦ୍ଦିଷ୍ଟ। କିନ୍ତୁ ବିଜେପି ଏହାକୁ ନିଜ ସୁରକ୍ଷା ପାଇଁ ବ୍ୟବହାର କରୁଛି ବୋଲି ରାହୁଲ କହିଛନ୍ତି।

# ଆର୍‌ବିଆଇର ମୁଖ୍ୟାଳୟ ଉଡ଼ାଇ ଦେବାକୁ ଧମକ

**ମୁମ୍ବାଇ, ୧୩।୧୨:** ମୁମ୍ବାଇ ସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କ (RBI)ର ମୁଖ୍ୟ କାର୍ଯ୍ୟାଳୟକୁ ବୋମାରେ ଉଡ଼ାଇ ଦେବାକୁ ଆସିଛି ଧମକ। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରାଙ୍କ ଅଫିସିଆଲ ଇମେଲ ଆଇଡିକୁ ଏହି ଧମକ ଆସିଛି। ଗତକାଲି ଆସିଥିବା ଏହି ଇମେଲଟି ରୁଷୀୟ ଭାଷାରେ ଲେଖାଯାଇଛି। ଏନେଇ ଅଭିଯୋଗ ପାଇବା ପରେ ମୁମ୍ବାଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଇମେଲ ପଠାଇବା ପାଇଁ ଭିପିଏନ୍‌ର ବ୍ୟବହାର କରାଯାଇଛି ନା ନାହିଁ, ସେ ନେଇ ଖୋଳତାଡ଼ କରୁଛି ପୁଲିସ। ସେହିପରି ଇମେଲ ପଠାଇଥିବା ବ୍ୟକ୍ତିଙ୍କ ଆଇପି ଆଡ୍ରେସ ଖୋଜୁଛି ପୁଲିସ। ସଞ୍ଜୟ ମଲହୋତ୍ରା ଆରବିଆଇର ୨୬ତମ ଗଭର୍ଣ୍ଣର ଭାବେ ଡିସେମ୍ବର ୧୧ ତାରିଖରେ ଦାୟିତ୍ୱ ଗ୍ରହଣ କରିବା ପରଦିନ ଏହି ଧମକପୂର୍ଣ୍ଣ ଇମେଲ ଆସିଛି। ଶକ୍ତିକାନ୍ତ ଦାସ ଅବସର ନେବା ପରେ ସଞ୍ଜୟ ମଲହୋତ୍ରା ନୂଆ ଆରବିଆଇ ଗଭର୍ଣ୍ଣର ଭାବେ ଅବସ୍ଥାପିତ ହୋଇଛନ୍ତି। ଚଳିତ ମାସ ପ୍ରାରମ୍ଭରେ ମୁମ୍ବାଇ ସ୍ଥିତ ଆରବିଆଇ ଗ୍ରାହକ ସେବା କେନ୍ଦ୍ରକୁ ଜଣେ ବ୍ୟକ୍ତି ଫୋନ୍ କରି ବିସ୍ଫୋରଣ ହେବା ନେଇ କହିଥିଲା। ସେ ନିଜକୁ ପାକିସ୍ତାନର ଆତଙ୍କୀ ସଂଗଠନ ଲସ୍କର-ଇ-ତୋଏବାର ସିଇଓ ବୋଲି ପରିଚୟ ଦେଇଥିଲା। ପରେ ପୁଲିସ ଘଟଣାର ତଦନ୍ତ କରିଥିଲା ଓ କେହି ମିଛରେ ଧମକ ଦେଇଥିବା ଜଣାପଡ଼ିଥିଲା।

## ଅଲ୍ଲୁ ଅର୍ଜୁନଙ୍କୁ ଜାମିନ



**ହାଇଦ୍ରାବାଦ, ୧୩।୧୨:** ପୁଷ୍ପା-୨ର ସ୍କ୍ରିନିଂ ବେଳେ ହାଇଦ୍ରାବାଦର 'ସନ୍ଧ୍ୟା' ହଲ୍‌ରେ ଦଳାଚକଟାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କୁ ତେଲେଙ୍ଗାନା ହାଇକୋର୍ଟ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ତାଙ୍କୁ ନାମପଲ୍ଲୀ କୋର୍ଟ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇଥିଲେ। ସେ ଚଞ୍ଚଲଗୁଡ଼ା ସେଣ୍ଟ୍ରାଲ ଜେଲରେ ୫ ଘଣ୍ଟା ରହିବା ପରେ ହାଇକୋର୍ଟ ତାଙ୍କୁ ୪ ସପ୍ତାହ ପାଇଁ ଜାମିନ ପ୍ରଦାନ କରିଛନ୍ତି। ଜାମିନ ଖବର ପ୍ରଚାରିତ ହେବା ପରେ ଅଲ୍ଲୁଙ୍କ ପ୍ରଶଂସକଙ୍କ ମହଲରେ ଖୁସିର ମାହୋଲ ସୃଷ୍ଟି ହୋଇଛି।

# କୃଷକ ପୁଅ ବନାମ ଶ୍ରମିକ ପୁଅ



**ନୂଆଦିଲ୍ଲୀ, ୧୩।୧୨:** ରାଜ୍ୟସଭା ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ବିରୋଧରେ କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ ଅନାସ୍ଥା ପ୍ରସ୍ତାବ ଆଣିଥିବା ବେଳେ ଏହାକୁ ନେଇ ଆଜି ବି ଚାଲି ପାରିନି ଗୃହ। ଦିନକ ପାଇଁ ଗୃହକୁ ମୁଲତବୀ ରଖାଯାଇଛି।

ଏହି ଅନାସ୍ଥା ପ୍ରସ୍ତାବକୁ ନେଇ ଆଜି ଗୃହରେ ଅଧ୍ୟକ୍ଷ ଜଗଦୀପ ଧନଖଡ଼ ଓ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଧନଖଡ଼ କହିଥିଲେ, ମୁଁ ଜଣେ କୃଷକଙ୍କ ପୁଅ। ମୁଁ ନଇଁବି ନାହିଁ। ମୁଁ ମୋ ଦେଶ ପାଇଁ ଜୀବନ ଦେଇ ଦେବି। ଆପଣମାନଙ୍କର (ବିରୋଧୀଙ୍କର) ଦିନରାତି କେବଳ ଗୋଟିଏ ଚିନ୍ତା, କାହିଁକି ଜଣେ କୃଷକଙ୍କ ପୁଅ ଏଠାରେ (ରାଜ୍ୟସଭା ଅଧ୍ୟକ୍ଷ ପଦରେ) ବସିଛନ୍ତି। ମୁଁ ବହୁତ ସହିଲି। ଆପଣମାନେ ପ୍ରସ୍ତାବ ଆଣିପାରିବେ। କିନ୍ତୁ ଆପଣମାନେ ସମ୍ବିଧାନକୁ ଅପମାନିତ କରୁଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ମୁଖ୍ୟ ତଥା ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କୁ କଡ଼ା ଜବାବ ଦେଇଥିଲେ। ସେ କହିଥିଲେ, ଆପଣ ସେମାନଙ୍କୁ (ବିଜେପି ସାଂସଦ) ଅନ୍ୟ ଦଳଗୁଡ଼ିକର ସଦସ୍ୟଙ୍କ ବିରୋଧରେ କହିବାକୁ ଉତ୍ସାହିତ କରୁଛନ୍ତି।... ମୁଁ ମଧ୍ୟ ଜଣେ ଶ୍ରମିକଙ୍କ ପୁଅ। ମୁଁ ଆପଣଙ୍କଠାରୁ ଅଧିକ ସମସ୍ୟା ଦେଇ ଗତି କରିଛି।... ଆପଣ ଆମ ଦଳର ନେତାମାନଙ୍କୁ ଅପମାନିତ କରୁଛନ୍ତି। ଆପଣ କଂଗ୍ରେସକୁ ଅପମାନିତ କରୁଛନ୍ତି। ଏଠାକୁ ଆମେ ଆପଣଙ୍କ ପ୍ରଶଂସା ଶୁଣିବାକୁ ଆସିନାହୁଁ। ଆମେ ଏଠାକୁ ଆଲୋଚନା କରିବାକୁ ଆସିଛୁ।

ଧନଖଡ଼ ୧୯୫୧ ମସିହାରେ ରାଜସ୍ଥାନର ଝୁନଝୁନୁର କିଠାନା ଗାଁରେଏକ କୃଷକ ପରିବାରରେ ଜନ୍ମ ହୋଇଥିଲେ। ତାଙ୍କ ବିରୋଧରେ ବିରୋଧୀମାନେ ଅନାସ୍ଥା ପ୍ରସ୍ତାବ ଆଣିବାପରେ ବିଜେପି ପକ୍ଷରୁ ଏହାକୁ ଜାଠ ସଂପ୍ରଦାୟ ଓ ସାଧାରଣ ପୃଷ୍ଠଭୂମିରୁ ଆସିଥିବା ଜଣେ କୃଷକଙ୍କ ପୁଅ ପ୍ରତି ଅସମ୍ମାନ ବୋଲି ଦର୍ଶାଯାଇଛି।

# 'ସରକାର ବଳପୂର୍ବକ ଆମରଣ ଅନଶନ ଭଙ୍ଗ କରିପାରିବେ ନାହିଁ'





**ନୂଆଦିଲ୍ଲୀ, ୧୩।୧୨:** ପଞ୍ଜାବ ଓ ହରିୟାଣା ସୀମା ଖନୌରୀରେ ଗତ ନଭେମ୍ବର ୨୬ ତାରିଖରୁ ଆମରଣ ଅନଶନରେ ବସିଥିବା ପଞ୍ଜାବର କୃଷକ ଜଗଜୀତ ସିଂହ ଡଲ୍ଲେୱାଲଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଶୁକ୍ରବାର ଚିନ୍ତା ପ୍ରକଟ କରିଛନ୍ତି ସୁପ୍ରିମକୋର୍ଟ। ୧୮ ଦିନ ହେଲାଣି ଆମରଣ ଅନଶନରେ ବସିଥିବା ଜଗଜୀତ ସିଂହ ଡଲ୍ଲେୱାଲଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦେବାକୁ ପଞ୍ଜାବ ଓ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ।

ଏହା ସହିତ ଆମରଣ ଅନଶନ ଭଙ୍ଗ କରିବାକୁ ଜଗଜୀତଙ୍କୁ ରାଜି କରାଇବାକୁ ପ୍ରୟାସ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ କୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି, ଆନ୍ଦୋଳନଠାରୁ ମନୁଷ୍ୟର ଜୀବନ ମୂଲ୍ୟବାନ। କିନ୍ତୁ ତାଙ୍କ ଆମରଣ ଅନଶନକୁ ସରକାର ବଳପୂର୍ବକ ଭାଙ୍ଗି ପାରିବେ ନାହିଁ। ଫସଲର ସର୍ବନିମ୍ନ ସହାୟକ ଦର(ଏମ୍‌ଏସ୍‌ପି) ପାଇଁ ଏକ ସ୍ୱତନ୍ତ୍ର ଆଇନର ବ୍ୟବସ୍ଥା ସମେତ କୃଷକମାନଙ୍କର ଅନ୍ୟାନ୍ୟ ଦାବି ପୂରଣ କରିବା ପାଇଁ ପଞ୍ଜାବର କୃଷକ ଜଗଜୀତ ସିଂହ ଡଲ୍ଲେୱାଲ ଆମରଣ ଅନଶନରେ ବସିଛନ୍ତି। ଗତକାଲି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଖୋଲା ଚିଠି ଲେଖିଛନ୍ତି। ସେଥିରେ ସେ ଲେଖିଛନ୍ତି ଯେ ସମସ୍ତ କୃଷକଙ୍କୁ ଫସଲର ସର୍ବନିମ୍ନ ସହାୟକ ଦର(ଏମ୍‌ଏସ୍‌ପି) ନିଶ୍ଚିତ କରିବା ହେଉଛି ବଞ୍ଚିବା ପାଇଁ ମୌଳିକ ଅଧିକାର ସଦୃଶ। ସଂଯୁକ୍ତ କିଷାନ ମୋର୍ଚ୍ଚା ନେତା ରାକେଶ ଟିକାୟତ ଓ ହରିନ୍ଦର ସିଂହ ଲଖୋୱାଲ ଆଜି ଜଗଜିତ ସିଂହ ଡଲ୍ଲେୱାଲଙ୍କୁ ଭେଟିବେ ବୋଲି ଜଣାପଡ଼ିଛି। ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣ-ରାଜନୀତିକ) ଓ କିଷାନ ମଜଦୁର ମୋର୍ଚ୍ଚା ବ୍ୟାନରରେ କୃଷକମାନେ ଗତ ଫେବୃଆରୀ ୧୩ ତାରିଖରୁ ପଞ୍ଜାବ ଓ ହରିୟାଣା ସୀମାର ଶମ୍ଭୁ ଓ ଖନୌରୀରେ ଆନ୍ଦୋଳନ କରୁଛନ୍ତି। କୃଷକମାନେ ଦିଲ୍ଲୀ ଅଭିମୁଖେ ଯାଉଥିବା ବେଳେ ସୁରକ୍ଷା କର୍ମଚାରୀମାନେ ସେମାନଙ୍କ ବାଟ ଓଗାଳି ଥିଲେ। ତା'ପରଠୁ ସେମାନେ ଶମ୍ଭୁ ଓ ଖନୌରୀରେ ଆନ୍ଦୋଳନରେ ବସିଛନ୍ତି। ଡିସେମ୍ବର ୬ ଓ ୮ ତାରିଖରେ ୧୦୦ରୁ ଅଧିକ କୃଷକ ଚାଲି ଚାଲି ଦିଲ୍ଲୀରେ ପ୍ରବେଶ କରିବାକୁ ପ୍ରୟାସ କରି ବିଫଳ ହୋଇଥିଲେ। ପୁଲିସ ସେମାନଙ୍କୁ ବାଧା ଦେଇଥିଲା। ଆନ୍ଦୋଳନରତ କୃଷକମାନେ ଆସନ୍ତାକାଲି (ଡିସେମ୍ବର ୧୬ରେ) ପୁଣି ଥରେ ଦିଲ୍ଲୀରେ ପ୍ରବେଶ କରିବାକୁ ପ୍ରୟାସ କରିବେ।

# ଆଜିଠୁ ଗାବା ଟେଷ୍ଟ: ଓପନିଂ କରିବେ ରୋହିତ

## ପ୍ରତ୍ୟାବର୍ତ୍ତନ ପାଇଁ ଟିମ୍ ଇଣ୍ଡିଆର ଜୋରଦାର ପ୍ରସ୍ତୁତି



**ବ୍ରିସବେନ,୧୩।୧୨:** ଚଳିତ ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ପାଇଁ ଭାରତୀୟ ଦଳ ଗୁରୁବାର ଗାବା ଗ୍ରାଉଣ୍ଡରେ ଅଭ୍ୟାସ ଆରମ୍ଭ କରିଛି। ପୁନର୍ବାର ବିଜୟ ଧାରାକୁ ଫେରିବା ପାଇଁ ଭାରତୀୟ ଦଳ ନାଲି ବଲ୍‌କୁ ଆପଣେଇ ନେଇଛି। ଷ୍ଟାର୍ ପେସ ବୋଲର ଯଶପ୍ରୀତ ବୁମରା ଅଭ୍ୟାସ ଶିବିରକୁ ଫେରି ସମ୍ପୂର୍ଣ୍ଣ ଫିଟ ଥିବା ପ୍ରମାଣିତ କରିଛନ୍ତି। ଏସବୁ ବାଦ ସମସ୍ତଙ୍କ ନଜର ରହିଛି ରୋହିତ ଶର୍ମାଙ୍କ ବ୍ୟାଟିଂ ସ୍ଥାନ ଉପରେ। ଆଡିଲେଡରେ ନିମ୍ନ ମଧ୍ୟ କ୍ରମ (୬ନଂ ସ୍ଥାନ)ରେ ବ୍ୟାଟିଂ କରିଥିବା ରୋହିତ ଗାବାରେ ଓପନ କରିବା ନେଇ ଯଥେଷ୍ଟ ସମ୍ଭାବନା ରହିଛି।

ଗୁରୁବାର ଗାବା ଗ୍ରାଉଣ୍ଡରେ ଭାରତୀୟ ଦଳର ଲମ୍ବା ଅଭ୍ୟାସ ଶିବିର ଚାଲିଥିଲା। ପ୍ରତ୍ୟେକ ଖେଳାଳି ଅଭ୍ୟାସକୁ ଓହ୍ଲାଇଥିଲେ। ସମସ୍ତଙ୍କ ନଜର ରହିଥିଲା ବୁମରା ଓ ରୋହିତଙ୍କ ଉପରେ। ଆଡିଲେଡ୍‌ରେ ବୁମରା ବାମ ଜଙ୍ଘରେ ଯନ୍ତ୍ରଣା ଅନୁଭବ କରିଥିଲେ। ତେଣୁ ସେ ଆହତ ଥିବା ଅଷ୍ଟ୍ରେଲିଆ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଦ୍ୱିତୀୟ ଟେଷ୍ଟ ଶେଷ ହେବା ପରେ ଭାରତୀୟ ଦଳ ଆଡିଲେଡରେ ଗୋଟିଏ ଦିନ ଅଭ୍ୟାସ କରିଥିଲା ଓ ବୁମରା ଉକ୍ତ ଶିବିରରେ ଯୋଗ ଦେଇ ନଥିଲେ। ଫଳରେ ତାଙ୍କ ଫିଟ୍‌ନେସକୁ ନେଇ ଚିନ୍ତା ବଢ଼ିଥିଲା। କିନ୍ତୁ ଆଜି ସେ ନେଟ୍ସରେ ଦୀର୍ଘ ସମୟ ଧରି ବୋଲିଂ କରି ଆଲୋଚକଙ୍କୁ ଚୁପ୍ କରିଥିଲେ। ଉଭୟ ନୂଆ ଓ ପୁରୁଣା ବଲ୍‌ରେ ବୁମରା ବୋଲିଂ କରିଥିଲେ। ଭାରତୀୟ ଦଳରେ ରହିଥିବା ସମସ୍ତ ପେସ ବୋଲର ରୋହିତଙ୍କୁ ବୋଲିଂ କରୁଥିବା ଦେଖିବାକୁ ମିଳିଥିଲା। ବୁମରା, ମହମ୍ମଦ ସିରାଜ ଓ ଆକାଶଦୀପ ନେଟ୍‌ସରେ ରୋହିତଙ୍କୁ ନୂଆ ବଲ୍‌ରେ ବୋଲିଂ କରିଥିଲେ। ଗତ ଆଡ଼ିଲେଡ୍ ଟେଷ୍ଟ ପୂର୍ବରୁ ରୋହିତ ପୁରୁଣା ପିଙ୍କ ବଲ୍‌ରେ ଅଭ୍ୟାସ କରୁଥିଲେ। ହେଲେ ଆଜି ନୂଆ ବଲ୍‌ରେ ବ୍ୟାଟିଂ କରି ଓପନିଂ ସ୍ଥାନକୁ ଫେରୁଥିବାର ସଂକେତ ଦେଇଥିଲେ। ତାଙ୍କ ସହ ଗୋଟିଏ ନେଟ୍‌ରେ ଯଶସ୍ୱୀ ଜୈସ୍ୱାଲ ମଧ୍ୟ ଅଭ୍ୟାସ କରିଥିଲେ। ଉଭୟଙ୍କ ଏକତ୍ର ଅଭ୍ୟାସ ଭାରତୀୟ ଦଳର ବ୍ୟାଟିଂ କ୍ରମକୁ ସ୍ପଷ୍ଟ କରିଦେଇଥିଲା। ରୋହିତ ଖେଳିଥିବା ଶେଷ ୧୨ଟି ଟେଷ୍ଟରେ ମାତ୍ର ଥରେ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି ଓ ୮ ଥର ଦୁଇ ଅଙ୍କ ଛୁଇଁ ପାରି ନାହାନ୍ତି। ତେଣୁ ଭାରତର ଆଡିଲେଡ ଟେଷ୍ଟ ପରାଜୟ ପରଠୁ ରୋହିତଙ୍କୁ ସମାଲୋଚନା କରାଯାଉଛି।

ଅଭ୍ୟାସ ଶିବିରରୁ ବୋଲିଂ ବିଭାଗରେ ପରିବର୍ତ୍ତନ ହେବାର ସଂକେତ ମିଳିଥିଲା। ଦ୍ୱିତୀୟ ଟେଷ୍ଟରେ ବିଫଳ ହୋଇଥିବା ହର୍ଷିତ ରାଣାଙ୍କ ସ୍ଥାନରେ ଆକାଶ ଦୀପ ତୃତୀୟ ଟେଷ୍ଟ ଖେଳିବାକୁ ଯାଉଥିବା ଅଭ୍ୟାସରୁ ଏକ ପ୍ରକାର ସ୍ପଷ୍ଟ ହୋଇଥିଲା। ପ୍ରଥମତଃ ଗାବା ପିଚ୍‌ରେ ବଲ୍ ଅପେକ୍ଷାକୃତ ଅଧିକ ସୁଇଂ ହେବ। ଦ୍ୱିତୀୟତଃ ଆକାଶ ଦୀପ ନିଜର ଲାଇନ ଓ ଲେଙ୍ଗଥ୍‌କୁ ନେଇ ବେଶ ଶୃଙ୍ଖଳିତ। ଗାବା ପିଚ୍‌ରେ ସେ ସଫଳ ହେବା ନିଶ୍ଚିତ। ନଚେତ ଶୃଙ୍ଖଳିତ ବୋଲିଂ କରି ରନ୍ ଗତରେ ଅଂକୁଶ ଲଗାଇବାର କ୍ଷମତା ତାଙ୍କ ନିକଟରେ ରହିଛି। ଆଜି ସେ ନୂଆ ବଲ୍‌ରେ ବୋଲିଂ ଅଭ୍ୟାସ କରିଥିଲେ।



## ଓଡ଼ିଶା ଏଫ୍‌ସିର ଚମତ୍କାର ବିଜୟ

**ଭୁବନେଶ୍ୱର, ୧୩।୧୨:** ଚଳିତ ଆଇଏସ୍‌ଏଲ୍‌ରେ ଗୁରୁବାର ଓଡ଼ିଶା ଏଫ୍‌ସି ଚମତ୍କାର ଭାବେ ଇଷ୍ଟବେଙ୍ଗଲ୍ ଏଫ୍‌ସିକୁ ତା’ ନିଜ ପଡ଼ିଆରେ ହରାଇଛି। କୋଲ୍‌କାତାର ସଲ୍ଟ ଲେକ୍‌ସ୍ଥିତ ବିବେକାନନ୍ଦ କ୍ରୀଡ଼ା ଭାରତୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ୨-୧ ଗୋଲ୍‌ରେ ବିଜୟୀ ହୋଇ ପଏଣ୍ଟ ଟେବୁଲ୍‌ର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ବିଗତ ୫ ମ୍ୟାଚ୍‌ରେ ଅପରାଜିତ ରହିଥିବା ଏହି ଭୁବନେଶ୍ୱର ଦଳ ତୃତୀୟ ବିଜୟ ପାଇଛି। ପ୍ରଥମାର୍ଦ୍ଧରେ ଜ୍ୟାକସନ୍ ସିଂହ ଲାଲକାର୍ଡ (୪୩ ମିନିଟ) ପାଇବାରୁ ଇଷ୍ଟ୍ ବେଙ୍ଗଲ୍ ୧୦ ଜଣରେ ଖେଳିଥିଲା। ଏହା ସତ୍ତ୍ୱେ ଦ୍ୱିତୀୟାର୍ଦ୍ଧର ୫୩ତମ ମିନିଟରେ ଲାଲଚୁଙ୍ଗୁଙ୍ଗାଙ୍କ ଗୋଲ୍ ବଳରେ ଘରୋଇ ଦଳ ଅଗ୍ରଣୀ ନେଇଯାଇଥିଲା। ଏହି ଅଗ୍ରଣୀ ଅଧିକ ସମୟ ରହି ନଥିଲା। ୫୫ତମ ମିନିଟରେ ଜେରି ମାହିୱାଙ୍ଗଥାଙ୍ଗା ଗୋଲ୍ ଓଡ଼ିଶାକୁ ପ୍ରତ୍ୟାବର୍ତ୍ତନ ସୁଯୋଗ ଦେଇଥିଲା। ୮୧ତମ ମିନିଟ୍‌ରେ ହୁଗୋ ବୌମସ୍‌ଙ୍କ ଗୋଲ୍ ନିର୍ଣ୍ଣାୟକ ହୋଇଥିଲା। ଓଡ଼ିଶା ୧୨ ମ୍ୟାଚ୍‌ରୁ ୧୯ ପଏଣ୍ଟ ପାଇଥିବା ବେଳେ ମୋହନ ବାଗାନ ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ଯଥାକ୍ରମେ ସମାନ ୨୩ ପଏଣ୍ଟ ପାଇ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ଚେସ୍ ଜଗତରେ ଇତିହାସ ▶ ସର୍ବକନିଷ୍ଠ ବିଶ୍ୱ ଚାମ୍ପିୟନ ହେଲେ ଡି ଗୁକେଶ



**ନୂଆଦିଲ୍ଲୀ, ୧୩।୧୨:** ଇତିହାସ ରଚିଲେ ଭାରତୀୟ ଗ୍ରାଣ୍ଡମାଷ୍ଟର ଡି ଗୁକେଶ। ଚେସର ନୂଆ ବିଶ୍ୱ ଚାମ୍ପିୟନ ହୋଇଛନ୍ତି ୧୮ ବର୍ଷୀୟ ଡି ଗୁକେଶ। ବିଶ୍ୱ ଚେସ୍ ଚାମ୍ପିୟନସିପ୍ ଟାଇଟଲ ହାସଲ କରିବାରେ ସେ ହେଉଛନ୍ତି ସର୍ବକନିଷ୍ଠ। ସିଙ୍ଗାପୁରରେ ଚାଲିଥିବା ବିଶ୍ୱ ଚେସ୍ ଚାମ୍ପିୟନସିପର ନିର୍ଣ୍ଣାୟକ ମ୍ୟାଚର ୧୪ଶ ବାଜିରେ ସେ ଚୀନ୍‌ର ଡିଫେଣ୍ଡିଂ ଚାମ୍ପିୟନ୍ ଡିଙ୍ଗ୍ ଲିରେନଙ୍କୁ ପରାସ୍ତ କରିଛନ୍ତି। ଏହା ସହିତ ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ଚେସରେ ବିଶ୍ୱ ଚାମ୍ପିୟନ ହୋଇଛନ୍ତି ଗୁକେଶ। ଗୁରୁବାର ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଡି ଗୁକେଶ ଏବଂ ତଙ୍କ ପ୍ରତିଦ୍ୱନ୍ଦ୍ୱୀ ଚୀନର ଡିଙ୍ଗ୍ ଲିରେନଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ୧୩ଶ ବାଜି ପର୍ଯ୍ୟନ୍ତ ଉଭୟଙ୍କ ପଏଣ୍ଟ ୬.୫ ସହ ମ୍ୟାଚ୍ ଡ୍ର ଥିଲା। ହେଲେ ୧୪ଶ ବାଜି ମଧ୍ୟ ଡ୍ର ଆଡକୁ ଯାଉଥିବା ଡିଙ୍ଗ୍ ନିଜର ୫୩ତମ ମୁଭରେ ଭୁଲ୍ କରିଥିଲେ। ଯାହାର ଫାଇଦା ଉଠାଇବାରେ ସଫଳ ହୋଇଥିଲେ ଗୁକେଶ। ସଫଳ ରଣନୀତି ଏବଂ ପ୍ରତିଦ୍ୱନ୍ଦ୍ୱୀଙ୍କ ଉପରେ ଚାପ ପକାଇବାରେ ସଫଳ ହୋଇ ୭.୫- ୬.୫ ପଏଣ୍ଟ ସହ ଏହି ମ୍ୟାଚକୁ ଜିତି ନେଇଥିଲେ ଗୁକେଶ। ମ୍ୟାଚ୍ ଜିତିବା ପରେ ଏହାକୁ ତାଙ୍କ ଜୀବନର ସବୁଠାରୁ ଶ୍ରେଷ୍ଠ ଦିନ ବୋଲି କହିଛନ୍ତି ଗ୍ରାଣ୍ଡମାଷ୍ଟର ଡି ଗୁକେଶ। ଏହି ଅବିଶ୍ୱସନୀୟ ସଫଳତା ହାସଲ କରିବାରେ ଗୁକେଶ ଦ୍ୱିତୀୟ ଭାରତୀୟ ହୋଇଛନ୍ତି। ଏହାପୂର୍ବରୁ ଭାରତର କିମ୍ବଦନ୍ତୀ ଚେସ୍ ଖେଳାଳି ତଥା ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦ ଏହି ବିଶିଷ୍ଟ ତାଲିକାର ଅଂଶ ଭାବରେ ଏକମାତ୍ର ଭାରତୀୟ ଥିଲେ। ଆନନ୍ଦ ୫ ଥର ବିଶ୍ୱ ଚେସ୍ ଚାମ୍ପିୟନସିପର ସମ୍ମାନଜନକ ଟାଇଟଲ୍ ଜିତିଛନ୍ତି। ସେ ୨୦୦୦, ୨୦୦୭, ୨୦୦୮, ୨୦୧୦ ଓ ୨୦୧୨ରେ ଚେସରେ ବିଶ୍ୱ ବିଜୟୀ ହୋଇଥିଲେ। ସେପଟେ ବିଶ୍ୱ ଚେସ୍ ଚାମ୍ପିୟନ ବନିବା ପରେ ଗୁକେଶ ଭାରତକୁ ଗର୍ବିତ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଗୁକେଶଙ୍କ ସଫଳତାକୁ ଐତିହାସିକ ଓ ଉଦାହରଣଯୋଗ୍ୟ ବୋଲି ସୋସିଆଲ ମିଡିଆରେ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ତାଙ୍କ ସଫଳତା ଅଗଣିତ ଯୁବ ପ୍ରତିଭାଙ୍କୁ ପ୍ରେରଣା ଯୋଗାଇବ ବୋଲି ଲେଖିଛନ୍ତି ମୋଦି। ସେହିଭଳି ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ମଧ୍ୟ ଗୁକେଶଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏହା ଭାରତୀୟ ଚେସ୍ ପାଇଁ ଐତିହାସିକ ମାଇଲଖୁଣ୍ଟ ବୋଲି ପ୍ରକାଶ କରିଛନ୍ତି।

### ଭାବପ୍ରବଣ ହେଲେ ଗୁକେଶଙ୍କ ବାପା

**ନୂଆଦିଲ୍ଲୀ,୧୨।୧୨:** ଯଦି କାହାର ପୁଅ ୧୮ ବର୍ଷ ବୟସରେ ବିଶ୍ୱ ଚାମ୍ପିଅନ୍ ହୁଏ, ତେବେ ବାପାଙ୍କ ଖୁସିର କୌଣସି ସୀମା ରହିନଥାଏ। ଯଙ୍ଗ ଗ୍ରାଣ୍ଡ ମାଷ୍ଟର ଡି ଗୁକେଶ ବାପାଙ୍କ ସହ ସମାନ ଘଟଣା ଘଟିଛି। ଗୁକେଶ ଦୁନିଆର ସର୍ବ କନିଷ୍ଠ ଚେସ୍ ବିଶ୍ୱ ଚାମ୍ପିଅନ୍ ହେବା ମାତ୍ରେ ତାଙ୍କ ବାପାଙ୍କ ପ୍ରତିକ୍ରିୟା ଦେଖିବାକୁ ଯୋଗ୍ୟ ଥିଲା। ସେ ନିଜ ହୃଦୟର ଖୁସିକୁ ପ୍ରକାଶ କରିବାକୁ ଚାହୁଁଥିଲେ, କିନ୍ତୁ ସେହି ସ୍ଥାନର ଶୋଭାକୁ ଧ୍ୟାନରେ ରଖି ସେ ଖୁସି ଥିଲେ କିନ୍ତୁ କୌଣସି ଶବ୍ଦ କରିନଥିଲେ। ଅନ୍ୟପକ୍ଷରେ, ଗୁକେଶ ଚାମ୍ପିୟନ ହେବା ମାତ୍ରେ ସେ ଭାବପ୍ରବଣ ହୋଇଯାଇଥିଲେ। ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ନିଜ ଚେୟାରରେ ବସି ରହି ଖୁସିର ଲୁହକୁ ଝରାଇ ଚାଲିଥିଲେ। ସିଙ୍ଗାପୁରରେ ଅନୁଷ୍ଠିତ ବିଶ୍ୱ ଚାମ୍ପିଅନସିପରେ ଗୁକେଶ ଡି ଚାଇନାର ଡିଙ୍ଗ ଲିରେନଙ୍କୁ ପରାସ୍ତ କରିଛନ୍ତି। ଏଥିସହିତ ସେ ଦୁନିଆର ସର୍ବ କନିଷ୍ଠ ଚେସ ବିଶ୍ୱ ଚାମ୍ପିୟନ ହୋଇଛନ୍ତି। ଏହା ପରେ ଗୁକେଶଙ୍କ ପ୍ରତିକ୍ରିୟା ଏବଂ ତାଙ୍କ ପିତାଙ୍କ ପ୍ରତିକ୍ରିୟା ଦେଖିବାକୁ ଯୋଗ୍ୟ ଥିଲା। ବିଜୟ ପରେ ସେ ଲାରେନଙ୍କ ସହ କାରମର୍ଦ୍ଦନ କରି ଭାବପ୍ରବଣ ଭାବରେ ବିଜୟ ଉତ୍ସବ ପାଳନ କରିଥିଲେ। ଏହା ପରେ ସେ ନିଜ ଚେସ ବୋର୍ଡକୁ ସଜାଡିଥିଲେ ଏବଂ ବାହାରକୁ ଆସିଥିଲେ।

## ରଜତ ପାଟିଦାର ଆର୍‌ସିବି ଅଧିନାୟକ ରିଙ୍କୁ ସିଂ କେକେଆରର ଅଧିନାୟକ!





**ନୂଆଦିଲ୍ଲୀ,୧୩।୧୨:** ଇଣ୍ଡିଆନ ପ୍ରିମିୟର ଲିଗ ଅର୍ଥାତ୍ ଆଇପିଏଲ ୨୦୨୫ର ୧୮ ତମ ସିଜନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି କରାଯାଇଛି। ତଥାପି, ଏପରି ଅନେକ ଦଳ ଅଛନ୍ତି ଯେଉଁମାନେ ଏପର୍ଯ୍ୟନ୍ତ ସେମାନଙ୍କର ଅଧିନାୟକ ଘୋଷଣା କରିନାହାଁନ୍ତି । ଏହି ତାଲିକାରେ କୋଲକାତା ନାଇଟ ରାଇଡର୍ସ (କେକେଆର୍) ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି) ମଧ୍ୟ ଅନ୍ତର୍ଭୁକ୍ତ। ଏହି ଦୁଇ ଦଳର ଅଧିନାୟକଙ୍କ ବିଷୟରେ ଏକ ବଡ ଅପଡେଟ୍ ଆସିଛି।

କିଛି ଦିନ ପୂର୍ବରୁ ଖବର ଆସିଥିଲା ଯେ କୋଲକାତା ନାଇଟ ରାଇଡର୍ସ ଆସନ୍ତା ସିଜନରେ ରିଙ୍କୁ ସିଂଙ୍କୁ ଅଧିନାୟକ କରିପାରେ। ଏହି ଖବର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ତେବେ, ପରେ କେକେଆର ଅଧିନାୟକଙ୍କ ବିଷୟରେ କାହାଣୀ ବଦଳିଗଲା। ତା’ପରେ ଆଉ ଏକ ନୂଆ ଖବର ଆସିଲା କି ଏଥର ଅଜିଙ୍କ୍ୟ ରାହାଣେଙ୍କୁ ଅଧିନାୟକ କରାଯିବ। ବର୍ତ୍ତମାନ ଏକ ନୂତନ ରିପୋର୍ଟରେ ଏକ ନୂତନ ଦାବି କରାଯାଇଛି। ରିପୋର୍ଟ ଅନୁଯାୟୀ, ଭେଙ୍କଟେଶ ଆୟର୍ ଆଇପିଏଲ ୨୦୨୫ ରେ କୋଲକାତା ନାଇଟ ରାଇଡର୍ସର ଅଧିନାୟକ ହୋଇପାରନ୍ତି। ଏହି ଅଲରାଉଣ୍ଡରଙ୍କୁ କିଣିବା ପାଇଁ କେକେଆର୍ ନିଲାମରେ ବିପୁଳ ପରିମାଣର ଖର୍ଚ୍ଚ କରିଥିଲା । କେକେଆର୍ ଭେଙ୍କଟେଶ ଆୟରଙ୍କୁ ୨୩.୭୫ କୋଟିରେ କିଣିଛି।

ଆରସିବି ନିଲାମ ପୂର୍ବରୁ ଫାଫ ଡୁ ପ୍ଲେସିସ ରିଲିଜ୍ କରିଥିଲା, ସେତେବେଳେ ଏହା ସ୍ପଷ୍ଟ ହୋଇଗଲା ଯେ ବର୍ତ୍ତମାନ ଦଳ ଜଣେ ନୂଆ ଅଧିନାୟକଙ୍କ ସହ ଫିଲ୍ଡିଂ କରିବ। ତା’ପରେ କିଛି ଦିନ ପରେ ଖବର ଆସିଲା ଯେ ପୁଣି ଥରେ ବିରାଟ କୋହଲି ଆରସିବିର ଦାୟିତ୍ୱ ଗ୍ରହଣ କରିବେ। ତେବେ ବିରାଟ କିମ୍ବା ଫ୍ରାଞ୍ଚାଇଜ ଏ ବିଷୟରେ କିଛି କହି ନାହାଁନ୍ତି। ଏହି ସମୟରେ, ଅନ୍ୟ ଏକ ଖବର ଆସିଲା ଯେ ଏଥର ଆରସିବି ନିଲାମରେ କେ.ଏଲ ରାହୁଲଙ୍କୁ କିଣିବ ଏବଂ ତାଙ୍କୁ ଏହାର ଅଧିନାୟକ କରିବ। ଏହି ଦାବି ମଧ୍ୟ ସମ୍ପୂର୍ଣ୍ଣ ଭୁଲ ବୋଲି ପ୍ରମାଣିତ ହୋଇଛି । ବର୍ତ୍ତମାନ ଏକ ନୂତନ ଅପଡେଟ୍ ଆସିଛି। ରିପୋର୍ଟରେ କୁହାଯାଇଛି ଯେ, ଆରସିବି ଯୁବ ଖେଳାଳି ରଜତ ପାଟିଦାରଙ୍କୁ ଅଧିନାୟକ ଭାବେ ନିଯୁକ୍ତ କରିବ। ସୟଦ ମୁସ୍ତାକ ଅଲି ଟି -୨୦ ଟ୍ରଫିରେ ମଧ୍ୟପ୍ରଦେଶର ଅଧିନାୟକ ଅଛନ୍ତି ରଜତ ପାଟିଦାର।

### ଜାତୀୟ ଜୁନିଅର ଆଥଲେଟିକ୍ସ ଚାମ୍ପିଅନସିପ

## ୮ ସ୍ୱର୍ଣ୍ଣ ସମେତ ୧୨ପଦକ ଜିତିଲେ ରିଲାଏନ୍ସ ଫାଉଣ୍ଡେସନ ଆଥଲେଟ୍

**ଭୁବନେଶ୍ୱର, ୧୩।୧୨ :** ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ୩୯ତମ ଜାତୀୟ ଜୁନିଅର ଆଥଲେଟିକ୍ସ ଚାମ୍ପିଅନସିପରେ ରିଲାଏନ୍ସ ଫାଉଣ୍ଡେସନର ଯୁବ ଆଥଲେଟମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି ଏବଂ ୮ ଟି ସ୍ୱର୍ଣ୍ଣ, ୨ ଟି ରୌପ୍ୟ ଏବଂ ୨ ଟି ବ୍ରୋଞ୍ଜ ପଦକ ସମେତ ମୋଟ ୧୨ ଟି ପଦକ ଜିତିଛନ୍ତି । ପୁରୁଷ ୧୦୦ ମିଟର ଦୌଡ଼ରେ (୧୦.୫୦ ସେକେଣ୍ଡ) ଏବଂ ୨୦୦ ମିଟର ଦୌଡ଼ରେ (୨୧.୨୭ ସେକେଣ୍ଡ) ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥଲେଟିକ୍ସ ଏଚପିସିରେ ପ୍ରଶିକ୍ଷଣ ନେଉଥିବା ଆଥଲେଟ୍ ଦଣ୍ଡପତି ଜୟରାମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଏହା ସହିତ ସେ ମହେନ୍ଦ୍ର ସାନ୍ତା, ରାଜେନ୍ଦ୍ର ସିନ୍ଧୁ ଏବଂ ଆସ୍ତିକ ପ୍ରଧାନଙ୍କ ସହ ମିଶି ୪ଙ୍କ୧୦୦ ମିଟର ରିଲେ ଦୌଡ଼ରେ ଏକ ନୂତନ ମିଟ୍ ରେକର୍ଡ (୪୧.୧୦ ସେକେଣ୍ଡ) ସୃଷ୍ଟି କରିଥିଲେ । ନିଜ ସଫଳତାରେ ବେଶ ଉତ୍ସାହିତ ଥିବା ଜୟରାମ କହିଛନ୍ତି, “ତିନୋଟି ସ୍ୱର୍ଣ୍ଣ ପଦକ ଜିତିବା ଗର୍ବର ବିଷୟ କାରଣ ଜଣେ ଧାବକଙ୍କ ପାଇଁ ତିନୋଟି ସ୍ୱର୍ଣ୍ଣ ଜିତିବା ସହଜ ନଥାଏ । ଆଉ ଏଭଳି ବିଜୟ ନିଜ ମାଟିର ନିଜର ପ୍ରିୟ ଦର୍ଶକଙ୍କ ଗହଣରେ ଲାଭ କରିବା ଏହାକୁ ଅଧିକ ସ୍ୱତନ୍ତ୍ର କରିଛି । ଓଡିଶା ସରକାର ଏବଂ ରିଲାଏନ୍ସ ଫାଉଣ୍ଡେସନକୁ ଧନ୍ୟବାଦ ଜଣାଇବା ସହିତ ଆଗାମୀ ବର୍ଷ ହେବାକୁ ଥିବା ଜାତୀୟ କ୍ରୀଡା ଏବଂ ବିଶ୍ୱ ୟୁନିଭର୍ସିଟି ଗେମ୍ସ ଉପରେ ମନୋନିବେଶ କରି ଲକ୍ଷ୍ୟ ମୁତାବକ ପ୍ରଦର୍ଶନ କରିବାର ଆଶା ରହିଛି ବୋଲି କହିଛନ୍ତି ଜୟରାମ ।”

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୋହନଙ୍କ ...

ନିଆଯାଉଛି ବୋଲି ସେ କହିଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ହୋମିଓପାଥି ଚିକିତ୍ସକ ଓ ରେଡିଓଗ୍ରାଫର ନିଯୁକ୍ତି ସହିତ ଖୁବଶୀଘ୍ର ସରକାରୀ ଡାକ୍ତରଖାନା ମାନଙ୍କରେ ‘ଫାର୍ମାସୀ ଅଫିସର’ ନିଯୁକ୍ତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହା ସହିତ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜାତୀୟ ଆୟୁଷ ମିଶନରେ ଓଡ଼ିଶାରେ ୪୨୨ଟି ହୋମିଓପାଥି ଓ ଆୟୁର୍ବେଦିକ୍ ଡାକ୍ତରଖାନର ‘ଆୟୁଷ୍ମାନ ଆରୋଗ୍ୟ ମନ୍ଦିର’ ଭାବରେ ଉନ୍ନତି କରଣ କରାଯାଇଛି। ସେ କହିଥିଲେ ଯେ, ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱରରେ ଆଉ ତିନି ୫୦ ଶଯ୍ୟା ବିଶିଷ୍ଟ ସମନ୍ୱିତ ଆୟୁଷ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଉଛି।

ଅଧ୍ୟାପକଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଆପଣମାନେ ଯୁବ ବର୍ଗରୁ ଆସିଛନ୍ତି। ପିଲାମାନଙ୍କୁ ଦାୟିତ୍ୱବାନ୍ ହେବା ପାଇଁ ମାର୍ଗଦର୍ଶନ କରନ୍ତୁ। ୨୦୩୬ ଓ ୨୦୪୭କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଶା ପାଇଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରୁଛନ୍ତି। ଯୁବ ସମାଜର ଉଚିତ୍ ପଥ ପ୍ରଦର୍ଶନ କରିପାରିଲେ ସମୃଦ୍ଧ ଓଡ଼ିଶାର ଲକ୍ଷ୍ୟ ନିଶ୍ଚୟ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଲେ, ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାୟ ପ୍ରତ୍ୟେକ ମାସରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇ ଯୁବ ବର୍ଗଙ୍କୁ ସରକାରୀ ନିଯୁକ୍ତି ଦିଆଯାଉଛି। ୨୦୩୬ ଓ ୨୦୪୭ର ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତେ ସେବା ଓ ସମର୍ପଣ ମନୋଭାବ ନେଇ କାମ କରିବାକୁ ସେ ଆହ୍ୱାନ ଦେଇଥିଲେ।

ଉନ୍ନୟନ କମିଶନର ଅନୁ ଗର୍ଗ କହିଲେ ମହିଳା କର୍ମଚାରୀ ନିଜର ଦକ୍ଷତା ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି। ସେମାନେ କୌଣସି ପରିସ୍ଥିତିରେ ପୁରୁଷଙ୍କ ଠାରୁ କମ୍ ବୋଲି ମନେ କରିବା ଉଚିତ୍ ନୁହେଁ।

କାର୍ଯ୍ୟକ୍ରମରେ ନବ ନିଯୁକ୍ତ ଅଧ୍ୟାପିକା ଶୁଭଲକ୍ଷ୍ମୀ ସ୍ୱାଇଁ, ଡାକ୍ତର କଲ୍ୟାଣୀ ମଞ୍ଜରୀ ନାୟକ ଓ ରେଡିଓଗ୍ରାଫର ସ୍ୱତନ୍ତ୍ର ପଟ୍ଟନାୟକ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍. ସ୍ୱାଗତ ଭାଷଣ ଦେଇଥିଲେ।

### ଓଡ଼ିଶା...

ରାୟଗଡା, କେନ୍ଦୁଝର, ଗଂଜାମ ଓ ପୁରୀ ଭଳି ଜିଲ୍ଲାର ଏସ୍‌ପି ଦାୟିତ୍ୱ ତୁଲାଇଥିଲେ । ପରେ ପରେ ମିଳିଥିଲା କେନ୍ଦ୍ରୀୟ ଆଇଜି ଭଳି ଗୁରୁଦାୟିତ୍ୱ। ସଫଳତାର ସିଡି ଚଢିଥିବା ଆଶିଷଙ୍କୁ ହାତରେ ସରକାର ଦେଇଥିଲେ ଅବକାରୀ କମିଶନରର ଦାୟିତ୍ୱ । ଅବକାରୀ କମିଶନର ଭାବେ କେବଳ ବେଆଇନ୍ ନିଶା ବେପାରୀଙ୍କୁ ସାବାଡ କରିନଥିଲେ, ଆଣିଥିଲେ ବହୁ ପ୍ରତିକ୍ଷିତ ନୂଆ ଅବକାରୀନୀତି । ସବୁ ସ୍ତରରେ ଏଥିପାଇଁ ଆଶିଷ ପ୍ରଶଂସା ସାଉଁଟିଥିଲେ । ସେହିଭଳି ଶାହା କମିଶନ ଓଡ଼ିଶାର ଖଣି ଦୁର୍ନୀତିର ତଦନ୍ତ କରୁଥିବାବେଳେ ଆଶିଷ ଥିଲେ କେନ୍ଦୁଝର ଏସପି । ଦୁର୍ଦ୍ଧାନ୍ତ ଅପରାଧିଙ୍କୁ ସାବାଡ ପାଇଁ ତ ଆଜି ବି ଗଞ୍ଜାମ ଲୋକେ ଆଶିଷଙ୍କୁ ଝୁରୁଛନ୍ତି। ଓଡ଼ିଶାରେ ନିଜ ଚାକିରି କାଳରେ ଟିମ୍ ସହିତ ୭୦ଟି ଏନକାଉଣ୍ଟର କରିବା ଏବଂ ୨୭ ନକ୍ସଲଙ୍କୁ ନିପାତ କରିବାର ବିରଳ ରେକର୍ଡର ଅଧିକାରୀ ହେଉଛନ୍ତି ଆଶିଷ।

ସେହିଭଳି ଆଶିଷ ଆଉଗୋଟିଏ ରେକର୍ଡର ବି ଅଧିକାରୀ ଥିବା ଜଣାଯାଇଛି । ରାଜ୍ୟର ଦୁର୍ଗମ ଜିଲ୍ଲାଗୁଡିକରେ ଚାଲି ଚାଲି ବୁଲିଛନ୍ତି ୭ଶହରୁ ଅଧିକ ଗାଁ ।

ଏଭଳି ଜଣଦେକ୍ଷ ଅଫିସର ସବୁଦିନ ଓଡ଼ିଶାବାସୀଙ୍କ ହୃଦୟରେ ଯେ ରହିବେ ଏଥିରେ କଣିସି ସନ୍ଦେହ ନାହିଁ ।

### ଏବେବି ...

ଗୋଳା ବାରୁଦ କାରଖାନାରୁ ଆସି ସେ ୭ବର୍ଷ ହେଲା ଏହିଠାରେ ରହିଛନ୍ତି। ସେହି ବିଭାଗରେ ରହିଛନ୍ତି ଆଇଇଏସ୍ ଅଧିକାରୀ ଡ. ପ୍ରଜ୍ଞାସ୍ମିତା ସାହୁ। ଗୋଳାବାରୁଦ ସଂସ୍ଥାରୁ ଆସି ଏମଏସଏମଇ ବିଭାଗରେ ଥିବା ଆଉଜଣେ ବାବୁ ହେଲେ ବିଭୂତି ଭୂଷଣ ଦାସ। ସେହିଭଳି କେନ୍ଦ୍ରୀୟ ସଂସ୍ଥା ଏସଟିପିଆଇରୁ ଡେପୁଟେସନରେ ଆସି ଆଇଟି ବିଭାଗର ସ୍ୱତନ୍ତ୍ର ସଚିବ ପଦବୀ ମାଡି ବସିଚନ୍ତି ମାନସ ରଞ୍ଜନ ପଣ୍ଡା। କେନ୍ଦ୍ରରୁ ଆସିଥିବା ଆଉଜଣେ ବାବୁ ହେଲେ ସତିଶ ମିଶ୍ର। ଓଡ଼ିଶା ବିଧାନସଭାରେ ସେ ଏବେ ଯୁଗ୍ମ ସଚିବ। ଗୋଳାବାରୁଦ କାରଖାନାରୁ ଆସି ସମବାୟ ବିଭାଗର ଅତିରିକ୍ତ ସଚିବ ପଦରେ ଅଛନ୍ତି ପ୍ରଭୁକଲ୍ୟାଣ ପଟ୍ଟନାୟକ। ସେହିଭଳି ଭାରତୀୟ ରାଜସ୍ୱ ସେବାରୁ ଆସି ହସ୍ତତନ୍ତ ବିଭାଗର ନିର୍ଦ୍ଦେଶକ ପଦ ସମ୍ଭାଳିଛନ୍ତି ଶୋଭନ କ୍ରିଷ୍ଣା ସାହୁ। ଭାରତୀୟ ସେନା ବାହିନୀରୁ ଆସି ଅର୍ଥ ବିଭାଗର ଅତିରିକ୍ତ ସଚିବ ପଦରେ ଅଛନ୍ତି ଆଉଜଣେ ବାବୁ ସୁରଜ କୁମାର ପ୍ରଧାନ।

ଏହି ଅଧିକାରୀ ମାନଙ୍କ ନିଯୁକ୍ତି ପାଇଁ ମୁଖ୍ୟ ଶାସନ ସଚିବ କି ସରକାର କୌଣସି ନିର୍ଦ୍ଦେଶ ଦେଇନଥିବା ବେଳେ କାହିଁକି ଏହି ଅଧିକାରୀ ମାନଙ୍କୁ ପୁର୍ବ ବିଜେଡି ସରକାର ଗୁରୁତ୍ୱ ଓ କ୍ଷମତାପୂର୍ଣ୍ଣ ସ୍ଥାନରେ ବସାଇଥିଲେ ଏହାକୁ ନେଇ ପ୍ରଶ୍ନ କରିଛନ୍ତି ପୁର୍ବତନ ମୁଖ୍ୟ ଶାସନ ସଚିବ।

ସବୁଠୁ ଆଶ୍ଚର୍ଯ୍ୟକର କଥା ହେଉଛି ଏହି ଅଧିକାରୀ ମାନେ ଯଦି ସେମାନଙ୍କର ନିଜସ୍ୱ ସଂସ୍ଥାରେ ସଠିକ ଭାବେ କାର୍ଯ୍ୟ କରୁଥିଲେ ତେବେ ପୁଣି କାହିଁକି ଓଡ଼ିଶା ସରକାର ପାଖରେ ଗାଦି ମାଡିବସିଛନ୍ତି ତାକୁ ନେଇ ଉପୁଜିଛି ସନ୍ଦେହ।

ଏହି ବାବୁମାନଙ୍କୁ କାହା ସୁପାରିଶରେ ମିଳୁଥିଲା ମୋଟା ଦରମା ସାଙ୍ଗକୁ ସରକାରୀ ସୁବିଧା ସୁଯୋଗ। କାହାକୁ ଖୁସ କରି ଆଜି ଯାଏଁ ଗାଡି ମାଡି ବସିଛନ୍ତି ଏହି ଅଧିକାରୀ। ବର୍ତ୍ତମାନର ମୋହନ ସରକାର ଏହି ଅଧିକାରୀ ମାନଙ୍କର ଆବଶ୍ୟକତା ଓ କାର୍ଯ୍ୟ ଦକ୍ଷତାକୁ ଯାଞ୍ଚ କରି ଆଗକୁ କେଉଁ ନିଷ୍ପତି ନେଉଛନ୍ତି ତାକୁ ହିଁ ସମସ୍ତଙ୍କର ଅପେକ୍ଷା।

### ଇତିହାସର...

ପରେ ଓଡ଼ିଶା ବିଧାନସଭାରେ ମଧ୍ୟ ବିଜେଡି ବିଭାଜନ ପାଇଁ ଯୋଜନା ହୋଇଥିଲା। ତେବେ ସେ ସମୟରେ ନବୀନ କିଛି ବରିଷ୍ଠ ଅନୁଗତଙ୍କ ସହଯୋଗରେ କୌଣସି ମତେ ବଜେଡିକୁ ବଞ୍ଚେଇଦେଇଥିଲେ। ଏବେ କିନ୍ତୁ ସ୍ଥିତି ବଦଳିଯାଇଛି। ଗତ ତିନି ଚାରି ଦିନ ହେଲା ନବୀନ ନିବାସରେ ଚାଲିଥିବା ବୈଠକରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ, ନବୀନ ସନ୍ୟାସୀଙ୍କୁ ଛାଡି ପାରିବେନି। ଆଉ ସନ୍ୟାସୀ ରହିଲେ ବିଜେଡି ସରକାରକୁ ଫେରିବା ଅସମ୍ଭବ। ଏପରିକି ଆଗକୁ ଥିବା ପଞ୍ଚାୟତ ନିର୍ବାଚନରେ ବି ବିଜେଡି ନେତାମାନେ ସନ୍ୟାସୀଙ୍କ ନିର୍ଦ୍ଦେଶରେ କାମ କଲେ ନିଜ ଗଡ ରକ୍ଷା କରିପାରିବେ କି ନାହିଁ ସେନେଇ ସନ୍ଦେହରେ। ତେଣୁ ଏବେ ବିଜେଡିର କିଛି ଆଗଧାଡିର ନେତା ଆଉ ଏକ ଆଞ୍ଚଳିକ ଦଳ ଗଠନ କରିବାକୁ ଯୋଜନା କରୁଥିବା ଚର୍ଚ୍ଚା ହେଉଛି। ସମ୍ଭାବ୍ୟ ବିଜେଡି-ବି ଗଠନ କରିବାକୁ ଏକନାଥ ସିନ୍ଦେଙ୍କ ଫର୍ମୁଲା ଆପଣେଇବେ କିଛି ତୁଙ୍ଗ ନେତା। ସମଭାବାପନ୍ନ ନେତାଙ୍କ ସହ ବିଜେଡି ବିଭାଜନ କରିବାକୁ ଏକ ବଡ ରଣନୀତି ଚାଲିଥିବା ଚର୍ଚ୍ଚା ହେଉଛି।

ଆଜି ଗୋଟିଏ ମଞ୍ଚରେ ବିଜୟ ମହାପାତ୍ର ଓ କ୍ରୀତଦାସ ଏକାଠି ହେବା ଏବଂ ବିଜୟଙ୍କ ସାମ୍ବାଦିକ ସମ୍ମିଳନୀରୁ ଏମିତି କିଛି ଗନ୍ଧ ଆସୁଛି। ଚର୍ଚ୍ଚା ହେଉଛି ବିଜେଡି-ବି ଗଠନ ପାଇଁ ବିଜୟ ମହାପାତ୍ର, ବବି ଦାସ ଓ ଅରୁଣ ସାହୁଙ୍କ ଅଦୃଶ୍ୟ ମେଣ୍ଟ କାମ କରୁଛି। ଏମିତିବି ବିଜେଡିରେ ଯେଉଁ ୫୧ଜଣ ବିଧାୟକ ଜିତିଛନ୍ତି ସେମଧ୍ୟରୁ ୮୦ ପ୍ରତିଶତ ବିଧାୟକ କ୍ରୀତଦାସଙ୍କ ଅନୁଗତ। ତେଣୁ କ୍ରୀତଦାସଙ୍କ ଇଙ୍ଗିତରେ ସେମାନେ ଯେକୌଣସି ସମୟରେ ଡିଆଁ ମାରିବେ।

ନବୀନ ଓ ସନ୍ୟାସୀଙ୍କୁ ବିଜେଡି-ବି ଟିମର ପରିକଳ୍ପନା କରାଯାଉଥିବା ବେଳେ ସମ୍ଭାବ୍ୟ ନୂଆ ଆଞ୍ଚଳିକ ଦଳ ବିଜେପି ସହ ରାଜନୈତିକ ବୁଝାମଣାରେ ରହିବ। ଏହାଭିନ୍ନ ବିଜେଡି ୨୦୨୪ରେ ନିର୍ବାଚନ ହାରିବା ପଛରେ ମଧ୍ୟ ସନ୍ୟାସୀଙ୍କ ହାତ ଥିବା ଚର୍ଚ୍ଚା ହେଉଛି। କୁହାଯାଉଛି ସନ୍ୟାସୀ ଜାଣିଶୁଣି ବିଜେଡିକୁ ହରେଇଦେଇଛନ୍ତି। ଏପରିକି ରାଜ୍ୟ ବିଜେପିର ରାଜନୈତିକ ନିଷ୍ପତ୍ତିରେ ମଧ୍ୟ ସନ୍ୟାସୀଙ୍କ ହାତ ଥିବା ଅଭିଯୋଗ ହେଉଛି।

ସନ୍ୟାସୀ ରାଜ୍ୟରେ ବିଜେପି ସରକାର ଗଠନ ପଛର ଅନ୍ୟତମ ଅଦୃଶ୍ୟ କାର୍ପେଟଦାର ହୋଇଥିଲେ ବୋଲି କିଛି ବିଜୁ ପ୍ରେମୀ ଅଭିଯୋଗ କରୁଛନ୍ତି। ନିର୍ବାଚନ ପରେ ରାଜ୍ୟ ରାଜନୀତି ଓ ପ୍ରଶାସନିକ ମହଲରେ ଘଟୁଥିବା କିଛି ଘଟଣାକ୍ରମକୁ ନେଇ ଏଭଳି ଚର୍ଚ୍ଚା ଜୋର ଧରିଛି। ନବୀନ ମଧ୍ୟ ଏତେସବୁ ପରେ ସନ୍ୟାସୀଙ୍କୁ ଛାଡି ପାରୁନଥିବାରୁ କିଛି ବିଜେଡି ନେତା ସନ୍ୟାସୀ ଓ ତାଙ୍କ ଗୁରୁଙ୍କୁ ଛାଡି ନୂଆ ଦଳ ଗଠନ କରିବାକୁ ଯୋଜନା କରୁଥିବା ଜଣାପଡିଛି। ଆଗାମୀ ଦିନରେ ଏହାଯଦି ଚୁଡାନ୍ତ ରୂପରେଖ ନିଏ ତେବେ ରାଜ୍ୟ ରାଜନୀତିରେ ଏକ ରୋଚକ ସ୍ଥିତି ସୃଷ୍ଟି ହେବା ନିଶ୍ଚିତ।

### ୨୦୨୭ରେ...

ସଂଖ୍ୟା ହଜାରେକୁ ବୃଦ୍ଧି କରିବାକୁ ଯୋଜନା କରୁଛି। କାରଣ ନୂଆ ସଂସଦର ଲୋକସଭା ଗୃହରେ ହଜାରେ ଆସନ ରହିଛି।

ସେହିଭଳି ରାଜ୍ୟ ବିଧାନସଭାଗୁଡିକର ମଧ୍ୟ ଆସନ ସଂଖ୍ୟା ବଢାଇବାକୁ ଯୋଜନା କରାଯାଉଛି।

ଜନସଂଖ୍ୟା ଆଧାରରେ ଆସନ ସଂଖ୍ୟା ବଢାଇବା ସହ ଗୋଟିଏ ପର୍ଯ୍ୟାୟରେ ଦେଶର ସବୁ ବିଧାନସଭା ଓ ଲୋକସଭା ଆସନ ପାଇଁ ନିର୍ବାଚନ କରିବାକୁ ଏଜେଣ୍ଡା ପ୍ରସ୍ତୁତ ହୋଇସାରିଥିବା ଚର୍ଚ୍ଚା ହେଉଛି।

### ଜଷ୍ଟିସ ବେଲା...

ଇନ୍ଦରମିତ୍ କୌର କୋଚର ପୂର୍ବବତ କାର୍ଯ୍ୟ କରିବେ। ଏହି ଦୁଇ ସଦସ୍ୟ ଟ୍ରିବ୍ୟୁନାଲ ଆରମ୍ଭରୁ ରହିଛନ୍ତି। ଶେଷଥର ପାଇଁ ଟ୍ରିବ୍ୟୁନାଲରେ ଶୁଣାଣି ୨୦୨୪ ଫେବୃଆରୀ ୨୨ତାରିଖରେ ହୋଇଥିଲା। ଟ୍ରିବ୍ୟୁନାଲର ୪୩ତମ ବୈଠକ ପରେ ମାର୍ଚ୍ଚ ୧୧ତାରିଖରେ ପ୍ରସ୍ତାବିତ ଶୁଣାଣି ହୋଇପାରି ନ ଥିଲା ଓ ଯାହା ମାର୍ଚ୍ଚ ୨୭ତାରିଖକୁ ଧାର୍ଯ୍ୟ ହୋଇଥିଲା ।

କିନ୍ତୁ ଏହି ଅବଧି ମଧ୍ୟରେ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ ଖାନୱାଲିକର ଇସ୍ତଫା ଦେଇସାରିଥିବାରୁ ଆଉ ଶୁଣାଣି ସମ୍ଭବପର ହୋଇପାରିନାହିଁ ।

ଛତିଶଗଡ଼ ସହ ଜଳବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ୨୦୧୮ ମାର୍ଚ୍ଚ ୧୨ତାରିଖରେ ଜଷ୍ଟିସ ଖାନୱାଲିକରଙ୍କ ଅଧ୍ୟକ୍ଷତାରେ ଟ୍ରିବ୍ୟୁନାଲ ଗଠନ କରିଥିଲେ।

ମହାନଦୀ ଟ୍ରିବ୍ୟୁନାଲର ଅବଧିକୁ କେନ୍ଦ୍ର ସରକାର ମଧ୍ୟ ୨୦୨୬ ଏପ୍ରିଲ ୧୩ତାରିଖ ପର୍ଯ୍ୟନ୍ତ ବର୍ଦ୍ଧିତ କରିସାରିଛନ୍ତି।



# ନାଉଗାଁରେ ମା' ଗଜଲକ୍ଷ୍ମୀ ପୂଜା

**ନାଉଗାଁ, ୧୩।୧୨ (ସଂଚାର ବ୍ୟୁରୋ) :** ଧରାପୃଷ୍ଠରେ ମା ଧନଦାତ୍ରୀ, କଲ୍ୟାଣମୟୀ ମା ଲକ୍ଷ୍ମୀ ଧରା ଅବତରଣ କରି ସାରିଛନ୍ତି। ଯାହାକୁ ନେଇ ପୁରପଲ୍ଲୀ ଉତ୍ସବମୁଖର ହୋଇପଡିଛି। ସେହି ଅବସରରେ ନାଉଗାଁ ବ୍ଲକ ଅନ୍ତର୍ଗତ କୋକିଢ଼ିଅ ଗ୍ରାମର ମା' ଇଛାମୟୀ ପୂଜା କମିଟି ଆନୁକୂଲ୍ୟରେ ମା' ଗଜଲକ୍ଷ୍ମୀଙ୍କ ପୂଜା ମହାଆଡମ୍ବରରେ ପାଳନ କରାଯାଉଛି। ଏହି ପୂଜା କମିଟି ଆନୁକୂଲ୍ୟରେ ୭୫ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ହେବ ନିରବଚ୍ଛିନ ଭାବେ ପ୍ରତିବର୍ଷ ହେବ ଏହି ପୂଜା ପାଳନ କରାଯାଉଅଛି। ତେବେ ଏହି ପୂଜା ପାଇଁ ଗ୍ରାମର ସମସ୍ତ ଗ୍ରାମବାସୀମାନେ ରାଗ କ୍ଷୋଭକୁ ପଛରେ ପକାଇ ଆଗେଇ ଆସି ଏକତ୍ରିତ ହୋଇ ଗାଁର ଭାଇଚାରା ଓ ପରମ୍ପରାକୁ ବଜାଇ ରଖିଛନ୍ତି। ଏହି ପୂଜା ତିନିଦିନ ଧରି ଚାଲିବ। ପ୍ରତେକ ଦିନ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ବ୍ୟବସ୍ଥା କରାଯାଇଛି। ପୂଜା ସରିବା ପରେ ପ୍ରତିବର୍ଷ ଭଳି କମିଟି ପକ୍ଷରୁ ଚାରିଦିନ ଧରି ଓଡ଼ିଶାର ନାମିଦାମୀ ଯାତ୍ରା ପାର୍ଟିକୁ ନେଇ ଯାତ୍ରା ପରିବେଷଣ କରାଯାଇଥାଏ। ତେବେ ଆଜିର ସମାଜରେ ଏହି ଗାଁର ଭାଇଚାରା ଓ ଗ୍ରାମବାସୀ ମାନଙ୍କ ଭିତରେ ଉତ୍ତମ ବୁଝାମଣା ଥିବାରୁ ଏହି ଅନୁଷ୍ଠାନଟି ଆଜିବି ଉଜ୍ଜୀବିତ ହୋଇ ରହିଛି ।

# କଳ୍ପବଟ ମହାଲକ୍ଷ୍ମୀ ପୂଜା କମିଟିର ୨୪ତମ ପୂଜା ଅନୁଷ୍ଠିତ

**ବାଲିଅନ୍ତା, ୧୩।୧୨ (ସଂଚାର ବ୍ୟୁରୋ) :** ରାଜଧାନି ଉପକଣ୍ଠ ଶିଶିଲୋ ବଜାରର କଳ୍ପବଟ ମହାଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ଚଳିତ ବର୍ଷ ୨୩ ତମ ବାର୍ଷିକ ମହାଲକ୍ଷ୍ମୀ ପୂଜା ଉତ୍ସବ ମହା ସମାରୋହରେ ପାଳିତ ହେଉଅଛି। ପୁରଣ ପ୍ରଧାନ ଗ୍ରାମ ପଞ୍ଚାୟତର ଜନସାଧାରଣ ଏବଂ ଶିଶିଲୋ ବଜାର କମିଟିର ସହଯୋଗରେ ଏହି ପାରମ୍ପରିକ ଉତ୍ସବଟିକୁ ସ୍ଥାନିୟ ଜନ ସାଧାରଣ ବେସ ଉପଭୋଗ କରିଥାନ୍ତି। କାରଣ ଅଧିକାଂଶ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ପାଳନ ହେଉଥିବା ବେଳେ ଖୁବ୍ କମ୍ ସ୍ଥାନରେ ଏହି ମହାଲକ୍ଷ୍ମୀ ପୂଜା କାର୍ଯ୍ୟକ୍ରମ ଦେଖିବାକୁ ମିଳିଥାଏ ବୋଲି ସ୍ଥାନିୟ ଜନସାଧାରଣ ମତ ଦିଅନ୍ତି। ଏକ ଦିନାତ୍ମକ ଏହି ପୂଜା କାର୍ଯ୍ୟ ବହୁ ନିଷ୍ଠାପର ଭାବରେ କରାଯାଇଥାଏ। ପୂର୍ବଦିନ ମଧ୍ୟରାତ୍ରରେ ଜଳାଧିବାସ କାର୍ଯ୍ୟ ଆରମ୍ଭ ହୋଇ ଗୁରୁବାର ପ୍ରାତଃରୁ ମାଙ୍କର ଘଟ ସ୍ଥାପନ କରାଯାଇ



ସୂର୍ଯ୍ୟପୂଜା, ବାଳଧୂପ, ମଧ୍ୟାନ୍ୟରେ ନାନାଦି ଶୁଦ୍ଧ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ମାଙ୍କୁ ଅର୍ପଣ କରାଯାଇଥାଏ। ସଂଧ୍ୟାରେ ଆଳତୀ କାର୍ଯ୍ୟ ଏବଂ ରାତ୍ରରେ ସୁସ୍ୱାଦୁ ପଣା ଅର୍ପଣ କରାଯାଇ ଉଦ୍‌ଯାପନ କରାଯାଇଥାଏ। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସଂଧ୍ୟା ବେଳେ ସାଂକୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମରେ ବେଣୁଧର ମହାପାତ୍ର, ସନ୍ତୋଷ କୁମାର ସେନାପତି, ବିଶ୍ୱରଞ୍ଜନ ପ୍ରହରାଜ, ରାଧାକାନ୍ତ ସ୍ୱାଇଁ କୈଳାସ ଚନ୍ଦ୍ର ନାୟକ, ଶତୃଘ୍ନ ସାହୁଙ୍କ ସମେତ ବଜାର କମିଟିର ସଭ୍ୟମାନେ ସହଯୋଗ କରିଥିଲେ।

# ବ୍ରହ୍ମପୁରବାସୀଙ୍କ ନିଦ ହଜାଇଲେଣି 'ମଶା'

## ନିରବଦ୍ରଷ୍ଟା ସାଜିଛି ବିଏମସି

## ଟିଫା ମେସିନ୍ ଅଛି, ବ୍ୟବହାର ହେଉ ନ ଥିବା ଅଭିଯୋଗ



**ବ୍ରହ୍ମପୁର, ୧୩।୧୨ (ସଂଚାର ବ୍ୟୁରୋ) :** ବ୍ରହ୍ମପୁରବାସୀଙ୍କ ଚିନ୍ତା ବଢ଼ାଇଲାଣି ମଶାଙ୍କ ପ୍ରାଦୁର୍ଭାବ। ମଶାଙ୍କ ପାଇଁ ସହରବାସୀଙ୍କ ଜୀବନ ଏବେ ସମସ୍ୟାରେ ପଡିଛି। ଘର ବାହାରେ ତ ଦୂରର କଥା ଘର ଭିତରେ ବି ରହିବା ମୁସ୍କିଲ୍ ହୋଇପଡିଛି। ସହରରେ ଦିନକୁ ଦିନ ମଶାଙ୍କ ପ୍ରାଦୁର୍ଭାବ ବଢୁଥିବା ବେଳେ ମହାନଗର ନିଗମ ଅଧିକାରୀମାନେ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି । ଯଦିଓ ବିଏମସିରେ ଏକ ବଡ଼ ଟିଫା ମେସିନ୍ ଅଛି କିନ୍ତୁ ବିଭିନ୍ନ ବାହାନରେ ତାକୁ ବ୍ୟବହାର କରାଯାଉ ନଥିବା ଅଭିଯୋଗ ହେଉଛି। ସେହିଭଳି ହାତ ମେସିନ୍ ବି କିଣାଯାଇଛି । ହେଲେ ସେଗୁଡିକର ବ୍ୟବହାର ହେଉନାହିଁ । ଫଳରେ ମଶା ବଂଶ ବୃଦ୍ଧି ପାଉଛି। ଯାହା ଫଳରେ ମାଲେରିଆ ଏବଂ ଡେଙ୍ଗୁ ଆକ୍ରାନ୍ତ ହେବା ଆଶଙ୍କାରେ ଦିନ କାଟୁଛନ୍ତି ରେଶମ ସହରବାସୀ।

ସୂଚନା ଅନୁସାରେ, ୨୦୧୯ରେ ବ୍ରହ୍ମପୁର ସହର ପାଇଁ ଏକ ଟିଫା ମେସିନ୍ କିଣାଯାଇଥିଲା। କିଛିଦିନ ଏହାକୁ ବ୍ୟବହାର କରାଯାଇଥିଲା। କିନ୍ତୁ ଏଥିରେ ବ୍ୟବହାର ହେଉଥିବା ସ୍ୱତନ୍ତ୍ର ତେଲ ନାହିଁ। ସହରରେ ୪୨ଟି ୱାର୍ଡ ପାଇଁ ଗୋଟିଏ ମେସିନ୍ ନିଅଣ୍ଟ ହେଉଛି। ଏତାଛଡ଼ା ୪୦ଟି ଛୋଟଛୋଟ ହ୍ୟାଣ୍ଡ ପମ୍ପିଙ୍ଗ ମିସିନ୍ ମଧ୍ୟ କିଣା ଯାଇଛି । ହେଲେ ଏସବୁ ଏବେ କେଉଁଠି ଅଛି ତାର ପତ୍ତା ନାହିଁ। ମଶା ବଂଶ ବୃଦ୍ଧି ହେବାର ଆଉ ଏକ ବଡ଼ କାରଣ ହେଉଛି, ସହରର ନାଳ ନର୍ଦ୍ଦମା ଗୁଡ଼ିକର ନିୟମିତ ସଫେଇ ନହେବା। ଯାହା ଏହି ସମସ୍ୟାକୁ ଆହୁରି ଦ୍ୱିଗୁଣିତ କରିଛି।

ମହାନଗର ନିଗମର ଏହି ଅପରାଗତା ଯୋଗୁଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ସହରବାସୀ। ନିକଟରେ ହୋଇଥିବା କାଉଁନସିଲ୍ ବୈଠକରେ ମଧ୍ୟ କର୍ପୋରେଟରମାନେ ଏନେଇ ମେୟର ଏବଂ କମିଶନରଙ୍କୁ ଅବଗତ କରାଇଥିଲେ। ତଥାପି ବିଏମସି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିବା ବେଳେ ସହରବାସୀଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଇଛି।

# ଧଳେଶ୍ୱରରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଉପମୁଖ୍ୟମନ୍ତ୍ରୀ

**ନିମାପଡା, ୧୩।୧୨ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟକୁ ସାକାର କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ଗାଁ କୁ ସହର ଭାବେ ଗଢି ତୋଳିବା ଉଦ୍ଦେଶ୍ୟରେ ଆଜି ନିମାପଡା ବ୍ଲକର ଧଳେଶ୍ୱର ପଂଚାୟତରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ପାଇଁ ୪୦ ଲକ୍ଷ ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ।

## ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା

ଅଲଣ୍ଡି ଠାରୁ ଏକ ବାଇକ ଶୋଭାଯତ୍ରାରେ ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଧଳେଶ୍ୱର ଗ୍ରାମକୁ ଯାଇଥିଲେ। ସେଠାରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ଗମନାଗମନ ପାଇଁ ଗ୍ରାମ୍ୟ ରାସ୍ତା ନିର୍ମାଣ, ସାଢେ ୭ ଲକ୍ଷ ଟଙ୍କା ବ୍ୟୟରେ ସେଠାରେ ଥିବା ଅଙ୍ଗନୱାଡି କେନ୍ଦ୍ରର ଆଧୁନିକୀକରଣ, ୩ ଲକ୍ଷ ଟଙ୍କା ବ୍ୟୟରେ ଆଲୋକୀକରଣ, ୨ ଲକ୍ଷ ଟଙ୍କା ବ୍ୟୟ କରାଯାଇ ବିଦ୍ୟାଳୟର ବିଭିନ୍ନ ଉନ୍ନୟନ କାର୍ଯ୍ୟ, ୧ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଶୁଦ୍ଧ ପାନୀୟ ଜଳ, ୧୧ ନଂ ୱାର୍ଡରେ ୩ ଲକ୍ଷ



ଟଙ୍କା ବ୍ୟୟରେ ଶବଦାହ ପାଇଁ ଗ୍ରାମ ଶ୍ମଶାନ ପ୍ରଭୃତି ବିଭିନ୍ନ କାର୍ଯ୍ୟ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ।

ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା, ସମ୍ମାନୀତ ଅତିଥି ଭାବେ ସରପଞ୍ଚ ସଚ୍ଚିଦାନନ୍ଦ ରାଉତରାୟ, ସମିତି ସଭ୍ୟା ବେବିନା ଜେନା, ପଂଚାୟତ ସମିତି ମଣ୍ଡଳ ଉନ୍ନୟନ ଅଧିକାରୀ ଡ. ଅଭିଜତ ଷଡଙ୍ଗୀ, ବିଜେପି ଧନୁଆଁ ମଣ୍ଡଳ ସଭାପତି ଯତିନ୍ଦ୍ର ସ୍ୱାଇଁ, ପଂଚାୟତ ସଭାପତି ଧନଞ୍ଜୟ ମହାପାତ୍ରଙ୍କ ସମେତ ୱାର୍ଡ ସଭ୍ୟ, ଦଳୀୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ଭୋଗଶାଳଦା, ଚଅଁରପଦା, ନୂଆସନ୍ଥ ଓ ମିଟେଇପୁର ପଂଚାୟତକୁ ଆଦର୍ଶ ଗ୍ରାମ ରୂପେ ଚିହ୍ନଟ କରାଯାଇଥିବା ଜଣାପଡିଛି ।

# ବାଲି ଚାଲାଣ ବେଳେ ଡମ୍ପର ଜବତ



**ବାଲିଆପାଳ, ୧୩।୧୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ଓ ଜଳେଶ୍ୱର ସୀମାରେ ଥିବା କଣ୍ଟାପାଳ ବାଲିଖାଦାନ ନିକଟରୁ ଗତକାଲି ରାତିରେ ଏକ ବେଆଇନ ବାଲି ବୋଝେଇ ଡମ୍ପରକୁ ପୋଲିସ ଜବତ କରିଛି। ସରକାରୀ ସ୍ତରରେ ଏହି ବାଲିଖାଦାନ ନିଲାମ ହୋଇ ନ ଥିବାରୁ ବାଲିମାଫିଆ ମାନେ ପ୍ରତ୍ୟେକ ଦିନ ସନ୍ଧ୍ୟା ସାତଟାରୁ ସକାଳ ହେବା ପର୍ଯ୍ୟନ୍ତ ଜେସିପି ସାହାଯ୍ୟରେ ମନଇଚ୍ଛା ବାଲି ଉଠାଇ ଚଢା ଦାମରେ ବିକ୍ରୀ କରୁଛନ୍ତି। ଏହି ବାଲି ରାତାରାତି ଡମ୍ପର ସାହାଯ୍ୟରେ ଜିଲ୍ଲାର ପ୍ରତ୍ୟେକ ସ୍ଥାନକୁ ଯିବା ସହିତ ଅଧିକାଂଶ ଗାଡି ପଡୋଶୀ ପଶ୍ଚିମବଙ୍ଗକୁ ଯାଉଥିବାର ଶୁଣିବାକୁ ମିଳୁଛି। ବର୍ତ୍ତମାନ ବାଲିଚର ଚାହିଦା ଥିବାରୁ ବାଲିମାଫିଆ ମାଫିଆମାନେ ଚଢା ଦାମରେ ବିକ୍ରୀ କରି ମାଲେମାଲ ହେଉଛନ୍ତି। ପ୍ରତ୍ୟେକ ଦିନ ରାତିରେ ୧୫/୨୦ଲକ୍ଷ ଟଙ୍କାର ବାଲି ଉଠାଯାଉଥିବାର ଶୁଣିବାକୁ ମିଳୁଛି। ଗତକାଲି ବାଲିଆପାଳ ପୋଲିସ ଖବରପାଇ କଣ୍ଟାପାଳ ବାଲିଖାଦାନ ନିକଟରୁ ଓଡି୦୧ଏକେ୬୭୯୯ ଏକ ବେଆଇନ ବାଲି ବୋଝେଇ ଡମ୍ପରକୁ ଜବତ କରି ଥାନାକୁ ଆଣିଛନ୍ତି।ତାଛଡା ସୁବର୍ଣ୍ଣରେଖା ରେଖା ନଦୀର ଦ୍ୱିତୀୟ ସେତୁ ନିକଟରେ କଣ୍ଟାପାଳ ବାଲିଖାଦାନରୁ ଯେଉଁଭଳି ବାଲି ଉତ୍ତୋଳନ ହେଉଛି ପ୍ରଶାସନ ସଜାଗ ନ ହୁଏ ତାହାହେଲେ ପୋଲ ଅଳ୍ପ ଦିନରେ ଭୁଷୁଡି ପଡ଼ିବ।

# ବାଲିଅନ୍ତା ଥାନାକୁ ମିଳିଲା ନୂଆ ପିସିଆର୍

**ବାଲିଅନ୍ତା, ୧୩।୧୨ (ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି କମିଶନରେଟ ପୁଲିସ ପକ୍ଷରୁ ଆଉ ଏକ ନୂତନ ପିସିଆର ଗାଡି ଯୋଗାଇ ଦିଆଯାଇଛି । ବିଶେଷ କରି ବାଲିଅନ୍ତା ଥାନା ଅଧୀନ ବାଲିଅନ୍ତା ବଜାର, ବେଣୁପୁର, ଭିଙ୍ଗାରପୁର, ପ୍ରତାପରୁଦ୍ରପୁର ଏବଂ ଜୟଦେବ ପଞ୍ଚାୟତ ଅଞ୍ଚଳର କୌଣସି ସ୍ଥାନରେ ସୃଷ୍ଟି ହେଉଥିବା ଆଇନ ଶୃଙ୍ଖଳା ପରିସ୍ଥିତି, ଗଣ୍ଡଗୋଳ,ଚୋରି, ଛିନତାଇ ଆଦି ସମସ୍ୟା ନିୟନ୍ତ୍ରଣ ନେଇ ୨୪ ଘଣ୍ଟା ପାଟ୍ରୋଲିଂ କରିବାରେ ସହଜ ହେବ । ପୂର୍ବରୁ ସ୍ଥାନ ବିଶେଷରେ ବାଳକାଟି ଫାଣ୍ଡି ପିସିଆର ଉପରେ ଏନେଇ ନିର୍ଭର କରିବାକୁ ପଡୁଥିଲା। କୌଣସି ସ୍ଥାନକୁ ପିସିଆର ଯାଇଥିଲେ ଅନ୍ୟ ସ୍ଥାନରେ ପହଞ୍ଚିବାରେ ବିଳମ୍ବ ହେଉଥିଲା ।

ସୂଚନାଯୋଗ୍ୟ ସ୍ଥାନୀୟ ଅଞ୍ଚଳବାସୀ ତଥା ବାଲିଅନ୍ତା ଥାନା ପୁଲିସ ପକ୍ଷରୁ ନୂଆ ପିସିଆର ଯୋଗାଇ ଦେବା ପାଇଁ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଦାବି ହୋଇ ଆସୁଥିଲା । ଦାବି ପୂରଣ ନେଇ ଥାନା ଅଧିକାରୀ ରବିନ୍ଦ୍ର ନାଥ ମେହେର ବରିଷ୍ଠ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।




# ୭ ବର୍ଷ ହେଲା ଅଟକିଛି ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ନିର୍ମାଣ

**ନାଉଗାଁ, ୧୩।୧୨ (ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକରେ ଜନସାଧାରଣଙ୍କ ସୁବିଧା ପାଇଁ ସରକାରଙ୍କ ତରଫରୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଏକ କାର୍ଯ୍ୟାଳୟ ୨୦୧୭ ମସିହାରେ ନାଉଗାଁ ବ୍ଲକ ସ୍ଥିତ ଦାଣ୍ଡୁଆ ପଡିଆ ଠାରେ ନିର୍ମାଣ ହୋଇଥିଲା। ଦୀର୍ଘ ୭ ବର୍ଷ ବିତିଯାଇଥିଲେ ମଧ୍ୟ ଏହି କାର୍ଯ୍ୟାଳୟଟି ଏବେ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହି ଭୂତକୋଠି ପାଲଟିବାରେ ଦେଖିବାକୁ ମିଳିଛି ।



ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ନାମକୁ ମାତ୍ର ନାଉଗାଁରେ ହୋଇଥିଲା ବେଳେ ଜଗତସିଂହପୁରରେ ଅଫିସ ଚାଲିଛି। ଯାହାଫଳରେ କି ଭକ୍ତ ବିଭାଗର କର୍ମଚାରୀ ନାଉଗାଁ ଠାରୁ ଦୂରେଇ ରହି କାର୍ଯ୍ୟ କରୁଛନ୍ତି । ଫଳରେ ନାଉଗାଁ ଠାରୁ କର୍ମଚାରୀମାନେ ଦୂରେଇ ରହୁଥିବାରୁ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ଏବଂ ୧୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟରେ ଅଦ୍ଧନିର୍ମିତ ଅବସ୍ଥାରେ ରହି କାର୍ଯ୍ୟାଳୟଟି ଏବେ କାମରେ ନ ଲାଗିବାରୁ ନଷ୍ଟ ହେବାକୁ ବସିଲାଣି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ବେପରବା ମନବୃତି ପାଇଁ ସରକାରୀ ଅର୍ଥ ପାଣିରେ ପଡୁଚି ।

ନାଉଗାଁ ଜନସାଧାରଣ ଉନ୍ନୟନ କାର୍ଯ୍ୟ ପାଇଁ ଅଯଥାରେ ଜଗତସିଂହପୁରକୁ ଯାଉଛନ୍ତି । ତେଣୁ ଯଥାଶୀଘ୍ର ଏହି କାର୍ଯ୍ୟାଳୟଟି ପୂର୍ଣ୍ଣାଙ୍ଗ ହେଲେ ନାଉଗାଁରେ ଉନ୍ନୟନ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେବା ସହିତ ଜନସାଧାରଣ ମାନେ ଉପକୃତ ହେବେ।

## ପୋଷାକ ବଣ୍ଟନକୁ ନେଇ ଛକାପଞ୍ଝା

# ଛାତ୍ରଛାତ୍ରୀ ପୋଷାକ ପାଇବାରୁ ବଞ୍ଚିତ

**କଣାସ, ୧୩।୧୨ (ସଂଚାର ବ୍ୟୁରୋ) :** କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ କିପରି ଅଧିକା ସଂଖ୍ୟାରେ ସ୍କୁଲକୁ ଆସିପାରିବେ ଏଥିପାଇଁ ମାଗଣାରେ ମଧ୍ୟାହ୍ନ ଭୋଜନ, ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଦୁଇହଳ ପୋଷାକ, ବହିପତ୍ର ଓ ଖେଳ ଉପକରଣ ଯୋଗାଉଥିବାବେଳେ ଚଳିତ ଶିକ୍ଷାବର୍ଷ ନଅ ମାସ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଧା ଛାତ୍ରଛାତ୍ରୀମାନଙ୍କୁ ପୋଷାକ ମିଳିନଥିବା ଜଣାପଡ଼ିଛି। ଖବର ନେବାରେ ଜଣାପଡ଼ିଛି କଣାସ ବ୍ଲକର ସମସ୍ତ ବିଦ୍ୟାଳୟକୁ ପୋଷାକ ଯୋଗାଇବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଜିଏସଟି ଥିବା ଲୁଗା ଦୋକାନୀ ୩୬ ଜଣଙ୍କୁ ସୁପାରିଶ କରାଯାଇଥିବାବେଳେ ଦୋକାନୀ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନେ ସରକାରଙ୍କ ନିର୍ଦ୍ଦେଶମତେ ଠିକ ସମୟରେ ସଠିକ ପରିମାଣର ପୋଷାକ ଯୋଗାଇପାରୁ ନଥିବାରୁ ବାଧ୍ୟ ହୋଇ ପ୍ରଧାନ ଶିକ୍ଷକମାନେ ପୋଷାକ ରଖିପାରୁ ନାହାଁନ୍ତି। ଯାହାଦ୍ୱାରାକି ଛାତ୍ରଛାତ୍ରୀମାନେ ପୋଷାକ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ କଣାସ ବ୍ଲକ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନଙ୍କୁ ପଚାରିବାରୁ ସେ କୁହନ୍ତି ଦୋକାନୀମାନେ ନିମ୍ନମାନର ପୋଷାକ ଦେଉଥିବା ଏବଂ ଯେଉଁ ସ୍କୁଲରେ ଯେତିକି ଛାତ୍ରଛାତ୍ରୀ ଅଛନ୍ତି ତାହାଠାରୁ କମ ପରିମାଣର ପୋଷାକ ଦେବା ସହିତ ଛାତ୍ରଛାତ୍ରୀମାନଙ୍କ ପାଇଁ ଜୋତା ନେଇଯାଉଥିବାରୁ ପ୍ରଧାନ ଶିକ୍ଷକ ସେଗୁଡିକ ରଖୁନାହାଁନ୍ତି କିମ୍ବା ବିଦ୍ୟାଳୟର ପରିଚାଳନା କମିଟର ସଭାପତି ସମ୍ପାଦକ ଓ ସଭ୍ୟମାନଙ୍କୁ ଜଣାଉନଥିବାରୁ ପରିଚାଳନା କମିଟରେ ଅସନ୍ତୋଷ ଦେଖାଦେଇଛି। କେଉଁ ବିଦ୍ୟାଳୟକୁ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଦୋକାନୀ ପୋଷାକ ନେଇଯାଉଛନ୍ତି ସେ ସମ୍ପର୍କରେ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ଜଣାଉନଥିବା ଅଧିକାରୀ ପ୍ରକାଶ କରିଥିଲେ।

## ଡ୍ରାଇଭରଙ୍କୁ ମାଡର ପ୍ରତିବାଦ

# କଣାସ ବ୍ଲକରେ ମୋ' ବସ ଚଳାଚଳ ବନ୍ଦ

**କଣାସ, ୧୩।୧୨ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଗ୍ରାମାଞ୍ଚଳରେ ମହିଳା ଓ ପୁରୁଷମାନେ କିପରି ନିଜ ନିଜର ବ୍ଲକ, ଡାକ୍ତରଖାନା, ତହସିଲି, ସବରେଷ୍ଟ୍ରି କାର୍ଯ୍ୟାଳୟ, ମୁଖ୍ୟ ପଶୁ ଚିକିତ୍ସାଳୟ, କୃଷି କାର୍ଯ୍ୟାଳୟ ଓ ବ୍ଲକରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ସୁବିଧାରେ ଯାତାୟତ ପାଇଁ ମୋ ବସ ସେବା ଚାଲୁରଖିଥିବାବେଳେ ଗତକାଲି ଅପରାହ୍ନରେ କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ କରମଳା ଯାଇଥିବା ମୋ ବସ ଡ୍ରାଇଭରକୁ ଯାମଳଗୋଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୟ କୁମାର ସାହୁ ଯୁକ୍ତିତର୍କ କରିବା ଓ ମାଡ ମାରିଥିବା ଡ୍ରାଇଭର ଗଡ଼ିଶାଗୋଦା ଥାନାରେ ଏତଲା ଦେଇଥିଲେ। ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଆଜି କଣାସ ବ୍ଲକରେ ଚାଲୁଥିବା ବିଭିନ୍ନ ଗ୍ରାମକୁ ଛଅ ଖଣ୍ଡ ବସର ଡ୍ରାଇଭର ଓ କର୍ମଚାରୀମାନେ ବସ ନ ଚଳାଇ ବନ୍ଦ କରିଦେଇଥିଲେ।




କଣାସ ବିଡିଓ ନାରାୟଣ ସାହୁ, କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ, ଗଡ଼ିଶାଗୋଦା ଥାନା ଆଇଆଇସି ଦୁର୍ଗାଚରଣ ମହାପାତ୍ର ଏକତ୍ରିତ ହୋଇ ବସ ଡ୍ରାଇଭର ଓ କର୍ମଚାରୀମାନଙ୍କୁ ବସାଇ ଆଲୋଚନା କରିବା ପରେ ମାଡ ମାରିଥିବା ବ୍ୟକ୍ତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଏବଂ ପୂର୍ବରୁ ଗଡ଼ିଶାଗୋଦା ଥାନାରେ ଦୁଇଟି ଏଫଆୟାର କରାଯାଇଥିବା ଗଡ଼ିଶାଗୋଦା ଆଇଆଇସି ଶ୍ରୀ ମହାପାତ୍ର କର୍ମଚାରୀମାନଙ୍କୁ ପ୍ରତିଶ୍ରୁତି ଦେବାପରେ ଡ୍ରାଇଭରମାନେ ଦୀର୍ଘ ୭ ଘଣ୍ଟା ପରେ ବସ ଚଳାଚଳରେ ଯୋଗ ଦେଇଥିଲେ।

# 'ଷ୍ଟୋରି ଇମେଜ'ର ଶୀତ ଆସର



**ଟାଙ୍ଗୀ-ଚୌଦ୍ୱାର, ୧୩।୧୨ (ସଂଚାର ବ୍ୟୁରୋ):** ଚୌଦ୍ୱାର କଲେଜ ଓଡିଆ ଭାଷା ସାହିତ୍ୟ ବିଭାଗ ଲିଟରେଚର କ୍ଲବ 'ଷ୍ଟୋରି ଇମେଜ' ପକ୍ଷରୁ ଶୀତ ଆସର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗ ମୁଖ୍ୟ ଡ.ପ୍ରଫୁଲ କୁମାର ସାହୁଙ୍କ ପରିଚାଳନାରେ କଲେଜ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ କବି, ଅଧ୍ୟାପକ, ଅଧ୍ୟାପିକା, ଲେଖକ ଓ ଛାତ୍ରଛାତ୍ରୀଙ୍କ ମହାମିଳନ ହୋଇଥିଲା। କବି ଓ ଅତିଥିମାନେ ଶୀତଋତୁ ଉପରେ ଆଧାରିତ ସ୍ୱରଚିତ କବିତା ପାଠ ସହିତ ଗୀତ, ସଙ୍ଗୀତ, ବ୍ୟଙ୍ଗ କବିତା ଆଦି ଆବୃତ୍ତି କରିଥିଲେ। ରବୀନ୍ଦ୍ର କୁମାର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ରଶ୍ମୀ ରାଉତରାୟ, ଅଧ୍ୟାପିକା କ୍ଷୀରାବ୍ଧୀ ଚୌଧୁରୀ, ପ୍ରଭାକର ମିଶ୍ର, ସଙ୍ଗୀତକାର ଅରୁଣ ମନ୍ତ୍ରୀ, ପ୍ରାଧ୍ୟାପକ ଚିତ୍ତରଞ୍ଜନ ପଣ୍ଡା, ଅଧ୍ୟାପକ ସୌରେନ୍ଦ୍ର ପଣ୍ଡା, ସଂଘମିତ୍ରା ଦାସ, ଦୀପକ ବେହେରା, ମୋହିତ କର, ରିଙ୍କୁ କିଶାନ, ବିମଳ କୁମାର ବେଉରା ବେଉରା, ସୁମନ୍ତ ସାହୁ, ପ୍ରଭାକର ମଲ୍ଲିକ, ହରପ୍ରିୟା ମହାପାତ୍ର, କବି ବୈଦ୍ୟନାଥ ଖିଲାର, ଶରତ କୁମାର ଖୁଣ୍ଟିଆ, ରମାନାଥ ଆଚାର୍ଯ୍ୟ, ରବୀନ୍ଦ୍ର ସାହୁ, ଭାସ୍କର ମହାପାତ୍ର ପ୍ରମୁଖ ଯୋଗଦେଇ ଓଡିଆ ଭାଷା ଓ ସଂସ୍କୃତିକୁ ବଜାୟ ରଖିବା ପାଇଁ ଏହା ଏକ ଅଭିନବ ପ୍ରୟାସ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ସୁମନ୍ତ ସାହୁ ଧନ୍ୟବାଦ କରିଥିଲେ।

# ରାତି ଅଧରେ ବେଆଇନ୍ ବାଲି ଚାଲାଣ

**ସାଲେପୁର, ୧୩।୧୨ (ସଂଚାର ବ୍ୟୁରୋ) :** ସାଲେପୁର ଅଞ୍ଚଳ ଦେଇ ନିୟମିତ ରାତିରେ ବହୁ ସଂଖ୍ୟକ ହାଇୱା ଦ୍ୱାରା ଚୋରା ବାଲି ଚାଲାଣ ହେଉଥିବା ବେଳେ ପୁଲିସ ଖାଲି ୪/୬ଟି ଗାଡ଼ି ଧରି ବାହାବାହା ନେଉଛି। ନିୟମିତ ରାତିରେ ସାଲେପୁର କଲେଜରୋଡ୍ ଓ ଶିଶୁଆ ବଜାର ଦେଇ ଚିତ୍ରୋତ୍ପଳା ଓ



ମହାନଦୀରୁ ବେଆଇନ୍ ଭାବେ ବାଲି ଖୁଲମ୍ ଖୁଲା ଚାଲାଣ ହେଉଛି। ଉଭୟ ମହାନଦୀ ଓ ଚିତ୍ରୋତ୍ପଳାରେ ସରକାରଙ୍କ ପକ୍ଷରୁ ବାଲି ଲିଜ୍ ଦିଆଯାଇ ନ ଥିବାବେଳେ ବେଆଇନ୍ ଭାବେ ନିୟମିତ ବାଲି ଏହି ରାସ୍ତା ଦେଇ ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଛି। ବେଆଇନ୍ ଭାବେ ଓ ବହୁ ମାତ୍ରାରେ ଉକ୍ତ ରାସ୍ତାରେ ବାଲି ଗାଡ଼ି ରାତ୍ର ସମୟରେ ଯାତାୟତ କରୁଛି। ଗାଡ଼ି ଗୁଡିକରେ ଓଭର ଲୋଡ୍ ହୋଇ ବାଲି ଯାଉଥିବାରୁ ଗାଡ଼ିରୁ ବାଲି ଖସି ରାସ୍ତାର ଉଭୟ ପାର୍ଶ୍ୱରେ ଜମା ହୋଇ ରହୁଛି। ରାସ୍ତା କଡ଼ରେ ବାଲି ଜମା ହେବା ଫଳରେ ବହୁ ପଥଚାରୀ ଏହି ବାଲିରେ ପଡ଼ି ରକ୍ତାକ୍ତ ହେଉଛନ୍ତି। ପୁଲିସ ଏ ସମ୍ପର୍କରେ ସବୁ ଜାଣି ମଧ୍ୟ କ'ଣ ପାଇଁ ନଜାଣିଲା ଭଳି ଅଭିନୟ କରୁଛି, ତାହା ଜଣାପଡୁନାହିଁ।

## ପ୍ରଶାସନ ଚୁପ୍

ରାତ୍ର ସମୟରେ ଏହି ବାଲି ଗାଡ଼ି ଗୁଡିକ ହେଡ୍ ଲାଇଟ୍ ଦେଇ ଯାତାୟତ କରୁଥିବାରୁ ଅନ୍ୟ ପଥଚାରୀମାନଙ୍କ ଯାତାୟତରେ ବାଧା ଉପୁଜିଛି। ଅପର ପକ୍ଷରେ ଗାଡ଼ି ଗୁଡିକ ଓଭରଲୋଡ୍ ଓ ବେଆଇନ୍ ଭାବେ ବାଲି ନେଉଥିବାରୁ ରାସ୍ତାଗୁଡ଼ିକ ଖାଲଖମାରେ ପରିପୂର୍ଣ୍ଣ ହୋଇଯାଉଛି। ଏହି ବାଲି ଚାଲାଣ ଯୋଗୁଁ ସରକାର ବିପୁଳ ମାତ୍ରାରେ ରାଜସ୍ୱ ହରାଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ସାଲେପୁର କଲେଜରୋଡ୍ ଓ ଶିଶୁଆବଜାର ଦେଇ ନିୟମିତ ବେଆଇନ୍ ଚାଲାଣ ହେଉଥିବା ବାଲି ଗାଡ଼ି ଉପରେ ଆଇନ୍ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି।

## ଅଣନିଶ୍ୱାସୀ ଖାଉଟି

# ଅସ୍ତରଙ୍ଗରେ ମହଙ୍ଗା ମାଡ଼କୁ ଓଜନରେ ଠକେଇ

**କାକଟପୁର/ଅସ୍ତରଙ୍ଗ, ୧୩।୧୨ (ସଂଚାର ବ୍ୟୁରୋ) :** ଖାଉଟି ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ଗ୍ରାହକଙ୍କ ମେରୁଦଣ୍ଡ ଦୋହଲାଇ ଦେଇଥିବା ବେଳେ ବିଭିନ୍ନ ସାମଗ୍ରୀର ଓଜନରେ ଠକେଇ ଖାଉଟିଙ୍କ ଲାଗି ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ଖାଲି ସେତିକି ନୁହେଁ, କମ୍ପାନୀ ପ୍ୟାକେଟରେ ସାମଗ୍ରୀ ପରିମାଣରେ ତାରତମ୍ୟ ପରିଲିଖିତ ହେଉଛି। ଆଖି ସାମ୍ନାରେ ଓଜନ ହେଉଛି ସତ କିନ୍ତୁ ଯେଉଁ ଓଜନ ନିକିତି ବା ମେସିନରେ କରାଯାଉଛି ତାହା କେତେ ଠିକ ତାକୁ ଦେଖିବାକୁ କେହି ନାହାଁ। ବୈଧ ମାପ ବିଜ୍ଞାନ ବା ଲିଗାଲ ମେଟ୍ରୋଲୋଜି ବିଭାଗ ଦୃଢ଼ ପଦକ୍ଷେପ ନେଉନଥିବାରୁ ଠକେଇ ବଢ଼ିବାରେ ଲାଗିଛି। ଏଥିରେ ଅସାଧୁ ବ୍ୟବସାୟୀ ମାଲେ ମାଲ ହେଉଥିବା ବେଳେ ଖାଉଟି ଶୋଷଣର ଶିକାର ହେଉଛନ୍ତି।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାର ହେଉ ଅବା ବିଭିନ୍ନ ପଂଚାୟତ ରେ ଥିବା ଗ୍ରାମାଞ୍ଚଳ ଦୋକାନ ଦୈନିକ ଲୋକ ଶତାଧିକ ଲୋକ କିଣାକିଣି କରିଥାନ୍ତି। କେତେକ ଅସାଧୁ ବ୍ୟବସାୟୀ ଗ୍ରାହକଙ୍କୁ ଲୁଟି ବେଶ ଲାଭବାନ ହେଉଥିବା ବେଳେ ସେମାନଙ୍କୁ ଦଣ୍ଡିତ କରିବା ତ ଦୂରେ ଥାଉ ଯାଞ୍ଚ କାର୍ଯ୍ୟ ବି ଠିକ ଢଙ୍ଗରେ ହେଉନାହିଁ। ଫଳଦୋକାନ, ରାସନ, ଆମିଷ ଏବଂ ପରିବା ଦୋକାନରେ ବହୁମାତ୍ରାରେ ଓଜନ ଠକେଇ ହେଉଛି। କେତେକ ବ୍ୟବସାୟୀଙ୍କ ପାଖରେ ନିକିତି ଥିବା ବେଳେ ଆଉ କେତେକଙ୍କ ପାଖରେ ଡିଜିଟାଲ ଓଜନ ମେସିନ ରହିଛି। ନିକିତିରେ ଗ୍ରାହକଙ୍କୁ ଠକେଇ କରିବା ସୁବିଧା ହେଉଛି। ନିକିତି ତଳେ ଚୁମ୍ବକ ଲଗାଇ ଓଜନରେ ଠକେଇ କରାଯାଉଥିବା ବେଳେ ସଠିକ ବଟକରା ବଦଳରେ ଘୋରି ହୋଇଯାଇଥିବା ବଟକରା ବ୍ୟବହାର କରାଯାଉଛି। ସେହିଭଳି ପରିବା କ୍ରୟ ବେଳେ ମଧ୍ୟ ସମାନ ସ୍ଥିତି। ଅନେକ ପରିବା ବ୍ୟବସାୟୀ ତରବର ଭାବେ ସାମଗ୍ରୀ କ୍ରୟ କରୁଥିବା ଗ୍ରାହକଙ୍କୁ ଠକିବା ପାଇଁ ଉପରୋକ୍ତ ଉପାୟ ଅବଲମ୍ବନ କରୁଛନ୍ତି। ଯେଉଁ ମାନେ ଡିଜିଟାଲ ଓଜନ ମେସିନ ରଖିଛନ୍ତି ସେଥିମଧ୍ୟରୁ କେତେକ ମେସିନରେ ଓଜନ ଦେଖାଯାଉଥିବା ସଂଖ୍ୟା (ଡ଼ିସପ୍ଲେ) ଖରାପ କିମ୍ବା ଠିକ ଭାବେ ଦେଖାଯାଉ ନଥିଲେ ବି ସେଥିରେ ଓଜନ କରାଯାଉଛି। ରାସନ ଦୋକାନରେ ବହୁ ବ୍ୟବସାୟୀ ଗ୍ରାହକଙ୍କ ଠାରୁ ବହୁ ଦୂରରେ ଓଜନ ମେସିନ ରଖିଥିବା ଦେଖିବାକୁ ମିଳୁଛି। ଗ୍ରାହକ ଯେଭଳି ଜାଣି ନ ପାରିବ ସେଥିପାଇଁ ଓଜନ ମେସିନ ସମ୍ମୁଖରେ ରାସନ ସାମଗ୍ରୀ ରଖିଦିଆଯାଉଛି।




ବିଶେଷ କରି ଗାଁ ଗଳି କନ୍ଦିରେ ଥିବା ଦୋକାନଗୁଡିକରେ ଅଧିକ ଠକେଇ ହେଉଥିବା ଦେଖିବାକୁ ମିଳୁଛି। ଅଜଣାନ୍ତରେ ଗ୍ରାହକଟି ମାପଓଜନରେ ଠକାମୀରେ ପଡୁଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ବୈଧମାପ ବିଜ୍ଞାନ ବିଭାଗ ନିଷ୍କ୍ରିୟ ପାଲଟିଛି।

# ଭାରତୀୟ ସଂସ୍କୃତିର ଅବଦାନ ବିନା ମହାକାଶ ବିଜ୍ଞାନ ଅସମ୍ପୂର୍ଣ୍ଣ

- ୧୮ଶ ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ସମାରୋହ
- ୩୦ ପ୍ରତିଭାବାନ ଛାତ୍ରଛାତ୍ରୀ ପୁରସ୍କୃତ
- ଖଣ୍ଡପଡ଼ାଠାରେ ହେବ ପ୍ଲାନେଟୋରିୟମ ଏବଂ ଆଷ୍ଟ୍ରୋ ଫିଜିକ୍ସ ଓ ଆଷ୍ଟ୍ରୋନମି ଇନ୍‌ଷ୍ଟିଚ୍ୟୁଟ୍




**ଭୁବନେଶ୍ୱର, ୧୩।୧୨ (ସଂଚାର ବ୍ୟୁରୋ):** ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ(ୟ୍ୟାଟ୍‌ସ)ର ୧୮ଶ ଗ୍ରାଣ୍ଡ ଫିନାଲେ ପଠାଣି ସାମନ୍ତ ପ୍ଲାନେଟୋରିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହାନ ଜ୍ୟୋତିର୍ବିଦ ପଠାଣି ସାମନ୍ତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ୧୮୩୫ରେ ପଠାଣି ସାମନ୍ତ ଦୁଇଖଣ୍ଡ ବାଉଁଶ ନଳୀରେ ଗ୍ରହ ନକ୍ଷତ୍ରର ଗତିବିଧିକୁ ଲକ୍ଷ୍ୟ କରି ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣର ସଠିକ୍ ନିର୍ଦ୍ଧାରଣ କରିଥିଲେ। ଜ୍ୟୋତିର୍ବିଜ୍ଞାନର ଜନକ ଆର୍ଯ୍ୟଭଟ୍ଟ ପ୍ରଥମେ ନିର୍ଣ୍ଣୟ କରିଥିଲେ, ପୃଥିବୀ ନିଜ ଅକ୍ଷ ଚାରିପଟେ ଆବର୍ତ୍ତନ କରୁଛି। ବ୍ରହ୍ମଗୁପ୍ତଙ୍କ ଗଣିତ, ବରାହମିହିରଙ୍କ ବୃହତ ସଂହିତା, ଭାସ୍କରଙ୍କ ସିଦ୍ଧାନ୍ତ ଶିରୋମଣୀ ଜ୍ୟୋତିର୍ବିଜ୍ଞାନକୁ ଋଦ୍ଧିମନ୍ତ କରିଛି। ଆଧୁନିକ ଜଗତରେ ଯେତେବେଳେ ବି ମହାକାଶ ବିଜ୍ଞାନର ଚର୍ଚ୍ଚା ହେବ, ଭାରତୀୟ ସଂସ୍କୃତିର ଅବଦାନ ବିନା ଏହା ଅସମ୍ପୂର୍ଣ୍ଣ ରହିବ ବୋଲି ସେ କହିଥିଲେ।

ମହାକାଶ ବିଜ୍ଞାନରେ ସବୁଠାରୁ ଶକ୍ତିଶାଳୀ ପାଞ୍ଚ ରାଷ୍ଟ୍ର ମଧ୍ୟରେ ଆମ ଦେଶ ଭାରତ ରହିଛି ବୋଲି ପ୍ରକାଶ କରି ସେ କହିଥିଲେ, ଆମ ବୈଜ୍ଞାନିକମାନେ ଆଧୁନିକ ଯନ୍ତ୍ରପାତି ମାଧ୍ୟମରେ ପ୍ରାୟ ୯୩ ନିୟୁତ ଆଲୋକ ବର୍ଷ ପରିମିତ ଅଞ୍ଚଳକୁ ନିରିକ୍ଷଣ କରିପାରୁଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ୨୩ଟି ଜିଲ୍ଲାର ୩୦ ଜଣ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ପୁରସ୍କୃତ ଛାତ୍ରଛାତ୍ରୀ ଜ୍ଞାନ ଆହରଣ ପାଇଁ ଇସ୍ରୋ ପରିଦର୍ଶନରେ ଯିବେ। କାର୍ଯ୍ୟକ୍ରମରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ, ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ପ୍ରସିଦ୍ଧ ସ୍ଲୋଗାନ 'ଜୟ ଯବାନ ଜୟ କିଷାନ' ରେ 'ଜୟ ବିଜ୍ଞାନ' ଶବ୍ଦ ଯୋଡି ଥିଲେ ଅଟଳ ବିହାରୀ ବାଜପେୟୀ। ଚନ୍ଦ୍ରାୟଣ-୩ ହେଉଛି ଭାରତ ବର୍ଷର ସଫଳତା। ସମ୍ବର୍ଦ୍ଧିତ ହୋଇଥିବା ୩୦ ଜଣ ପ୍ରତିଭାବାନ ଛାତ୍ରଛାତ୍ରୀ ହେଉଛନ୍ତି ଆମ ଦେଶର ଶକ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପଠାଣି ସାମନ୍ତଙ୍କ ସମ୍ମାନାର୍ଥେ ଖଣ୍ଡପଡାଠାରେ ଗୋଟିଏ ପ୍ଲାନେଟୋରିୟମ ଏବଂ ଆଷ୍ଟ୍ରୋଫିଜିକ୍ସ ଓ ଆଷ୍ଟ୍ରୋନମି ଇନ୍‌ଷ୍ଟିଚ୍ୟୁଟ୍ ପ୍ରତିଷ୍ଠା କରାଯିବ ବୋଲି ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଉନ୍ନୟନ କମିଶନର ଅନୁ ଗର୍ଗ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ତଥା ପଠାଣୀ ସାମନ୍ତ ପ୍ଲାନେଟାରିୟମର ଅଧ୍ୟକ୍ଷା ଚିତ୍ରା ଅରୁମୁଗମ୍ ଉପସ୍ଥିତ ଥିଲେ। ଟାଟା ଷ୍ଟିଲ କଳିଙ୍ଗନଗରର ଅପରେସନ ଉପାଧ୍ୟକ୍ଷ ରାଜୀବ କୁମାର ସ୍ୱାଗତ ଭାଷଣ ଏବଂ ପଠାଣି ସାମନ୍ତ ପ୍ଲାନେଟୋରିୟମର ଭାରପ୍ରାପ୍ତ ନିର୍ଦ୍ଦେଶିକା ଉର୍ମିପ୍ରଭା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ମଶା ତେଲ ଦୁର୍ନୀତି: ଇଓ ସମେତ ୪ ଗିରଫ



**ଝାରସୁଗୁଡ଼ା, ୧୩।୧୨ (ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ମ୍ୟୁନିସିପାଲଟି ହୋଇଥିବା ମଶା ତେଲ ଦୁର୍ନୀତି ମାମଲାରେ ଭିଜିଲାନ୍ସ ବିଭାଗ ତନାଘନା ଆରମ୍ଭ କରିବାର ସପ୍ତାହକ ମଧ୍ୟରେ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ନେଇଛି। ଶୁକ୍ରବାର ଭିଜିଲାନ୍ସ ବିଭାଗ ଝାରସୁଗୁଡ଼ା ମ୍ୟୁନିସିପାଲଟିର ତତ୍କାଳୀନ ନିର୍ବାହୀ ଅଧିକାରୀ(ଇଓ) ମନୋଜ କୁମାର ତାଣ୍ଡିଙ୍କ ସମେତ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟ ୩ ଜଣଙ୍କ ମଧ୍ୟରେ ମ୍ୟୁନିସିପାଲଟିର ସାନିଟେସନ୍ ଏକ୍ସପର୍ଟ ବିଶ୍ୱରଞ୍ଜନ ସାହୁ, ସାନିଟେସନ୍ ଇନ୍ସପେକ୍ଟର ବିନୋଦ ପଶାୟତ ଓ ମଶା ତେଲ ଯୋଗାଣକାରୀ ସଂସ୍ଥା ଝାରସୁଗୁଡ଼ାର ଫ୍ୟୁଜନ୍ ଗ୍ରୁପ୍ର ମାଲିକ ଆଶୁତୋଷ ଶର୍ମା ରହିଥିବା ଜଣାପଡ଼ିଛି। ସମସ୍ତ ଅଭିଯୁକ୍ତଙ୍କୁ ସମ୍ବଲପୁର ଭିଜିଲାନ୍ସ କୋର୍ଟକୁ ଫରଓ୍ୱାର୍ଡ କରାଯାଇଥିବା ନେଇ ରାଉରକେଲା ଏସ୍‌ପି ନରହରି ନାୟକ ସୂଚନା ଦେଇଛନ୍ତି।

ଆର୍ଥିକ ବର୍ଷ ୨୦୨୨-୨୩ରେ ଝାରସୁଗୁଡ଼ା ମ୍ୟୁନିସିପାଲଟି ପକ୍ଷରୁ ମଶା ତେଲ ଯୋଗାଣ ପାଇଁ ଟେଣ୍ଡର ବାହାରିଥିଲା। ଯାହା ୩ ଛୋଟ ଖବର କାଗଜରେ ବାହାରିଥିଲା ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି। ଏଥିରେ ୩ ଜଣ ଟେଣ୍ଡର ପକାଇଥିବା ବେଳେ ସର୍ବାଧିକ ଦର ଲିଟର ପିଛା ୭୪୦ ଟଙ୍କା ଥିବା ଫ୍ୟୁଜନ୍ ଗ୍ରୁପ୍‌କୁ ଯୋଗାଣ ଦାୟିତ୍ୱ ଦିଆଯାଇଥିଲା। ବିଗତ ବର୍ଷରେ ୭୭ ଟଙ୍କାରେ ଏହି ମଶା ତେଲ କିଣା ଯାଇଥିବା ବେଳେ ତତ୍କାଳୀନ ଇଓ ତାଣ୍ଡି ଓ ସୁପରଭାଇଜର ସାହୁ ଓ ସାନିଟେସନ୍ ଇନ୍ସପେକ୍ଟର ପଶାୟତ ଲିଟର ପିଛା ଅଧିକ ୬୬୦ ଟଙ୍କାରେ ମଶା ତେଲ କିଣିବାକୁ ସ୍ଥିର କରିଥିଲେ। ଫ୍ୟୁଜନ୍ ଗ୍ରୁପୁ ମ୍ୟୁନିସିପାଲଟି ୯୫୦୦ ଲିଟର ମଶା ତେଲ କିଣିଥିବା ବେଳେ ଏଥିପାଇଁ ମ୍ୟୁନିସିପାଲଟି ୬୮ ଲକ୍ଷ ୮୯ ହଜାର ୪୦୦ ଟଙ୍କା ପୈଠ କରିଥିଲା। ୨ ପ୍ରତିଶତ ଜିଏସ୍ଟି ଓ ପ୍ରକୃତ ଦରକୁ ବାଦ୍ ଦେଇ ମୋଟ ୬୧ ଲକ୍ଷ ୪୪ ହଜାର ୬୦୦ ଟଙ୍କା ସରକାରୀ ପାଣ୍ଠିରୁ ଅଧିକ ପୈଠ କରିଥିବା ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଏହି ଘଟଣାରେ ତଦନ୍ତ ପରେ ଆଜି ଭିଜିଲାନ୍ସ ବିଭାଗ ଏକ ମାମଲା ରୁଜୁ କରିଥିବା ବେଳେ ସକାଳ ୧୦ଟାରୁ ଅଭିଯୁକ୍ତଙ୍କୁ ମାରାଥନ୍ ଜେରା କରିଥିଲା। ଏଥିରେ ରାଉରକେଲା, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର ୧୦ ଜଣିଆ ଟିମ୍ ଡିଏସ୍ପି କଳାବତୀ ବାଗଙ୍କ ନେତୃତ୍ୱରେ ଅଭିଯୁକ୍ତଙ୍କୁ ସୁନ୍ଦରଗଡ଼ରେ ପଚରାଉଚରା କରିବା ପରେ ସନ୍ଧ୍ୟାରେ ସେମାନଙ୍କୁ ଝାରସୁଗୁଡ଼ା ଭିଜିଲାନ୍ସ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଥିଲା।

## ସାଂସଦ ମୁନ୍ନା ଖାଁଙ୍କ ନାଁରେ ମାମଲା



**କଟକ,୧୩।୧୨ (ସଂଚାର ବ୍ୟୁରୋ):** ଲୋକପ୍ରିୟ ପ୍ରାର୍ଥନା 'ଆହେ ଦୟା ମୟ ବିଶ୍ୱବିହାରୀ'ର କଦର୍ଥ ବ୍ୟାଖ୍ୟା କରିବା ଏବଂ ଏହାର ରଚୟିତା ଜଣାଶୁଣା ଶିଶୁ ସାହିତ୍ୟିକ ତଥା ଶିକ୍ଷାବିତ ରାମକୃଷ୍ଣ ନନ୍ଦଙ୍କ ପ୍ରତି ଅପମାନସୂଚକ ମନ୍ତବ୍ୟକୁ ନେଇ ବିଜେଡି ରାଜ୍ୟସଭା ସାଂସଦ ମୁନ୍ନା ଖାଁଙ୍କ ନାଁରେ ଏତଲା ହୋଇଛି। କଟକ ଜିଲ୍ଲା ଓଲଟପୁର ଥାନାରେ ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦ ପକ୍ଷରୁ ଏତଲା ଦିଆଯାଇଛି। ଏହାର ପୂର୍ବରୁ ଓଲଟପୁର ବାଇଗୋଇରେ ଏକ ସାମ୍ବାଦିକ ସମ୍ମିଳନୀରେ ପରିଷଦର ପ୍ରତିଷ୍ଠାତା ତଥା ରାମକୃଷ୍ଣ ନନ୍ଦଙ୍କ ନାତି ପ୍ରକାଶ ନନ୍ଦ କହିଛନ୍ତି, ସାଂସଦ ମୁନ୍ନା ଖାଁ ଗତ ୬ ତାରିଖରେ ନବରଙ୍ଗପୁରରେ ମଞ୍ଚରେ ଉଦ୍ବୋଧନରେ କବିଙ୍କୁ ତାଚ୍ଛଲ୍ୟ କରିଛନ୍ତି। ଏପରିକି ତାଙ୍କ ଦ୍ୱାରା ରଚିତ ଆହେ ଦୟା ମୟ ବିଶ୍ୱବିହାରୀ ପ୍ରାର୍ଥନାର କଦର୍ଥ ବ୍ୟାଖ୍ୟା କରିଛନ୍ତି। ଏହା ରାମକୃଷ୍ଣ ନନ୍ଦଙ୍କ ପରିବାର ଏବଂ ପ୍ରାର୍ଥନା ପ୍ରେମୀଙ୍କୁ ଗଭୀର ଭାବରେ ମର୍ମାହତ କରିଛି ବୋଲି ଶ୍ରୀ ନନ୍ଦ କହିଛନ୍ତି। ଥାନାରେ ଅଭିଯୋଗ ପରେ ସାଂସଦ କ୍ଷମା ପ୍ରାର୍ଥନା କରିଥିଲେ। ହେଲେ ସେଥିରେ ସନ୍ତୁଷ୍ଟ ନାହାନ୍ତି ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦ। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ସାଂସଦ ପଦ ରଦ୍ଦ କରିବାକୁ ଦାବି କରିଛି ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦ।

## ବଢ଼ିବ ଆହୁଜାଙ୍କ କାର୍ଯ୍ୟକାଳ !



**ଭୁବନେଶ୍ୱର,୧୩।୧୨ (ସଂଚାର ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ବଢ଼ିବ। ଶ୍ରୀ ଆହୁଜାଙ୍କ କାର୍ଯ୍ୟକାଳ ୬ମାସ ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଜୁଲାଇ ୧ରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଭାବେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ଡିସେମ୍ବର ୩୧ରେ ତାଙ୍କ କାର୍ଯ୍ୟକାଳ ଶେଷ ହେଉଛି। ହେଲେ ୬ ମାସ କାର୍ଯ୍ୟକାଳ ବୃଦ୍ଧି କରାଯିବ ବୋଲି ପାୱାର କରିଡରରେ ଚର୍ଚ୍ଚା ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ବିଶ୍ୱସ୍ତ ଅଫିସର ଭାବେ ମନୋଜ ଆହୁଜା ଜଣାଶୁଣା। ପାୱାର କରିଡରର ବିଶ୍ୱସ୍ତ ମହଲରୁ ମିଳିଥିବା ସୂଚନା ଅନୁଯାୟୀ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ପ୍ରାଥମିକ ପର୍ଯ୍ୟାୟରେ ୬ ମାସ ବୃଦ୍ଧି କରିବେ ମୋହନ ସରକାର। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ମନୋଜଙ୍କ ସୁସଂପର୍କ, ରାଜ୍ୟ ସରକାରଙ୍କ ଲୋକାଭିମୁଖି ଯୋଜନାର କ୍ରିୟାନ୍ୱୟନ, ଓଡ଼ିଶାକୁ ପୁଞ୍ଜିପତିଙ୍କୁ ଆକୃଷ୍ଟ କରିବା, ଜାନୁୟାରୀ ୭ ଓ ୮ରେ ହେଉଥିବା ପ୍ରବାସୀ ଓଡ଼ିଶା କାର୍ଯ୍ୟକ୍ରମ ଆୟୋଜନର ଦାୟିତ୍ୱ ନେଇଛନ୍ତି ମନୋଜ ଆହୁଜା। ଏହାବ୍ୟତିତ ଜାନୁୟାରୀ ଶେଷରେ ଉତ୍କର୍ଷ ଓଡ଼ିଶା ମେଗା ଇଭେଣ୍ଟ ଅନୁଷ୍ଠିତ ହେଉଛି। ଏସବୁ କାରଣରୁ ତାଙ୍କ କାର୍ଯ୍ୟକାଳ ବଢ଼ିବ ବୋଲି ଆଲୋଚନା ହେଉଛି। ଏହାସହିତ ଖୁବଶୀଘ୍ର ଆଇଏଏସ୍ ସ୍ତରରେ ବଡ ପରିବର୍ତ୍ତନ ହେବାକୁ ଯାଉଛି।

## ଦୁର୍ଘଟଣାରୁ ବର୍ତ୍ତିଲେ ଦୂତି



**କଟକ, ୧୩।୧୨ (ସଂଚାର ବ୍ୟୁରୋ):** ଆଥଲେଟ୍ ଦୂତି ଚାନ୍ଦଙ୍କ କାର୍‌କୁ ଧକ୍କା ଦେଲା ଟ୍ରକ୍। ଦୁର୍ଘଟଣାରେ ଦୂତି ଚାନ୍ଦଙ୍କର କିଛି କ୍ଷତି ଘଟିନାହିଁ। ଓଏମ୍‌ପି ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖିଛି। ଗତ ରାତି ପ୍ରାୟ ୮ଟାରେ ଦୂତି ଜଣେ ବନ୍ଧୁଙ୍କ ସହ ଯାଜପୁରରୁ ନିଜ କାର୍‌ରେ ଭୁବନେଶ୍ୱର ଫେରୁଥିଲେ। ଓଏମପି ଛକ ନିକଟରେ ଏକ ଟ୍ରକ୍ ତାଙ୍କ କାର୍‌କୁ ଧକ୍କା ଦେଇ ଖସି ଯିବାକୁ ଉଦ୍ୟମ କରିଥିଲା। ହେଲେ ତାକୁ ଗୋଡ଼ାଇ ଗୋଡ଼ାଇ ଧରିଲେ ଦୂତି। କାଠଯୋଡ଼ି ବ୍ରିଜ ପୂର୍ବରୁ ସେ ଟ୍ରକ ଆଗରେ କାର୍ ରଖି ଅଟକାଇଥିଲେ। ଏନେଇ ମଧୁପାଟଣା ଥାନା ପୁଲିସକୁ ଜଣାଇଥିଲେ। ପୁଲିସ ଟ୍ରକକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖିଛି। ଦୂତି ଚାନ୍ଦ ସୁରକ୍ଷିତ ଥିବା ବେଳେ ତାଙ୍କ କାର୍ କ୍ଷତିଗ୍ରସ୍ତ ହୋଇଛି। କାରକୁ ଧକ୍କା ଦେବା ସହ ଟ୍ରକ୍ ଡ୍ରାଇଭର ତାଙ୍କୁ ଗାଳିଗୁଲଜ ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଥାନାରେ ଅଭିଯୋଗ କରିଛନ୍ତି ଦୂତି। ଦୁର୍ଘଟଣା ଘଟାଇଥିବା ଗାଡ଼ିଟି ଜାମସେଦ୍‌ପୁରରୁ ବେଙ୍ଗାଲୁର ଅଭିମୁଖେ ଯାଉଥିଲା।

## ନିଷିଦ୍ଧାଞ୍ଚଳରୁ ଆନ୍ଧ୍ର ଟ୍ରଲର ଜବତ, ୯ ଅଟକ



**କାକଟପୁର/ଅସ୍ତରଙ୍ଗ,୧୩।୧୨ (ସଂଚାର ବ୍ୟୁରୋ):** ଅଲିଭରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ସମୁଦ୍ର ନିଷିଦ୍ଧାଞ୍ଚଳରେ ମାଛଧରା ଉପରେ କଟକଣା ଲାଗୁହୋଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବନବିଭାଗ ଦ୍ୱାରା ଶୁକ୍ରବାର ଦେବୀ ନଦୀ ନିଷିଦ୍ଧାଞ୍ଚଳରୁ ଆନ୍ଧ୍ର ଟ୍ରଲର ଏସକେଏମଏଲ (ଆଇଏନଡି-ଏପିଭି-୫-ଏମ ଏମ -୨୮୩) ଜବତ ହୋଇଛି। ଏଥିରେ ଥିବା ୯ଜଣ କର୍ମଚାରୀଙ୍କୁ ଅଟକ ରଖାଯାଇଛି। ଟ୍ରଲରରେ ଥିବା ମାଛ ନିଲାମ କରାଯିବ ବୋଲି ସୂଚନା ମିଳିଛି। ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ମୋନାଲିଶା ମହାପାତ୍ରଙ୍କ ନେତୃତ୍ୱରେ ୫ଜଣିଆ କଇଁଛ ସୁରକ୍ଷା ଟିମ୍, ଏପିଆର ଫୋର୍ସ ପାଟ୍ରୋଲିଂ କରୁଥିବା ବେଳେ ଉକ୍ତ ଟ୍ରଲରକୁ ଧରିଥିଲେ। ଜବତ ଟ୍ରଲର ନୂଆଗଡ ଜେଟିକୁ ଅଣାଯାଇଛି। ସହକାରୀ ମତ୍ସ୍ୟ ଅଧିକାରୀ ସତ୍ୟବ୍ରତ ଦାସ, ମାନସ ପରିଡାଙ୍କ ସହ ସାଗର ମିତ୍ର ବିଶ୍ୱଜିତ ବେହୁରା, କୃଷ୍ଣ ବିଶ୍ୱାଳ, ଅର୍ଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଦି' ପହର ଧୂପ ପରେ ରତ୍ନଭଣ୍ଡାର ମରାମତି

**ରାତି ୨ରୁ ଫିଟିବ ଦ୍ୱାର, ବାହାର କାଠରୁ ଦର୍ଶନ**



**ପୁରୀ, ୧୩।୧୨ (ସଂଚାର ବ୍ୟୁରୋ):** ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବ ରତ୍ନଭଣ୍ଡାର ମରାମତି। ଏଥିପାଇଁ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବସିଥିବା ସ୍ୱତନ୍ତ୍ର ବୈଠକରେ ନୀତି ନିର୍ଘଣ୍ଟ ସ୍ଥିର ହୋଇଛି। ନିଷ୍ପତ୍ତି ଅନୁସାରେ ରାତି ୨ଟାରୁ ଦ୍ୱାର ଫିଟିବ। ଦି'ପହର ଧୂପ ସରିବା ପରେ ଅପରାହ୍ନ ୧ ଟାରୁ ଆରମ୍ଭ ହେବ ମରାମତି କାର୍ଯ୍ୟ। ପାଞ୍ଚ ଘଣ୍ଟା ଧରି ମରାମତି କାର୍ଯ୍ୟ କରାଯିବ। ଜିପିଆରଏସ୍ ସର୍ଭେରେ ଚିହ୍ନଟ ହୋଇଥିବା ରତ୍ନଭଣ୍ଡାରର କାନ୍ଥ ଓ ଚଟାଣରେ ମରାମତି କରାଯିବ। ବିଭିନ୍ନ ପ୍ରକାର ରାସାୟନିକ ସାମଗ୍ରୀ ବ୍ୟବହାର କରି ମରାମତି କରାଯିବ। ଏହି ମରାମତି ସମୟରେ ଏସ୍ଓପିକୁ କଡାକଡି ଭାବେ ପାଳନ କରାଯିବ ବୋଲି ଏଏସ୍ଆଇ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଆର୍କିଓଲୋଜିଷ୍ଟ ଦିଗନ୍ତ ଦାସ କହିଛନ୍ତି। ସେପଟେ ମରାମତି ସମୟରେ ଡାକ୍ତରୀ ଟିମ୍, ଅଗ୍ନିଶମ କର୍ମଚାରୀ ଓ ଏଏସ୍ଆଇର ସ୍ୱତନ୍ତ୍ର ଟିମ୍ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିବେ। ରତ୍ନଭଣ୍ଡାର ମରାମତି ସମୟରେ ଏଏସ୍ଆଇର କାମ କରୁଥିବା ଶ୍ରମିକ ଓ ଅଧିକାରୀଙ୍କର ଆଇ କାର୍ଡ ଦିଆଯିବ। ସେମାନେ ଆଇ କାର୍ଡ ଦେଖାଇ ଭିତରକୁ ପ୍ରବେଶ କରି କାମ କରିବେ। ରତ୍ନଭଣ୍ଡାର ମରାମତି ସମୟରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବାହାର କାଠ ନିକଟରୁ କରାଯିବ। ଦ୍ୱାର ଫିଟା ଓ ପରବର୍ତ୍ତୀ ନୀତିକାନ୍ତିକୁ ସଠିକ୍ ସମୟରେ ସାରିବା ପାଇଁ ବୈଠକ ଆଲୋଚନା କରାଯାଇଛି। ସେହିପରି ରତ୍ନ ଭଣ୍ଡାର ମରାମତି ସମୟରେ ସୁରକ୍ଷା ବ୍ୟବସ୍ଥା ଓ ଭିଡ଼ ନିୟନ୍ତ୍ରଣ ଆଦିକୁ ନେଇ ପୁରୀ ଏସ୍‌ପି କହିଛନ୍ତି, ଶ୍ରୀମନ୍ଦିର ଚାରି ଦ୍ୱାର ଓ ରତ୍ନଭଣ୍ଡାର ବାହାରେ ପୁଲିସ ଅଧିକାରୀ ରହିବେ। ଭକ୍ତଙ୍କ ଦର୍ଶନକୁ ଶୃଙ୍ଖଳିତ କରିବା ଲାଗି ପୁଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ଏସ୍‌ପି କହିଛନ୍ତି।

## ନଦୀ ପଠାରୁ ମହିଳାଙ୍କ ଶବ ଜବତ

**କଟକ,୧୩।୧୨ (ସଂଚାର ବ୍ୟୁରୋ):** କନ୍ଦରପୁର ଥାନା ପରମହଂସ ନିକଟ ନଦୀ ପଠାରୁ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ମହିଳାଙ୍କ ପରିଚୟ ମିଳିନାହିଁ। ତାଙ୍କ ବୟସ ୩୦ରୁ ୩୫ ବର୍ଷ ହେବ ବୋଲି କଟକ ଡିସିପି ସୂଚନା ଦେଇଛନ୍ତି। ଶୁକ୍ରବାର ସକାଳେ ପଠାରେ ମହିଳାଙ୍କ ମୃତଦେହ ପଡ଼ିଥିଲା। ପୁଲିସ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପଠାଇଛି। ମୃତ ମହିଳାଙ୍କ ବେକ ଓ ମୁହଁରେ ଗଭୀର ଆଘାତ ଲାଗିଛି। ତାଙ୍କୁ କିଏ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତ ମହିଳାଙ୍କ ୨ହାତରେ ଟାଟୁ ରହିଛି। ଡାହାଣ ହାତ ଟାଟୁରେ 'ଓଁ ବାବା ବଳିଆ' ଲେଖାଯାଇଛି। ମୃତଦେହ ନିକଟରୁ ଛୋଟ ପିଲାର ଖାଦ୍ୟ, ଝିଅ ଡ୍ରେସ ଓ ଗୁଟୁଖା ଜବତ କରାଯାଇଛି। ଜଣେ ପୁରୁଷର ଡ୍ରେସ ମଧ୍ୟ ମିଳିଛି।

## ଜାତିଆଣ ଆକ୍ଷେପ ମାମଲା: ଲଲଙ୍କୁ ଜାମିନ



**ଯାଜପୁର,୧୩।୧୨ (ସଂଚାର ବ୍ୟୁରୋ):** ପୂର୍ବତନ ବିଧାୟକ ବବି ଦାସଙ୍କ ଭାଇ ଲଲଙ୍କୁ ଜାମିନ ମିଳିଛି। ଜାତିଆଣ ଆକ୍ଷେପ ମାମଲାରେ ଲଲଙ୍କୁ ଜାମିନ ମିଳିଥିବା ଜଣାପଡ଼ିଛି। ଲଲଙ୍କୁ ଜାମିନ ଦେଲେ ଜିଲା ଦୌରାଜଜ। ପୂର୍ବରୁ ୪ଟି ମାମଲାରେ ତାଙ୍କୁ ଜାମିନ ମିଳିସାରିଛି। ଗତ ୨୦ ତାରିଖ ସନ୍ଧ୍ୟାରେ ବିଧାୟକ ହିମାଂଶୁ ସାହୁଙ୍କୁ ଆକ୍ରମଣ ହୋଇଥିଲା। ବିଧାୟକଙ୍କ ଗାଡିକୁ ଭଙ୍ଗାରୁଜା କରିବା ସହିତ ମାଡ ମରାଯାଇ ତାଙ୍କ ସୁନାଚେନ୍ ଛଡାଇ ନେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ବିଧାୟକଙ୍କୁ ବଞ୍ଚାଇବା ପାଇଁ ତାଙ୍କ ଅଙ୍ଗରକ୍ଷୀ (ପିଏସ୍ଓ) ଶକ୍ତିପ୍ରସାଦ ରାଉତ ଅଟକାଇବା ସମୟରେ ବିଜେଡିର ଅନେକ କର୍ମୀ ତାଙ୍କୁ ମଧ୍ୟ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ବିଜେଡି ପକ୍ଷରୁ ଯାଜପୁର ଟାଉନ ଥାନା ଘେରାଉ କରି ଧର୍ମଶାଳା ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଦାବି କରିଥିଲେ। ଅପରପକ୍ଷେ ଭାଜପା ପକ୍ଷରୁ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି) ଓ ତାଙ୍କ ଭାଇ ଭବପ୍ରସାଦ ଦାସ (ଲଲ)ଙ୍କ ସମେତ ଆକ୍ରମଣ କରିଥିବା ବିଜେଡି କର୍ମୀଙ୍କୁ ଗିରଫ ଦାବିରେ ଶତାଧିକ ଭାଜପା କର୍ମୀ ଯାଜପୁର ସଦର ଥାନାକୁ ଘେରାଉ କରିଥିଲେ। ପରେ ଲଲ ଗିରଫ କରାଯାଇଥିଲା।

**ଗର୍ଭବତୀଙ୍କୁ ଗୁଳିମାଡ଼ର ପର୍ଦ୍ଦାଫାସ୍**

## ପରକୀୟା ପାଇଁ ହତ୍ୟା କରିଥିଲେ ସ୍ୱାମୀ



- ସହଯୋଗ କରିଥିଲେ ଏଏସ୍ଆଇ
- ଭାତ ହାଣ୍ଡିରୁ ପିସ୍ତଲ ଓ ଗୁଳି ଜବତ

**ବଣେଇ, ୧୩।୧୨ (ସଂଚାର ବ୍ୟୁରୋ):** ପ୍ରେମିକା ପାଇଁ ରାତି ଅଧରେ ଗୁଳି କରି ସ୍ତ୍ରୀଙ୍କୁ ମାରିଦେଲେ। ଧରି ପଡ଼ିଯିବା ଭୟରେ ପିସ୍ତଲକୁ ଭାତ ହାଣ୍ଡିରେ ଲୁଚାଇ ରଖିଥିଲେ। ଦୋଷ ଲୁଚାଇବା ପାଇଁ ହତ୍ୟାକାଣ୍ଡର ରୂପ ଦେଇଥିଲେ। ଏହି ବୀଭତ୍ସ ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି ପୁଲିସ୍। ଏହି ମାମଲାରେ ହତ୍ୟାକାରୀ ସ୍ୱାମୀ ଓ ନଣନ୍ଦେଇ ପୁଲିସ୍ ଏଏସ୍ଆଇଙ୍କୁ ଗିରଫ କରାଯାଇଛି। ଟିକାୟତପାଲି ଥାନା ଝିରଡାପାଲିର ଦେବେନ୍ ବେହେରା ପଞ୍ଚାୟତ ଗୁରୁଣ୍ଡିଆ ବ୍ଲକ ଅଞ୍ଚଳରେ ପିଇଓ ଭାବେ କାର୍ଯ୍ୟ କରୁଥିଲେ। ଚାକିରି ଭିତରେ ସେ ଜଣେ ଯୁବତୀଙ୍କୁ ବିବାହ କରିବା ପାଇଁ ଆଗ୍ରହୀ ଥିଲେ। ହେଲେ ପରିବାର ଲୋକେ ଦେବେନଙ୍କୁ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଅଞ୍ଚଳର ସୌମ୍ୟାମୟୀ ବେହେରାଙ୍କ ସହ ବିବାହ କରାଇ ଦେଇଥିଲେ। ବିବାହ ପରେ ଦେବେନ ଓ ସୌମ୍ୟାମୟୀ ମଧ୍ୟରେ ସମ୍ପର୍କ ଭଲ ନ ଥିଲା। ସୌମ୍ୟାମୟୀ ଗର୍ଭବତୀ ହୋଇଥିଲେ। ପତ୍ନୀଙ୍କ ଅନୁପସ୍ଥିତିରେ ପ୍ରେମିକାଙ୍କ ସହିତ ଦେବେନ ଫୋନ୍ କଥା ହେଉଥିଲେ। ସୌମ୍ୟାମୟୀଙ୍କୁ ରାସ୍ତାରୁ ହଟାଇବା ପାଇଁ ପିସ୍ତଲ ଓ ଗୁଳି କିଣିଥିଲେ। ବୁଧବାର ରାତିରେ ପରିବାର ଲୋକେ ଖାଇପିଇ ଶୋଇଥିଲେ। କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘର ଆଗରେ ବୁଲୁଥିଲେ ଦେବେନ। ସ୍ୱାମୀଙ୍କୁ ଘରେ ଶୋଇବା ପାଇଁ ସୌମ୍ୟାମୟୀ ଡାକିଥିଲେ। ରାତି ପ୍ରାୟ ସାଢ଼େ ୧୨ଟା ରେ କବାଟ ଠକ୍ ଠକ୍ କରିଥିଲେ ଦେବେନ। ସୌମ୍ୟାମୟୀ କବାଟ ଖୋଲିବା ପରେ ଦେବେନ ଅତି ନିକଟରୁ ସୌମ୍ୟାମୟୀଙ୍କ ଛାତିକୁ ଗୁଳି ମାରିଥିଲେ। ହତ୍ୟା କରିବା ପରେ ପୁଲିସ୍ ଏଏସ୍ଆଇ ଭିଣୋଇ ସତ୍ୟନାରାଣ ବେହେରାଙ୍କୁ ଫୋନ୍ କରି ଡାକିଥିଲେ। ମରିଥିବା ସତ୍ତ୍ୱେ ସୌମ୍ୟାମୟୀଙ୍କୁ ଧରି ମେଡ଼ିକାଲ୍ ଯାଇଥିଲେ ଦେବେନ। ଏହା ପରେ ଦେବେନ ପିସ୍ତଲ ଓ ଗୁଳିକୁ ଭାତ ହାଣ୍ଡିରେ ଲୁଚାଇ ଡକାୟତମାନେ ସୌମ୍ୟାମୟୀଙ୍କୁ ଗୁଳି କରିଥିବା ପୁଲିସ୍‌କୁ କହିଥିଲେ। ପାରିପାର୍ଶ୍ୱିକ ସ୍ଥିତି ଓ ସୌମ୍ୟାମୟୀଙ୍କ ଛାତିରେ ବାଜିଥିବା ଗୁଳିକୁ ଦେଖି ସନ୍ଦେହ କରିଥିଲା ପୁଲିସ୍।

# କୋଣାର୍କରେ ଇକୋ ରିଟ୍ରିଟ୍ ଉଦ୍‌ଘାଟିତ




**କୋଣାର୍କ,୧୩।୧୨ (ସଂଚାର ବ୍ୟୁରୋ):** ପୁରୀ-କୋଣାର୍କ ବେଳାମାର୍ଗ ରାମଚଣ୍ଡୀ ମୁହାଣ ନିକଟ ବେଳାଭୂମିରେ ଆରମ୍ଭ ହୋଇଛି କୋଣାର୍କ ଇକୋ ରିଟ୍ରିଟର ଷଷ୍ଠ ସଂସ୍କରଣ। ଶୁକ୍ରବାର ଅପରାହ୍ଣରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଇକୋ ରିଟ୍ରିଟ କୋଣାର୍କରୁ ଆରମ୍ଭ ହୋଇ ଏବେ ୭ଟି ସ୍ଥାନରେ ଚାଲିଛି। ଆମ ଅଞ୍ଚଳ ପାଇଁ ଏହା ନୂଆ ସମ୍ଭାବନାର ପର୍ଯ୍ୟଟନ ଆଣିଦେବ। ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଆମ ବେଳାଭୂମି ପ୍ରସ୍ତୁତ ରହିଥିବା କହିଥିଲେ। ବେଳାଭୂମିରେ ୭୦ ତମ୍ବୁଘର ଓ ଦୁଇଟି ଓପନ ବାର ଖୋଲାଯାଇଛି। ତମ୍ବୁଘରେ ଗୋଟିଏ ରାତି ପାଇଁ ଦେୟ ୫ହଜାର ଟଙ୍କାରୁ ୨୭ହଜାର ଟଙ୍କା। ପର୍ଯ୍ୟଟକ ବେଳାଭୂମିରେ ରହି ପ୍ରାକୃତିକ ପରିବେଶକୁ ମନଭରି ଉପଭୋଗ କରିବେ। ଅନ୍ୟମାନଙ୍କ ମଧ୍ୟରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ, ସ୍ୱତନ୍ତ୍ର ସଚିବ ବାଲ ମୁକୁନ୍ଦ ମିଶ୍ର, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରଓ୍ୱାଲ, ଜିଲ୍ଲା ବନ ଅଧିକାରୀ ବିବେକ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହା ଆସନ୍ତା ୩ମାସ ଧରି ଚାଲିବ। କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ସହ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ବିଭାଗ ଉପସଚିବ ସନ୍ତୋଷ କୁମାର ସେଠୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ଅଣ୍ଡା ଦରରେ ଲାଗୁନି ବ୍ରେକ୍



**ଭୁବନେଶ୍ୱର, ୧୩।୧୨ (ସଂଚାର ବ୍ୟୁରୋ):** ବଜାରରେ ହୁ ହୁ ହୋଇ ବଢ଼ୁଥିବା ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଏବେ ଖାଉଟିଙ୍କୁ ଚିନ୍ତାରେ ପକାଇଛି। ଗତ କିଛି ଦିନ ହେଲା ଆଳୁ ଦରରେ ବ୍ରେକ ଲାଗୁ ନ ଥିବା ବେଳେ ଏବେ ଅଣ୍ଡା ଦର ଆକାଶଛୁଆଁ ହୋଇଛି। ଆଳୁ ଓ ଅଣ୍ଡା, ଉଭୟ ମଧ୍ୟବିତ୍ତଙ୍କ ପାଇଁ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ। ମହଙ୍ଗା ଆଳୁ ଦରରୁ ଆଶ୍ୱସ୍ତି ମିଳି ନ ଥିବା ବେଳେ ଏବେ ଅଣ୍ଡା ଦରକୁ ନେଇ ଚିନ୍ତାରେ ଖାଉଟି। ଯେଉଁଠି ୫ରୁ ୬ ଟଙ୍କା ମଧ୍ୟରେ ଅଣ୍ଡା ମିଳୁଥିଲା, ତାହା ଏବେ ବଢ଼ି ୭ରୁ ୮ ଟଙ୍କାରେ ପହଞ୍ଚିଛି । ଯାହା ଖାଉଟିଙ୍କୁ ଖୁବ ବାଧୁଛି । ମଟନ, ଚିକେନ, ମାଛ ଖାଇପାରୁ ନ ଥିବା ଗ୍ରାହକ ଅଣ୍ଡା ଖାଇଥାନ୍ତି। କିନ୍ତୁ ହଠାତ୍ ବଜାରରେ ଅଣ୍ଡା ଦର ବୃଦ୍ଧି ଯୋଗୁଁ କେବଳ ଗ୍ରାହକ ନୁହନ୍ତି ବ୍ୟବସାୟୀ ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। ବ୍ୟବସାୟୀଙ୍କ କହିବା ଅନୁସାରେ, କୁକୁଡ଼ା ଦାନା ଦର ବୃଦ୍ଧି ଯୋଗୁଁ ଏହାର ପ୍ରଭାବ ଅଣ୍ଡା ଉପରେ ପଡୁଛି। ପରିବହନ ଖର୍ଚ୍ଚ ମଧ୍ୟ ଆଉ ଏକ କାରଣ। ଗୋଟିଏ ପଟେ ଖାଉଟି ହନ୍ତସନ୍ତ ହେଉଥିବା ବେଳେ ମନ୍ତ୍ରୀଙ୍କ ପାଖରେ ଦର ବୃଦ୍ଧି ନେଇ କୌଣସି ଖବର ନାହିଁ । ମନ୍ତ୍ରୀ କହିଛନ୍ତି, ଆନ୍ଧ୍ରରେ ନୂଆ ରୋଗ ଯୋଗୁଁ ପର୍ଯ୍ୟାପ୍ତ ପରିମାଣର ଅଣ୍ଡା ଆସିପାରୁନାହିଁ । ଯାହାର ପ୍ରଭାବ ଓଡ଼ିଶା ବଜାରରେ ପଡୁଛି । ଏପରିକି ଓଡ଼ିଶା ଅଣ୍ଡା ଉପରେ ପଶ୍ଚିମବଙ୍ଗ ନିର୍ଭର କରୁଛି । ତେଣୁ ଆନ୍ଧ୍ରରୁ ଅଣ୍ଡା ଆସିପାରୁନଥିବାରୁ

# ବିଶ୍ୱବିଦ୍ୟାଳୟ ଆଇନ୍ ପାଇଁ ଡକାଯାଉ ସ୍ୱତନ୍ତ୍ର ଅଧିବେଶନ



**ଭୁବନେଶ୍ୱର, ୧୩।୧୨:** ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ୍‌ରେ ସଂଶୋଧନ ପାଇଁ ଥିବା ପ୍ରସ୍ତାବ ଏଯାବତ ବିଧାନସଭାରେ ଗୃହୀତ ହୋଇ ନ ଥିବାରୁ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡିକରେ କୁଳପତି, ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତି ଘେନି ସମସ୍ୟା ଗମ୍ଭୀର ହେବାରେ ଲାଗିଛି। ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ଏହି ବିଧେୟକ ଉପରେ ନିଷ୍ପତ୍ତି ନେବାଲାଗି ଶିକ୍ଷାବିତ୍ ଓ ଚିନ୍ତାଶୀଳ ବ୍ୟକ୍ତିମାନେ ମତବ୍ୟକ୍ତ କରୁଥିବାବେଳେ ସଂଖ୍ୟାଧିକ ଛାତ୍ର ସଂଗଠନ କିନ୍ତୁ ଏ ପ୍ରସଙ୍ଗରେ ନିରବ।

ଓଡ଼ିଶାରେ ଏବେ ୪୩ଟି ବିଶ୍ୱବିଦ୍ୟାଳୟ ଥିବାବେଳେ ସେଥିରୁ ୨୭ଟି ହେଉଛି ସରକାରୀ। ଏହି ସରକାରୀ ବିଶ୍ୱବିଦ୍ୟାଳୟଗୁଡିକ ମଧ୍ୟରୁ ୧୭ଟି ରହିଛି ଉଚ୍ଚଶିକ୍ଷା ବିଭାଗ ନିୟନ୍ତ୍ରଣରେ। ଏହି ୧୭ଟି ବିଶ୍ୱବିଦ୍ୟାଳୟ ଭିତରୁ ଏବେ ଅନ୍ୟୁନ ୯ଟିରେ ନିୟମିତ କୁଳପତି ନଥିବାବେଳେ ୨୦୨୫ରେ ଆଉ ୫ଟି ବିଶ୍ୱବିଦ୍ୟାଳୟର କୁଳପତି ପଦବୀ ଖାଲି ହେବାକୁ ଯାଉଛି। ୨୦୨୦ ମସିହାରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ୍‌ରେ ଯେଉଁ ସଂଶୋଧନ ଅଣାଯାଇଥିଲା ତାହା ଏବେ ସୁପ୍ରିମ୍‌କୋର୍ଟରେ ରାଜ୍ୟ ସରକାରଙ୍କୁ କାଠଗଡ଼ାରେ ଛିଡା କରାଇଥିବା ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟଗୁଡିକର କୁଳପତି, ଶିକ୍ଷକ ଓ ଅଣଶିକ୍ଷକ ପଦବୀଗୁଡିକରେ ନିଯୁକ୍ତି ଦିଆଯାଇ ପାରୁନାହିଁ।

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ରାଜ୍ୟ ସରକାରଙ୍କ ସଂଶୋଧିତ ଆଇନ୍‌ର ବୈଧତା ଉପରେ ପ୍ରଶ୍ନ ଉଠାଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାମଲାର ସରଳ ଓ ସହଜ ସମାଧାନ ପାଇଁ ସଂଶୋଧିତ ଆଇନ୍‌ରେ ପୁର୍ନବାର ସଂଶୋଧନ ଆଣି ୟୁଜିସି ମାର୍ଗନିର୍ଦ୍ଦେଶିକାକୁ ଠିକଣା ଭାବେ ସ୍ଥାନିତ କରିବାଲାଗି କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଠାରୁ ଆରମ୍ଭକରି ବହୁ ପୂର୍ବତନ କୁଳପତି, ଶିକ୍ଷାବିତ୍ ମତବ୍ୟକ୍ତ କରିଆସୁଛନ୍ତି। ସମସ୍ୟାର ଗମ୍ଭୀରତା ଦୃଷ୍ଟିରୁ ରାଜ୍ୟ ସରକାର ମଧ୍ୟ ଏ ସଂକ୍ରାନ୍ତରେ କ୍ୟାବିନେଟରେ ପ୍ରସ୍ତାବ ପାରିତ କରି ବିଧାନସଭାରେ ବିଲ୍ ଆଗତ ପାଇଁ ପଦକ୍ଷେପ ନେଇଛନ୍ତି। ତେବେ ବିଧାନସଭାର ଶୀତ ଅଧିବେଶନରେ ଏହି ବିଲ୍ ଉପରେ ଆଲୋଚନା କିମ୍ବା ମତଗ୍ରହଣ କରାଯାଇ ପାରିନାହିଁ। ବିଲ୍‌ଟି ବିଧାନସଭାରେ ଆଗତ ହୋଇଥିବାରୁ ଏ ସଂକ୍ରାନ୍ତରେ ସରକାର ମଧ୍ୟ ଅଧ୍ୟାଦେଶ ଜାରି କରିବାର ସୁଯୋଗ ନାହିଁ।

ଏବେ ଖଲ୍ଲିକୋଟ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଆଦିରେ କୁଳପତି ପଦବୀ ଖାଲି ପଡ଼ିଥିବାରୁ ଅନ୍ୟ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ଏଗୁଡିକର ଅତିରିକ୍ତ ଦାୟିତ୍ୱରେ ରଖାଯାଇଛି। ଧରଣୀଧର ଓ ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ହୋଇନଥିବାରୁ ସେଠାରେ ଆରମ୍ଭରୁ ଓଏସ୍‌ଡି କାମ ଚଳାଉଛନ୍ତି। ନିକଟରେ ଉତ୍କଳ, ଗଙ୍ଗାଧରମେହେର ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲେ ବି ସେମାନଙ୍କ ସ୍ଥାନରେ ଆଇନ୍‌ଗତ କାରଣରୁ ନୂଆ କୁଳପତି ନିଯୁକ୍ତି ନଦେଇ ଅନ୍ୟାଦେଶ ପର୍ଯ୍ୟନ୍ତ ସେମାନଙ୍କ କାର୍ଯ୍ୟକାଳ ଅସ୍ଥାୟୀଭାବେ ବଢ଼ାଯାଇଛି।

୨୦୨୫ ମସିହାରେ କଳାହାଣ୍ଡିର ମା' ମାଣିକେଶ୍ୱରୀ, ବଲାଙ୍ଗିରର ରାଜେନ୍ଦ୍ର ନାରାୟଣ, ବାଲେଶ୍ୱରର ଫକୀରମୋହନ ଏବଂ କଟକର ରେଭେନ୍ସା ଓ ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡିକରେ ପ୍ରାୟ ୬୦ ପ୍ରତିଶତ ଅଧ୍ୟାପକ ପଦବୀ ଏବଂ ୭୦ ପ୍ରତିଶତ ପାଖାପାଖି ଅଣଶିକ୍ଷକ ପଦବୀ ଖାଲି ପଡ଼ିଛି। ଆଇନଗତ ଅସୁବିଧା ଯୋଗୁଁ ଏଗୁଡିକରେ ନିଯୁକ୍ତି ଦିଆଯାଇ ପାରୁନାହିଁ। ଅତୀତରେ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟରେ ଏଭଳି ସମସ୍ୟା ଉପୁଜିଥିବାରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଏଠାରେ ନାମାଙ୍କନ, ପରୀକ୍ଷା ଆଦି ଉପରେ କଟକଣା ଲଗାଇବାକୁ ବାଧ୍ୟ ହୋଇଥିଲେ। ଓଡ଼ିଶାର ସରକାରୀ ବିଶ୍ୱବିଦ୍ୟାଳୟଗୁଡିକ ଏବେ ଯେଉଁ ସ୍ଥିତିରେ ଅଛନ୍ତି ସେଥିରୁ କାହାକୁ ଯେ କେତେବେଳେ ୟୁଜିସି ବନ୍ଦ କରିବ ତାହା କହିହେବ ନାହିଁ। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ୨୦୨୫ରେ ଲଞ୍ଚ ହେବ ସ୍କୋଡା କୋଡିୟାକ୍




**ନୂଆଦିଲ୍ଲୀ, ୧୩।୧୨:** ଆସନ୍ତା ବର୍ଷ ନୂଆ ସ୍କୋଡା କୋଡିୟାକ୍ ଲଞ୍ଚ ହେବାକୁ ଯାଉଛି। ଏହା ସ୍କୋଡା କୋଡିୟାକ୍‌ର ନେକ୍ସଟ୍ ଜେନେରେସନ୍ ହେବ। ନିକଟରେ ଭାରତୀୟ ରାସ୍ତାରେ ପରୀକ୍ଷଣ ସମୟରେ ଏହା ଦେଖିବାକୁ ମିଳିଛି। ତେବେ ଟେଷ୍ଟିଂ ସମୟରେ ଏହାର ଦୁଇଟି ଭ୍ୟାରିଏଣ୍ଟ ଦେଖିବାକୁ ମିଳିଛି। ଏଥି ମଧ୍ୟରେ ଏହାକୁ ଦେଖିଲେ ଏହା ଦେଖାଯାଇପାରେ ଯେ ଏହା ଏକ ହାଇ-ସ୍ପେକ୍ ଟ୍ରିମ୍ ହେବ। ଯେତେବେଳେ କି, ଦ୍ୱିତୀୟ ମଡେଲ୍ ଅତି ସରଳ ଡିଜାଇନ୍ ହେବାକୁ ଯାଉଛି। ଏଥିରେ ବ୍ଲାକ ପ୍ଲାଷ୍ଟିକ୍ ଏବଂ ସିଲଭର୍ କଣ୍ଟ୍ରାଷ୍ଟିଙ୍ଗ ଏଲିମେଣ୍ଟ ଦେଖିବାକୁ ମିଳିଛି। ଉଭୟଙ୍କ ଆଲୟ ହ୍ୱିଲଗୁଡିକ ମଧ୍ୟ ପୃଥକ ଭାବରେ ଦେଖିବାକୁ ମିଳିଛି। ଗୋଟିଏରେ ଏରୋ-ଅପ୍ଟିମାଇଜ୍ ଡିଜାଇନ୍ ଏବଂ ଅନ୍ୟଟିରେ ମଲ୍ଟି ସ୍ପିକ୍ ଡିଜାଇନ୍ ଦେଖାଯାଏ। ଭାରତୀୟ ବଜାରରେ ଉପଲବ୍ଧ ସ୍କୋଡା କୋଡିଆକ୍ ର ଏକ୍ସ ଶୋ'ରୁମ୍ ମୂଲ୍ୟ ୩୯. ୯୯ ଲକ୍ଷ ଟଙ୍କା। ଏହାକୁ ତିନୋଟି ଟ୍ରିମ୍ ଷ୍ଟାଇଲ, ସ୍ପୋର୍ଟଲାଇନ୍ ଏବଂ ଏଲ୍ ଆଣ୍ଡ୍ କେରେ ପ୍ରଦାନ କରାଯାଇଥିଲା। ଏହି ନୂଆ କୋଡିଆକ୍ ରେପୁରୁଣା ମଡେଲ ସହିତ ସମାନ ପାୱାର୍ ଟ୍ରେନ୍ ଦେଖିବାକୁ ମିଳିଛି। ଏଥିରେ ୨.୦ ଲିଟର ଟର୍ବୋ-ପେଟ୍ରୋଲ ଇଞ୍ଜିନ୍ ରହିବ, ଯାହା ୧୯୦ ଏଚପି ପାୱାର ଏବଂ ୩୨୦ ଏନଏମ ଟର୍କ ଜେନେରେଟ୍ କରିବ। ଏହାର ଇଞ୍ଜିନ୍ ୭-ସ୍ପିଡ୍ ଡୁଆଲ୍-କ୍ଲଚ୍ ଅଟୋ ଫିଙ୍ଗ ପାୱାର ସହିତ ମେଳ ହୋଇପାରେ। ଏହି ନୂଆ ସ୍କୋଡା କୋଡିଆକ୍ ରେ ୧୩-ଇଞ୍ଚ ଫ୍ରିଷ୍ଟାଣ୍ଡିଂ ଟଚ୍ ସ୍କ୍ରିନ୍, ଡିଜିଟାଲ୍ ଇନଷ୍ଟ୍ରୁମେଣ୍ଟ୍ କ୍ଲଷ୍ଟର, ଏଚଭିଏସି ଏବଂ ମିଡିଆ କଣ୍ଟ୍ରୋଲ୍ ପାଇଁ ଇନ୍-ବିଲ୍ଟ ଡିସପ୍ଲେ ସହିତ ତିନୋଟି ଫିଜିକାଲ୍ ରୋଟାରୀ ଡାଏଲ୍, ୱାୟରଲେସ୍ ଚାର୍ଜିଂ, ପାନୋରାମିକ୍ ସନରୁଫ୍, ଆମ୍ବିଏଣ୍ଟ୍ ଲାଇଟ୍ସ ଭଳି ଫିଚର୍ସ ଦେଖିବାକୁ ମିଳିବ। ଏହା ଏବେକାର ମଡେଲ୍ ଠାରୁ ଟିକିଏ ଅଧିକ ଲମ୍ବା ହୋଇପାରେ, କିନ୍ତୁ ଏହାର ହ୍ୱିଲ୍ ବେସରେ କୌଣସି ପରିବର୍ତ୍ତନ ଦେଖିବାକୁ ମିଳେ ନାହିଁ। ଏହାକୁ ଧ୍ୟାନରେ ରଖି କୁହାଯାଇପାରେ ଯେ ଏହାର ଇଣ୍ଟେରିୟର୍ ଏବେ ଉପଲବ୍ଧ ଥିବା ମଡେଲ ସହିତ ସମାନ ହୋଇପାରେ। ରିପୋର୍ଟ ଅନୁଯାୟୀ, ଆସନ୍ତା ବର୍ଷର ସେକେଣ୍ଡ କ୍ୱାର୍ଟର ମଧ୍ୟରେ ଭାରତରେ ନେକ୍ସଟ୍ ଜେନେରେସନ୍ ସ୍କୋଡା କୋଡିଆକ୍ ଲଞ୍ଚ କରାଯାଇପାରିବ। ଭାରତୀୟ ବଜାରରେ ଲଞ୍ଚ ହେବା ପରେ ଏହା ଜିପ୍ ମେରିଡିଆନ୍ ଏବଂ ଆଗାମୀ ଭୋଲ୍କୱେଗେନ ଟାଇରନ୍ ସହିତ କଠୋର ପ୍ରତିଦ୍ୱନ୍ଦ୍ୱିତା କରିବ।

## ପିଏଚ୍‌ଡିସିସିଆଇ ରିପୋର୍ଟ

# କୋଭିଡ୍ ପରେ ଓଡ଼ିଶାରେ ୯% ଅଭିବୃଦ୍ଧି




ନୂଆଦିଲ୍ଲୀ, ୧୩।୧୨: କୋଭିଡ୍ ମହାମାରୀ ସାରା ବିଶ୍ୱକୁ କବଳିତ କରିବା ଦ୍ୱାରା ଅର୍ଥନୈତିକ କାର୍ଯ୍ୟକଳାପ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ମହାମାରୀର ପ୍ରଭାବ ଶେଷ ହେବା ପରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ଦ୍ରୁତ ଗତିରେ ଆଗକୁ ବଢ଼ିଥିଲେ। ୧୭ଟି ରାଜ୍ୟର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୯ ପ୍ରତିଶତରୁ ଅଧିକ ରହିଥିଲା। ସେହି ତାଲିକାରେ ଓଡ଼ିଶା ମଧ୍ୟ ରହିଛି। ପିଏଚ୍‌ଡି ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି (ପିଏଚ୍‌ଡିସିସିଆଇ)ର ଏକ ରିପୋର୍ଟ ଅନୁସାରେ ୨୦୨୧-୨୨ରୁ ୨୦୨୩-୨୪ ମଧ୍ୟରେ ୧୭ଟି ରାଜ୍ୟର ଅଭିବୃଦ୍ଧି ୯ ପ୍ରତିଶତ ଭଳି ଉତ୍ସାହଜନକ ରହିଛି।

ସେହି ରାଜ୍ୟଗୁଡ଼ିକ ହେଉଛି ଗୁଜରାଟ, କେରଳ, ତେଲେଙ୍ଗାନା, ରାଜସ୍ଥାନ, ପଶ୍ଚିମବଙ୍ଗ, ବିହାର, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ହରିୟାଣା ଓ ଓଡ଼ିଶା। ଏହି ତିନି ଆର୍ଥିକ ବର୍ଷରେ ଶିଳ୍ପାୟନ ଓ ଖଣିଜ ସମ୍ପଦ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ରାଜ୍ୟଗୁଡ଼ିକ ଭିତରେ ଓଡ଼ିଶା, ଛତିଶଗଡ଼ ଓ ମଧ୍ୟପ୍ରଦେଶ ନାମ ରହିଛି। କୃଷି ଉତ୍ପାଦନରେ ପଞ୍ଜାବ, ହରିୟାଣା ଓ ଉତ୍ତରପ୍ରଦେଶ ଆଗୁଆ ରହିଛନ୍ତି। ପ୍ରଯୁକ୍ତିରେ ଉନ୍ନତି ଆଣିବା କ୍ଷେତ୍ରରେ ମହାରାଷ୍ଟ୍ର, ଗୁଜରାଟ ଓ କର୍ଣ୍ଣାଟକର ପ୍ରଦର୍ଶନ ଭଲ ରହିଛି। ପର୍ଯ୍ୟଟନରେ କେରଳ, ରାଜସ୍ଥାନ ଓ ଗୋଆ ଭଲ ପ୍ରଦର୍ଶନ କରିଛନ୍ତି। ସେହିପରି ଭିତ୍ତିଭୂମି ବିକାଶରେ ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ଆଗରେ ରହିଛନ୍ତି। ଅକ୍ଷୟ ଶକ୍ତିରେ ରାଜସ୍ଥାନ ଓ ଗୁଜରାଟ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାରେ କେରଳ ଓ ତାମିଲନାଡୁ ଉଲ୍ଲେଖନୀୟ ମାନଦଣ୍ଡ ଧାର୍ଯ୍ୟ କରିଥିବା ରିପୋର୍ଟରେ କୁହାଯାଇଛି।

# ବେଙ୍ଗାଲୁରୁରେ ନିବେଶକ ରୋଡ୍ ସୋ




ଭୁବନେଶ୍ୱର, ୧୩।୧୨: ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ପକ୍ଷରୁ ବେଙ୍ଗାଲୁରୁରେ ଏକ ନିବେଶକ ରୋଡ୍ ସୋ ଆୟୋଜନ କରାଯାଇଛି। ଏଥିରେ ଆଇବିଏମ୍, ଆକ୍ସେଞ୍ଚର, ଇନ୍‌ଫୋସିସ୍, କଗ୍ନିଜାଣ୍ଟ ଓ ହାପିଏଷ୍ଟ ମାଇଣ୍ଡ୍ସ ଭଳି କମ୍ପାନିର ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ରୋଡ୍ ସୋ'ରେ ଆଇଟି ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ୨୦ରୁ ଅଧିକ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଇ ରାଜ୍ୟର ଆଇଟି କ୍ଷେତ୍ରରେ ରହିଥିବା ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ଡକ୍ଟର ମହାଲିଙ୍ଗ କହିଛନ୍ତି ଯେ ଆଇଟି, ଇଲେକ୍ଟ୍ରୋନିକ୍ସ ଓ ପ୍ରଫେସନାଲ୍ ସେବାକୁ ନେଇ ଓଡ଼ିଶା ଅର୍ଥନୀତି ବିବିଧ ହୋଇପାରିଥିବା ବେଳେ ଏହା ଏବେ ବିଶ୍ୱ ଚାହିଦା ପୂରଣ କରିବାକୁ ପ୍ରସ୍ତୁତ ରହିଛି। ଉନ୍ନତ ଭିତ୍ତିଭୂମି, ଦକ୍ଷ ଶ୍ରମ ଶକ୍ତି ଓ ପ୍ରଗତିଶୀଳନ ନୀତିକୁ ନେଇ ଡିଜିଟାଲ ଯୁଗରେ ରାଜ୍ୟ ନୂତନ ଶିଖରରେ ପହଞ୍ଚିବାକୁ ଚାହୁଛି ବୋଲି ସେ କହିଛନ୍ତି। ଆସନ୍ତା ବର୍ଷ ଜାନୁଆରି ୨୮ ଓ ୨୯ରେ ଭୁବନେଶ୍ୱରରେ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫ରେ ଅଂଶଗ୍ରହଣ କରିବାକୁ ସେ ନିବେଶକମାନଙ୍କୁ ଆହ୍ୱାନ ଦେଇଥିଲେ। ଏଥି ସହିତ ଓଡ଼ିଶା ପ୍ରତିନିଧି ବେଙ୍ଗାଲୁରୁରେ ଅନୁଷ୍ଠିତ ଟାଇ ଗ୍ଲୋବାଲ୍ ସମିଟ୍ ୨୦୨୪ରେ ଅଂଶଗ୍ରହଣ କରିଥିଲେ। ଆଇଟି ବିଭାଗର ପ୍ରମୁଖ ସଚିବ ବିଶାଲ ଦେବ ଯୋଗ ଦେଇ ରାଜ୍ୟରେ ପାଞ୍ଚଟି ଉତ୍ସର୍ଗୀକୃତ ଗ୍ଲୋବାଲ୍ କାପାବିଲିଟି ସେଣ୍ଟର (ଜିସିସି) ସ୍ଥାପନ କରିବା ଯୋଜନା ରହିଛି ବୋଲି କହିଥିଲେ।

# ତଳମୁହାଁ ଶେୟାର ବଜାର ୭ଲକ୍ଷ କୋଟି ହରାଇଲେ ନିବେଶକ

ମୁମ୍ବାଇ,୧୩।୧୨: ଭାରତୀୟ ଶେୟାର ବଜାରରେ ଶୁକ୍ରବାର ସେନସେକ୍ସ ୧,୨୦୦ ପେଣ୍ଟରୁ ଅଧିକ ହ୍ରାସ ପାଇଛି। ଗୁରୁବାର ରେକର୍ଡ ହୋଇଥିବା ୪୫୮.୧୫ ଲକ୍ଷ କୋଟି ଟଙ୍କା ତୁଳନାରେ ଆଜି ନିବେଶକଙ୍କ ସମ୍ପତ୍ତି ୬.୯୩ ଲକ୍ଷ କୋଟି ହ୍ରାସ ପାଇ ୪୫୧.୨୨ ଲକ୍ଷ କୋଟିରେ ପହଞ୍ଚିଛି। ସେନସେକ୍ସ ୧୨୦୭ ପଏଣ୍ଟ ଖସି ୮୦,୦୮୨ କୁ ଚାଲି ଆସିଛି ଏବଂ ନିଫ୍ଟି ୩୬୮ ପଏଣ୍ଟ ହ୍ରାସ ପାଇ ୨୨୪,୧୮୦ କୁ ଖସି ଆସିଛି। ଯାହା ଦଲାଲ ଷ୍ଟ୍ରିଟରେ ନିବେଶକଙ୍କ ଦୁର୍ବଳ ଭାବନାକୁ ପ୍ରତିଫଳିତ କରିଛି। ଶୁକ୍ରବାର କାରବାର ଆରମ୍ଭ ହେବା ପରେ ୨୨୦ ଶେୟାର ଲୋୟର ସର୍କିଟ ଛୁଇଁଥିଲା, ଯେତେବେଳେ କି ୨୨୩ ଶେୟାର ଅପର ସର୍କିଟ ଛୁଇଁଥିଲା।

# ଏବର୍ଷ ଆଉ ସ୍ୱାଭାବିକ ହେବନି ବିମାନସେବା

**ରାଉରକେଲା, ୧୩।୧୨:** ରାଉରକେଲା ବିମାନସେବା ପରିଚାଳନା ଦାୟିତ୍ୱରେ ଆଲିଆନ୍ସ ଏୟାର୍ ଥିବା ପର୍ଯ୍ୟନ୍ତ, ପୂର୍ଣ୍ଣକାଳୀନ ସେବା ପାଇବାରୁ ସହରବାସୀ ବଞ୍ଚିତ ହେବା ଜଳଜଳ ହୋଇ ଦିଶୁଛି। ମନଇଚ୍ଛା ଅଘୋଷିତ ବିମାନ ବାତିଲ ହେବା ନିତିଦିନିଆ ହେଲାଣି। ଏବେ କୋଲକାତାକୁ ପୂର୍ବ ନିର୍ଦ୍ଧାରିତ ସମୟନୁସାରେ ଉଡ଼ିବା ନେଇ ଅନିଶ୍ଚିତତା ଦେଖାଦେଲାଣି।

ପ୍ରାୟ ମାସେ ହେଲା ବିମାନ ଅଭାବ ଯୋଗୁ ରାଉରକେଲା-ଭୁବନେଶ୍ୱର ବିମାନଉଡ଼ାଣ ସପ୍ତାହକୁ ତିନି ଦିନ ବନ୍ଦ ରହିଛି। ଡିସେମ୍ବର ୧୫ ତାରିଖରୁ ଏହା ସ୍ୱାଭାବିକ ହେବବୋଲି କହାଯାଇଥିଲା, କିନ୍ତୁ ଏହା ବାସ୍ତବ ରୂପ ନେଇପାରୁନି। କାରଣ ଡିସେମ୍ବର ୩୧ ତାରିଖଯାଏ ପୂର୍ବବତ୍ ତିନିଦିନ ବିମାନସେବା ବନ୍ଦ ରହିବ। ସଦ୍ୟ ପ୍ରକାଶିତ ବିମାନଉଡ଼ାଣ ସୂଚୀରୁ ଏହା ସ୍ପଷ୍ଟ ହୋଇଛି। ପୂର୍ବରୁ ପ୍ରତିଦିନ ରାଉରକେଲାରୁ ଭୁବନେଶ୍ୱରକୁ ବିମାନ ଉଡୁଥିବାବେଳେ ଏବେ ଏହା କେବଳ ସପ୍ତାହକୁ କେବଳ ୪ ଦିନ, ସୋମବାର, ବୁଧବାର, ଶୁକ୍ରବାର ଓ ଶନିବାର ବିମାନ ଉଡୁଛି। ଅନ୍ୟ ତିନି ଦିନ ମଙ୍ଗଳବାର, ଗୁରୁବାର, ଶନିବାର ସେବା ବନ୍ଦ ରହିଛି। ପୂର୍ବରୁ ବିମାନ କୋଲକାତା-ରାଉରକେଲା-ଭୁବନେଶ୍ୱର-ରାଉରକେଲା-ଭୁବନେଶ୍ୱର ଦେଇ କୋଲକାତାକୁ ଯାତ୍ରା କରୁଥିଲା। ପ୍ରକୃତରେ ଅକ୍ଟୋବର ୯ ତାରିଖରୁ ଏହି ସମସ୍ୟା ଉପୁଜିଛି।



# ଇଭି କ୍ଷେତ୍ରରେ ନିବେଶ ହେବ ୩.୪ ଲକ୍ଷ କୋଟି

## ୨୦୩୦ ସୁଦ୍ଧା ଇଭି ବିକ୍ରି ଅଂଶ ୩୦% କରିବା ଲକ୍ଷ୍ୟ

ନୂଆଦିଲ୍ଲୀ,୧୩/୧୨: ଏବେ ପରିବେଶ ପ୍ରଦୂଷଣ ଚିନ୍ତାଜନକ ହୋଇଛି। ଦେଶରେ ପ୍ରଦୂଷଣ କମାଇବା ଲାଗି ସରକାର ପରିବେଶ ଉପଯୋଗୀ ଇଲେକ୍ଟ୍ରିକ ଭେଇକିଲ (ଇଭି) ଗ୍ରହଣୀୟତାକୁ ଏବେ ପ୍ରୋତ୍ସାହିତ କରୁଛନ୍ତି। ଘରୋଇ ବଜାରରେ ଲଗାତାର ଇଭି ବିକ୍ରି ବଢ଼ୁଛି। ଏହାକୁ ନଜରରେ ରଖି ବିଭିନ୍ନ କମ୍ପାନି ଏ କ୍ଷେତ୍ରରେ ନିବେଶ ଲାଗି ଆଗଭର ହେଉଛନ୍ତି। ଦେଶର ଇଭି କ୍ଷେତ୍ରରେ ଉଭୟ ଘରୋଇ ଏବଂ ବିଦେଶୀ କମ୍ପାନିଗୁଡିକ ୩.୪ ଲକ୍ଷ କୋଟି ଟଙ୍କା ନିବେଶ କରିବାର ଢ଼େର ସମ୍ଭାବନା ରହିଥିବା କନସଲଟିଂ ଫାର୍ମ କୋଲିୟର୍ସ ଏକ ରିପୋର୍ଟରେ କହିଛି।

ଏହି ରିପୋର୍ଟ ମୁତାବକ, ଲିଥିୟମ ଆୟନ ବ୍ୟାଟେରୀ ବିନିର୍ମାଣ କ୍ଷେତ୍ରରେ ୨୭ ବିଲିୟନ ଡଲାର ନିବେଶ ହେବ। ସେହିଭଳି ୯ ବିଲିୟନ ଡଲାର ପ୍ରମୁଖ ଯନ୍ତ୍ରାଂଶ ଏବଂ ଇଭି ବିନିର୍ମାଣ ଇକୋସିଷ୍ଟମରେ ନିବେଶ ହେବ। ଏବେ ଇଭି ଗ୍ରହଣୀୟତା ତ୍ୱରାନ୍ୱିତ ହୋଇଛି। ୨୦୩୦ ସୁଦ୍ଧା ଇଭି ସଂଖ୍ୟା ୩୦% କରିବା ଲକ୍ଷ୍ୟ ଦିଗରେ ସରକାର ଏବେ ଅଗ୍ରସର ହେଉଛନ୍ତି। ବର୍ତ୍ତମାନ ଦେଶରେ ବିକ୍ରି ହେଉଥିବା ମୋଟ ଯାନ ମଧ୍ୟରୁ ଇଭିର ଅଂଶ ୮% ରହିଛି। ସେହିଭଳି ଚଳିତ ବର୍ଷ ୨୦ ଲକ୍ଷ ଇଭି ବିକ୍ରି ହେବା ନେଇ ଆକଳନ କରାଯାଇଛି। ଦେଶରେ ଇଭିର ବଜାର ୩.୨୧ ବିଲିୟନ ଡଲାର ଟପିଛି। ୨୦୩୦ ବେଳକୁ ଏହା ବାର୍ଷିକ ୪୪% ହାରରେ ବଢ଼ିବ ବୋଲି ଆକଳନ କରାଯାଇଛି। ଏବେ କମ୍ପାନିଗୁଡିକ ବଜାରକୁ ୨ ଚକିଆ, ୩ ଚକିଆ, ପାସେଞ୍ଜର କାର, ବସ୍ ଏବଂ ବାଣିଜ୍ୟିକ ଯାନ ଛାଡିଛନ୍ତି। ଦେଶ ମଧ୍ୟରେ ଇଭିକୁ ପ୍ରୋତ୍ସାହିତ କରିବା ଲାଗି ସରକାର ନୀତିଗତ ପଦକ୍ଷେପ ସହ ଆର୍ଠିଥକ ସହାୟତା ପ୍ରଦାନ କରୁଛନ୍ତି।

୨୦୧୫ରେ ଏ ଦିଗରେ ଆସିଥିବା ଫେମ୍ ଇଣ୍ଡିଆ ସ୍କିମ୍ ଏ କ୍ଷେତ୍ରରେ ଗେମ୍ ଗେଞ୍ଜର ସାବ୍ୟସ୍ତ ହୋଇଥିଲା। ଏହାର ଦ୍ୱିତୀୟ ପର୍ଯ୍ୟାୟରେ ୨୦୧୯- ୨୦୨୪ ଯାଏ କେନ୍ଦ୍ର ସରକାର ୧୦ ହଜାର କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଏହି ରାଶି ଇଭି କ୍ରୟରେ ସବ୍‌ସିଡି, ସାଧାରଣ ପରିବହନରେ ଇଭିର ବ୍ୟବହାର ଏବଂ ଇଭି ଭିତ୍ତିଭୂମି ବିକାଶ ଦିଗରେ ପ୍ରୋତ୍ସାହନ ରାଶି ଭାବେ ବ୍ୟବହାର କରାଯାଇଥିଲା। ଏହାବାଦ ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ (ପିଏଲ୍‌ଆଇ) ସ୍କିମ ଅଧିନରେ ଏହି କ୍ଷେତ୍ରକୁ ବଳ ଦେବା ଲାଗି ସରକାରଙ୍କ ଯୋଜନା ମଧ୍ୟ ବିଶେଷ ଭାବେ ସହାୟକ ହେଉଛି। ସରକାର ଦେଶ ମଧ୍ୟରେ ଏସିସି ବ୍ୟାଟେରୀ ଉତ୍ପାଦନ ଲାଗି ୧୮,୧୦୦ କୋଟିର ପ୍ରୋତ୍ସାହନ ରାଶି ପ୍ରଦାନ ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି। ସେହିଭଳି ଅଟୋମୋବାଇଲ ଏବଂ ଅଟୋ ଯନ୍ତ୍ରାଂଶ କ୍ଷେତ୍ରରେ ୨୫,୯୩୮ କୋଟିର ପ୍ରୋତ୍ସାହନ ଦ୍ୱାରା ଦେଶ ମଧ୍ୟରେ ଇଭି ବିନିର୍ମାଣକୁ ମଧ୍ୟ ଉତ୍ସାହିତ



କରାଯାଉଛି। କେବଳ କେନ୍ଦ୍ର ସରକାର ନୁହନ୍ତି ରାଜ୍ୟ ଗୁଡିକ ମଧ୍ୟ ଇଭି ଗ୍ରହଣୀୟତା ବୃଦ୍ଧି ଲାଗି ମଧ୍ୟ କାର୍ଯ୍ୟପନ୍ଥା ଗ୍ରହଣ କରୁଥିବା ଦେଖାଯାଉଛି। ଓଡ଼ିଶା, ଦିଲ୍ଲୀ, ମହାରାଷ୍ଟ୍ର, ତାମିଲନାଡୁ ଏବଂ କର୍ଣ୍ଣାଟକ ଭଳି ରାଜ୍ୟ ଗୁଡିକ ଏକ୍ଷେତ୍ରରେ ଆଗରେ ରହିଛନ୍ତି। ଇ-ଯାନ କ୍ରୟ କ୍ଷେତ୍ରରେ ଲୋକଙ୍କୁ ସବ୍‌ସିଡି, ଟିକସ ରିହାତି ଏବଂ ଇଭି କମ୍ପାନିଗୁଡିକୁ ମଧ୍ୟ ରାଜ୍ୟ ପ୍ରୋତ୍ସାହିତ କରୁଛନ୍ତି। ଇଭି ଏବଂ ଚାର୍ଜର ଉପରେ ଜିଏସ୍‌ଟିକୁ ଯଥାକ୍ରମେ ୫% ଏବଂ ୧୮% ହ୍ରାସ କରାଯାଇଛି। ୨୦୨୪ର ଅଦ୍ୟାବଧି ଦେଶରେ ୮ ହଜାର ପବ୍ଲିକ ଚାର୍ଜିଂ ଷ୍ଟେଶନ ରହିଛି। ୨୦୩୦ ସୁଦ୍ଧା ୧୦ ଲକ୍ଷ ଚାର୍ଜିଂ ଷ୍ଟେଶନ ସ୍ଥାପନ ଲକ୍ଷ୍ୟ ରହିଛି। ଇଭି ଦାମ ଅଧିକ ରହୁଥିବାରୁ ଏହା ଗ୍ରାହକଙ୍କୁ ଏତେଟା ଆକୃଷ୍ଟ କରିପାରୁନି। ସେହିଭଳି ଗ୍ରାମାଞ୍ଚଳରେ ଚାର୍ଜିଂ ଭିତ୍ତିଭୂମି ଅଭାବ, ବ୍ୟାଟେରୀ ଯୋଗାଣ ଚେନ୍ ଏବଂ ଯାନର ଓନରଶିପକୁ ନେଇ ସଚେତନତା ଏତେଟା ନାହିଁ। ତେବେ ଏହି କ୍ଷେତ୍ର ସ୍ଥାନିୟ ବିନିର୍ମାଣ, ଅଭିନବ ବାଣିଜ୍ୟ ମଡେଲ, ଅର୍ବାନ ମୋବିଲିଟି, ରପ୍ତାନି ସୁଯୋଗ ସହ ଗବେଷଣା ଏବଂ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି କୁହାଯାଉଛି।

# ଜାନୁଆରୀ ୨୦୨୫ରୁ କମର୍ସିଆଲ୍ ଗାଡ଼ିର ମୂଲ୍ୟ ବୃଦ୍ଧି କରିବ ଟାଟା ମୋଟର୍ସ

ନୂଆଦିଲ୍ଲୀ, ୧୩।୧୨: ଭାରତର ସର୍ବବୃହତ କମର୍ସିଆଲ ଗାଡ଼ି ଉତ୍ପାଦନକାରୀ କମ୍ପାନୀ ଟାଟା ମୋଟର୍ସ ଲିମିଟେଡ୍ ଘୋଷଣା କରିଛି ଯେ ଏହା ଜାନୁଆରୀ ୧, ୨୦୨୫ ରୁ ଏହାର ଗାଡ଼ିର ମୂଲ୍ୟ ବୃଦ୍ଧି କରିବ । ଟାଟା ମୋଟର୍ସ ଏହାର ଟ୍ରକ୍ ଏବଂ ବସ୍ ପୋର୍ଟଫୋଲିଓରେ ୨% ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି ଘୋଷଣା କରିଛି । ଇଣ୍ଡିଭିଜୁଆଲ ମଡେଲ ଏବଂ ଭ୍ୟାରିଏଣ୍ଟଗୁଡିକ ମଧ୍ୟରେ ମୂଲ୍ୟ ବୃଦ୍ଧି ଭିନ୍ନ ହେବ କିନ୍ତୁ ଟ୍ରକ୍ ଏବଂ ବସ୍ ସମଗ୍ର ରେଞ୍ଜରେ ଏହି ମୂଲ୍ୟ ବୃଦ୍ଧି ଲାଗୁ ହେବ । ଇନପୁଟ୍ ଖର୍ଚ୍ଚର ବୃଦ୍ଧିକୁ ବନ୍ଦ କରିବାକୁ ଏହି ମୂଲ୍ୟ ବୃଦ୍ଧି କରାଯିବ ବୋଲି ଟାଟା ମୋଟର୍ସ ଏକ ଏକ୍ସଚେଞ୍ଜ ଫାଇଲିଂରେ କହିଛନ୍ତି ।




ଜାନୁଆରୀ ୨୦୨୫ ରୁ କମର୍ସିଆଲ୍ ଗାଡ଼ିର ମୂଲ୍ୟ ବୃଦ୍ଧି କରିବ ଟାଟା ମୋଟର୍ସ ଭାରତର ସର୍ବବୃହତ କମର୍ସିଆଲ ଗାଡ଼ି ଉତ୍ପାଦନକାରୀ କମ୍ପାନୀ ଟାଟା ମୋଟର୍ସ ଲିମିଟେଡ୍ ଘୋଷଣା କରିଛି ଯେ ଏହା ଜାନୁଆରୀ ୧, ୨୦୨୫ ରୁ ଏହାର ଗାଡ଼ିର ମୂଲ୍ୟ ବୃଦ୍ଧି କରିବ । ଟାଟା ମୋଟର୍ସ ଏହାର ଟ୍ରକ୍ ଏବଂ ବସ୍ ପୋର୍ଟଫୋଲିଓରେ ୨% ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି ଘୋଷଣା କରିଛି । ଇଣ୍ଡିଭିଜୁଆଲ ମଡେଲ ଏବଂ ଭ୍ୟାରିଏଣ୍ଟଗୁଡିକ ମଧ୍ୟରେ ମୂଲ୍ୟ ବୃଦ୍ଧି ଭିନ୍ନ ହେବ କିନ୍ତୁ ଟ୍ରକ୍ ଏବଂ ବସ୍ ସମଗ୍ର ରେଞ୍ଜରେ ଏହି ମୂଲ୍ୟ ବୃଦ୍ଧି ଲାଗୁ ହେବ । ଇନପୁଟ୍ ଖର୍ଚ୍ଚର ବୃଦ୍ଧିକୁ ବନ୍ଦ କରିବାକୁ ଏହି ମୂଲ୍ୟ ବୃଦ୍ଧି କରାଯିବ ବୋଲି ଟାଟା ମୋଟର୍ସ ଏକ ଏକ୍ସଚେଞ୍ଜ ଫାଇଲିଂରେ କହିଛନ୍ତି ।

# ୧୦୦୦ ଆରବ ଡଲାର ପାର କଲା ପ୍ରତ୍ୟେକ୍ଷ ବିଦେଶ ନିବେଶ

ନୂଆଦିଲ୍ଲୀ,୧୩।୧୨: ଭାରତରେ ପ୍ରତ୍ୟେକ୍ଷ ବିଦେଶ ନିବେଶ(ଏଫଡିଆଇ) ୨୦୦୦ ରୁ ୨୦୨୪ ମଧ୍ୟରେ ୧୦୦୦ ଆରବ ଡଲାର ପାର କରିଛି। ଏହା ବିଶ୍ୱସ୍ତରରେ ଏକ ନିରାପଦ ଏବଂ ପ୍ରାଥମିକ ପୁଞ୍ଜି ବିନିଯୋଗ ଲକ୍ଷ୍ୟ ଭାବରେ ଦେଶର ସୁନାମକୁ ସ୍ୱୀକୃତି ପ୍ରଦାନ କରୁଛି। ଏହି ନିବେଶ ଗୁଡିକ ମଧ୍ୟରୁ ଅଧିକାଂଶ ସେବା କ୍ଷେତ୍ର, କମ୍ପ୍ୟୁଟର ସଫ୍ଟୱେର୍ ଏବଂ ହାର୍ଡୱେର୍, ଟେଲିକମ୍, ବାଣିଜ୍ୟ, ଭିତ୍ତିଭୂମି, ଅଟୋମୋବାଇଲ୍, ରାସାୟନିକ ପଦାର୍ଥ ଏବଂ ଫାର୍ମାସ୍ୟୁଟିକାଲ୍ କ୍ଷେତ୍ରରେ ଆସିଛି। ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟର ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ର ତଥ୍ୟ ଅନୁଯାୟୀ, ଇକ୍ୱିଟି, ପୁନର୍ନିବେଶିତ ଆୟ ଏବଂ ଅନ୍ୟାନ୍ୟ ପୁଞ୍ଜି ସହିତ ମୋଟ ଏଫଡିଆଇ ପରିମାଣ ଏହି ସମୟ ମଧ୍ୟରେ ୧,୦୩୩.୪୦ ବିଲିୟନ ଡ଼ଲାରରେ ପହଞ୍ଚିଛି। ପରିସଂଖ୍ୟାନ ଅନୁଯାୟୀ, ପ୍ରାୟ ୨୫ ପ୍ରତିଶତ ଏଫଡିଆଇ ମରିସସ୍ ମାର୍ଗ ଦେଇ ଆସିଛି।

# ନଭେମ୍ବରରେ ହ୍ରାସ ପାଇଲା ଦରଦାମ୍: ୬% ତଳକୁ ଖସିଲା ଖୁଚୁରା ମୁଦ୍ରାସ୍ଫିତି

ନୂଆଦିଲ୍ଲୀ,୧୩।୧୨: ନଭେମ୍ବର ମାସରେ ହ୍ରାସ ପାଇଲା ମୁଦ୍ରାସ୍ଫିତି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଧାର୍ଯ୍ୟ ୬% ତଳେ ଦରଦାମ୍। ଗୁରୁବାର କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ ନଭେମ୍ବର ମାସରେ ଖୁଚୁରା ମୁଦ୍ରାସ୍ଫିତି ୫.୪୮% ରହିଛି। ଯାହା ଅକ୍ଟୋବର ମାସରେ ୬.୨୧% ରହିଥିଲା। ଫଳରେ ରିଜର୍ଭ ବ୍ୟାଙ୍କର ଆସନ୍ତା ମନିଟାରି ପଲିସି ରିଭ୍ୟୁ ବୈଠକରେ ସୁଧହାର ହ୍ରାସ କରିବାର ସମ୍ଭାବନା ରହିଛି। ନଭେମ୍ବର ମାସରେ ଖାଦ୍ୟ ମୁଦ୍ରାସ୍ଫିତି ୧୦.୮୭% ରୁ ୯.୦୪%କୁ ହ୍ରାସ ପାଇଛି। ଫଳରେ ଖାଉଟିଙ୍କୁ ମହଙ୍ଗା ମାଡରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। କାରଣ ଲୋକମାନଙ୍କର ପ୍ରାୟ ଅଧା ଜିନିଷ ପନିପରିବା ରହିଥାଏ। ଖାଦ୍ୟ



ମୂଲ୍ୟରେ ହ୍ରାସ ହେତୁ ଚାହିଦା ହ୍ରାସ ହେବାର ବିଳମ୍ବିତ ପ୍ରଭାବ ସହିତ ଖାଦ୍ୟ ମୂଲ୍ୟରେ ହ୍ରାସ ହେବାର ଧାରା ଡିସେମ୍ବର ମାସରେ ଗ୍ରାହକ ମୂଲ୍ୟ ସୂଚକାଙ୍କ (ସିପିଆଇ) ୫% ତଳକୁ ଖସିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି। ବିଶେଷଜ୍ଞ କହିଛନ୍ତି ଯେ ଫେବୃଆରୀରେ ହେବାକୁ ଥିବା ଏମପିସି ବୈଠକରେ ସୁଧ ହାର ୨୫ ବେସିସ ପଏଣ୍ଟ ହ୍ରାସ ହେବ ବୋଲି ଆଶା କରୁଛନ୍ତି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଚଳିତ ମାସ ଆରମ୍ଭରେ ସୁଧ ହାରକୁ ଅପରିବର୍ତ୍ତିତ ରଖିଥିଲା, କିନ୍ତୁ ନଗଦ ରିଜର୍ଭ ଅନୁପାତକୁ ହ୍ରାସ କରିଥିଲା ଯାହା ମୁଦ୍ରା ସ୍ଥିତିକୁ ସୁଗମ କରିବା ତଥା ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ବ୍ୟାଙ୍କଗୁଡିକ ଆବଶ୍ୟକ କରନ୍ତି।

# ମିଳିଲାନି ଗହମ, ଚିନ୍ତାରେ ମଧ୍ୟବିତ୍ତ ପରିବାର

● ସରକାରଙ୍କ ପ୍ରତିଶ୍ରୁତି ହେଲା ପାଣିର ଗାର
● ପଡିକାର୍ଡଧାରୀଙ୍କୁ ଅଟା ବାବଦ ଅତିରିକ୍ତ ଖର୍ଚ୍ଚ ପ୍ରଦାନ ଦାବୀ



**କାକଟପୁର/ଅସ୍ତରଙ୍ଗ,୧୩।୧୨(ସଂଚାର ବ୍ୟୁରୋ):** ବାରମ୍ବାର ପ୍ରତିଶ୍ରୁତି ପରେ ବି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା (ଏନ ଏଫ ଏସ ଏ) ରେ ପଡିକାର୍ଡଧାରୀଙ୍କୁ ଅଦ୍ୟାବଧି ୧ଟଙ୍କିଆ ଗହମ ମିଳିଲା ନାହିଁ। ୨୦୨୨ ମସିହା ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଧାର୍ଯ୍ୟ ପରିମାଣକୁ ଅଧା ଗହମ ମିଳିଥିଲା। ସେହିବର୍ଷ ନଭେମ୍ବର ମାସରୁ ପଡିକାର୍ଡଧାରୀଙ୍କୁ ଗହମ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଫଳେ ପ୍ରାୟ ୨ବର୍ଷ ପରେ ଗତ ସେପ୍ଟେମ୍ବର ମାସରୁ ପୁଣି ଗହମ ଯୋଗାଣ ପାଇଁ ସରକାର କରିଥିବା ଘୋଷଣା ବାତିଲ ହେବାକୁ ନେଇ ସାଧାରଣରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି।
ଯୋଗାଣ ବିଭାଗ ସୂଚନା ଅନୁସାରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ରେ ଅସ୍ତରଙ୍ଗ ବ୍ଲକରେ ୧୫ହଜାର ୧୫ହ ୩୫ରେସନ କାର୍ଡ ଭୁକ୍ତ ପରିବାରରେ ୫୭ହଜାର ୧ଜଣ ୧ଟଙ୍କିଆ ଚାଉଳ ଓ ଗହମ ଉପରେ ନିର୍ଭର କରନ୍ତି। ସେହିଭଳି ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ୨୦୭୪ପରିବାରର ୭୨୪୮ଜଣ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧୫୫୬କାର୍ଡଧାରୀ ପରିବାରର ୪୭୬୬ଜଣ ସୁଲଭ ଖାଉଟି ସାମଗ୍ରୀ ପାଉଛନ୍ତି। ପୂର୍ବରୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା କାର୍ଡଧାରୀ ଙ୍କୁ ମୁଣ୍ଡପିଛା ୫କେଜି ହିସାବରେ କେବଳ ଚାଉଳ ମିଳୁଥିଲା। ଅନ୍ୟ ପକ୍ଷରେ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଓ ଏନଏଫଏସଏ ଯୋଜନାରେ କାର୍ଡଧାରୀ ଙ୍କ ମଧ୍ୟରୁ ପ୍ରାୟ ୨୨ ପ୍ରତିଶତଙ୍କୁ ମୁଣ୍ଡପିଛା ୫କେଜି ଗହମ ଓ ବାକି ୭୮ ପ୍ରତିଶତ କାର୍ଡଧାରୀ ୫କେଜି ହିସାବରେ ଚାଉଳ ନେଉଥିଲେ। ୨୦୧୪ମସିହାରୁ ପରିବାରଙ୍କ ଆବେଦନ ଅନୁସାରେ ସରକାରଙ୍କ ପକ୍ଷରୁ ଗହମ ଓ ଚାଉଳ ପ୍ରଦାନ କରାଯାଉଥିଲା। ଏହା ଦ୍ୱାରା ଗରିବ ଓ ମଧ୍ୟବିତ୍ତ ପରିବାର ମଧୁମେହ ରୋଗୀ ଓ ବୟସ୍କ ବ୍ୟକ୍ତି ବିଶେଷ ଉପକୃତ ହେଉଥିଲେ। ଅନ୍ୟ ସାମ୍ପ୍ରତିକ ପରିବର୍ତ୍ତନଶିଳ ଜୀବନଶୈଳୀରେ ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଅଧିକାଂଶ ପରିବାର ଲୋକେ ରାତିରେ ରୁଟି ଖାଉଛନ୍ତି। ଯୋଗାଣ ବିଭାଗ ପକ୍ଷରୁ ମିଳୁଥିବା ୧ଟଙ୍କିଆ ଗହମ ନେଇ ଲୋକେ ଅଟା ପେଶିବା ପାଇଁ ୬ରୁ ୭ଟଙ୍କା ଖର୍ଚ୍ଚ କରିଥାନ୍ତି। ମାତ୍ର ଗତ ୨ବର୍ଷ ଧରି ପୁରୀ ଜିଲ୍ଲା ଅସ୍ତରଙ୍ଗ ରେ ସରକାରୀ ଗହମ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ଯୋଗୁଁ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଲୋକେ ବଜାରରୁ କେଜି ପ୍ରତି ୩୫ରୁ ଅଧିକ ଟଙ୍କା ଦେଇ ଗହମ କିଣି ଅଟା କଲାରେ ପେଶିବା ବାବଦରେ କେଜି ପ୍ରତି ୮ରୁ ୧୦ଟଙ୍କା ଖର୍ଚ୍ଚ କରୁଛନ୍ତି। ନଚେତ୍ ଖୋଲା ବଜାରରେ କେଜି ପ୍ରତି ୪୫ଟଙ୍କାରେ ଅଟା କିଣିବାକୁ ବାଧ୍ୟ ହେଉଛନ୍ତି। ରିଟେଲରଙ୍କ ଠାରୁ ନେଉଥିବା ୧ଟଙ୍କିଆ ଚାଉଳକୁ ବଜାରରେ ଦୋକାନୀଙ୍କୁ ଯଚେଇ ହୋଇ କେଜି ପ୍ରତି ୨୫ରୁ ୩୦ଟଙ୍କାରେ ବିକ୍ରି କରି ଅଧିକ ୧୫ଟଙ୍କା ଖର୍ଚ୍ଚ କରି ବଜାରରୁ ଅଟା କିଣିବା ସାଧାରଣତଃ ଗରିବ ପରିବାରଙ୍କର ଖର୍ଚ୍ଚ ଭାର ବଢ଼ିଛି। ସବୁଠୁ ବଡ଼ କଥା ହେଲା ସରକାରୀ ଗହମ ଯୋଗାଣ ବନ୍ଦ ହେବା ପରେ ବଜାରରେ ମିଳୁଥିବା ଗହମ ଓ ଅଟା ମୂଲ୍ୟ ବହୁ ବଢ଼ିଚାଲିଛି। ଏହା ପ୍ରତି କେହି ଦୃଷ୍ଟି ଦେଉନଥିବାରୁ ବୁଦ୍ଧିଜୀବି ମହଲରେ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଏମିତିକି ଯୋଗାଣ ବିଭାଗ କିମ୍ବା ଜିଲ୍ଲା ପ୍ରଶାସନ କେବେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କେହି ଦେଖିନାହାନ୍ତି। ତେବେ ଗତ ୩ମାସ ପୂର୍ବରୁ ସରକାର ପକ୍ଷରୁ ଗହମ ଯୋଗାଣ ବାବଦ ହୋଇଥିବା ଘୋଷଣା କୁ ନେଇ ସାଧାରଣ ଲୋକେ ଆଶ୍ୱସ୍ତ ହୋଇଥିଲେ। ସେହିକ୍ରମେ ରିଟେଲର ମାନେ ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ପଡି ଚାଉଳକୁ ୨୦ପ୍ରତିଶତ କାଟି ରଖିଥିଲେ। ନଭେମ୍ବର ମାସରେ ତାହାକୁ ଗହମ ଆକାରରେ ଦିଆଯିବ ବୋଲି କାର୍ଡଧାରୀ ଙ୍କୁ ସେମାନେ କହିଥିଲେ। ମାତ୍ର ଚଳିତ ମାସରେ କାଟିଥିବା ବାକିଆ ୨୦ପ୍ରତିଶତ ଚାଉଳ ଦେଉଛନ୍ତି। ଏବେ ଗହମ ମିଳିବନି ବୋଲି ସେମାନେ ଲୋକଙ୍କୁ ବୁଝାଉଛନ୍ତି। ଯାହାକୁ ନେଇ ସାଧାରଣ ରେ ଅସନ୍ତୋଷ ପରିଲକ୍ଷିତ ହୋଇଛି। ଏ ସମ୍ପର୍କରେ ଅସ୍ତରଙ୍ଗ ବ୍ଲକ ଯୋଗାଣ ନିରୀକ୍ଷକ ଶିବ ପ୍ରସାଦ ମହାନ୍ତି କହିଛନ୍ତି ଆସନ୍ତା ଫେବୃଆରୀ କିମ୍ବା ମାର୍ଚ୍ଚ ମାସ ପୂର୍ବରୁ ଗହମ ଉପଲବ୍ଧ ନେଇ ସରକାରୀ ସ୍ତରରେ ପ୍ରସ୍ତୁତି ହେଉଥିବା ସେ କହିଛନ୍ତି। ଅନ୍ୟ ପକ୍ଷରେ ଗହମ ଅଭାବ ଚାଲିବା ପର୍ଯ୍ୟନ୍ତ ଅଟା ଉପରେ ନିର୍ଭରଶିଳ ଏନ ଏଫ ଏସ କାର୍ଡଧାରୀ ପରିବାରଙ୍କୁ ସରକାର ମୁଣ୍ଡପିଛା ଅତିରିକ୍ତ ଅର୍ଥ ପ୍ରଦାନ ପାଇଁ ବିଭିନ୍ନ ମହଲରୁ ଦାବୀ ହୋଇଛି।

## ମଦ ଭାଟିରେ ବଡ ଧରଣର ଚଢ଼ାଉ



**ଗଞ୍ଜାମ,୧୩।୧୨(ସଂଚାର ବ୍ୟୁରୋ):** ଶୀତୁଆ ରାତି ୩ଟାରେ ଶୋଇଥିଲା ପୁରା ଗାଁ। ଅଚାନକ ଗାଁରେ ପଶିଥିଲା ଗଞ୍ଜାମ ପୁଲିସ୍ ଟିମ୍। ପୁରା ଗାଁକୁ ଘେରାଉ କରିଥିଲେ ପୁଲିସ୍ ଟିମ୍ ତା'ପରେ ଆରମ୍ଭ ହୋଇଥିଲା ତଲାସୀ ଅଭିଯାନ। ଚଢ଼ଉ ବେଳେ ପୁଲିସ୍ ୨ ଲକ୍ଷ ଲିଟର ମହୁଲି ମଦ ଜବତ କରିଥିଲେ। ୨୦ରୁ ଅଧିକ ଆଦିବାସୀଙ୍କୁ ଅଟକ ରଖିଛି। ଏଥିସହ ବିପୁଳ ପରିମାଣର ମହୁଲ ଜବତ କରିଛି। ଖଲିକୋଟ ଥାନା ବାଦପଲ୍ଲି ପଞ୍ଚାୟତରେ ଦୀର୍ଘ ଦିନ ଧରି ଚାଲିଥିଲା ଦେଶୀ ଭାଟି। ବିଶେଷ ସୂତ୍ରରୁ ଖବର ପାଇ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗୁରୁବାର ରାତି ପ୍ରାୟ ୩ଟା ବେଳେ ସେହି ପଞ୍ଚାୟତର ୭ଟି ଗାଁରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ୨ ଲକ୍ଷ ଲିଟର ମଦ ପୋଚକୁ ଜବତ କରି ନଷ୍ଟ କରିଥିଲେ। ବିପୁଳ ପରିମାଣର ମଦ ତିଆରି ସରଞ୍ଜାମ ଓ ଦୁଇଟି ଦେଶୀ ବନ୍ଧୁକ, ଦାନ ଡାଙ୍ଗ ଓ ୩୫୦୦ ଲିଟର ସ୍ପିରିଟ୍, ୮୫୦ଟି ଡ୍ରମ୍ ଜବତ କରିଥିଲେ। ଉକ୍ତ ଗାଁରୁ ୧୩ ବସ୍ତା ମହୁଲ ଜବତ କରିଛି। ଏଥିସହ ୨୦ ଜଣ ଆଦିବାସୀ ମହିଳା ଓ ପୁରୁଷଙ୍କୁ ଅଟକ ରଖିଛି ପୁଲିସ। ଉକ୍ତ ଚଢ଼ଉରେ ୩ ଜଣ ଅତିରିକ୍ତ ଏସ୍‌ପି, ୩ ଜଣ ଡିଏସ୍‌ପି, ୧୫ ଜଣ ଆଇଆଇସିଙ୍କ ସମେତ ୧୫ ପ୍ଲାଟୁନ୍ ପୁଲିସ୍ ସାମିଲ୍ ହୋଇଥିଲେ। ଆଗକୁ ଏମିତି ଚଢ଼ଉ ଜାରି ରହିବ ବୋଲି ପୁଲିସ୍ କହିଛି।

## ମଞ୍ଚ ଅଭିନେତାଙ୍କୁ ବର ଗଛରେ ଝୁଲାଇ ଦେଲେ!




**ଗୋଲାମୁଣ୍ଡା,୧୩।୧୨(ସଂଚାର ବ୍ୟୁରୋ):** ନାଟ୍ୟ କଳାକାରଙ୍କୁ ମାରି ବର ଗଛରେ ଝୁଲାଇ ଦେଲେ। ଏପରି ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଦଶପୁର ଗାଁରେ। ମୃତ ଯୁବକ ଜଣଙ୍କ ହେଲେ କୁର୍ଲୁଭଟା ଗ୍ରାମର ଝଜ ସା(୩୫)। ଗତକାଲି ଦଶପୁର ଗାଁରେ ନାଟକ ମଞ୍ଚସ୍ଥ ହେବାର ଥିଲା। ଏଥିପାଇଁ ଝଜ ନିଜ ଟିମ୍ ସହ ନାଟକ ପରିବେଷଣ କରିବା ପାଇଁ ଦଶପୁର ଗାଁକୁ ଆସିଥିଲେ। ହେଲେ ଗାଁରେ ନାଟକ ପରିବେଷଣ ବେଳେ ତାଙ୍କର ଦେଖା ନଥିଲା। ପରେ ସକାଳେ ଏକ ବର ଗଛରୁ ତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ଝଜଙ୍କ କିପରି ମୃତ୍ୟୁ ଘଟିଲା, ତାହାର କାରଣ ଜଣାପଡ଼ି ନାହିଁ। ଅନ୍ୟପକ୍ଷରେ ଝଜ ଆତ୍ମହତ୍ୟା କରିଛନ୍ତି ନା, ତାଙ୍କୁ କିଏ ହତ୍ୟା କରି ଗଛରେ ଝୁଲାଇ ଦେଇଛି ତାହା ଜଣାପଡ଼ି ନାହିଁ। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ଝଜ ଦଶପୁର ଗାଁରେ ବିବାହ କରିଥିଲେ। ଗତ ୫ବର୍ଷ ତଳେ ତାଙ୍କର ଛାଡପତ୍ର ହୋଇଯାଇଥିଲା।

## ଖପ୍ରାଖୋଲ ମହୋତ୍ସବ ପାଇଁ କଂସ ବରଣ

**ଖପ୍ରାଖୋଲ,୧୩।୧୨(ସଂଚାର ବ୍ୟୁରୋ):** ଖପ୍ରାଖୋଲ ବ୍ଲକ ସ୍ଥାନୀୟ ଯୁବ ସଂଗଠନ ତରଫରୁ ଖପ୍ରାଖୋଲ ମହୋତ୍ସବ ପାଳିତ ହେବା ପାଇଁ ପ୍ରସ୍ତୁତି ସଂପୂର୍ଣ୍ଣ ହୋଇଯାଇଛି। ମହୋତ୍ସବ ଜାନୁୟାରୀ ୫ ରୁ ୧୨ ତାରିଖ ୭ ଦିନ ଧରି ହେବାକୁ ଥିବା ଏହି ମହୋତ୍ସବ ଅବସରରେ କଂସ ଦରବାର ଆୟୋଜନ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ଜଣାପଡିଛି। ସ୍ଥାନୀୟ ଇଷ୍ଟଦେବୀ ମାଁ ଡୁମେରତଲେନ ମନ୍ଦିର ପରିସରରେ କଂସ ଭୂମିକା ପାଇଁ ବରିଷ୍ଠ କଳାକାର ଆର୍ତ୍ତତ୍ରାଣ ସୁନାନୀଙ୍କୁ ନଡ଼ିଆ, ଫୁଲ, ମଳ, ଗୁଆ ଦେଇ ଆୟୋଜକ କମିଟି ତରଫରୁ ବରଣ କରାଯାଇଥିଲା । ଆୟୋଜକ କମିଟି ସଭାପତି ବୁଲୁ ପଣ୍ଡା କଂସ ବରଣ କରିଥିବା ବେଳେ ସମ୍ପାଦକ ବାଦଲ ଦଣ୍ଡସେନା, ଉପ-ସଭାପତି ଡୋଲାମଣି ଷାଣ୍ଢ , କୋଷାଧ୍ୟକ୍ଷ ରଞ୍ଜନ ସାହୁ, ଅରକ୍ଷିତ ସାହୁ, ଉଦ୍ଧବ ମେହେର, ରାଜୁ ବାରିକ, ସତ୍ୟ ବାଗ, ସନ୍ତୋଷ ପଧାନ, ତେଜ ଦଣ୍ଡସେନା, ହରିବୋଲ ଦାସ, ବିନୋଦ ସାହୁ, ଆଶିଷ ଭୋଇ, ରୋହିତ ବାଗ, ଦିଲିପ ଗଡତ୍ୟା, ସୁଶାନ୍ତ ପଧାନ, ଦେବାଶିଷ ରାଉତ ଉପସ୍ଥିତ ରହିଥିଲେ ।

## କାଲି ଗଞ୍ଜେଇ ଗଛ କାଟୁଥିଲେ, ଆଜି ଗିରଫ ହେଲେ



**କନ୍ଧମାଳ,୧୩।୧୨(ସଂଚାର ବ୍ୟୁରୋ):** ଗତକାଲି ଗଞ୍ଜେଇ ଗଛ କାଟୁଥିଲେ। ଆଜି ତାଙ୍କୁ ଗିରଫ କଲା ପୁଲିସ୍। ଏମିତି ଜଣେ କରିତକର୍ମା ହୋମ୍‌ଗାର୍ଡ଼ ହେଉଛନ୍ତି ସତ୍ୟଜିତ ମଲ୍ଲିକ। ଗଞ୍ଜେଇ ଚାଷୀଙ୍କୁ ଫୋନ୍ କରି ଟଙ୍କା ଆଦାୟ କରୁଥିବା ଅଭିଯୋଗ କନ୍ଧମାଳ ପୁଲିସ୍ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପରପଙ୍କା ଓ ଦୁଲୁଗାଁ ଅଞ୍ଚଳରେ ପ୍ରାୟ ୭୦ ଏକର ଜମିରେ ବେଆଇନ୍ ଭାବେ ଗଞ୍ଜେଇ ଚାଷ ହୋଇଥିଲା। ଏ ସମ୍ପର୍କରେ ଅବକାରୀ ବିଭାଗ ଜାଣିବା ପରେ ଗଞ୍ଜେଇ ଗଛ କାଟିବା ପାଇଁ ଯୋଜନା କରିଥିଲା। ଏଥିପାଇଁ ପୁଲିସ୍, ବନ ବିଭାଗ ଓ ରାଜସ୍ୱ ବିଭାଗର ସହଯୋଗ ଲୋଡିଥିଲା। ଦାରିଙ୍ଗବାଡ଼ି ଥାନାରେ ହୋମ୍‌ଗାର୍ଡ ଭାବେ କାର୍ଯ୍ୟରତ ଥିବା ସତ୍ୟଜିତ ମଲ୍ଲିକ ଏ ସମ୍ପର୍କରେ ଜାଣିପାରିଥିଲେ। ଗଞ୍ଜେଇ ଗଛ କଟାଯିବ ଜାଣିପାରି ହୋମ୍‌ଗରର୍ଡ ଶ୍ରୀ ମଲ୍ଲିକ ଚାଷୀଙ୍କ ପାଖକୁ ଫୋନ୍ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁସାରେ ସତ୍ୟଜିତ ମଲ୍ଲିକ ଗଞ୍ଜେଇ ଚାଷୀଙ୍କ ପାଖକୁ ଫୋନ୍ କରି ଧମକଚମକ ଦେଉଥିଲେ। ଟଙ୍କା ମାଗୁଥିଲେ। ଟଙ୍କା ଦେଲେ ଗଞ୍ଜେଇ ଗଛ କଟାଯିବ ନାହିଁ ବୋଲି ଚାଷୀଙ୍କୁ ଫୋନ୍‌ରେ କହୁଥିଲେ। ଯାହାର ଅଡିଓ ସୋଶାଲ୍ ମିଡ଼ିଆରେ ଭାଇରାଲ୍ ହୋଇଥିଲା। ଏହି ଅଡିଓ ଆସି କନ୍ଧମାଳ ପୁଲିସ୍ ପାଖରେ ପହଞ୍ଚିଥିଲା। ଭାଇରାଲ୍ ହେଉଥିବା ଅଡିଓକୁ ଯାଞ୍ଚ କରୁଥିଲା ପୁଲିସ୍। ସୌଭାଗ୍ୟକୁ ଗୁରୁବାର ଅବକାରୀ, ରାଜସ୍ୱ, ବନ ଓ ପୁଲିସ୍ ପକ୍ଷରୁ ପରପଙ୍କା ଓ ଦୁଲୁଗାଁରେ ଚଢ଼ଉ କରିଥିଲା। ଏହି ଚଢ଼ଉରେ ପୁଲିସ୍ ଟିମ୍ ସହିତ ହୋମ୍‌ଗାର୍ଡ ସତ୍ୟଜିତ ମଲ୍ଲିକ ସାମିଲ୍ ହୋଇଥିଲେ। ଆଉ ଚାଷ ହୋଇଥିବା ଗଞ୍ଜେଇ ଗଛ କାଟିଥିଲେ। ସତ୍ୟଜିତ ମଲ୍ଲିକ ନିଜେ ମେସିନ୍ ସାହାଯ୍ୟରେ ଗଞ୍ଜେଇ ଗଛ କାଟୁଥିବା ଦେଖିବାକୁ ମିଳିଥିଲା। ଆଜି ସେହି ମାମଲାରେ ପୁଲିସ୍ ପରପଙ୍କା ଗାଁର ମାନସ ପ୍ରଧାନ, ରାଜୁ ବେହେରା, ପ୍ରଫୁଲ୍ଲ କୁମାର ପ୍ରଧାନ, ଆଦିକନ୍ଦ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏମାନଙ୍କ ସହ ହୋମ୍‌ଗାର୍ଡ ସତ୍ୟଜିତ ମଲ୍ଲିକଙ୍କୁ ମଧ୍ୟ ପୁଲିସ୍ ଗିରଫ କରିଛି। ଏନେଇ ସୂଚନା ଦେଇଛନ୍ତି କନ୍ଧମାଳ ଅତିରିକ୍ତ ଏସ୍‌ପି ସ୍ନେହାଶିଷ ସାହୁ।

## ବ୍ଲକସ୍ତରୀୟ ଉଦ୍ୟାନ କୃଷି ତାଲିମ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ



**ବରଗଡ଼,୧୩।୧୨(ସଂଚାର ବ୍ୟୁରୋ):** ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ବରଗଡ଼ଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଉଦ୍ୟାନ କୃଷି ତାଲିମ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ଉଦ୍ୟାନ କୃଷି ଅଧିକାରୀ ଶ୍ରୀ କମଳକାନ୍ତ ଭୁଏ ଙ୍କ ଅଧ୍ୟକ୍ଷତାରେ, ଉଦ୍ୟାନ ସମ୍ପ୍ରସାରଣ କର୍ମୀ ଶ୍ରୀମତୀ ଇପ୍ସିତା ପଣ୍ଡା ଙ୍କ ସଂଯୋଜନାରେ ଏବଂ ଉଦ୍ୟାନ କୃଷି ପର୍ଯ୍ୟବେକ୍ଷକ ଶ୍ରୀ ଯୁବରାଜ ସାମିନିଙ୍କ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ବିଧାୟକ ଶ୍ରୀ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଯୋଗ ଦେଇ ଉପସ୍ଥିତ ଚାଷୀ ଏବଂ ଜନ ପ୍ରତିନିଧି ମାନଙ୍କୁ ଅଣ ଧାନ ଫସଲ ଯଥା ତେଲ ତାଳ (ଅୟେଲ ପାମ) ଚାଷ କରିବା ଏବଂ କମ ମାତ୍ରାରେ ରାସାୟନିକ କୀଟନାଶକ ସାର ବଦଳରେ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଚାଷୀ ଓ ଜନ ପ୍ରତିନିଧିଙ୍କ ଅବଗତି ନିମନ୍ତେ ଏକ ଉଦ୍ୟାନକୃଷି ପୁସ୍ତିକା ମାନ୍ୟବର ବିଧାୟକଙ୍କ କରକମଳରେ ଉନ୍ମୋଚନ କରାଗଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀଯୁକ୍ତ ପ୍ରସନ୍ନ ମିଶ୍ର, କୃଷି ବିଜ୍ଞାନ କେନ୍ଦ୍ରର ବିଶେଷଜ୍ଞ ଶ୍ରୀମତୀ ସୁଶ୍ରୀତା ସାହୁ, ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ବରଗଡ଼ ଶ୍ରୀ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ପଦ୍ମପୁର ଶ୍ରୀ ଗୋବିନ୍ଦ ପଧାନ, ସହକାରୀ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ, ଶ୍ରୀମତୀ ସୌଭାଗିନୀ ବେହେରା ଏବଂ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ସୁବାଷ ଜେନା ଅତିଥି ଭାବରେ ଯୋଗ ଦେଇ ଚାଷୀ ଏବଂ ପଂଚାୟତି ରାଜ ଅନୁଷ୍ଠାନର ଜନ ପ୍ରୀତିନିଧି ମାନଙ୍କୁ ବିଭିନ୍ନ ଉଦ୍ୟାନକୃଷି ଯୋଜନା ଯଥା ଜୈବିକ ଚାଷ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ପରିଶେଷରେ ବରଗଡ଼ ଜିଲ୍ଲାର ଜିଲ୍ଲାପାଳ ମହୋଦୟ ଶ୍ରୀଯୁକ୍ତ ଆଦିତ୍ୟ ଗୋଏଲ ଚାଷ ସମ୍ବନ୍ଧୀୟ ସମସ୍ୟା ଓ ତାର ସମାଧାନ ଉପରେ ଚାଷୀ ଏବଂ ଜନ ପ୍ରତିନିଧି ମାନଙ୍କ ସହିତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରଗଡ଼ ବ୍ଲକର ବିଭିନ୍ନ ପଂଚାୟତରୁ ଶତାଧିକ ଚାଷୀ ଏବଂ ଜନ ପ୍ରତିନିଧି ଯୋଗ ଦେଇଥିଲେ। ଶେଷରେ ଉଦ୍ୟାନ ସମ୍ପ୍ରସାରଣ କର୍ମୀ ଶ୍ରୀମତୀ ଇପ୍ସିତା ପଣ୍ଡା ଧନ୍ୟବାଦ ଅର୍ପଣ କରି ସଭା ସମାପ୍ତ କରିଥିଲେ ।

## ସମ୍ବଲପୁରରୁ ପଶ୍ଚିମବଙ୍ଗ ନମ୍ବର ଥିବା ଧାନ ବୋଝେଇ ଟ୍ରକ ଜବତ



**ସମ୍ବଲପୁର,୧୩।୧୨(ସଂଚାର ବ୍ୟୁରୋ):** ସମ୍ବଲପୁରରୁ ଜବତ ହୋଇଛି ପଶ୍ଚିମବଙ୍ଗ ନମ୍ବର ଥିବା ଧାନ ବୋଝେଇ ଟ୍ରକ। ଧନକଉଡ଼ା ବ୍ଲକ ସାତୁପାଲି ନିକଟରୁ ଯୋଗାଣ ବିଭାଗ ଜବତ କରିଛି। ଘଟଣାସ୍ଥଳରେ ଗାଡ଼ି ଛାଡି ଡ୍ରାଇଭର ଫେରାର୍ ହୋଇଥିବା ସୂଚନା ମିଳିଛି। ପଶ୍ଚିମବଙ୍ଗର WB33-B-0145 ନମ୍ବର ଥିବା ଧାନ ବୋଝେଇ ଟ୍ରକକୁ ଦେଖିଥିଲେ ସ୍ଥାନୀୟ ଚାଷୀ। ଆନ୍ତଃ ରାଜ୍ୟ ଧାନ ଚୋରା ଚାଲାଣ ହେଉଥିବା ସନ୍ଦେହ କରି ଯୋଗାଣ ବିଭାଗକୁ ଖବର ଦେଇଥିଲେ। ଯୋଗାଣ ବିଭାଗ ଅଧିକାରୀ, ଧନକଉଡ଼ା ବ୍ଲକ ଯୋଗାଣ ନିରୀକ୍ଷକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଧାନ ଓ ଟ୍ରକର ମାଲିକ ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡା ଅଞ୍ଚଳର ଜଣେ ବ୍ୟକ୍ତି ଦାବି କରୁଛନ୍ତି। ସେ ଗାଡ଼ି ଡକ୍ୟୁମେଣ୍ଟ ଦେଖାଇଥିଲେ ମଧ୍ୟ ଧାନ ସମ୍ପର୍କିତ କୌଣସି କାଗଜପତ୍ର ଦେଖାଇ ପାରି ନାହାନ୍ତି। ଯୋଗାଣ ବିଭାଗ ଧାନ ବୋଝେଇ ଟ୍ରକକୁ କର୍ଡୋଲା ପଞ୍ଚାୟତର ଏକ ରାଇସ୍ ମିଲରେ ରଖିଛି। କାଗଜପତ୍ର ଜବତ କରି ଅଧିକ ଖୋଳତାଡ କରୁଛି ଯୋଗାଣ ବିଭାଗ। ତେବେ ଏନେଇ ଟ୍ରକ୍ ମାଲିକ କି ଯୋଗାଣ ବିଭାଗର ପ୍ରତିକ୍ରିୟା ମିଳିପାରି ନାହିଁ।

## ରେଲୱେ ଟ୍ରାକରୁ ମିଳିଲା ୨ ମହିଳାଙ୍କ ଶବ



**ବଲାଙ୍ଗିର,୧୩।୧୨(ସଂଚାର ବ୍ୟୁରୋ):** ଜିଲ୍ଲା କଣ୍ଟାବାଞ୍ଜି ରେଲୱେ ଷ୍ଟେସନ କୁକୁଡାହାଡ଼ ଗାଁ ନିକଟ ରେଲୱେ ଟ୍ରାକରୁ ଦୁଇ ଜଣ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ମହିଳା ଦ୍ୱୟଙ୍କର ପରିଚୟ ମିଳିନାହିଁ। ଆଜି ସକାଳେ ମହିଳା ଦୁଇ ଜଣଙ୍କ ମୃତଦେହ ଖଣ୍ଡବିଖଣ୍ଡିତ ଅବସ୍ଥାରେ ଟ୍ରାକରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏନେଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହକୁ ଉଦ୍ଧାର କରି ଘଟଣାର ତଦନ୍ତ କରୁଛି। ତେବେ ମହିଳା ଦ୍ୱୟଙ୍କର କିପରି ମୃତ୍ୟୁ ଘଟିଲା ତାହା ଜଣାପଡ଼ି ନାହିଁ। କେହି ମହିଳା ଦ୍ୱୟଙ୍କୁ ହତ୍ୟା କରି ଟ୍ରାକରେ ଫିଙ୍ଗି ଦେଇଛି ନା, ସେମାନେ ଶୌଚ ହେବା ପାଇଁ ଯାଇଥିବା ବେଳେ ଟ୍ରେନ ଧକ୍କାରେ ଉଭୟଙ୍କ ମୃତ୍ୟୁ ଘଟିଛି ତାହା ଜଣାପଡ଼ି ନାହିଁ। ପୁଲିସ ଆଖପାଖ ଲୋକଙ୍କୁ ପଚରାଉଚରା କରିବା ସହ ଘଟଣାର ତଦନ୍ତ କରୁଛି। ମହିଳାଙ୍କ ମୃତ୍ୟୁକୁ ନେଇ ପୁଲିସର କୌଣସି ପ୍ରତିକ୍ରିୟା ମିଳିନାହିଁ।

## କନେଷ୍ଟବଳଙ୍କ ପରକୀୟା ପ୍ରୀତି ଓ ଦାଦାଗିରି

**ଜଗତସିଂହପୁର,୧୩।୧୨(ସଂଚାର ବ୍ୟୁରୋ):** ଜଣେ କନେଷ୍ଟବଳ ପ୍ରେମ ସମ୍ପର୍କକୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିଛି। ଏହି ଘଟଣାକୁ କେନ୍ଦ୍ର କରି ପ୍ରେମିକ କନେଷ୍ଟବଳ ହୋମଗାଡ଼ ଉପରେ ରାଗ ସୁଝାଇଛନ୍ତି। ହୋମଗାଡ଼ଙ୍କ ଟେଲର ଦୋକାନରେ ପଶି ଗଣ୍ଡଗୋଳକରିବା ସହ ହତ୍ୟା ଧମକ ଦେଇଛନ୍ତି\ଏ ନେଇ ଥାନାରେ ଅଭିଯୋଗ ହେବା ପରେ ଏବେ ପୋଲିସ ମହଲରେ ଓ ଜଗତସିଂହପୁର ସହରରେ ଏହି ଘଟଣା ବହୁତ ଚର୍ଚ୍ଚାର ବିଷୟ ପାଲଟିଛି।ସୂଚନା ଅନୁସାରେ ସମ୍ପୃକ୍ତ କନେଷ୍ଟବଳ ଏସପି ଅଫିସରେ କାର୍ଯ୍ୟକରନ୍ତି। ସେହି ଅଫିସରେ ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା।ସେଇ ରୋମିଓ କନେଷ୍ଟବଳ ୱିଭାହିତ ବୋଲି ଜଣା ପଡୁଛି। ଘଟଣାକୁ ନେଇ ଯୁବତୀଙ୍କ ଘର ଲୋକ ତାଙ୍କୁ ବାରଣ ମଧ୍ୟ କରିଥିଲେ। ଯାହା ଶୁଣିବାକୁ ମିଳୁଛି ସେଇ ରୋମିଓ କନେଷ୍ଟବଳ ଜଣେ ନୁହେଁ ଏକାଧିକ ଝିଅଙ୍କ ସହ ସମ୍ପର୍କ ଅଛି ଓ ବଡ ବଡ ଅପରାଧୀଙ୍କ ସହ ମଧ୍ୟ୍ୟ ସମ୍ପର୍କ ଅଛି।ଅଫିସକୁ ଆସୁଥିବା ଲୋକ ଙ୍କୁ ଦୂରବ୍ୟବହାର କରୁଥିବାର ପୂର୍ବର ଶୁଣିବାକୁ ମିଳୁଛି,ସହରରେ ମଧ୍ୟ୍ୟ ଶୁଣିବାକୁ ମିଳୁଛି କୁଖ୍ୟାତ ଅପରାଧୀ ମିଲନ ସ୍ୱାଇଁଙ୍କ ସହ ବି ତାଙ୍କର ସମ୍ପର୍କ ଅଛି। ଅଭିଯୁକ୍ତ କନେଷ୍ଟବଳ କିଛି ଦିନ ହେଲା ଅଫିସ ଆସୁ ନଥିଲେ। ସେ କାହିଁକି ଅଫିସ ଆସୁନାହାନ୍ତି ତାହା ଯାଞ୍ଚ କରିବାପାଇଁ ଜଣେ ହୋମଗାର୍ଡକୁ ସେ ରହୁଥିବା ଭଡା ଘରକୁ ପଠା ଯାଇଥିଲା। ତେବେ ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ କନେଷ୍ଟବଳ ହୋମଗାର୍ଡଙ୍କ ଟେଲର ଦୋକାନରେ ପଶି ଭଙ୍ଗାରୁଜା କରିଥିଲେ। ଏ ନେଇ ଥାନାରେ ଚାରିଦିନ ହେଲା ଅଭିଯୋଗ ହେଲେ ମଧ୍ୟ୍ୟ ଅଭିଯୁକ୍ତ କନେଷ୍ଟବଳଙ୍କୁ କଣ ପାଇଁ ଗିରଫ କରାଯାଉନାଇଁ ଓ ତାଙ୍କ ଉପରେ କାହାର ହାତ ଅଛି ବୋଲି ସହରରେ ଆଲୋଚନା ର ବିଷୟ ପାଲଟିଛି।

## ବର୍ଣ୍ଣାଳୀ ତାଲିମ ଶିବିର ଉଦଘାଟିତ



**ସୁବର୍ଣ୍ଣପୁର,୧୩।୧୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଡୁଙ୍ଗୁରିପାଲି ଠାରେ ବ୍ଲକ ସ୍ତରୀୟ ବର୍ଣ୍ଣାଳୀ ତାଲିମ ଶିବିର ଉଦଘାଟିତ ହୋଇଯାଇଛି । ତିନି ଦିନ ଧରି ଚାଲିବାକୁଥିବା ଏହି କାର୍ଯ୍ୟକ୍ରମ କୁ ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବୈଶାଖୁ ପଧାନ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ବରିଷ୍ଠ ଗୋଷ୍ଠୀ ସହଶିକ୍ଷାଧିକାରୀ ଗଞ୍ଜଲୁ ମିର୍ଦ୍ଧା ତାଲିମ କାର୍ଯ୍ୟକ୍ରମ ପରିଦର୍ଶନ ରେ ଆସି ଛାତ୍ରଛାତ୍ରୀ ଙ୍କ ବିଭିନ୍ନ ଦକ୍ଷତା ବଢ଼ାଇବାରେ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ଭୂମିକା ବିଷୟରେ ପରାମର୍ଶ ଦେଇଥିଲେ। ସୁନାପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ମିଶ୍ର,ସାହାଯବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଆର୍ତ୍ତତ୍ରାଣ ପଧାନ ,ଦିଗଶିରା ଉଚ୍ଚ ବିଦ୍ୟାଳୟ ର ବିଜ୍ଞାନଶିକ୍ଷକ ଅମ୍ଳାନ ପାଣ୍ଡିଆ ଓ ଗଜବନ୍ଧ ସିଆରସିସି ନରେନ୍ଦ୍ର ପୁରୋହିତ ମୁଖ୍ୟ ଆଲୋଚକ ଭାବେ ଯୋଗଦାନ କରିଥିଲେ । ପଇଁତିରିଶି ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ ଲିଙ୍ଗଗତ ଓ ସାମାଜିକ ଭେଦଭାବ ର ଦୂରୀକରଣ ପାଇଁ ଶ୍ରେଣୀ ପରିଚାଳନା ର କୌଶଳ ବିଷୟରେ ପ୍ରଶିକ୍ଷଣ ରେ ଅଂଶଗ୍ରହଣ କରିଥିଲେ । ସର୍ଗୁଲ ସିଆରସିସି ନୀଳକଣ୍ଠ ନାଏକ,ପିଏମ ପୋଷଣ ତଥ୍ୟ ପରିଚାଳକ ବିନାୟକ ମିଶ୍ର,ସମଗ୍ର ଶିକ୍ଷା ତଥ୍ୟ ପରିଚାଳକ ଶ୍ରଦ୍ଧା ସାହୁ, ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ । ଶେଷରେ ଡୁଙ୍ଗୁରିପାଲି ସିଆରସିସି ପ୍ରବୀର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ବୈଶିଙ୍ଗା,୧୩।୧୨(ସଂଚାର ବ୍ୟୁରୋ):** ଇଂରାଜୀ ନବ ବର୍ଷର ଆଗମନରେ ବୈଶିଙ୍ଗା ଥାନା ଅଧୀନସ୍ଥ ୨୫ଟି ପଞ୍ଚାୟତବାସୀଙ୍କୁ ନେଇ ବୈଶିଙ୍ଗା ମହୋତ୍ସବ-୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି। ଏଥି ପାଇଁ ଗୁରୁବାର ଅପରାହ୍ନ ୩ଘଟିକା ସମୟରେ ମହୁରୀ ଉଡା ପଡ଼ିଆ ଠାରେ ମହୋତ୍ସବ କମିଟି ସଭାପତି ଦେବେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ମହୋତ୍ସବ ଜାନୁଆରୀ ୨ ତାରିଖ ଠାରୁ ଆରମ୍ଭ ହୋଇ ଜାନୁଆରୀ ୭ ତାରିଖ ପର୍ଯ୍ୟନ୍ତ ଛଅ ଦିନ ବ୍ୟାପୀ ମହୁରୀ ଉଡା ପଡ଼ିଆରେ ଅନୁଷ୍ଠିତ ହେବ । ଚଳିତ ବର୍ଷ ଏହି ମହୋତ୍ସବ ତୃତୀୟ ବର୍ଷରେ ପଦାର୍ପଣ କରିଛି। ଏହି ବୈଠକରେ ମୁଖ୍ୟତଃ ଶାନ୍ତି ଶୃଙ୍ଖଳା ର ସହିତ ସମସ୍ତ ଛଅ ଦିନ ବ୍ୟାପୀ କାର୍ଯକ୍ରମ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଏଥି ସହିତ ଆଞ୍ଚଳିକ ସ୍ତରରେ ନାଚ ଶିଖୁଥିବା କୁନି କୁନି ପିଲାମାନଙ୍କୁ ନେଇ ଦ୍ୱିତୀୟ ସନ୍ଧ୍ୟାରେ ଏକ ନୃତ୍ୟ ପ୍ରତିଯୋଗୀତା କରାଯିବାର ମଧ୍ୟ ସିଦ୍ଧାନ୍ତ ନିଆଯାଇଛି। ଯେଉଁମାନେ ଅଂଶଗ୍ରହଣ କରିବେ ସେମାନେ ନିଜର ନାମ ପଞ୍ଜିକୃତ କରିବାର ବ୍ୟବସ୍ଥା କରାଯାଇଛି। ଏହି ବୈଠକରେ ମହୋତ୍ସବ କମିଟି ର ସମ୍ପାଦକ ସତ୍ୟ ପ୍ରକାଶ ପ୍ରଧାନ, ପଦାଧିକାରୀ ପଙ୍କଜ କୁମାର ପଣ୍ଡା,ବିମଳେନ୍ଦୁ ମହାପାତ୍ର, ବିଶ୍ୱମ୍ବର ରାଉତ,ଦୀପକ କୁମାର ସିଂହ , ସଞ୍ଜୟ କୁମାର ମିଶ୍ର, ଦୀପକ ପ୍ରଧାନ , ଦୀପକ ବିଶ୍ୱାଳ, ଅକ୍ଷୟ ପ୍ରଧାନ, ସିପୁନ ପଣ୍ଡା, ରଣଜିତ ନାୟକ, ପଦ୍ମଲୋଚନ ଦାସ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ।

## ଟାଟା ପାୱାରର ଶୋଷଣ ନୀତି ନେଇ କର୍ମଚାରୀଙ୍କ ଧାରଣା




**ବାରିପଦା,୧୩।୧୨(ସଂଚାର ବ୍ୟୁରୋ):** ବିଦ୍ୟୁତ କର୍ମଚାରୀ ସ୍ୱପ୍ନ ଦେଖିଥିଲେ ଟାଟା ପାୱାର ସେମାନଙ୍କ ସମସ୍ୟା , ଆର୍ଥିକ ବୃଦ୍ଧି , ସୁରକ୍ଷା ନେଇ କାମ କରିବା ସହ ସାଧାରଣ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇବ । କିନ୍ତୁ ବାସ୍ତବରେ ତାହା ହେଲା ନାହିଁ ।ଦିନକୁ ଦିନ ଟାଟା ପାଓ୍ୱାର କମ୍ପାନୀ ତରଫରୁ ଆଉଟ୍ ସୋର୍ସିଂ କର୍ମଚାରୀଙ୍କ ଉପରେ ଜୁଲୁମ ବୃଦ୍ଧି ପାଇବା ସହ ଛଟେଇ ଧମକ ମିଳୁଛି କିଛି ଦିନ ତଳେ ଟାଟା ପାଓ୍ୱାର ତରଫରୁ ଚୁକ୍ତିବଦ୍ଧ କରିଥିବା ହିନ୍ଦୁସ୍ଥାନ ଇଞ୍ଜିନିୟରିଂ କର୍ପୋରେସନ ଏଜେନ୍ସି ଡିସେମ୍ବର ୧୨ ତାରିଖ ଦିନ ଦରମା ଦେବା କଥା ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ କମ୍ପାନୀ ପ୍ରତିଶ୍ରୁତି ନ ରଖିବା ଫଳରେ ବାଧ୍ୟ ହୋଇ ଜୀବନ ଜୀବିକା ନେଇ ଆଜି ଶୁକ୍ରବାର ଦିନ ଆଉଟ୍ ସୋର୍ସିଂ ବିଦ୍ୟୁତ କର୍ମଚାରୀ ମାନେ ପୁନଃ ଧାରଣାରେ ବସିଛନ୍ତି। ଯାହାକୁ ନେଇ ରାଇରଙ୍ଗପୁର ଉପଖଣ୍ଡର ବିଭିନ୍ନ ସେକ୍ସନ ସମ୍ମୁଖରେ କର୍ମଚାରୀ ମାନେ ଧାରଣା ରେ ବସିଛନ୍ତି । ଅପରପକ୍ଷରେ କର୍ମଚାରୀମାନେ କାର୍ଯ୍ୟ ରେ ଯୋଗ ନ ଦେବାରୁ କର୍ମଚାରୀଙ୍କୁ ଧମକ ଦିଆଯାଉଅଛି । ସେମାନଙ୍କ ଦାବି ହେଲା ସେମାନଙ୍କୁ ଧାର୍ଯ୍ୟ ସମୟରେଦରମା ମିଳୁ ନାହିଁ,। ଶ୍ରମ ଆଇନ ଉଲ୍ଲଂଘନ କରାଯାଇ ସେମାନଙ୍କୁ କାର୍ଯ୍ୟ କ୍ଷେତ୍ରରେ ୮ ଘଣ୍ଟାରୁ ଅଧିକ କାର୍ଯ୍ୟ କରିବାକୁ ବାଧ୍ୟ କରାଯାଉଛି । ସେମାନଙ୍କ ଆଇଏସଆଇ ଓ ଇପିଏଫ ପ୍ରଦାନରେ ଅନିୟମିତତା କରାଯାଉଛି । ତଦସହ କାର୍ଯ୍ୟ କ୍ଷେତ୍ରରେ ସେମାନଙ୍କୁ ଆବଶ୍ୟକୀୟ ସୁରକ୍ଷା ସାମଗ୍ରୀ ଯୋଗାଇ ଯାଉନାହିଁ ଯାହାଫଳରେ ସେମାନଙ୍କ ଜୀବନ ବିପଦପୂର୍ଣ୍ଣ ହେଉଛି । ତେଣୁ ଏହି ସବୁ ଦାବିନେଇ କଣ୍ଟାବଣୀ, ବିଶୋଇ, ଯାମଦା,କୁସୁମି,ବହଳଦା ତିରିଂ ସେକ୍ସନରେ ଆଉଟସୋର୍ସିଂ କର୍ମଚାରୀମାନେ ଦାବି ଗୁଡ଼ିକ ନେଇ ଧାରଣାରେ ବସିଛନ୍ତି। ରାଇରଙ୍ଗପୁର ଉପଖଣ୍ଡ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ କଣ୍ଟାବଣି ସେକ୍ସନ ର ଖେଲାରାମ ମାରାଣ୍ଡି ଯାମଦା ସେକ୍ସନର ରାଜେନ୍ଦ୍ର ନାଥ ମହାନ୍ତ,ୱହଳଦା ସେକ୍ସନର ଦିଗବିଜୟ ମହାନ୍ତ, କୁସୁମି ସେକ୍ସନ ର ମାନସ ରଞ୍ଜନ ମହାନ୍ତ, ତିରିଂ ସେକ୍ସନ ର ଜ୍ୟୋତି ୱିକାଶ ମହାନ୍ତ,ୱିଶୋଇ ସେକସନର ଲୋକନାଥ ବେହେରା ଙ୍କ ନେତୃତ୍ୱରେ ଶତାଧିକ ଆଉଟ୍ ସୋର୍ସିଂ ବିଦ୍ୟୁତ କର୍ମଚାରୀ କାର୍ଯ୍ୟ ବନ୍ଦ ସହିତ ଧାରଣାରେ ବସିଛନ୍ତି ।

## ଇସ୍ରୋ ଯିବେ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରଜ୍ଞାନ



**ବରଗଡ଼,୧୩।୧୨(ସଂଚାର ବ୍ୟୁରୋ):** ସାରା ଓଡ଼ିଶାରୁ ୮୦ହଜାର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ପ୍ରଜ୍ଞାନ କର ଯୁବ ଜ୍ୟୋତିର୍ବିଜ୍ଞାନୀ ଭାବେ ୧୩-୦୨-୨୦୨୪ ତାରିଖ ଶୁକ୍ରବାର ଭାରତୀୟ ଗବେଷଣା ସଂସ୍ଥା ଇସ୍ରୋକୁ ଯିବା ପାଇଁ ମନୋନୀତ ହୋଇଛନ୍ତି। ପ୍ରକାଶ ଥାଉକି, ରାଜ୍ୟ ସରକାର ପ୍ଲାନେଟୋରିୟମ୍ ଓ ଟାଟା ଷ୍ଟିଲ୍‌ର ମିଳିତ ସହଯୋଗରେ ଆୟୋଜିତ "ୟଙ୍ଗ୍ ଅଷ୍ଟ୍ରୋନୋମର୍ ଟ୍ୟାଲେଣ୍ଟ ସର୍ଚ୍ଚ ୨୦୨୪"ର ୧୮ତମ ସଂସ୍କରଣରେ ବରଗଡ଼ କ୍ରୀଷ୍ଣା ବିକାଶ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟର ପ୍ରଜ୍ଞାନ କର ସର୍ବଶ୍ରେଷ୍ଠ ୩୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମନୋନୀତ ହୋଇ ଯୁବ ଜ୍ୟୋତିର୍ବିଜ୍ଞାନୀ ଭାବରେ ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ପୁରସ୍କୃତ ହୋଇ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଯିବାକୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶ୍ରୀ ଶିଶିର ପ୍ରସାଦ ରାଉଳ ଓ ଉପାଧ୍ୟକ୍ଷ ଶ୍ରୀ ପ୍ରଦୀପ କୁମାର ସାହୁ ପ୍ରଜ୍ଞାନଙ୍କୁ ଶୁଭେଚ୍ଛା ତଥା ଶୁଭକାମନା ଜଣାଇଛନ୍ତି।